Volume : 1 • Issue : 7 • September 2022 • Monthly • Price : ₹ 30 • Bhubaneswar
ଭାଗ : ୧ • ସଂଖ୍ୟା : ୭ • ସେପ୍ଟେମ୍ବର ୨୦୨୨ • ମାସିକ • ମୂଲ୍ୟ : ₹ ୩୦ • ଭୁବନେଶ୍ୱର

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA



ଓଡିଆ ସାହିତ୍ୟର ନବ ଦିଗନ୍ତ

Vol-1 • Issue-7 • September 2022 • Monthly • Rs.30 • 64 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

**SAHITYA CHARCHA**

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

www.sahityacharcha.com

ଭାଗ-୧ • ସଂଖ୍ୟା-୭ • ସେପ୍ଟେମ୍ବର ୨୦୨୨ • ମାସିକ • ଟ.୩୦ • ୬୪ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ପରିଚାଳନା ନିର୍ବାହୀ
**ବିକାଶ ମହାପାତ୍ର**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋଚିତ୍ର
**ଧୀରେନ୍ଦ୍ର କର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail : info@sahityacharcha.com**

**RNI Regd. No. : ODIODI/2022/81590**

**ମୂଲ୍ୟ : ଟ. ୩୦/-**

## ।। ସୂଚୀ ।।


| | |
|---|---|
| ପାଠକଙ୍କ ମତାମତ : | ୦୨ |
| ମୁଦ୍ରିତ ସାହିତ୍ୟର ଭବିଷ୍ୟତ (ସଂପାଦକୀୟ) : | ୦୩ |
| ସାହିତ୍ୟର ଅନ୍ଦର ମହଲ (ବ୍ୟଙ୍ଗ ଚିତ୍ର) : ଅମର ସ୍ୱାଇଁ | ୦୪ |
| ସାହିତ୍ୟ ଓ ବିଜ୍ଞାନର ମିଥ୍ (ପ୍ରବନ୍ଧ): ନିଖିଳାନନ୍ଦ ପାଣିଗ୍ରାହୀ | ୦୫ |
| ଧୂସର ଦିଗନ୍ତ (ଗଳ୍ପ): ରବି ପଣ୍ଡା | ୧୦ |
| ଲେଖିକା ସଂଘ (ରମ୍ୟରଚନା): ଅଭୟ ଦାଶ | ୧୩ |
| କମ୍ପ୍ୟୁଟର ମାଧ୍ୟମରେ ଅନୁବାଦ (ପ୍ରବନ୍ଧ): ଉଦୟନାଥ ସାହୁ | ୧୫ |
| ଖଦଡ଼ (ମିନି ଗଳ୍ପ): ରବିନାରାୟଣ ଦାଶ | ୧୮ |
| ବିଚରା ଦନ୍ତା ବଞ୍ଚିଗଲା (ଅନୁଭୂତି): ସନ୍ତୋଷ କୁମାର ପଟ୍ଟନାୟକ | ୧୯ |
| ପ୍ରଥମ ଓଡ଼ିଆ ପ୍ରବନ୍ଧ - ଏକ ଦୃଷ୍ଟିପାତ (ପ୍ରବନ୍ଧ): ରମାକାନ୍ତ ନାୟକ | ୨୪ |
| ବର୍ଷୀୟାନ୍ ଲେଖକ ଓ ଗବେଷକ ସୁଦର୍ଶନ ଆଚାର୍ଯ୍ୟ (ସାକ୍ଷାତକାର) | ୨୯ |
| ଚକ୍ରବର୍ତ୍ତୀଙ୍କ ସ୍ତମ୍ଭ (ଅନୁବାଦ ଗଳ୍ପ): ଭବାନୀଶଙ୍କର ମିଶ୍ର | ୩୩ |
| ଗୀତିକବିତାର ଗହନ କଥା (ପ୍ରବନ୍ଧ): କୀର୍ତ୍ତନ ନାରାୟଣ ପାଢ଼ୀ | ୩୫ |
| ଉଜୁଡ଼ ଗାଆଁର କଥାନି (କବିତା): ଶକୁନ୍ତଳା ନାୟକ ଗୁପ୍ତା | ୪୦ |
| ଈଶ୍ୱରଙ୍କୁ ଇ-ମେଲ୍ (ଗଳ୍ପ): ଆନଂଦ ଚଂଦ୍ର ପହି | ୪୧ |
| ଦେବଦୁର୍ଲଭ ଦାସଙ୍କ 'ରହସ୍ୟ ମଞ୍ଜରୀ' (ପ୍ରବନ୍ଧ): ଅଶୋକ ପଣ୍ଡା | ୪୬ |
| ଯୁଦ୍ଧ (ଗଳ୍ପ): ସୁଶୀଳ କୁମାର ନନ୍ଦ | ୫୦ |
| ଓଡ଼ିଆ ସାହିତ୍ୟର ଅନଲାଇନ୍ ପ୍ଲାଟଫର୍ମ (ପ୍ରବନ୍ଧ): ଅଜୟ ମହାଲା | ୫୨ |
| ଘରକୁ ସୁନ୍ଦର ଘରଣୀ (ବ୍ୟଙ୍ଗ): ଡ. ଧର୍ମଛଡା | ୫୭ |
| ଡାମରା କାଉ (ଶିଶୁ ଗଳ୍ପ): କୁଞ୍ଜ ବିହାରୀ ସାହୁ | ୬୦ |
| ଶ୍ରୀଜଗନ୍ନାଥ ସ୍ୱାମୀ (ପୁସ୍ତକ ସମୀକ୍ଷା): ନିହାର ଶତପଥୀ | ୬୨ |
| ସାହିତ୍ୟ ସମାଚାର | ୬୩ |
| ଧଅପ ଚିକଣ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୪ |

# ପାଠକଙ୍କ ମତାମତ

‘ସାହିତ୍ୟ ଚର୍ଚ୍ଚା’ ଏକ ମର୍ଯ୍ୟାଦାପୂର୍ଣ୍ଣ ତଥା ରୁଚିସଂପନ୍ନ ସାହିତ୍ୟ ପତ୍ରିକା। ପ୍ରଥମ କରି ଏଇ ଅଗଷ୍ଟ ମାସରେ ହିଁ ପତ୍ରିକାଟି ବିଷୟରେ ଜାଣିଲି ଏବଂ ଏହାର ସଂପାଦକଙ୍କୁ ଯୋଗାଯୋଗ କରି ପତ୍ରିକା ଟି ପାଇଲି। ଅଗଷ୍ଟ ସଂଖ୍ୟାଟି ସଂଗେ ସଂଗେ ପଢିନେଲି। ମୁଁ ନିୟମିତ ଭାବେ ସାହିତ୍ୟ ପତ୍ରିକା କିଣି ପଢ଼େ ଓ ତାହା ମୋ ପୁସ୍ତକାଳୟରେ ଅନ୍ୟ ପାଠକଙ୍କ ପାଇଁ ରଖିଥାଏ। ମୁଁ ପଢୁଥିବା ସମସ୍ତ ପତ୍ରିକାଠାରୁ ମୋତେ ‘ସାହିତ୍ୟ ଚର୍ଚ୍ଚା’ ସବୁ ଦିଗରୁ ଏକ ଉତ୍କୃଷ୍ଟ ସାହିତ୍ୟ ପତ୍ରିକା ଭାବେ ବୋଧ ହେଲା। ଏହାର ଲେଖାଗୁଡିକ ଅତ୍ୟନ୍ତ ପାଠକୀୟ ରୁଚି ସମ୍ପନ୍ନ, ବୋଧଗମ୍ୟ ତଥା ପ୍ରଭାବଶାଳୀ। ଲେଖାଗୁଡ଼ିକର କଳେବର ଅତି ଦୀର୍ଘ ନଥିବାରୁ ଅଧିକ ପାଠକୀୟ ଗ୍ରହଣୀୟତା ଲାଭ କରିବ ନିଶ୍ଚୟ।

ପତ୍ରିକାଟିରେ ସବୁ ବିଭାଗର ଲେଖାମାନ ରହିଛି ଏବଂ ଗଦ୍ୟ ଲେଖା ଅଧିକ ରହିଥିବାରୁ ଅଧିକ ଉପଯୋଗୀ ମନେହୁଏ। ଅଗଷ୍ଟ ସଂଖ୍ୟାର ‘ସାହିତ୍ୟ ନାମରେ ଅପସାହିତ୍ୟ’ ଓ ‘ପ୍ରକାଶନର ସମସ୍ୟା ଓ ଆମ ସାହିତ୍ୟ’ ପ୍ରବନ୍ଧ ଦୁଇଟି ଅତ୍ୟନ୍ତ ଚମତ୍କାର ଓ ଯୁଗୋପଯୋଗୀ। ଅପସାହିତ୍ୟ ଯେପରି ବ୍ୟାପୁଛି ଓ ରୁଚି ସଂପନ୍ନ ପାଠକୀୟ ଆଦୃତି ଲାଭ କରିପାରୁଥିବା ସାହିତ୍ୟର ସୃଷ୍ଟି, ପ୍ରକାଶନ ତଥା ପ୍ରସାରଣର ଅଭାବ ଯେପରି ଦେଖାଦେଇଛି, ତାହା ଚିନ୍ତାଜନକ।

ପ୍ରବନ୍ଧଗୁଡିକ ବ୍ୟତୀତ ସାକ୍ଷାତକାର, ଅନୁଭୂତି ଏବଂ ଅନ୍ୟ ସମସ୍ତ ଲେଖା ଓ ତା'ମଧ୍ୟରେ ‘ମାଳତୀ’ ଗଳ୍ପଟି ଅତ୍ୟନ୍ତ ଉଚ୍ଚକୋଟୀର ଓ ଶିକ୍ଷଣୀୟ ମଧ୍ୟ। ‘ସାହିତ୍ୟ ଚର୍ଚ୍ଚା’ର ପରିକଳ୍ପନା ଓ ପ୍ରକାଶନ ଅତ୍ୟନ୍ତ ସମୟୋପଯୋଗୀ। ଏହାକୁ ମୁଁ ସ୍ୱାଗତ କରିବା ସହ କର୍ମକର୍ତ୍ତାମାନଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଓ ଆନ୍ତରିକ ସମ୍ମାନ ଜଣାଉଛି।

**ପ୍ରବୀର କୁମାର ପଟ୍ଟନାୟକ**

prabir.k.pattanaik@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

‘ସାହିତ୍ୟ ଚର୍ଚ୍ଚା’ ପତ୍ରିକା ମୋ ପାଖରେ ପାଞ୍ଚଟି ମାସର ପହଞ୍ଚିଛି। କୌଣସି ଏକ ସଭାରେ ପ୍ରଥମ କପି ଯେତେବେଳେ ପାଇଲି ଅତି ଆଗ୍ରହର ସହ ପଢି ପଢି ଗଲି। ଯେହେତୁ ମୋ ସମ୍ପାଦନାରେ ଦୁଇଟି ପତ୍ରିକା ପ୍ରକାଶ ପାଉଛି, ମୁଁ ପ୍ରଥମେ ଗୁରୁତ୍ୱ ଦିଏ ସମ୍ପାଦକୀୟକୁ। ସାମ୍ପ୍ରତିକ ସାହିତ୍ୟର ସ୍ଥିତିକୁ ନେଇ ନିହାର ବାବୁଙ୍କ ସମ୍ପାଦନା ଶୈଳୀ ଅତି ଉଚ୍ଚକୋଟୀର। ପ୍ରକୃତ ସାହିତ୍ୟ ସାଧକ ମାନଙ୍କ ପାଇଁ ଏହା ଏକ ଅମୂଲ୍ୟ ରତ୍ନ ଭଳି। ବାଛି ବାଛି ପ୍ରବନ୍ଧ ଗୁଡିକ ପ୍ରକାଶ କରାଉଛନ୍ତି ଯାହା ମୋ ପାଇଁ ଏକ ଉପାଦେୟ ପୁସ୍ତକ ଭଳି ଲାଗୁଛି।

**ବିମଳା ସିଂ**

bimalasingh33@gmail.com

କିଛିଦିନ ତଳେ ଭୁବନେଶ୍ୱରର ମାଷ୍ଟର କ୍ୟାଂଟିନ୍ ସ୍ଥିତ ଏକ ବୁକଷ୍ଟଲରେ ନଜର ପଡିଲା ସେଠାରେ ରଖାହୋଇଥିବା ‘ସାହିତ୍ୟ ଚର୍ଚ୍ଚା’ ଉପରେ। କାହିଁକି କେଜାଣି, ମୋତେ ବେଶୀ ପ୍ରଲୁବ୍ଧ କଲା ପତ୍ରିକାଟିର ପ୍ରଚ୍ଛଦପଟ। ସେହି ପତ୍ରିକାଟି କିଣି ଆଣିଥିଲି ଏବଂ ସେହିଦିନ ରାତିରେ ହିଁ ସେଇଟିକୁ ଆମୂଳଚୂଳ ପାଠ କରିଥିଲି। ସେ ତ ଥିଲା ଜୁଲାଇ ମାସର କଥା। ଏବେ ପୁଣି ପଢିବାକୁ ସୁଯୋଗ ମିଳିଲା ଏହାର ପରବର୍ତ୍ତୀ ମାସ, ଅର୍ଥାତ୍ ଅଗଷ୍ଟ ୨୦୨୨ର ସଂଖ୍ୟାଟି। ଏଥିରେ ସ୍ଥାନିତ ହୋଇଥିବା ପ୍ରବନ୍ଧ, ଗଳ୍ପ, କବିତା ଆଦି ସମସ୍ତ ବିଭାଗ ଅତି ଉଚ୍ଚକୋଟୀର, ଆଉ ଏକରୁ ଆରେକ ବଳି। ବିଶେଷ କରି ଗପ ‘ମମତାର ମହକ’, ‘ହାଉସ୍ ହଜବେଣ୍ଡ୍’, ‘ମାଳତୀ’, ଏବଂ କବିତା ‘ରକ୍ତମଗ୍ନା ରିଞ୍ଜୋଡ଼ି’ ମନଛୁଆଁ ଥିଲା।

‘ସାହିତ୍ୟ ଚର୍ଚ୍ଚା’ ଓଡ଼ିଶା ସାହିତ୍ୟାକାଶରେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ରୂପେ ପରିଗଣିତ ହେଉ, ଏହା କାମନା କରୁଛି।

**ଦେବବ୍ରତ ଧଳ**

dbbrt.dhal@gmail.com

ସଂପାଦକୀୟ

# ମୁଦ୍ରିତ ସାହିତ୍ୟର ଭବିଷ୍ୟତ

କିଛିଦିନ ତଳେ ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟା ଭବନରେ ଏକ ଆଲୋଚନା ସଭାରେ ଆମେ ଶ୍ରୋତା ଭାବରେ ଉପସ୍ଥିତ ରହିବାର ଅବସର ପାଇଥିଲୁ। ବିଷୟବସ୍ତୁଟି ଅବଶ୍ୟ ରୋଚକ ଥିଲା, 'ଲେଖକ ବନ୍ୟା ଓ ପାଠକ ମରୁଡ଼ି'। ସାହିତ୍ୟ ଜଗତ ଯେ ଏବେ ବାସ୍ତବରେ ଏହି ଦାରୁଣ ସଙ୍କଟଟିର ସମ୍ମୁଖୀନ, ଏହା ଆମେ ଅସ୍ୱୀକାର କରିପାରିବା ନାହିଁ। ଆମ ଭାଷାରେ ପ୍ରତି ମାସରେ ଶହଶହ ବହି ପ୍ରକାଶିତ ହେଉଛି; ଅଥଚ ତଦନୁପାତରେ ପାଠକଙ୍କ ରୁଚି ଦୃଶ୍ୟମାନ ହେଉନାହିଁ। ଫଳରେ ସଦ୍ୟ ପ୍ରକାଶିତ ଅନେକ ବହି, ଏପରିକି ତନ୍ମଧ୍ୟରୁ କିଛି ଉଚ୍ଚମାନର ହୋଇଥିଲେ ସୁଦ୍ଧା, ଅବିକ୍ରୀ ହୋଇ ପଡ଼ିରହୁଛି।

କିଛି ବକ୍ତା ଏହି ପାଠକୀୟ ଅନାଗ୍ରହର ହେତୁ ଖୋଜିବାକୁ ଚେଷ୍ଟା କରିଥିଲେ ସେଦିନର ଆଲୋଚନା ସଭାରେ। ଏହି ସମସ୍ୟାର ମୂଳ ଖୋଜିବାକୁ ଯାଇ ଅନେକେ କିନ୍ତୁ ଅନ୍ଧାରରେ ବାଡ଼ି ବୁଲାଉଥିବା ଭଳି ପ୍ରତୀତ ହେଲା। ତେବେ 'ସମ୍ବାଦ' ଖବରକାଗଜର ଅନୁଭବୀ ସଂପାଦକ ଶ୍ରୀଯୁକ୍ତ ସୌମ୍ୟ ରଂଜନ ପଟ୍ଟନାୟକ ଯେତେବେଳେ ଏ ବିଷୟରେ ନିଜର ବକ୍ତବ୍ୟ ରଖିବା ଆରମ୍ଭ କଲେ, ସେତେବେଳେ ଆମେ ଲକ୍ଷ୍ୟ କଲୁ ଯେ ଆଲୋଚ୍ୟ ପ୍ରସଙ୍ଗଟିର ମଂଜଟିକୁ ସେ ଧରିପାରିଛନ୍ତି। ମୁଦ୍ରିତ ପୁସ୍ତକର ଆଦର ହ୍ରାସ ପାଉଥିବା ପଛରେ ଯେ ଏହାର ପ୍ରତିଦ୍ୱନ୍ଦ୍ୱୀ 'ଡିଜିଟାଲ ମିଡ଼ିଆ'ର ପ୍ରମୁଖ ଭୂମିକା ଅଛି ଏହା ଆମେ ଭୁଲିଗଲେ ଚଳିବ ନାହିଁ। ସାହିତ୍ୟରେ ଚାଲିଥିବା କାଗଜ ଓ କାଳିର ପାରମ୍ପରିକ ମୁଦ୍ରିତ ମାଧ୍ୟମ, ତଥା ସ୍ମାର୍ଟ ଫୋନ୍ ଓ ଲ୍ୟାପ୍‌ଟପ ଆଦିର ଡିଜିଟାଲ ମାଧ୍ୟମ ମଧ୍ୟରେ ଚାଲିଥିବା ଏହି ଶୀତଳ ଯୁଦ୍ଧର ଗତି ଯେ କୁଆଡ଼େ ମୁହାଁଇଛି ତାହା ସହଜରେ ଅନୁମେୟ।




ଏପରି ସ୍ଥଳେ କି ବା ପନ୍ଥା ଅବଲମ୍ବନ କରିବ ସାହିତ୍ୟ ? ଏହି ପ୍ରସଙ୍ଗରେ ବକ୍ତା ଶ୍ରୀଯୁକ୍ତ ପଟ୍ଟନାୟକ ପୂର୍ବକାଳରେ ପାରମ୍ପରିକ କ୍ୟାମେରା ପାଇଁ ଫଟୋଗ୍ରାଫିକ୍ ରିଲ୍ ପ୍ରସ୍ତୁତିରେ ଅଗ୍ରଣୀ ଭୂମିକା ନେଇଥିବା କୋଡାକ୍ କମ୍ପାନୀର ଉଦାହରଣ ଦେଇଥିଲେ। କିନ୍ତୁ ଆଜି ଏହି କମ୍ପାନୀର ବ୍ୟବସାୟ ବିଲୁପ୍ତ ପ୍ରାୟ। କାରଣ ଏକଦା ଯେତେବେଳେ ଫଟୋଗ୍ରାଫିର ବଜାରରେ ଡିଜିଟାଲ କ୍ୟାମେରା ପ୍ରବେଶ କରିବା ଆରମ୍ଭ କଲା, ସେତେବେଳେ ଏହି ଟେକ୍ନୋଲୋଜିକୁ ଆୟତ୍ତ କରି ସେହି ଡିଜିଟାଲ ବଜାରରେ ସ୍ୱୟଂ ଭାଗନେବା ପାଇଁ କମ୍ପାନୀଟି ଯଥା ସମୟରେ ନିଜକୁ ପ୍ରସ୍ତୁତ କଲାନାହିଁ। ଏହାର ପରିଣାମ ଆଜି ଆମ ସମସ୍ତଙ୍କ ସମ୍ମୁଖରେ।

ଏହି ଉଦାହରଣଟି ଉଲ୍ଲେଖ କରି ଶ୍ରୀଯୁକ୍ତ ସୌମ୍ୟ ରଂଜନ ପଟ୍ଟନାୟକ ସେଦିନର ବକ୍ତବ୍ୟରେ ଏକ ସୁନିର୍ଦ୍ଦିଷ୍ଟ ଇଙ୍ଗିତ ମଧ୍ୟ ଦେଇଥିଲେ ଯେ ସାହିତ୍ୟ ଜଗତକୁ ସମୟ କ୍ରମେ ଡିଜିଟାଲ୍ ବିକଳ୍ପକୁ ଆପଣେଇବାକୁ ହିଁ ପଡ଼ିବ। ଇଂରାଜୀରେ ଗୋଟିଏ ପ୍ରବାଦ ଅଛି, 'ଇଫ୍ ୟୁ କ୍ୟାନ୍ ନଟ୍ ବିଟ୍ ଦେମ୍, ଜଏନ୍ ଦେମ୍।' ବେଳ ଥାଉଁ ଆମକୁ ଏଥିପାଇଁ ନିଜକୁ ପ୍ରସ୍ତୁତ କରିବାର ସମୟ ଆସିଛି। ଏଥିରୁ ନିସ୍ତାର ନାହିଁ।

ଏହି ପ୍ରେକ୍ଷାପଟରେ ଆମର ଚଳିତ ସଂଖ୍ୟାରେ ଶ୍ରୀ ଅଜୟ ମହାଲା ପ୍ରସ୍ତୁତ କରିଛନ୍ତି ଏକ ପ୍ରଣିଧାନ ଯୋଗ୍ୟ ରଚନା, 'ଓଡ଼ିଆ ସାହିତ୍ୟର ଅନଲାଇନ୍ ପ୍ଲାଟଫର୍ମ୍'। ସେ ଲେଖିଥିବା ତଥ୍ୟ ଅନୁସାରେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଅନଲାଇନ୍ ପ୍ଲାଟଫର୍ମରେ ପଞ୍ଜୀକୃତ ହୋଇଥିବା ବିଭିନ୍ନ ଭାଷାର ପାଠକଙ୍କ ସଂଖ୍ୟା ତିନି କୋଟି ପାଖାପାଖି ଏବଂ ସେଥିରେ ୩,୭୦,୦୦୦ ଜଣ ଲେଖକ ମଧ୍ୟ ସେଥିରେ ନିଜର କୃତି ପ୍ରସ୍ତୁତ କରୁଛନ୍ତି। ଏହା ଜାଣିବା ପରେ ସାହିତ୍ୟ ବଜାରରେ ପାଠକ ମରୁଡ଼ି ପଡ଼ିଛି ବୋଲି ସ୍ୱୀକାର କରିବାକୁ ମନ ଦୋଦୋପାଞ୍ଚ ହେଉଛି। ଅବଶ୍ୟ ଏହି ଡିଜିଟାଲ ପ୍ଲାଟଫର୍ମର ମଧ୍ୟ ଯେ କେତେକ ନକାରାତ୍ମକ ଦିଗ ନାହିଁ ସେକଥା ଆମେ କହିପାରିବା ନାହିଁ!

*- ନିହାର ଶତପଥୀ*

## ସାହିତ୍ୟର ଅନ୍ଦର ମହଲ

ଅମର ସ୍ୱାଇଁ




*ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ସାହିତ୍ୟାନୁରାଗୀଙ୍କ ପାଇଁ ଉଦ୍ଦିଷ୍ଟ ଏକ ନିରୁତା ସାହିତ୍ୟ ପତ୍ରିକା । ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ ।

୨. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି ।

୩. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ ।

୪. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ ।

୫. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ ।

୬. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି । କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏନାହିଁ ।

୭. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ ।

୮. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି ।

୯. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି ।

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ (୧୨ଟି ସଂଖ୍ୟାର ମୂଲ୍ୟ ଟ.୩୬୦ + ଡାକ ଖର୍ଚ୍ଚ ଟ.୧୨୦) ଟ. ୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* :
CNRB0018007

*Account No.* :
120000048648

*Account Name* :
Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବସାଇଟ୍‌ର ନିମ୍ନୋକ୍ତ ଲିଙ୍କରେ ମଧ୍ୟ ଉପଲବ୍ଧ ଅଛି ।
**www.sahityacharcha.com/subscription**

ପ୍ରବନ୍ଧ

# ସାହିତ୍ୟ ଓ ବିଜ୍ଞାନର ମିଥ୍



ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଆମ ଭବିଷ୍ୟତ ବଂଶଧରମାନେ ପୁରାଣରେ ବର୍ଣ୍ଣିତ ଦେବତାମାନଙ୍କ ପରି ଜୀବନ ନିର୍ବାହ କରିବେ। ଜିଅସ୍ ଚତୁଃପାର୍ଶ୍ୱରେ ଥିବା ବସ୍ତୁମାନଙ୍କ ସଂପର୍କରେ ଆହୁରି ଅଧିକ ଚିନ୍ତା କରିବାରେ ସକ୍ଷମ ହେବେ। ଭେନସଙ୍କ ଶରୀର ଚିରସ୍ଥାୟୀ ଆକର୍ଷଣୀୟତାକୁ ପ୍ରାପ୍ତ ହେବ। ଆମେ ତାହା ହାସଲ କରିପାରିବା। ପେଗାସସ୍ ଗୋଟିଏ ଉଡ୍ଡୀୟମାନ ଘୋଡ଼ା। ଆମେ ଆମ ଜୀବନକୁ ଭବିଷ୍ୟତରେ ଏହାର ବ୍ୟବହାରରେ ଏପରି ଭାବେ ରୂପାନ୍ତରିତ କରିପାରିବା।"

– ମାକିଓ କାକୁ (ଜନ୍ମ: ୧୯୪୭, ସାନ୍ ଜଜ୍, କାଲିଫର୍ଣ୍ଣିଆ) 'ଗଡ୍ ଇକ୍ୱେସନ୍', 'ଫିଜିକ୍ସ ଅଫ ଦ ଫ୍ୟୁଚର' ଓ 'ଦ ଫ୍ୟୁଚର ଅଫ୍ ମାଇଣ୍ଡ'ର ଲେଖକ କାକୁ ସିଟି କଲେଜ ଅଫ ନ୍ୟୁୟର୍କରେ ଥିଓରେଟିକାଲ ଫିଜିକ୍ସରେ ପ୍ରଫେସର ଅଛନ୍ତି।



ଏହି ଉଦ୍ଧୃତାଂଶ ଆମକୁ ବିସ୍ମୟକର ମନେ ହୁଏ। ମାକିଓ ଜଣେ ସୁପ୍ରତିଷ୍ଠିତ ପଦାର୍ଥ ବିଜ୍ଞାନୀ। କିନ୍ତୁ ଭବିଷ୍ୟତରେ ମାନବ ଜାତିର ରୂପରେଖର ଚିତ୍ର ଆଙ୍କିବା ପାଇଁ ସେ ପୁରାଣର ଆଶ୍ରୟ ନେଇଛନ୍ତି। ପୁଣି ସେ ଏଥିରେ ବିଭିନ୍ନ ପୌରାଣିକ ଚରିତ୍ରକୁ ଭିତ୍ତି କରି ନିଜ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ଯଥା: ଗ୍ରୀକ୍ ପୁରାଣର ଆକାଶ-ଦେବତା, ଜିଅସ, ଯିଏକି ସମଗ୍ର ଦେବ ଓ ମାନବ ସମାଜର ଜନ୍ମଦାତା; ରୋମାନ ପୁରାଣରେ ବର୍ଣ୍ଣିତ ପ୍ରେମ, ସେକ୍ସ, ସୌନ୍ଦର୍ଯ୍ୟ ଓ ଉତ୍ପାଦିକତାର ଦେବୀ ଭେନସ; ତଥା ଗର୍ଭବତୀ ମାତାର ଗ୍ରୀବାରୁ ଆଶ୍ଚର୍ଯ୍ୟଜନକ ଭାବେ ଜନ୍ମ ହୋଇଥିବା ନିଖୁଣ ଧବଳ ରଂଗ ବିଶିଷ୍ଟ ପକ୍ଷଥିବା ଉଡ୍ଡୀୟମାନ ଘୋଡ଼ା ପେଗାସସ୍।

ଏହି ପରିପ୍ରେକ୍ଷୀରେ ଗୋଟିଏ ପ୍ରଶ୍ନ ଉଙ୍କିମାରେ : କପୋଳକଳ୍ପିତ, ଅବାସ୍ତବ ବୋଲି ସାଧାରଣରେ ଗ୍ରହଣ କରାଯାଉଥିବା ପୁରାଣ ସହ ବିଜ୍ଞାନଶାସ୍ତ୍ରଙ୍କ ତଥା ଯୁକ୍ତିଯୁକ୍ତତାର ପୁରୋଧା ମାକିଓଙ୍କ ସକାରାତ୍ମକ ସଂପୃକ୍ତିୟ। ଏହାକୁ ଆଖିରେ ରଖି କେହି କେହି 'ଲଙ୍କାରେ ହରି ଶବ୍ଦ' ସହ ତୁଳନା କରିପାରନ୍ତି। ଅବଶ୍ୟ ଅର୍ଥାନ୍ତରେ କହିହେବ ଯେ, ବିଜ୍ଞାନ ବଳରେ ମଣିଷ ଦେବତାଙ୍କ ଚମତ୍କାରିତା ପ୍ରାପ୍ତ ହେବ।

**ପୁରାଣଶାସ୍ତ୍ର**

କିଛି ସମାଲୋଚକ ପୁରାଣଶାସ୍ତ୍ରକୁ କୁସଂସ୍କାରର ଗନ୍ତାଘର ସହ ତୁଳନା କରି ଏହା ବିଜ୍ଞାନ ତଥା ଆଧୁନିକତାର ପରିପନ୍ଥୀ ବୋଲି ଯୁକ୍ତି ଉପସ୍ଥାପନ କରିଥାନ୍ତି। କିନ୍ତୁ ଏକାଧିକ ବିଜ୍ଞ ବ୍ୟକ୍ତି ଏଥିସହ ଏକମତ ହୋଇ ନ ଥାନ୍ତି। ପ୍ରସଙ୍ଗକ୍ରମେ ମନୋଜ ଦାସ (୧୯୩୪-୨୦୨୧)ଙ୍କ ମର୍ମରେ ଏହି ଚିନ୍ତାଧାରା ପ୍ରତି ଦୃଷ୍ଟି ଦିଆଯାଇପାରେ।

ଇଣ୍ଡିଆନ ସାଇନ୍ସ କଂଗ୍ରେସର ୧୦୫ତମ ଅଧିବେଶନ ୨୦୧୮ରେ ମଣିପୁର ଅନ୍ତର୍ଗତ ଇମ୍ଫାଲସ୍ଥିତ ମଣିପୁର ବିଶ୍ୱବିଦ୍ୟାଳୟରେ ମାର୍ଚ୍ଚ ୨୦୧୮ରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚିନ୍ତାନାୟକ ମନୋଜ ଦାସ 'ମଷ୍ଟ ସାଇନ୍ସ ବାଇପାସ ମିଥ୍ ?' ଶୀର୍ଷକ ଗୋଟିଏ ଆଲେଖ୍ୟ 'ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ'ର ୬ ଫେବୃଆରୀ ୨୦୧୮ ସଂସ୍କରଣରେ ପ୍ରକାଶ କରିଥିଲେ।

ମିଥର ମୋଟାମୋଟି ଅର୍ଥ ହେଉଛି ବିଶ୍ୱାସ ବା ପ୍ରାକୃତିକ ଘଟଣାବଳୀ ସମ୍ବଳିତ ପରମ୍ପରାଗତ କାହାଣୀ ବା ଉପାଖ୍ୟାନ। ଏହି ମିଥର ଗ୍ରହଣୀୟତା ନେଇ ବାଦାନୁବାଦ ଲାଗି ରହିଛି। କିଛି ସମାଲୋଚକଙ୍କ ମତରେ ଏହା ହେଉଛି ବିସ୍ତୃତ ଭାବେ ଗୃହୀତ ମିଥ୍ୟା ଧାରଣା। ତେଣୁ ଯୁକ୍ତିଯୁକ୍ତତା ଉପରେ ଆଧାରିତ ବିଜ୍ଞାନ ଏତାଦୃଶ କିମ୍ବଦନ୍ତୀ, କାଳ୍ପନିକ ବ୍ୟକ୍ତି, ଧାରଣା ବା ପଦାର୍ଥକୁ ନେଇ ରଚିତ ରୂପକଥାକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି

ଦେବା ଉଚିତ ବୋଲି ପ୍ରତିକୂଳ ମତ ପୋଷଣ କରନ୍ତି ।

କିନ୍ତୁ ପୌରାଣିକ କାଳର ଧାରଣା ବା କଥାର ବିଜ୍ଞାନ କ୍ଷେତ୍ରରେ ଉପାଦେୟତା ସଂପର୍କରେ ମନୋଜ ଦାସଙ୍କ ପରି କେତେକ ବିଜ୍ଞ ବ୍ୟକ୍ତି ସୁଚିନ୍ତିତ ମତ ପ୍ରକାଶ କରିଛନ୍ତି । ସେ ଉଲ୍ଲେଖ କରିଥିବା ବକ୍ତବ୍ୟର ସାରାଂଶ ହେଉଛି :

"କେତେକ ବୈଜ୍ଞାନିକ ସମେତ କିଛି ବୁଦ୍ଧିଜୀବୀ ମିଥ୍‌ର ସତ୍ୟତା ସଂପ୍ରତି ପ୍ରକଟିତ ହେଲେ, ତାହା ଗ୍ରହଣ କରିବାକୁ ଅନିଚ୍ଛୁକ । ତେଣୁ ସମୁଦ୍ର ଗର୍ଭରେ ଦ୍ୱାରକାର ସ୍ଥିତିର ପ୍ରମାଣ ମିଳିବା ସତ୍ତ୍ୱେ ଏହା ସେମାନେ ସ୍ୱାଗତ କରୁନାହାନ୍ତି; କାରଣ ଏହାଦ୍ୱାରା କାଳେ ମହାଭାରତର ପ୍ରାଧାନ୍ୟ ସୁପ୍ରତିଷ୍ଠିତ ହେବ । ଠିକ୍ ସେହି ପ୍ରକାରେ ବାଲୁକା-ଶଯ୍ୟା ଉପରେ ରାମ-ସେତୁ ନିର୍ମାଣକୁ ସେମାନେ ଗ୍ରହଣ କରୁନାହାନ୍ତି । ସେମାନେ ଅମାନ୍ୟ କରି ଆସୁଥିବା ରାମାୟଣ ସର୍ବତ୍ର ସ୍ୱୀକୃତ ହୋଇଯିବ ! ପୂର୍ବରୁ ମନରେ ଧାରଣା କରିଥିବା ବିଦ୍ୱେଷ ସେମାନଙ୍କୁ ବାଧା ଦେଉଛି ।

**ବିଜ୍ଞାନର ବ୍ୟାପ୍ତି**

ବ୍ରିଟିଶ ଔପନ୍ୟାସିକ ସିପିସ୍ନୋ (୧୯୦୫-୧୯୮୦) ତାଙ୍କ ପ୍ରସିଦ୍ଧ ରେଡେ ବକ୍ତୃତାରେ 'ଦ ଟୁ କଲ୍‌ଚରସ ଆଣ୍ଡ ଦ ସାଇଣ୍ଟିଫିକ ରିଭୋଲ୍ୟୁସନ'ରେ କହିଛନ୍ତି, "ଗତ ଦଶକମାନଙ୍କରେ ବିଜ୍ଞାନର ବ୍ୟାପ୍ତି କୌତୂହଳଜନକ ଭାବେ ସଂପ୍ରସାରିତ ହୋଇଛି । ଭାବାବେଗ, ଚେତନା, ମଣିଷର ସ୍ୱଭାବ ଜୈବିକ-ବିଜ୍ଞାନରେ ସ୍ଥାନିତ ହେଲାଣି ।" ଏହି ଦୃଷ୍ଟିରୁ ମଣିଷର ମୌଳିକ ପ୍ରବୃତ୍ତି ଓ ଚିନ୍ତାର ଉପାଦାନମାନଙ୍କୁ ଗ୍ରହଣ କରି ସୁଦୀର୍ଘ ଅତୀତରୁ ପ୍ରସ୍ତୁତ ହୋଇଥିବା ମିଥ୍‌କୁ ପ୍ରାଧାନ୍ୟ ଦେବା ଉଚିତ ।

ଏକଦା ମନୋଜ ଦାସ ଆମେରିକା ପରିଭ୍ରମଣରେ ଯାଇଥିବାବେଳେ କେତେକ ବ୍ୟକ୍ତି ତାଙ୍କୁ କୌତୂହଳବଶତଃ ପ୍ରଶ୍ନ ପଚାରିଥିଲେ, 'ନିମ୍ବର ଗୁଣାବଳୀ ବିଷୟରେ ଶହ ଶହ ବର୍ଷ ପୂର୍ବରୁ ଭାରତ କେମିତି ଜାଣିପାରିଥିଲା, ଯାହାକି ଏବେ ଆମେରିକାର ଉନ୍ନତ ଗବେଷଣାଗାରରେ ପରୀକ୍ଷିତ ହେଲା ।' ସେତେବେଳେ ଭାରତ ନିମ୍ବର ପେଟେଣ୍ଟ ପାଇବା ପାଇଁ ଆଇନଗତ ସମସ୍ୟାରେ ଜଡିତ ହୋଇ ପରିଶେଷରେ ବିଜୟୀ ହୋଇଥିଲା । ଏହାର ଉତ୍ତର ସେ ନାସାର ଜଣେ ବିଜ୍ଞାନୀଙ୍କୁ ସଂକ୍ଷିପ୍ତ ଭାବେ ଦେଲେ, "ଚେତନାର ପରୀକ୍ଷାଗାରରେ, ମୁନିଋଷିମାନଙ୍କ ମାନସିକ ଏକାଗ୍ରତା ଓ ସାଧନାରୁ, ଯେଉଁମାନେ ବିଭିନ୍ନ ଉଦ୍ଭିଦକୁ ସଠିକ ଭାବେ ଚିହ୍ନିପାରୁଥିଲେ ।"

ଏହି ପରିପ୍ରେକ୍ଷୀରେ ସେ ତିନି ବର୍ଷ ପୂର୍ବେ ସାଇନ୍ସ କଂଗ୍ରେସର ଅଧିବେଶନରେ ଏହି ପ୍ରକାରେ ଲିଖିତ ନିବନ୍ଧକୁ ଯେମିତି କଟୁ ସମାଲୋଚନା କରାଯାଇଥିଲା, ଏହା ଚିନ୍ତାଜନକ ବୋଲି ମତବ୍ୟକ୍ତ କରିଥିଲେ ।

ଅବଶ୍ୟ ସେ ମିଥ୍‌କୁ ସର୍ବତୋଭାବେ ମାନିନେବା ସପକ୍ଷରେ ନ ଥିଲେ । ଏଥିରେ ଏମିତି କିଛି ବିଷୟ ଅନ୍ତର୍ଭୁକ୍ତ ହୋଇଛି, ଯାହା ଗ୍ରହଣୀୟ ନୁହେଁ । ତେଣୁ ଏହାର ବିଶ୍ଳେଷଣ ଓ ଆଲୋଚନା ପାଇଁ ବିଜ୍ଞାନର ଭୂମିକା ଆବଶ୍ୟକ । ଏହି ଦୃଷ୍ଟିରୁ ମିଥ୍‌କୁ ଅନ୍ଧଭାବେ ଅଳିଆଗଦାକୁ ଫୋପାଡ଼ି ଦେବା ବୌଦ୍ଧିକ ଅସହିଷ୍ଣୁତାର ପରିଚାୟକ । ଆମେ ଭୁଲିଯିବା ଅନୁଚିତ ଯେ, କଳ୍ପନାର ଦିଗନ୍ତକୁ ବ୍ୟାପ୍ତ କରିବାକୁ ଏହାର ଭୂମିକା ଅନସ୍ୱୀକାର୍ଯ୍ୟ । ଯାହା ଦିନେ ଉଦ୍ଭଟ ଭାବନା ଭାବେ ବିବେଚିତ ହୋଇଥିଲା, ବିଜ୍ଞାନ ଏହି ତଥାକଥିତ ପରିତ୍ୟକ୍ତ କଳ୍ପନାରେ ଉଦ୍‌ବୁଦ୍ଧ ହୋଇ ନୂତନ ଉଦ୍‌ଭାବନ କ୍ଷେତ୍ରରେ ଅଗ୍ରସର ହୁଏ । ବାସ୍ତବିକ ମିଥ୍ ପୁରାଣ ଶାସ୍ତ୍ର, ପ୍ରାଚୀନ ଜ୍ଞାନ ଓ ବିଜ୍ଞାନ ମଧ୍ୟରେ ସଂପର୍କର ସେତୁ ସ୍ଥାପନ କରେ ଓ ମଣିଷର କଳ୍ପନାକୁ ଅସୀମିତ ଉଚ୍ଚତାକୁ ନେଇଯାଏ ।

**ମିଥ୍‌କୁ ଅନ୍ଧଭାବେ ଅଳିଆଗଦାକୁ ଫୋପାଡ଼ି ଦେବା ବୌଦ୍ଧିକ ଅସହିଷ୍ଣୁତାର ପରିଚାୟକ । କଳ୍ପନାର ଦିଗନ୍ତକୁ ବ୍ୟାପ୍ତ କରିବାକୁ ଏହାର ଭୂମିକା ଅନସ୍ୱୀକାର୍ଯ୍ୟ ।**

ହୁଏତ କାହାରି କାହାରି ମନରେ ସନ୍ଦେହ ଦେଖାଦେଇପାରେ ଯେ, ମନୋଜ ଦାସ ବିଜ୍ଞାନ-ଗବେଷଣା ସହ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ନୁହନ୍ତି । ତେଣୁ ମିଥ୍ ସମ୍ବନ୍ଧରେ ତାଙ୍କ ଉପରୋକ୍ତ ମନ୍ତବ୍ୟର ଦୃଢ଼ ଭିତ୍ତିଭୂମି ନାହିଁ । ତେବେ ଏହି ମର୍ମରେ ଆମେ ଫରାସୀ ଜୈବବିଜ୍ଞାନୀ ଫ୍ରାଙ୍କୋଇସ ଜାକବ (୧୯୨୦-୨୦୧୩)ଙ୍କ ବକ୍ତବ୍ୟ ପ୍ରତି ଦୃଷ୍ଟି ଦେଇପାରୁ । ୧୯୬୫ରେ ଜାକବ, ମୋନୋଡ୍ ଓ ଆନ୍ଦ୍ରେ ଲଫ୍‌ଙ୍କ ସହ ମିଳିତ ଭାବେ ବାକ୍ଟେରିଆ, ବାକ୍ଟେରିଓ ଫଙ୍ଗସ ଓ ଜିନ୍ ଉପରେ ପ୍ୟାରିସର ପାଷ୍ଟର ଇନଷ୍ଟିଚ୍ୟୁଟରେ ଗବେଷଣା କରି ଭେଷଜ ବିଜ୍ଞାନରେ ନୋବେଲ ବିଜୟୀ ହୋଇଛନ୍ତି । ସେ କହିଛନ୍ତି, "ମିଥ୍ ଓ ବିଜ୍ଞାନ ସମାନ ଧରଣର କାମ

କରିଥାନ୍ତି । ଉଭୟେ ଆମ ସମାଜକୁ ବିଶ୍ୱ ଓ ବିଶ୍ୱକୁ ପରିଚାଳନା କରୁଥିବା ସମ୍ଭାବ୍ୟ ବଳ (ଫୋର୍ସ)ମାନଙ୍କ ବିଷୟରେ ଚିତ୍ର ପ୍ରଦର୍ଶନ କରନ୍ତି । ସେମାନେ ସମ୍ଭାବନାର ସୀମା ନିର୍ଦ୍ଧାରଣ ପାଇଁ ଚେଷ୍ଟିତ ।" (ଦ୍ରଷ୍ଟବ୍ୟ : ଟୁଡେ ଇନ୍ ସାଇନ୍ସ ହିଷ୍ଟ୍ରି-ଟୁଡେ ଇନ ସାଇନ୍ସ-କମ୍) । ଏହା ମନୋଜ ଦାସଙ୍କ ଧାରଣାକୁ ଦୃଢ଼ୀଭୂତ କରେ ।

## ଧର୍ମପଦର ପ୍ରସଙ୍ଗ

ତଥାପି କିଛି ବିଶିଷ୍ଟ ବ୍ୟକ୍ତି ମିଥ୍‌ର ଭୂମିକା ସଂପର୍କରେ କଟୁ ସମାଲୋଚନା କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ ଯଶସ୍ୱୀ ସାହିତ୍ୟିକ ଜଗନ୍ନାଥ ପ୍ରସାଦ (ଜେପି) ଦାସଙ୍କ ପ୍ରଦତ୍ତ ଦୁଇଟି ପ୍ରସଙ୍ଗ ଅବତାରଣା କରାଯାଇପାରେ । ପ୍ରଥମଟି କୋଣାର୍କ ମନ୍ଦିର ନିର୍ମାଣ ସଂପର୍କିତ ଧର୍ମପଦ ଗଳ୍ପ ଏବଂ ଦ୍ୱିତୀୟଟି ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ମୃତ୍ୟୁ ।



କୋଣାର୍କ ବିଷୟରେ ଗୋଟିଏ ସାଧାରଣ ବିଶ୍ୱାସ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ଯେ, ବାରଶହ ବରିଷ୍ଠ ଶିଳ୍ପୀଙ୍କର ମନ୍ଦିର - ଚୂଳ ସମ୍ପୂର୍ଣ୍ଣ କରିବାରେ ବିଫଳତା । ରାଜାଙ୍କ କଠୋର ମୃତ୍ୟୁଦଣ୍ଡ ଭୋଗିବା ମୁହୂର୍ତ୍ତ ପହଞ୍ଚିବା ଠିକ୍ ପୂର୍ବରୁ ସେଠାରେ କାର୍ଯ୍ୟରତ ଜଣେ ଶିଳ୍ପୀର ପୁଅକୁ ତା'ର ମା' ନିଜ ବାଡ଼ିର କିଛି ବରକୋଳି ଦେଇ ଅଜଣା ପିତାଙ୍କୁ ଠାବ କରି ସଂପର୍କ ସ୍ଥାପନ ପାଇଁ ଗାଁରୁ ପଠାଇଲେ । ବାଳକଟି ମନ୍ଦିରର ଚୂଳ ମାରି ନିର୍ମାଣ ସମ୍ପୂର୍ଣ୍ଣ କରିପାରିଲା, ଯଦ୍ଦ୍ୱାରା ବାରଶହ ବଢ଼େଇଙ୍କ ଜୀବନ ରକ୍ଷା ହେଲା । ଏତେ ସଂଖ୍ୟକ ଅଭିଜ୍ଞ ଶିଳ୍ପୀ ଯାହା କରିପାରି ନ ଥିଲେ, ଗୋଟିଏ ଶିଶୁ ଅଳ୍ପ ସମୟ ମଧ୍ୟରେ ସଂପନ୍ନ କରିଥିବାରୁ, ଶିଳ୍ପୀକୁଳ ଅପମାନିତ ହୋଇ ଶିଶୁଟିକୁ ମାରିବା ପାଇଁ ଯୋଜନା କଲେ । ଏହି ପରିସ୍ଥିତିରେ ପିଲାଟି ସ୍ୱଇଚ୍ଛାରେ ମନ୍ଦିର ଉପରୁ ସମୁଦ୍ରକୁ ଡେଇଁ ପ୍ରାଣ ହରାଇଲା ।

୧୯୨୪ ମସିହାରେ ପଣ୍ଡିତ ଗୋପବନ୍ଧୁ ଦାସ ଏହି ସଂପର୍କରେ ଗୋଟିଏ ଦୀର୍ଘ କବିତା ରଚନା କଲେ । ପରେ ୧୯୨୭ରେ କାର୍ତ୍ତିକ କୁମାର ଘୋଷ ଏହାକୁ ଭିତ୍ତି କରି ଏକ ଲୋକପ୍ରିୟ ନାଟକ ଲେଖିଲେ । ଏପରିକି ସେ ବାଳକ (ଧର୍ମପଦ)ର ବାପାଙ୍କୁ ବିଶୁ ମହାରଣା ଭାବେ ନାମିତ କଲେ, ଯାହା ଗୋପବନ୍ଧୁଙ୍କ କବିତାରେ ନ ଥିଲା । ପରେ ନକଲି ତାଳପତ୍ର ପୋଥି ସୃଷ୍ଟି କରି ୧୯୭୨ରେ ଏକ ପାଣ୍ଡୁଲିପି ପ୍ରସ୍ତୁତ କରାଗଲା ଏହି ମର୍ମରେ । ଜେପି ଦାସଙ୍କ ମତରେ ଆମ ଇତିହାସରେ ଧର୍ମପଦ ଓ ବିଶୁ ମହାରଣାଙ୍କୁ ବାସ୍ତବ ମଣିଷ ଭାବେ ସ୍ୱୀକାର କରାଯାଇଛି । ଏହି ନାମ ପ୍ରଶ୍ନବାଚୀ ।

ଦ୍ୱିତୀୟ ଘଟଣାଟି ହେଉଛି ବକ୍ସି ଜଗବନ୍ଧୁଙ୍କ ବିଷୟରେ । ବ୍ରିଟିଶ ସେନା ବିପକ୍ଷେ ଭାରତ ପାଇଁ ପ୍ରଥମେ ଯୁଦ୍ଧ କରିବାରେ ସେ ହେଉଛନ୍ତି ନାୟକ । କିନ୍ତୁ ଏଥିରେ ସଫଳ ନ ହୋଇ ବକ୍ସି ୧୮୧୮ରେ ଜଙ୍ଗଲରେ ଆତ୍ମଗୋପନ କଲେ । ହରେକୃଷ୍ଣ ମହତାବଙ୍କ ଲିଖିତ ଇତିହାସ ସୂଚାଏ ଯେ, ଜଙ୍ଗଲରେ ଲୁଚିଥିବା ପାଇକମାନଙ୍କୁ ହତ୍ୟା କରିବାକୁ ବ୍ରିଟିଶ ସରକାର ୧୮୨୬ ଯାଏ ସେନା ନିୟୋଜିତ କରିଥିଲା । ଏହି ଅଭିଯାନରେ ବକ୍ସିଙ୍କ ସମେତ ଅନେକ ବିଦ୍ରୋହୀ ପ୍ରାଣ ହରାଇଲେ ।

ମହତାବଙ୍କ ଇତିହାସର ଅନୁକରଣ କରି ଶହୀଦ ବକ୍ସିଙ୍କ ଉପରେ ମନୋରଞ୍ଜନ ଦାସ ୧୯୪୯ (ବହି ଆକାରରେ ୧୯୫୧ରେ ପ୍ରକାଶିତ)ରେ ଗୋଟିଏ ନାଟକ ଲେଖିଲେ । ଏହା ସଫଳତାର ସହ ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହୋଇଥିଲା । ସେଥିରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ବକ୍ସି କହିଥିଲେ, 'ଖୋରଧାର ଜୟ ହେଉ, ଜନ୍ମ ଭୂମିର ଜୟ ହେଉ ।' ଏହି ବାକ୍ୟଟି ଦର୍ଶକମାନଙ୍କ ବେଶ୍ ପ୍ରଶଂସାଭାଜନ ହୋଇଥିଲା ।

## ପେନ୍‌ସନଭୋଗୀ ବକ୍ସି

କିନ୍ତୁ ଇତିହାସ ବକ୍ସିଙ୍କ ମୃତ୍ୟୁକୁ ଭିନ୍ନ ଭାବେ ବର୍ଣ୍ଣନା କରିଛି । ବିଶ୍ୱସ୍ତ ବରଜୁ ପାଇକରାୟ ଓ ଖ୍ୱାଜ ମହମ୍ମଦଙ୍କ ବିଶ୍ୱାସଘାତକତା ପରେ ୨୭ ମେ ୧୮୨୬ରେ ବକ୍ସି କଟକରେ ପହଞ୍ଚି ବ୍ରିଟିଶ ସହ ଚୁକ୍ତି କଲେ ଯେ, ସେ ବିନାନୁମତିରେ କଟକ ଛାଡ଼ିବେ ନାହିଁ । ତାଙ୍କୁ ମାସିକ ଶହେ

ଟଙ୍କା (ପରେ ଦେଢ଼ ଶହକୁ ବୃଦ୍ଧି) ପେନସନ ଭାବେ ମଞ୍ଜୁରି କରାଗଲା । ବ୍ରିଟିଶ ବରଜୁ ପାଇକରାୟ ଓ ଓ୍ୱାଜ ମହମ୍ମଦକୁ ପ୍ରଶଂସା କଲେ ଏଥିପାଇଁ ଯେ, ସେମାନେ ବକ୍ସିଙ୍କୁ ଆତ୍ମସମର୍ପଣ କରିବାକୁ ରାଜି କରାଇପାରିଥିଲେ । ପୁରସ୍କାର ସ୍ୱରୂପ ସେମାନଙ୍କୁ ଯଥାକ୍ରମେ ଦୁଇ ହଜାର ଓ ଏକ ହଜାର ଧନରାଶି ଦିଆଯାଇଥିଲା । ପରିଶେଷରେ ୨୪ ଜାନୁଆରି ୧୮୨୯ରେ ବ୍ରିଟିଶ ସରକାରଙ୍କ ପେନ୍‌ସନଭୋଗୀ ହିସାବରେ ବକ୍ସି ମୃତ୍ୟୁବରଣ କରିଥିଲେ । (ଦ୍ରଷ୍ଟବ୍ୟ: ମିଥ୍ ଟୁ ବୁକ୍ ଟୁ ମିଥ୍, ଜେପିଦାସ, ୨୯ ଜୁନ୍ ୨୦୨୧)

ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, ମିଥ୍‌ର ଅଖଣ୍ଡ ପ୍ରଭାବରୁ ପ୍ରକୃତ ଇତିହାସ ଅସତ୍ୟ ଓ ବିକୃତ ହୋଇପାରେ । ଥରେ ଏହି ମିଥ୍ ଲୋକଙ୍କ ମୁଣ୍ଡରେ ବସା ବାନ୍ଧିଲେ, ତାହା ହଟାଇବା ଏକ ଦୁରୂହ ବ୍ୟାପାର । ତେଣୁ ଜେପିଙ୍କ ମତରେ ମିଥ୍‌ର ଐତିହାସିକ ସତ୍ୟତା ଉପରେ ଜୋର ନ ଦେଇ କିମ୍ବା ବିଶ୍ୱାସ ସ୍ଥାପନ ନ କରି, ଏଗୁଡ଼ିକୁ ସାହିତ୍ୟିକ (ଅନେକାଂଶରେ କାଳ୍ପନିକ) କୃତି ଭାବେ ଉପଭୋଗ କରାଯାଇପାରେ ।

**ମିଥ୍‌ର ଅଖଣ୍ଡ ପ୍ରଭାବରୁ ପ୍ରକୃତ ଇତିହାସ ଅସତ୍ୟ ଓ ବିକୃତ ହୋଇପାରେ । ଥରେ ଏହି ମିଥ୍ ଲୋକଙ୍କ ମୁଣ୍ଡରେ ବସା ବାନ୍ଧିଲେ, ତାହା ହଟାଇବା ଏକ ଦୁରୂହ ବ୍ୟାପାର ।**

## ଅସାଧୁତା ଓ ମିଥ୍

ବାସ୍ତବତା ହେଉଛି ଯେ, କିଛି ତଥାକଥିତ ଗବେଷକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଜାଲ୍ ଦଲିଲ ପ୍ରସ୍ତୁତ କରି ନିଜ ଦୃଷ୍ଟିଭଙ୍ଗୀକୁ ଏକ ମିଥ୍‌ଭାବେ ଉପସ୍ଥାପନ କରିଥାନ୍ତି । ଏହି ଅସାଧୁତା ପ୍ରକୃତ ଇତିହାସର ବିବରଣୀକୁ ବିଭ୍ରାନ୍ତ କରେ । ଏତାଦୃଶ ନକଲି ମିଥ୍ ପ୍ରତି ସାବଧାନ ।

ଅନୁଧ୍ୟାନ କଲେ ସିଦ୍ଧ ହୁଏ ଯେ, ମିଥ୍‌ରେ ଉଭୟ ଉତ୍ତମ ଓ ମନ୍ଦ ଦିଗ ରହିଛି । ଏହି ପୃଷ୍ଠଭୂମିରେ ଏହାର ପ୍ରୟୋଗ କେବଳ ସାହିତ୍ୟ ଓ ଇତିହାସରେ ସୀମିତ ହୋଇ ରହିନାହିଁ; ବିଜ୍ଞାନ ମଧ୍ୟ ଏହାର ଉପଯୋଗିତା ବିଷୟରେ ସଚେତନ ।

ଲଣ୍ଡନସ୍ଥିତ ବ୍ରୁନେଲ ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକ ଆଣ୍ଡ୍ରୁ ଜର୍ଜ ଏମିରିଟସ ପ୍ରଫେସର ଭାବେ କାର୍ଯ୍ୟରତ । ସେ ଗବେଷଣା ପାଇଁ ଓ୍ୱେଲକମ୍ ଟ୍ରଷ୍ଟରୁ ଅନୁଦାନ ପାଇଥିଲେ ଓ ଇଂଲଣ୍ଡର ହେଲ୍‌ଥ ରିସର୍ଚ୍ଚ ଅଥରିଟି ଓ ସ୍ୱାସ୍ଥ୍ୟ ଶିକ୍ଷା ବିଭାଗର ଜଣେ ଅବୈତନିକ ନିର୍ଦ୍ଦେଶକ ତଥା ଇମ୍ପିରିଆଲ କଲେଜ ହେଲ୍‌ଥ ପାର୍ଟନରର ଚେୟାରମ୍ୟାନ୍ ।

୩ ଅକ୍ଟୋବର ୨୦୧୯ରେ 'ଦ କନଭରଜେସନ'ରେ ସେ 'ସାଇନ୍ସ ନିଡ୍‌ସ ମିଥ୍‌ସ ଟୁ ଥ୍ରାଇଭ୍' ଶୀର୍ଷକ ଏକ ଆଲେଖ୍ୟ ପ୍ରକାଶ କରିଥିଲେ । (ଦ୍ରଷ୍ଟବ୍ୟ: ଦ କନଭରଜେସନ ଡଟ କମ୍) ।

ସ୍ୱାସ୍ଥ୍ୟ-ଗବେଷଣା ଉପରେ ଗବେଷଣା ପାଇଁ 'ଦ ଓ୍ୱେଲକମ୍ ଟ୍ରଷ୍ଟ' ନାମକ ବିଶ୍ୱର ସର୍ବାଧିକ ଅନୁଦାନ ଦେଉଥିବା ସଂସ୍ଥାଟି ଗବେଷଣା-ସଂସ୍କୃତିର ସମୀକ୍ଷା ପାଇଁ ଏକ ଯୋଜନା ଆରମ୍ଭ କଲେ । ଆଣ୍ଡ୍ରୁ ଜର୍ଜଙ୍କ ମନରେ ଏଥିରୁ ଗୋଟିଏ ଧାରଣା ଜନ୍ମିଲା ଯେ, ଉତ୍ତମ ବୈଜ୍ଞାନିକ ଗବେଷଣା ପାଇଁ ଗଳ୍ପ ଓ ମିଥ୍‌ର ଅବଦାନ ରହିଛି । ପ୍ରାଚୀନ କାଳରେ ଲୋକେ ନିଆଁ ପୁଇଁବା ପାଇଁ ରାତିରେ ଏକାଠି ବସିଥିବା ବେଳେ ବିଭିନ୍ନ ଗପ ପରସ୍ପରକୁ ଶୁଣାନ୍ତି । ହୋମରଙ୍କ ଇଲିଆଦ ଏହି ମର୍ମରେ ଉଲ୍ଲେଖନୀୟ । ଏହି ଗଳ୍ପମାନଙ୍କରେ ବିଷୟବସ୍ତୁ ହୋଇଥାଏ ବିଭିନ୍ନ ଯୋଦ୍ଧା ଓ ନେତାଙ୍କ କାହାଣୀ, ଭାଗ୍ୟର ଖେଳ, ଖ୍ୟାତି ଲାଭ । ତତ୍ ସହ ଖର୍ଚ୍ଚ, ଅହଂକାର, କ୍ରୋଧର ଭୟଙ୍କର ପରିଣାମ ।

ସଂପ୍ରତି ଏତାଦୃଶ କାର୍ଯ୍ୟକଳାପର ମଧ୍ୟ ଆବଶ୍ୟକତା ଅନୁଭୂତ ହେଉଛି । ଉଦାହରଣ ସ୍ୱରୂପ ପେନସିଲିନର ଆବିଷ୍କାର, ଡିଏନ୍‌ଏର ସଂରଚନା-ଜ୍ଞାନ, ପ୍ରତିଷେଧକ ଇଂଜେକସନର କ୍ରମବିକାଶ, ଗାଲିଲିଓ ଚର୍ଚ୍ଚ ଓ ଅନ୍ୟ ପ୍ରତିକ୍ରିୟାଶୀଳ ବ୍ୟକ୍ତିମାନଙ୍କ ବିପକ୍ଷରେ ଯାଇ ସୂର୍ଯ୍ୟ-କେନ୍ଦ୍ରିତ ସୌରମଣ୍ଡଳର ସତ୍ୟତା । ବିଜ୍ଞାନ-ଇତିହାସର ପୃଷ୍ଠା ଏମିତି ରୋମାଞ୍ଚକର ଘଟଣାରେ ପରିପୂର୍ଣ୍ଣ, ଯାହାକି ଅନେକଙ୍କୁ ଏକ କାହାଣୀ ପରି ପ୍ରତିଭାତ ହୋଇଥାଏ ।

## ଅତିରଞ୍ଜନ

ଉପରୋକ୍ତ ବର୍ଣ୍ଣନାରେ କିଛି ଅତିରଞ୍ଜନ ଓ ଅସତ୍ୟ ପ୍ରବେଶ କରିବା ସମ୍ଭବ । ହୋମରଙ୍କ 'ଟ୍ରୋଜନ ଘୋଡ଼ା' ଏକ ବିଶାଳ ଘୋଡ଼ା ବାସ୍ତବରେ ନ ହୋଇପାରେ, ଯେଉଁଥିରେ ବହୁ ସଂଖ୍ୟକ ସୈନ୍ୟ ଲୁଚି ରହିବା ସମ୍ଭବ । ତଥାପି ଏହା ସମ୍ପୂର୍ଣ୍ଣ ଭାବେ ସତ୍ୟ-ବିବର୍ଜିତ ନୁହେଁ ।

ଏହି ପୃଷ୍ଠଭୂମିରେ ଆଣ୍ଡ୍ରୁ ଜର୍ଜ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ଦୀର୍ଘ ସଫଳ ଗବେଷଣାକୁ ବିଶିଷ୍ଟ ବୈଜ୍ଞାନିକମାନଙ୍କୁ କେନ୍ଦ୍ର କରି ପ୍ରଚଳିତ ଥିବା ମିଥ୍ ପ୍ରଭାବିତ କରିଛି ଏବଂ ଏହା ମାଧ୍ୟମରେ ତାଙ୍କର ଜିଜ୍ଞାସା ଓ କୌତୂହଳ ବୃଦ୍ଧି ଯାଇଛି । ଏହି

ଦୃଷ୍ଟିରୁ ସେ ଦାବି କରିଛନ୍ତି ଯେ, ବିଭିନ୍ନ ସଂସ୍କୃତି ନିଜର ମିଥ୍ ଆବଶ୍ୟକ କରନ୍ତି ଓ ପ୍ରତ୍ୟେକ ଗବେଷଣାଗାର ତା'ର ନିଜସ୍ୱ କିମ୍ବଦନ୍ତୀ ବା ପରମ୍ପରା ଚାହେଁ। (ଅଲ୍ କଲଚର୍ସ ନିଡ ଦେୟାର ମିଥ୍ସ ଆଣ୍ଡ ଇଚ୍ ଲ୍ୟାବ ନିଡ୍ସ ଇଟ୍ସ ଲୋର୍।)

ଏହା ଅନସ୍ୱୀକାର୍ଯ୍ୟ ଯେ, ମିଥ୍ ହେଉଛି ବାଦାନୁବାଦ ସଙ୍ଗତି, ଅସଙ୍ଗତିର ସମାହାର। ଏହାର ପ୍ରୟୋଗ ପୂର୍ବରୁ ଅନୁଧ୍ୟାନ ଜରୁରୀ। ବିଭିନ୍ନ ଦଲିଲ, ସ୍ଥାନ-ପରିଦର୍ଶନ, ଏପରିକି ବିଜ୍ଞାନ-ଗବେଷଣାଗାରରେ ଏଥିପାଇଁ ସୁଯୋଗ ରହିଛି। ଏହି ପ୍ରସଙ୍ଗରେ ସତର୍କତା ବିଧେୟ। ପରୀକ୍ଷା ନିରୀକ୍ଷା ପ୍ରାର୍ଥନୀୟ।

## ମୌଳିକ ଜିଜ୍ଞାସା

ଏହି ଆଲୋଚନା ମଧ୍ୟକୁ ପ୍ରବେଶ କରେ ଏକ ମୌଳିକ ଜିଜ୍ଞାସା। ଅନେକ ସମୟରେ କିମ୍ବଦନ୍ତୀ, ପରୀ କାହାଣୀ ଓ ମିଥ୍‌କୁ ସମାନ ଅର୍ଥରେ ସାଧାରଣତଃ ଲୋକେ ବୁଝନ୍ତି। କିନ୍ତୁ ଏମାନଙ୍କ ମଧ୍ୟରେ ପ୍ରଭେଦ ରହିଛି। ଏହା ଠିକ୍ ଯେ ଏସବୁ ହେଉଛି ଜନଶ୍ରୁତି ବା ଲୋକକଥା (ଫୋକ୍‌ଲୋର)। ସୁଦୀର୍ଘ ଅତୀତରୁ ଏହା ଅଦ୍ୟାବଧି ବଂଚି ରହିଛି। କିମ୍ବଦନ୍ତୀ ସାଧାରଣତଃ କିଛି ଐତିହାସିକ ତଥ୍ୟ ଉପରେ ପର୍ଯ୍ୟବସିତ, ଯାହାକି ଜନସମାଜରେ ବାରମ୍ବାର କଥିତ ହୋଇ ସମୟ କ୍ରମେ କିଛି ପରିମାଣରେ ପରିବର୍ତ୍ତିତ ହୋଇଥାଏ। ପରୀ କଥାରେ ଅବାସ୍ତବ ଓ ଅଦ୍ଭୁତ ଉପାଦାନମାନ ରହିଥାଏ। ଏଥିରେ ଯାଦୁବିଦ୍ୟା, କାଳ୍ପନିକ ଜୀବ ଇତ୍ୟାଦି ସ୍ଥାନିତ ହୋଇଥାଏ, ଯାହାକି ଅବିଶ୍ୱାସ-ଭାବ ଉଦ୍ରେକ କରେ। ତେବେ ଏଥିରେ ଭଲ ଓ ମନ୍ଦ ମଧ୍ୟରେ ସଂଘର୍ଷ ବିଷୟ ଚିତ୍ରିତ ହୋଇ ମନ୍ଦ ଉପରେ ଉତ୍ତମର ବିଜୟକୁ ପ୍ରାଧାନ୍ୟ ଦିଆଯାଏ।



ଏହି ମର୍ମରେ ଅଧିକ ପ୍ରାଞ୍ଜଳ ଭାବେ ବୁଝିବା ପାଇଁ କେତୋଟି ଦୃଷ୍ଟାନ୍ତ ଅବତାରଣା କରାଯାଇପାରେ।

କିମ୍ବଦନ୍ତୀର ବିଶେଷତ୍ୱ ହେଉଛି ଏହା ଏକଦା ଜୀବିତ ଥିବା ବ୍ୟକ୍ତି, ଜନପଦ କିମ୍ବା ଐତିହାସିକ ଘଟଣା ଉପରେ ଆଶ୍ରିତ। ଉଦାହରଣ ସ୍ୱରୂପ ଜନି ଆପଲସିଡ ନାମକ ଏକ କୃଷକର କାହାଣୀ। ଜନି ବିଭିନ୍ନ ରାଜ୍ୟ ଖାଲି ପାଦରେ ଚାଲି ଚାଲି ଯାଇ ଆପଲ-ବଗିଚା ପ୍ରତିଷ୍ଠା କରିଥିଲେ। ଅବଶ୍ୟ ଏହି କାର୍ଯ୍ୟକ୍ରମରେ ସେ ଯେଉଁଠାରେ ବୃକ୍ଷରୋପଣ କରୁଥିଲେ, ସେଇ ଜାଗାର ମାଲିକ ହୋଇଯାଉଥିଲେ। ଏଥିରୁ ସେ ୧୨୦୦ ଏକର ଜମିର ମାଲିକାନା ପ୍ରାପ୍ତ ହୋଇଥିଲେ। କିନ୍ତୁ କିମ୍ବଦନ୍ତୀ ମୁଖ୍ୟତଃ ତାଙ୍କୁ ଜଣେ ନିଃସ୍ୱାର୍ଥପର ଭ୍ରମଣକାରୀ (ସେଲ୍‌ଫଲେସ ୱାଣ୍ଡରର୍) ଭାବେ ଚିତ୍ରଣ କଲା ଏବଂ ସୂଚାଇଲା ଯେ, ସେ ଆପଲକୁ ହାର୍ଦ୍ଦିକ ଭାବେ ଭଲ ପାଉଥିବାରୁ ଏମିତି ବିରାମହୀନ ପ୍ରଚେଷ୍ଟାରେ ଜୀବନକୁ ମୂର୍ଚ୍ଛି ଦେଇଥିଲେ। ତେଣୁ କିମ୍ବଦନ୍ତୀ ଅଧା ସତ, ଅଧା ମିଛର ଏକ ମିଶ୍ରଣ।

ପରୀ କାହାଣୀର ଉଦାହରଣ ହେଉଛି ସିଣ୍ଡ୍ରେଲା ନାମ୍ନୀ ଜଣେ ଯୁବତୀ ଯିଏ ଦୟାଶୀଳା, ଭଦ୍ର ଓ ମଧୁର ବ୍ୟବହାର ସଂପନ୍ନା। ସେ ପରିତ୍ୟକ୍ତ ସ୍ଥାନରେ ରହେ, ଯାହାକି ଅଚାନକ ତାକୁ ଅତ୍ୟନ୍ତ ଭାଗ୍ୟଶାଳୀ କରିବା ସହ ରାଣୀ କରିଦିଏ। ଏହି ପରୀ କାହାଣୀ ପଛରେ ବାସ୍ତବ ଇତିହାସ ଥିବା କଥା କେହି କେହି ଦାବି କରୁଥିବା ବେଳେ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନୈତିକତାର ଶିକ୍ଷା।

ମିଥ୍‌ର ଉଦାହରଣ ହେଉଛି ଗ୍ରୀକ୍ ନାୟକ, ଯୋଦ୍ଧା, ଈଶ୍ୱର ଇତ୍ୟାଦି। ସେମାନଙ୍କ ମାଧ୍ୟମରେ ଋତୁ ପରିବର୍ତ୍ତନ, ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ, ପାଣିପାଗ ଇତ୍ୟାଦି ପ୍ରାକୃତିକ ଘଟଣା ବର୍ଣ୍ଣିତ। ଏହା ଦ୍ୱାରା ମୋଟାମୋଟି ଭାବେ ମାନବ-ସଭ୍ୟତା ଓ ସଂସ୍କୃତି ଅନେକାଂଶରେ ସମୃଦ୍ଧ ହୁଏ। ଏହି ଦୃଷ୍ଟିରୁ ପରୀ କାହାଣୀ ଅପେକ୍ଷା ଏହା ଆଭିମୁଖ୍ୟ ଭିନ୍ନ। ଅବଶ୍ୟ ଜର୍ମାନ ଲେଖକ ଗୋଟ୍‌ହୋଲଡ ଏଫ୍ରାଇମ ଲେସିଙ୍ଗ (୧୭୨୯-୧୭୮୧)ଙ୍କ ମତ ହେଉଛି, 'କେବଳ ଶିଶୁମାନେ ପରୀ କାହାଣୀ ଗ୍ରହଣ କରିଥାନ୍ତି ବୋଲି କହିବା ଠିକ୍ ନୁହେଁ। ହୋଇପାରେ, ଆବାଳ ବୃଦ୍ଧ ବନିତା ପରୀ କାହାଣୀ ଉପଭୋଗ କରିଥାନ୍ତି। ତେବେ ପରୀ କାହାଣୀ ହେଉ ବା କିମ୍ବଦନ୍ତୀ, ମିଥର ସ୍ଥାନ ଏଇ ସବୁଥିରୁ ଭିନ୍ନ।'

ଏହି ମର୍ମରେ ମନୋଜ ଦାସଙ୍କ ବକ୍ତବ୍ୟ ଓ ଜେପି ଦାସଙ୍କ ଉପରେ ଆଲୋଚିତ ହୋଇଥିବା ମନ୍ତବ୍ୟ ପ୍ରଣିଧାନଯୋଗ୍ୟ।

□□

ଲେଖକଙ୍କ ଇ-ମେଲ ଠିକଣା:
nikhilanand.panigrahy@gmail.com



ଗଳ୍ପ

# ଧୂସର ଦିଗନ୍ତ

ରବି ପଣ୍ଡା

ବିପ୍ରବାବୁ ନିଷ୍ପତ୍ତିଟି କରିସାରିଲା ପରେ ଖୁବ୍ ହାଲ୍କା ଅନୁଭବ କଲେ। ଗୋଟାଏ ଅସମାଧିତ ସମସ୍ୟା ତାଙ୍କୁ ବହୁଦିନ ଧରି ବିବ୍ରତ ତଥା ବ୍ୟଥିତ କରି ଆସୁଥିଲା। ଅଥଚ ଖୁଣ୍ଟିଆବାବୁ ଆଜି ତାଙ୍କୁ ଯେଉଁ ସୂତ୍ରଟି ବତେଇଦେଲେ ତାହା ଯେମିତି ତାଙ୍କର ସମସ୍ତ ବ୍ୟସ୍ତତାରେ ପୂର୍ଣ୍ଣଚ୍ଛେଦ ଟାଣିଦେଲା।

ଘରେ ପହଞ୍ଚିଲା ବେଳକୁ ତାଙ୍କ ମୁହଁରେ ପୂର୍ବର ହତାଶାଭାବ ପରିବର୍ତ୍ତେ କିଞ୍ଚିତ୍ ଆଶ୍ୱସ୍ତିର ଲକ୍ଷଣ ଲକ୍ଷ୍ୟ କରି ପତ୍ନୀ ସୌଦାମିନୀ ପଚାରିଲେ- 'କ'ଣ କିଛି ବ୍ୟବସ୍ଥା କଲ?'



ସବୁଦିନ ପରି ଫାଏଁ କରି ନ ଉଠି ବିପ୍ରବାବୁ କହିଲେ, 'ମୁଁ ଚାକିରି ଛାଡ଼ିଦେବି।'

'ଆଁ.... ତମେ ଚାକିରି ଛାଡ଼ିଦବ? ତମ ମୁଣ୍ଡ ଖରାପ ହୋଇଗଲାଣି ନା କ'ଣ?' ସୌଦାମିନୀ ଖୁବ୍ ଶଙ୍କାଗ୍ରସ୍ତ ହେଇ ପଡ଼ିଲେ।

ବିପ୍ରବାବୁ ହସି ଉଠି କହିଲେ - 'ମୁଣ୍ଡ ଖରାପ ହେଲା ବୋଲି ତ ଏ ନିଷ୍ପତ୍ତି ନେଲି। ଆଉ କ'ଣ କରିଥାନ୍ତି କୁହ। ପିଲାଟା ଅବସ୍ଥା ଦେଖୁଚ ତ! ଚିନ୍ତାରେ ଚିନ୍ତାରେ କେମିତି ଝଡ଼ିଗଲାଣି। ତା' ପାଇଁ ତ କିଛି ବ୍ୟବସ୍ଥା କରିବାକୁ ପଡ଼ିବ? ତା'ର ସୁରକ୍ଷିତ ଭବିଷ୍ୟତର ବ୍ୟବସ୍ଥା ଆଗରୁ ନ କଲେ ସେ ଠିଆହେଇ ପାରିବ ତ? ଆଜିକାଲିର ଚାକିରି ସମସ୍ୟା ତ ଦେଖୁଚ! କେତେ ଇଣ୍ଟରଭ୍ୟୁ ଦବ! ପୁଣି ଏ ଲାଞ୍ଚ କାରବାର ଯୁଗରେ ଲକ୍ଷେ ଦି ଲକ୍ଷ ଟଙ୍କା କାହିଁ ଯେ ପିଲାଟାକୁ ନେଇ ଥାଇତା କରିବି?'

ସୌଦାମିନୀ କିଛି ବୁଝି ପାରୁନଥିଲେ। ତଥାପି ଖୁବ୍ ଦ୍ୱନ୍ଦ୍ୱଗ୍ରସ୍ତ କଣ୍ଠରେ ପଚାରିଲେ, 'ପୁଅର ଚାକିରି ପାଇଁ ତମେ ଚାକିରି ଛାଡ଼ିବ କାହିଁକି?'

ବିପ୍ରବାବୁ ବୁଝେଇବା କଣ୍ଠରେ କହିଲେ- 'ମୁଁ ଚାକିରି ଛାଡ଼ିବି ନାହିଁ ବରଂ ମୋ ଚାକିରି ତାକୁ ଦେଇଦେବି। ମୁଁ ଭଲ୍ୟୁଣ୍ଟାର ରିଟାୟାର୍ କରିବି ଆଉ ମୋ ପୋଷ୍ଟରେ ତା'ର ଆପଏଣ୍ଟମେଣ୍ଟ ହବ। ବୁଝିଲ।'

ଏତେ ବେଳକରେ ସୌଦାମିନୀ କଥାର କୂଳକିନାରା ପାଇଲେ। ତାଙ୍କ ମନରୁ ସବୁ ଆଶଙ୍କା ଦୂର ହେଇଗଲା। କଣ୍ଠରେ ଆଶା ଫୁଟେଇ କହିଲେ- 'ସେମିତି କ'ଣ ହୁଏ?'

'ହଁ, ହଁ ସେଥିପାଇଁ ସରକାରୀ ନିୟମ ଅଛି। ସେଇଥିପାଇଁ ମୁଁ କଟକ ଯାଉଚି। ଖୁଣ୍ଟିଆବାବୁ ମୋ ସାଙ୍ଗରେ ଯିବେ। ସେ ଏସବୁ କାମରେ ଖୁବ୍ ଧୁରନ୍ଧର। କେତେଜଣଙ୍କର ଏମିତି କରେଇ ଦେଲେଣି। କଟକ ବଡ଼ଡାକ୍ତରଙ୍କରଠୁଁ ଖଣ୍ଡେ ଇନ୍‌ଭାଲିଡ୍ ସାର୍ଟିଫିକେଟ ଆଣି କିଛି ପଇସା ଖର୍ଚ୍ଚ କଲେ ମୋ ବଦଳରେ ପୁଅକୁ ସେ ଚାକିରିଟା ମିଳିଯିବ।'

ସୌଦାମିନୀଙ୍କୁ ଏସବୁ ଖୁବ୍ ଅସହଜ ଲାଗୁଥିଲା। ସେ ଉତ୍କଣ୍ଠିତ ହେଇ କହିଲେ, 'ତମେ ତ ଭଲ ଅଛ, ଡାକ୍ତର କ'ଣ ତମକୁ ସେମିତି ଲେଖିଦେବେ?'

ବିପ୍ରବାବୁ ଜୋରରେ ହସିଉଠି କହିଲେ, 'ଦୁନିଆ ହାଲ୍ ତମକୁ କିଛି ମାଲୁମ୍ ନାହିଁ। ରୋଗ ହେଲେ ଡାକ୍ତରଙ୍କୁ ଫିସ୍ ଦେଇ ପ୍ରେସକ୍ରିପ୍‌ସନ ଲେଖାଇ ଆଣି ଔଷଧ ଖାଇଲେ ରୋଗୀ ଭଲ ହୁଏ। ପୁଣି ପଇସା ଦେଲେ ବିନା ରୋଗରେ ବି ଡାକ୍ତର ରୋଗୀ କରି ଛାଡ଼ିଦିଅନ୍ତି କାଗଜପତ୍ରରେ। ନିରୋଗୀ ବି ରୋଗୀ

ହୋଇଯାଏ ସାର୍ଟିଫିକେଟ୍‌ରେ। ବୁଝିଲ ?'

ସୌଦାମିନୀ ପୁରୁଣାକାଳିଆ ସ୍ତ୍ରୀଲୋକ। ଏତେ ଖଞ୍ଜ ତାଙ୍କ ମୁଣ୍ଡରେ ପଶେ ନାହିଁ। ସେ ଆଶ୍ଚର୍ଯ୍ୟ ହେଇ କହିଲେ- 'ତମେ ଲାଞ୍ଚ ଦେଇ ମିଛ ରୋଗଟାକୁ ଡାକ୍ତରଙ୍କଠୁ ଲେଖେଇ ଆଣିବ ? ନାଇଁ ଥାଉ ଥାଉ। ସେ ଚାକିରି ନ କଲା ନାଇଁ। ଦୋକାନ ଫୋକାନ ଖଣ୍ଡେ କରିଦିଅ ସେ ବସୁ।'

ବିପ୍ରବାବୁ କିଞ୍ଚିତ୍ ବିରକ୍ତ ହେଇ କହିଲେ, 'ତମେ ସ୍ତ୍ରୀ ଲୋକଗୁଡ଼ା କ'ଣ ବୁଝ କହିଲ। କି ଦୋକାନ କରିବ ସେ ? ପାନ ? ପଚାରିଲ ତାକୁ। ଆଉ ସେ ଯେଉଁ ବେପାର କଥା କହୁଚି ସେଥିପାଇଁ ଏତେ ଟଙ୍କା କାଇଁ ? ଯାହା ତ ସଂଚୟ ଥିଲା, ଦି' ଦି'ଟା ଝିଅ ବାହାଘରରେ ଗଲା, ଆଉ ମୋ ଚାକିରି କେତେଦିନ କି ? ବରଂ ମୋ ଚାକିରିଟା ତାକୁ ଧରେଇ ଦେଲେ ମୁଁ ନ ହେଲେ ଛୋଟକାଟିଆ ଦୋକାନ ଖଣ୍ଡେ କରି ବସିବି।'

ସୌଦାମିନୀ ଆଉ କିଛି କହିଲେ ନାଇଁ।

> **ତା'ଙ୍କ ପୁଅଟି ଆଜ୍ଞା ଏମ୍.ଏ. ପାସ୍ କରି ବେକାର ହେଇ ବୁଲୁଚି। ସାର୍ଟିଫିକେଟ ଖଣ୍ଡେ ନେଲେ ଭଲ୍ୟୁଣ୍ଟାରି ରିଟାୟାରମେଣ୍ଟ ସ୍କିମ୍‌ରେ ପୁଅଟାକୁ ଭର୍ତ୍ତି କରିବେ।**

ତା' ପରଦିନ ଖୁଣ୍ଟିଆବାବୁଙ୍କ ସହ ବିପ୍ରବାବୁ ଯେତେବେଳେ ଡାକ୍ତରଙ୍କ ପାଖରେ ପହଞ୍ଚିଲେ ସେତେବେଳେ ଡାକ୍ତରଙ୍କ ଘରଦୁଆର ବାହାର ସବୁଆଡ଼େ ଘମାଘୋଟ ଭିଡ଼। ରୋଗୀ ହାଉଯାଉ। ବିପ୍ରବାବୁ ଗାଉଁଲି ମଣିଷ। ଗାଁ ସ୍କୁଲ୍‌ରେ ଦିହକ କଟିଲାଣି। ଆୟୁର୍ବେଦିକ ଟୁଟୁକା ଟୁଟୁକିରେ ତାଙ୍କ ରୋଗ ଉପଶମ। ବଡ଼ରୋଗ ନେଇ ଡାକ୍ତରଙ୍କ ଦ୍ୱାରସ୍ଥ ହେବା ଏଯାବତ୍ ଘଟିନାଇଁ। ସେ ଏତେ ରୋଗୀ ହାଉଜାଉ ଅବସ୍ଥା ଦେଖି ଖୁଣ୍ଟିଆ ବାବୁଙ୍କୁ ପଚାରିଲେ, 'ଏଇଟା କ'ଣ ଡାକ୍ତରଖାନା ?'

ଖୁଣ୍ଟିଆବାବୁ ଠୋ ଠୋ ହସଟିଏ ହସି କହିଲେ, 'ଡାକ୍ତରଖାନା କ'ଣ ? ଆଁ... ଡାକ୍ତର ଯେଉଁଠି ବସିଲେ ସେଟା ଡାକ୍ତରଖାନା। ଏଇଟା ତାଙ୍କ କ୍ୱାର୍ଟର। ଏଠି ପଇସାଦିଆ ରୋଗୀ, ସେଠି ମାଗଣା ରୋଗୀ। ଏଇଟା ମେନ୍ ଡ୍ୟୁଟି ସେଇଟା ଗୌଣ। ଏଠି ରୋଗର ନିଦାନ ପୁଙ୍ଖାନୁପୁଙ୍ଖ ସେଠି ଉପରଠାଉରିଆ। ବୁଝିଲ, ଛାଡ଼ ଆମର କ'ଣ ଯାଏ ? ଆମ କାମ କରି ନେଇଗଲେ ଯାଏ।' ଏହା କହି ଖୁଣ୍ଟିଆବାବୁ ଭିଡ ବାରେଇ ଡାକ୍ତରଙ୍କ ସାମ୍ନାରେ ଠିଆହେଲେ। କହିଲେ, 'ଆଜ୍ଞା ନମସ୍କାର।'

ଡାକ୍ତରବାବୁ ମୁହଁ ଉଠେଇ ଚାହିଁଲେ। ମୁର୍କି ହସଟିଏ ମାରି କହିଲେ, ଆରେ ଖୁଣ୍ଟିଆବାବୁ ଯେ, ଆଉ ଖବର କ'ଣ ? ଖୁଣ୍ଟିଆବାବୁଙ୍କ ସହ ତାଙ୍କ ଜଣାଶୁଣା। ଏଇ ଇନ୍‌ଭାଲିଡ୍ ସାର୍ଟିଫିକେଟ କାରବାର ଯୋଗୁ ତାଙ୍କର ଘନିଷ୍ଠତା। ଖୁଣ୍ଟିଆବାବୁ ଖେଁ ଖେଁ ହସି କହିଲେ, 'ଖଣ୍ଡେ ସାର୍ଟିଫିକେଟ ଦରକାର ଆଜ୍ଞା। ଏଇ ବିପ୍ରବାବୁ ଆମ ଗାଁ ପ୍ରାଇମେରୀ ସ୍କୁଲ ଶିକ୍ଷକ। ପୁଅଟି ଆଜ୍ଞା ଏମ୍.ଏ. ପାସ୍ କରି ବେକାର ହେଇ ବୁଲୁଚି। ସାର୍ଟିଫିକେଟ ଖଣ୍ଡେ ନେଲେ ଭଲ୍ୟୁଣ୍ଟାରି ରିଟାୟାରମେଣ୍ଟ ସ୍କିମ୍‌ରେ ପୁଅଟାକୁ ଭର୍ତ୍ତି କରିବେ। ଆଜ୍ଞା ଆପଣ ତ ସବୁ ଜାଣନ୍ତି...'

ହଉ ଅପେକ୍ଷା କରନ୍ତୁ। ମୁଁ ପେସେଣ୍ଟଗୁଡ଼ାଙ୍କୁ ଛାଡ଼ିଦିଏ।

ଆଜ୍ଞା କହି ବିପ୍ରବାବୁଙ୍କୁ ଧରି ଖୁଣ୍ଟିଆବାବୁ ପାଖ ଲଙ୍ଗ ବେଞ୍ଚରେ ବସିଗଲେ।

ରୋଗୀ ସବୁ ବିଦାହବା ପରେ ଡାକ୍ତର ଆନୁଷଙ୍ଗିକ କାଗଜପତ୍ର ବାହାର କରି ପଚାରିଲେ କି କେସ୍ କରିବା ? ପାରାଲିସିସ୍.... ?

ହଁ ଆଜ୍ଞା, ସେଇଟା ତ ଏଭଳିଆ ସାର୍ଟିଫିକେଟ ପାଇଁ ସବୁଠୁ ନିର୍ଭରଯୋଗ୍ୟ ରୋଗ। ଲେଖି ଦିଅନ୍ତୁ ପାରାଲିସିସ୍.... ଅଣ୍ଡର ଇୟୋର ଟ୍ରିଟ୍‌ମେଣ୍ଟ...

ପାରାଲିସିସ୍... ପକ୍ଷାଘାତ.... ବିପ୍ରବାବୁଙ୍କ ଦେହରେ ଯେମିତି ଏକ ଶୀତଳ ସ୍ରୋତ ପ୍ରବାହିତ ହୋଇଗଲା କ୍ଷଣିକରେ...

ବାମ ଅଙ୍ଗରେ ପକ୍ଷାଘାତ ରୋଗର ଡାକ୍ତରୀ ପ୍ରମାଣପତ୍ର ନେଇ ବାହାରି ଆସିଲା ବେଳକୁ ବିପ୍ରବାବୁ ଖୁବ୍ ବିମର୍ଷ ହୋଇଯାଇଥିଲେ। ଖୁଣ୍ଟିଆବାବୁ କିନ୍ତୁ ଖୁବ୍ ଆଶ୍ୱସ୍ତିରେ କହିଲେ 'ଓହୋ.... ଗୋଟେ ବଡ଼ କାମ ଗଲା। ବୁଝିଲ ବିପ୍ରବାବୁ, ଆଉ କୋଉ ଡାକ୍ତର ହୋଇଥିଲେ ହଜାରେ ଟଙ୍କାରୁ କମ୍ ନେଇ ନ ଥାନ୍ତା। ଚିହ୍ନା ପରିଚୟ ବୋଲି ଛଅଶ' ଟଙ୍କାରେ ସାର୍ଟିଫିକେଟ୍‌ଟିଏ ମିଳିଗଲା। ଆଉ ଦି' ଚାରିହଜାର ଆନୁଷଙ୍ଗିକ ଖର୍ଚ୍ଚ କରିଦେଲେ କଥା ଫତେ...'

ବିପ୍ରବାବୁ ଆଶଙ୍କିତ ହେଇ କହିଲେ, 'ଖର୍ଚ୍ଚ ଯା' ହେଉ....

କାମ ହବ ତ...।'

ଖୁଣ୍ଟିଆବାବୁ ଫିକ୍‌କରି ହସି କହିଲେ- "ବୁଝିଲେ ବିପ୍ରବାବୁ, ପଇସା ଦେଲେ କ'ଣ ନ ହବ କହିଲେ? ଦେଖୁନ ପଇସା ବଳରେ ତମେ ଖୁବ୍‌ସୁସ୍ଥ ମଣିଷଟା କିପରି ପଙ୍ଗୁ ହେଇଗଲ...।'

ବିପ୍ରବାବୁଙ୍କ ଛାତିଟା ରୁକ୍‌କିନା ହେଇଗଲା।

ଖୁଣ୍ଟିଆବାବୁ ଖୁବ୍ ଟାଣ କରି କହିଲେ, 'କିଛି ବ୍ୟସ୍ତ ହୁଅନା। ସବୁ ମୁଁ କରେଇନେବି। ଏଇମିତି କେତେ ବାବୁଙ୍କୁ ଇନ୍‌ଭାଲିଡ୍ କରି ପୁଅମାନଙ୍କୁ ଭାଲିଡ୍ କରିଦେଇଛି... ଏଇଟା କି ନୂଆ?'

ବିପ୍ରବାବୁ ଆଶ୍ୱସ୍ତ ହେଲେ। କୂଳରେ ଲାଗିଯାଉ ପିଲାଟା...।

ଦିନ କେଇଟା ପରେ ଯେଉଁଦିନ ଖୁଣ୍ଟିଆବାବୁ ହାତେ ହାତେ ପୁଅ ନାଁରେ ନିଯୁକ୍ତିପତ୍ରଟି ଧରି ପହଞ୍ଚିଲେ, ସେଦିନ ସେଇ ପରିବାରଟିରେ ଯେମିତି ଏକ ବହୁବାଞ୍ଛିତ ସୁଖର ଲହରି ଖେଳିଗଲା। ନିର୍ବିବାଦରେ ଖୁଣ୍ଟିଆବାବୁ ପ୍ରମାଣିତ ହେଇଯାଇଥିଲେ ଖୁବ୍ ପାରିବାର ଲୋକ। ବିପ୍ରବାବୁ ଓ ସୌଦାମିନୀ କୃତଜ୍ଞତା ସ୍ୱରୂପ ତାଙ୍କୁ ଦିବ୍ୟଭୋଜନରେ ଆପ୍ୟାୟିତ କରିବା ପୂର୍ବକ ଦୁଇହଜାର ଟଙ୍କା ପ୍ରଦାନ କରି କିଞ୍ଚିତ୍ ଋଣମୁକ୍ତ ହେବାର ଆଶ୍ୱସ୍ତି ଲାଭ କଲେ।

ପୁଅର ଦିଗନ୍ତବ୍ୟାପୀ ହାହାକାର ଦେଖୁଥିବା ଆଖି ସେଦିନ ପ୍ରଥମକରି ଦେଖିଥିଲା ଏକ ପ୍ରଲମ୍ବିତ ଶ୍ୟାମଳ ଉପତ୍ୟକା ଆଉ ସେଇ ଉପତ୍ୟକାରେ ଯେମିତି ବିଛେଇ ହେଇ ପଡ଼ିଥିଲା ଭବିଷ୍ୟତ ନିରାପତ୍ତାର ବିମଳ ଚନ୍ଦ୍ରାଲୋକ।

ସକାଳୁ ସୌଦାମିନୀକୁ ତର ନ ଥିଲା। ଘରସାରା ଧୂପ ଝୁଣା ଧୂଆଁରେ ଭର୍ତ୍ତି ହୋଇଯାଇଥିଲା ତ ଦୁଆରେ ବସିଥିଲା କଳସ। ନିତ୍ୟକର୍ମ ସାରି ପୁଅ ସ୍କୁଲ ବାହାରିଲା। ସୌଦାମିନୀ କହିଲେ- ବାପାଙ୍କୁ ମୁଣ୍ଡିଆ ମାର୍। ବିପ୍ରବାବୁ ପ୍ରାଣଖୋଲା ହସଟିଏ ହସି କହିଲେ ଥାଉ... ଥାଉ... ମାଆକୁ ଜୁହାର ହେଇଯାଅ.... ମା' ବାପା ପୁଅ ସମସ୍ତେ ହସି ଉଠିଲେ।



ଦୁଆର ମୁହଁରେ ଠିଆ ହୋଇଥିଲେ ବିପ୍ରବାବୁ, ସୌଦାମିନୀ ଏକ ପରିପୂର୍ଣ୍ଣ ସନ୍ତୋଷ ମୁଦ୍ରାରେ। ପୁଅ ଆଗେଇ ଯାଉଚି କର୍ମକ୍ଷେତ୍ରକୁ। ଏକ ନୂଆ ଜୀବନର ସୋପାନ ଚଢ଼ିବାକୁ। ପଛରେ ଛାଡ଼ିଯାଉଛି ଅତୀତ, ପ୍ରଥମ ପାହାଚର ନିମ୍ନଭୂମି। ଅତୀତର ସୀମାନ୍ତରେ ବର୍ତ୍ତମାନର ସୂର୍ଯ୍ୟ ଯେମିତି ଭବିଷ୍ୟତର ଆକାଶକୁ ଆଲୋକିତ କରିବାକୁ ଯାଉଚି।

ବିପ୍ରବାବୁଙ୍କ ଆଖିରୁ ଦି'ଧାର ଲୁହ ଝରିପଡ଼ିଲା।

ଏମିତି ଦିନେ ସେ ଯାଉଥିଲେ ତିରିଶ ବର୍ଷ ତଳେ। ଏ ଗାଁର ପ୍ରଥମ ମାଟ୍ରିକ ଭାବରେ। ଶିକ୍ଷକ ହେବାର ଦାୟରେ। ଗାଁସାରା ଲୋକେ ଯେମିତି ତାଙ୍କୁ ଟେକି ଟେକି ନେଇଯାଉଥିଲେ। ବାପା ହଳ ଯୋଚୁ ଯୋଚୁ କହୁଥିଲେ- ଦେଖ ବିପରାବୋଉ.... ମୋ ପୁଅ ଏ ଗାଁର କେଡ଼େ ପାଠୁଆ...। ବୋଉ ହସ ଦେଖାଯାଉଚି। ଦେଖାଯାଉଚି ତା' ଆଖିରେ ଫୁଟି ଉଠିଥିବା ପରିପୂର୍ଣ୍ଣତାର ଚାହାଣି...।

ଆଉ ଆଜି ଏମ୍.ଏ. ପାଶ୍ କରିଥିବା ତାଙ୍କ ପୁଅ ଯାଉଚି ବାପାର ସେଇ ଛୋଟିଆ ଚାକିରିକୁ ଧରିବା ପାଇଁ, ବଞ୍ଚିବାର ସର୍ବଶେଷ ଅବଲମ୍ବନ ରୂପେ ଯାହାକୁ ହସ୍ତାନ୍ତର କରିବାକୁ ବାପା ଆତ୍ମଘୋଷଣା କରିଛି ସେ ପକ୍ଷାଘାତଗ୍ରସ୍ତ ପଙ୍ଗୁ....

ଆଃ... ବିପ୍ରବାବୁ କ'ଣ କେମିତି କେଜାଣି ଭୁସ୍‌କରି କଚାଡ଼ିହେଇ ପଡ଼ିଲେ। ସୌଦାମିନୀ ଚିତ୍କାରଟିଏ କରି ବୁଲି ଅନେଇଲା ବେଳକୁ ଦେଖିଲେ ବିପ୍ରବାବୁ ତଳେ ପଡ଼ିଯାଇଚନ୍ତି। ଉଠିବାକୁ ଚେଷ୍ଟା କରୁଚନ୍ତି ଆପ୍ରାଣ। ଅଥଚ ବାଁ ପାଖରେ କୌଣସି ଅଙ୍ଗ ସାହାଯ୍ୟ କରିପାରୁ ନାହାନ୍ତି ଉଠିବାରେ, ନ ହାତ ନା ଗୋଡ... ଯେମିତି ସେମାନେ ହେଇପଡୁଚନ୍ତି ଅଥର୍ବ... ସ୍ଥବିର... ଚଳତ୍‌ଶକ୍ତିହୀନ....

□□

ଲେଖକଙ୍କ ଇ-ମେଲ ଠିକଣା:
rabipanda97@gmail.com

**ରମ୍ୟରଚନା**

# ଲେଖିକା ସଂଘ



ଡା. ଅଭୟ ଦାଶ

ଏଇ କେତେଦିନ ହେଲା ଲେଖିକା ସଂଘମାନେ ଆମ ଓଡ଼ିଶାରେ ଖୁବ୍ ଚଳଚଞ୍ଚଳ ହୋଇ ପଡ଼ିଥିବା ଦେଖାଯାଇଛି। ଓଡ଼ିଶା କଣ ! ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ରରେ ମଧ୍ୟ ପୁଞ୍ଜାଏ ପାଞ୍ଚଟା ସେଥିରୁ ମିଳିବେ। ଆଗେ ଏତେ ଶୁଣା ନ ଥିଲା। ଆଜିକାଲି ମହିଳା ସଶସ୍ତ୍ରୀକରଣ ନାଆଁରେ ଏଗୁଡା ଉଧେଇବାକୁ ଲାଗିଲେ। ଏହାକୁ ଖତ ପିଡ଼ିଆ ଯୋଗାଇଲା କରୋନା ମହାମାରୀ। ଯିବା ଆସିବା ବନ୍ଦ, ବଜାରକୁ ଯିବା ମନା, ଲକ୍‌ଡାଉନ, ସଟ୍‌ଡାଉନ, ପୃଥକାବାସ, ଅଜ୍ଞାତବାସ, ଦି' ଗଜ ଦୂରତା କେତେ କ'ଣ ନୂଆ ବେପାର ଆସିଗଲା ବଜାରକୁ। ବାବା ରାମଦେବ, ବାଳକୃଷ୍ଣ ମିଶି କରୋନା ପଛରେ ଏମିତି ଗୋଡ଼େଇବେ କିଏ ଜାଣିଥିଲା ? କରୋନା ତାଙ୍କ ଡରରେ ପଞ୍ଝାଙ୍କୁ ବଡ ଡାକ୍ତରଖାନାର ଆଇସିୟୁ ମାନେ 'ତତେ ଦେଖି ନେବି' ଢଙ୍ଗରେ ଛାଡ଼ିଦେଇ ଯାହା ପାଇଲା ଦି' ଚାରି ନିୟୁତ ଭିଡ଼ିନେଇ ଚାଲିଗଲା। ରାମଦେବ ଆଜି ବି ପ୍ରଚାର କରନ୍ତି ବୁଷ୍ଟର ଡୋଜ୍ ନେଇ ଯଦି ଏବେ କରୋନା ହେଉଛି, ସେ ଡାକ୍ତରୀ ପାଠ ଥାଇ କେତେ ? ନ ଥାଇ କେତେ ? ଯିଏ ଯାହା ବୁଝିଲା ? ଏହି ସମୟକୁ ଜଣେ ମହିଳା ଡାକ୍ତରଙ୍କର ମୁଣ୍ଡକୁ ପୋକ କାମୁଡ଼ିବା ଆରମ୍ଭ ହେଲା। ଦିଲ୍ଲୀ ଏନ ସି ଆର ରେ ଆମର ସେଥିରୁ ଗୋଟାଏ କଲେ ହୁଅନ୍ତାନି ? କ'ଣ ମ ? ଲେଖିକା ସଂଘ। ଭୁବନେଶ୍ୱରରେ ଦେଖି ଆସିଛି। ଆମେ ସବୁ ଚାନ୍ଦା ଭେଦା କରି ଲାଗି ପଡିଲେ ହେଇଯିବ ନାହିଁ କି ? କାମ ଚାଲିଲା ମେମ୍ବର ଗୋଟିଆରୁ। ୱେବିନାରରେ ଆରମ୍ଭ। ସମସ୍ତେ ଲାପଟପ ମୋବାଇଲ୍ ଖୋଲି ବସିଲେ। ମେମ୍ବରଶିପ ଫି' ଅନଲାଇନ ଟ୍ରାନ୍ସଫର ହେଲା। ପ୍ରତି ଶନିବାର ସନ୍ଧ୍ୟା ଏଥିପାଇଁ ଉତ୍ସର୍ଗୀକୃତ ରହିଲା। ଓଡ଼ିଆ ଭାଷା ଯେ ବୁଡିମରୁଛି, ସେଥିପାଇଁ ଏହା ଏକ ସଫଳ ପରୀକ୍ଷଣର ରୂପ ନେବାକୁ ଯାଉଛି ବୋଲି ଜଣାଗଲା। ଲେଖକ ମହଲରେ ଭାଳେଣି, ଭାଷାକୁ ବଞ୍ଚାଇବାକୁ ଲାଗିପଡିଲେ, ଏତେ ଲେଖକ ଜମିଗଲେ ଯେ ଟ୍ରାଫିକ ଜାମ୍ ! ଲେଖକଙ୍କ ମଧ୍ୟରେ କବି ବହୁତ। ନୂଆ ଫର୍ମାଟରେ ନୂଆ କବିତା ! ପ୍ରଡକ୍ସନ ଏତେ ଯେ ଖାଉଟି ନାହାନ୍ତି ! ମାଲଗୁଡା ରାସ୍ତାରେ ପଡି ଶଢ଼ିଲା।

ସବୁ କଥା ତ ସୁପ୍ରିମକୋର୍ଟ ଯାଉଛି, ସେହି ଫର୍ମୁଲାରେ କୋର୍ଟ, (କ୍ଷମା କରିବେ) ମାନ୍ୟବର କୋର୍ଟଙ୍କ ଦୃଷ୍ଟି ପଡିଲା, ମାନେ ସୁଓ ମୋଟୋ କଗ୍ନିଜେନ୍ସ ନେଇ, ସବୁ ପକ୍ଷକୁ ତଲବ କରାଗଲା। ମାନ୍ୟବର କୋର୍ଟ ପ୍ରଶ୍ନ କଲେ ସରକାରୀ ସ୍ତରରେ ପବ୍ଲିକ ସେକ୍ଟର ଲସ୍‌ରେ ଚାଲିଥିବା ସତ୍ତ୍ୱେ ଏ କବିତା ପ୍ରଡକ୍ସନ ଏତେ ବଢ଼ିଗଲା କିପରି ? ଲେଖକମାନେ ଲେଖିକାଙ୍କ ଉପରେ ଦୋଷାରୋପ କଲେ। ହଜୁର ଏ ମହିଳାମାନେ ସଶକ୍ତୀକରଣ ଆଳରେ ଆମ ମାର୍କେଟ ଦଖଲ କରିବା ଛଳରେ ଖାଲି ପ୍ରେମ କବିତା, ରାଧା କୃଷ୍ଣ ମାର୍କା କବିତା, ଚନ୍ଦ୍ର ସୂର୍ଯ୍ୟ କଇଁ ପଦ୍ମ ପୋଖରୀ, ଶାଶୁ ନଣନ୍ଦ କବିତା ଅଜାଡି ପକେଇଲେ, ମାର୍କେଟ କାହିଁ ? ଉଭୟ ପଟର ଓକିଲ ଲଢ଼ିଲେ, ଖୁବ୍ ଲଢ଼ିଲେ ! ମାନ୍ୟବର କୋର୍ଟ ନିଜର ଗୋଟାଏ ପିଛିଲା ରାୟକୁ ନଜିର ରୂପେ ପେସକରି ଫଇସଲା ଦେଲେ ଏହି କି ଯେ ସନ ଦୁଇହଜାର ତେର ଯାଉଛି ଚଉଦ ଆସୁଛି, ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଖାଦ୍ୟଶସ୍ୟ ଏତେ ଉତ୍ପାଦନ ହୋଇଗଲା ଯେ ସରକାରୀ ଖାଦ୍ୟ ଭଣ୍ଡାରରେ ସ୍ଥାନ ଅଭାବ ହେବାରୁ ରେଳ ପ୍ଲାଟଫର୍ମରେ ପାଲ ଘୋଡେଇ ରଖିବାକୁ ହେଲା। ସେଥିପାଇଁ ମାନ୍ୟବର କୋର୍ଟ ଖାଦ୍ୟ ଶସ୍ୟକୁ ଶଢ଼ିବାକୁ ନ ଦେଇ ଗରିବଙ୍କୁ ବାଣ୍ଟିଦେବାକୁ ନିର୍ଦ୍ଦେଶ ଦେଇଥିଲେ।

**ଏ ମହିଳାମାନେ ସଶକ୍ତୀକରଣ ଆଳରେ ଆମ ମାର୍କେଟ ଦଖଲ କରିବା ଛଳରେ ଖାଲି ପ୍ରେମ କବିତା, ରାଧା କୃଷ୍ଣ ମାର୍କା କବିତା, ଶାଶୁ ନଣନ୍ଦ କବିତା ଅଜାଡି ପକେଇଲେ।**

ସେହି ନ୍ୟାୟରେ ଏ ଲେଖକ, ଲେଖିକାଙ୍କ ପ୍ରସ୍ତୁତ ସାହିତ୍ୟମାନଙ୍କୁ ଗରିବଙ୍କୁ ବାଣ୍ଟିଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଗଲା।

ଲେଖିକା ମାନେ ତ ଘରେ ବାହାରେ ସବୁଠେଇଁ ଭୋକାଲ! ଖୁବ ତୋଫାନ କରୁଥିଲେ! କିଏ ଜଣେ ଆଇନଜୀବୀ କଣ୍ଟେମ୍ପ୍ଟ ଅଫ୍ କୋର୍ଟ କଥାଟା ଚେତେଇ ଦେବାରୁ ଚୁପ ହୋଇ ଯାଇଛନ୍ତି ଯେ, କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏ ଅର୍ଡରକୁ ନିଜ ପକ୍ଷକୁ ଭିଡି ଲାଭ ଉଠେଇବାର ବାଟ ଦରାଣ୍ଡୁଛନ୍ତି, କେମିତି ଗୋଟାଏ ସାହିତ୍ୟ ଆକାଡେମି ଆୱାର୍ଡ ମିଳିଯାଆନ୍ତା କି? ସବୁ ଠିକ୍ ଚାଲିନାହିଁ ବୋଲି, ଦେଖି ସହି ନ ପାରିବା ଲୋକେ କହନ୍ତି! ହେଲେ ଆମ ରିସର୍ଚ୍ଚ ଟିମ୍ କ'ଣ ଛାଡିବା ଲୋକ? ଏ ମଧ୍ୟରେ ଯେତେ ଜାଗାରେ ସଭା ହେଉଛି, ଶନିବାର ଉଣ୍ଡି ପହଞ୍ଚି ଯାଉଛନ୍ତି। ଲେଖିକା ସଂଘ, ମାନେ ପୂରା ଫେମିନିଷ୍ଟ ଅର୍ଗାନାଇଜେସନ ବୋଲି ନିଜକୁ ପ୍ରୋଜେକ୍ଟ କରିବାକୁ ଶ୍ରେୟ ମଣୁଥିବା, ମଙ୍ଗ ଧରିଥିବା ମହିଳା କେତେଜଣଙ୍କ କହିବା କଥା, 'ନୋ ମେଲ୍ ମେମ୍ବର ଆଲାଓଡ୍।' ସେମାନେ ଭୁଲିଯାଆନ୍ତି ଯେ ବିନା ମେଲରେ ଯାଙ୍କ ଗାଡି ନ ଚାଲେ! ଯାଙ୍କୁ ଛାଡିବାକୁ ଆସୁଥିବା ଡ୍ରାଇଭର ବା ତାଙ୍କ ଘରବାଲା ବାବୁ ବୋଧହୁଏ ମେଲ୍ ବା ପୁରୁଷ?



ଏ ଗାଡି କଥାରୁ ଦୁଇଟି ସ୍ଥାନରେ ମେଲ୍ ଶବ୍ଦର ବ୍ୟବହାର ସହ ଆମେ ପରିଚିତ। ମେଲ୍ ଟ୍ରେନ୍ ବା ଡାକଗାଡ଼ି, ଏକ୍ସପ୍ରେସ ଟ୍ରେନ୍ ବା ଦ୍ରୁତଗାମି ଟ୍ରେନ ତା'ସାଙ୍ଗକୁ ଖବରକାଗଜ ଇଣ୍ଡିଆନ୍ ଏକ୍ସପ୍ରେସ, ସଣ୍ଡେ ମେଲ୍, ଡେଲି ମେଲ୍ ଆଦି କେତେ ଶବ୍ଦ ସମ୍ବାଦ ସରବରାହ ସହ ସଂଶ୍ଳିଷ୍ଟ। ସମ୍ବାଦ ସହ ସାହିତ୍ୟ ସମ୍ବନ୍ଧରେ କିଛି ଗୋଟାଏ ଅଛି? ସେଇଟା ଅନୁଧ୍ୟାନର ବିଷୟ। ସେଥିରେ ରିସର୍ଚ୍ଚର ବହୁତ ସ୍କୋପ ଥିବା, ଅନୁମାନ କରି, ଟିକିଏ ଗଭୀର ଓ ଗମ୍ଭୀର ପରୀକ୍ଷଣର ଆବଶ୍ୟକତା ଆମେ ଅନୁଭବ କରୁ। ଆମ ରିସର୍ଚ୍ଚ ସଂସ୍ଥା ଉଭୟ ଲିଙ୍ଗି ହୋଇଥିବାରୁ ଏ ଜେଣ୍ଡର ଅସାମଞ୍ଜସ୍ୟତା ବା ଜେଣ୍ଡର ଇନଇକ୍ୱାଲିଟି ଭାବଧାରାର ସାମ୍ନା କରିବା ଶକ୍ତିକୁ ଏକତ୍ରିତ କରି ଲାଗି ପଡିଲୁ। କଥା କ'ଣ? ଆମେ ଯେତେବେଳେ ଭଲକରି କଥା କହି ଶିଖିଲୁ, ସେହି କଥା କହିବା ଶକ୍ତି ବା କୁହାଳିଆ ସ୍ୱଭାବକୁ ବଢ଼ାଇବାରେ ସାହାଯ୍ୟ ଲୋଡିଲୁ ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ। ସେତେବେଳେ କେତେଥର କହିଥିବୁ ଈଶ୍ୱରଙ୍କ ସୃଷ୍ଟିରେ ପୁରୁଷ ଓ ନାରୀ ଗୋଟିଏ ବୃନ୍ତରେ ଦୁଇଟି ପୁଷ୍ପ ସଦୃଶ। ଏହି ଲେଖିକାମାନେ ବି କହିବା ଆମେ ଶୁଣିଛୁ। କବି ତ କବି, ଲେଖକ ତ ଲେଖକ, ସେଥିରେ ଲିଙ୍ଗଭେଦ କୋଉଥିପାଇଁ? ଡ୍ରାଇଭରର ସ୍ତ୍ରୀ ବାଚକ ଶବ୍ଦ କ'ଣ ଡ୍ରାଇଭ୍ରେସ୍, ନା ପାଇଲଟର ସ୍ତ୍ରୀ ବାଚକ ପାଇଲଟ୍ରେସ ହେବ? ଏପରି ଅନେକ ନଜିର ଅଛି।

ସେଥିପାଇଁ ଆମେ ଏ ମହିଳାମାନଙ୍କ ମନସ୍ତତ୍ତ୍ୱ ବୁଝିବାକୁ ପ୍ରୟାସ କରି ଜାଣିଲୁ ଏମାନେ କ'ଣ ସତରେ ପୁରୁଷ ବିରୋଧୀ? ଏମାନଙ୍କ ପାରିବାରିକ ପରିସ୍ଥିତି ଅନୁଧ୍ୟାନ କରି ଜାଣିଲୁ ଯାଙ୍କ ଘର ଠିକ୍ ଚାଲିଛି। ନିଜକୁ ଅନ୍ୟ ଏକ ସମାଜରେ ବିଭାଜନ କରିବା ପଛରେ ହିଡେନ୍ ଏଜେଣ୍ଡା, ମାନେ ଲୁଚାଛପା କାରବାର ହେଲା, କୋଟାର ଲାଭ ଉଠାଇ, ସାହିତ୍ୟ ସମ୍ବନ୍ଧି ପୁରସ୍କାର, ଆୱାର୍ଡ୍ ଉପରେ ଅଧିକାର ସାବ୍ୟସ୍ତ କରିବା। ଆବଶ୍ୟକ ସ୍ଥଳେ, ମହିଳା ଲେଖକମାନଙ୍କୁ ଲେଖିକା, ତା'ପରେ ଦଳିତ ଲେଖିକା, ପଛୁଆ, ଅତି ପଛୁଆ, ଦିବ୍ୟାଙ୍ଗ, ମହିଳା ସେଣ୍ଟ୍ରିକ ଟ୍ରାନସଜେଣ୍ଡର ଆଦି ବିଭାଜନ କରି ସୁବିଧା ନେବାର ପ୍ରୟାସ ଜାରି ରଖିବା କିଛି ମହିଳାଙ୍କ ନଜରରେ ଦେଖାଦିଏ। ମୂଳ ଲକ୍ଷ୍ୟ ହେଲା କଳେ ବଳେ କୌଶଳେ ଆୱାର୍ଡ୍, ପୁରସ୍କାର ନୁହେଁ ତ? ଆଉ ଅଧିକ କହିବା ଠିକ୍ ହୋଇ ନ ପାରେ।

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com

**ପ୍ରବନ୍ଧ**

# କମ୍ପ୍ୟୁଟର ମାଧ୍ୟମରେ ଅନୁବାଦ



ପ୍ରଫେସର ଉଦୟନାଥ ସାହୁ

ଅନୁବାଦ ସାହିତ୍ୟର ଗୋଟିଏ ରୁଚିଶୀଳ କଳା। ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଏହା ଅନ୍ୟତମ। ଏହାର ଅର୍ଥ ହେଉଛି-ମୂଳ ଲେଖକ ଯାହା ଲେଖିଥାନ୍ତି, ଅନୁବାଦକ ତାହା ନିଜର ମୌଳିକ ଭାଷାରେ ଭାଷାନ୍ତର କରେ। ଏହା ମୂଳ ରଚନା ପରି ସୁନ୍ଦର ଏବଂ ସୁବୋଧ ହେବା ଦରକାର। ବିଶ୍ୱର ବିରାଟ ସାହିତ୍ୟ ଭଣ୍ଡାରର ରତ୍ନ ଆହରଣ କରିବା ପାଇଁ ଅନୁବାଦ ହିଁ ପ୍ରକୃଷ୍ଟ ମାଧ୍ୟମ। ଏହା ଦୁଇଟି ବିଷୟ ଉପରେ ନିର୍ଭର କରେ; ଯଥା - ଭାବ ଓ ଭାଷା। ମୂଳ ରଚନାର ଭାବ, ଭାଷା, ଛନ୍ଦ, ସ୍ୱର, ଚରିତ୍ର ଓ ପରିବେଶ ପ୍ରତି ବିଶ୍ୱସ୍ତ ହେବାକୁ ପେଡ଼। ଏହି ଅନୁବାଦ ଦ୍ୱାରା ସାହିତ୍ୟ ଓ ଜୀବନ ସମୃଦ୍ଧ ହୁଏ। ତେଣୁ ମୋରମ୍ୟାନ କୁହନ୍ତି – "ଇଟ୍ ଇଜ୍ ଫର ଦି ଆଚିଭ୍‌ମେଣ୍ଟ ଅଫ ୟୋର୍ ଲିଟରେଚର୍ ଆଣ୍ଡ ଲାଇଫ୍"। ଅନୁବାଦ ସମୟରେ ପ୍ରତିଶବ୍ଦ ଖୋଜିଲାବେଳେ ପ୍ରଜ୍ଞା ଓ ବିଶ୍ଳେଷଣ ମନୋବୃତ୍ତି ଅନୁବାଦକୁ ସାହାଯ୍ୟ କରିଥାଏ।

ଅନୁବାଦର ପରମ୍ପରା ଦୀର୍ଘ। ଅନୁବାଦ ମଣିଷ ମଣିଷ, ଜାତି ଜାତି ତଥା ଦେଶ ଦେଶ ମଧ୍ୟରେ ଏକ ସଂଯୋଗ ସେତୁ ସ୍ଥାପନ କରିଥାଏ। ଅଭିନ୍ନ ସାଂସ୍କୃତିକ ଚେତନାରେ ଏ ଦେଶର ଅଧିବାସୀଙ୍କୁ ଏକତ୍ରିତ କରିବା ପାଇଁ ଅନୁବାଦ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏକବିଂଶ ଶତାବ୍ଦୀର ଜଗତୀକରଣ ପର୍ଯ୍ୟାୟରେ ଅନୁବାଦ, ଭାବ-ଭାଷା ଓ ସାହିତ୍ୟର ଆଦାନପ୍ରଦାନ ତଥା ପ୍ରସାର ପାଇଁ ଅପରିହାର୍ଯ୍ୟ। ହୋମରଙ୍କ ଓଡ଼େଶୀ, ଇଲିୟାଡ୍, ଓଭିଡ଼୍‌ଙ୍କ ମେଟାମରଫସିସ୍ ଓ ଆରିଷ୍ଟଟଲଙ୍କ କାବ୍ୟତତ୍ତ୍ୱ ବହୁ ଭାଷାରେ ଅନୂଦିତ ହୋଇଅଛି। ବିଶ୍ୱର ବହୁ ସାହିତ୍ୟ ପରି ଓଡ଼ିଆ ସାହିତ୍ୟର ଆଦିରୂପ ହେଉଛି ଅନୁବାଦ। ବିଶେଷ ଭାବରେ ପାଳି, ପ୍ରାକୃତ ଓ ସଂସ୍କୃତ ସାହିତ୍ୟକୁ ଓଡ଼ିଆରେ ଅନୁବାଦ କରାଯାଇଛି। ଆଧୁନିକ ଯୁଗରେ ମଧ୍ୟ ବ୍ୟବସାୟ, ଅର୍ଥନୀତି, ଉଦ୍ୟୋଗ, କ୍ରୀଡ଼ା, ବିଜ୍ଞାନ ଆଦି କ୍ଷେତ୍ରରେ ଅନୁବାଦ କାର୍ଯ୍ୟର ଗୁରୁତ୍ୱ ଉପଲବ୍ଧି ହୋଇଅଛି।

**ବିଶ୍ୱର ବହୁ ସାହିତ୍ୟ ପରି ଓଡ଼ିଆ ସାହିତ୍ୟର ଆଦିରୂପ ହେଉଛି ଅନୁବାଦ। ବିଶେଷ ଭାବରେ ପାଳି, ପ୍ରାକୃତ ଓ ସଂସ୍କୃତ ସାହିତ୍ୟରୁ ଓଡ଼ିଆରେ ଅନୁବାଦ ହୋଇଛି।**

### ସ୍ୱୟଂକ୍ରିୟ ଅନୁବାଦ

ବର୍ତ୍ତମାନ ଯୁଗରେ ୱାଲର୍ଡ୍ ୱାଇଡ୍ ୱେବ୍ (WWW) ର ବ୍ୟାପକ ସମ୍ପ୍ରସାରଣ ସହ ଏହି ଯାନ୍ତ୍ରିକ ଅନୁବାଦ (ମେସିନ ଟ୍ରାନ୍ସଲେସନ ବା ଏମ୍.ଟି) ଲୋକମାନଙ୍କୁ ସ୍ୱୟଂକ୍ରିୟ ଅନୁବାଦ କାର୍ଯ୍ୟରେ ଅଶେଷ ସହାୟ ହେବ। ଫଳରେ ଲୋକମାନେ ନିଜ ଭାଷାର ଅଭିବୃଦ୍ଧି ସହ, ଅନ୍ତର୍ଜାତୀୟ କ୍ଷେତ୍ରରେ ଯୋଗାଯୋଗ ଓ ଭାବ ଆଦାନପ୍ରଦାନର କ୍ଷେତ୍ରକୁ ବିକଶିତ କରିପାରିବେ। ଏହାଦ୍ୱାରା ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ବିଶେଷ ଉନ୍ନତି ସାଧିତ ହେବା ସହିତ ରାଜନୀତି, ଅର୍ଥନୀତି, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଶୀଘ୍ର ତଥ୍ୟର ଆଦାନପ୍ରଦାନ କରିବା ସହିତ ସମ୍ପର୍କ ବୃଦ୍ଧି ହୋଇପାରିବ।

ବିଂଶ ଶତାବ୍ଦୀର ଚାଳିଶ ଦଶକର ଶେଷାର୍ଦ୍ଧ ତଥା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯାନ୍ତ୍ରିକ ଅନୁବାଦ (ଏମ୍.ଟି) ଉଦ୍ଭବ ହୋଇଥିଲା। ଫଳରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ହୋଇଥିବା କାର୍ଯ୍ୟର ଅନୁବାଦ ଆମେରିକୀୟ ଶିଳ୍ପ ବିପ୍ଳବକୁ ପ୍ରୋତ୍ସାହିତ କରିଥିଲା। ୧୯୪୭ ମସିହାରେ ୱାରେନ ୱେଭରଙ୍କ ପ୍ରସ୍ତାବନାରେ କମ୍ପ୍ୟୁଟରର ଅନ୍ତର୍ଭୁକ୍ତୀକରଣ ତଥା ୧୯୫୪ରେ ଆଇ.ବି.ଏମ୍ ସହ ଜର୍ଜଟାଉନ ବିଶ୍ୱବିଦ୍ୟାଳୟର ଉଦ୍ୟମ ଏହି ଏମ୍.ଟି କ୍ଷେତ୍ରରେ ଏକ ବଡ଼ ସଫଳତା ଆଣିଥିଲା।

ଯାନ୍ତ୍ରିକ ଅନୁବାଦ ଏକ ବ୍ୟାପକ ଶବ୍ଦ, ଯାହାର ଅର୍ଥ ଗୋଟିଏ ମୌଳିକ ଭାଷାର ତଥ୍ୟକୁ ମନୁଷ୍ୟର ବିନା

ସହାୟତାରେ କମ୍ପ୍ୟୁଟର ମାଧ୍ୟମରେ ଅନୁବାଦ କରିଥାଏ। ଏହା ହେଉଛି କମ୍ପ୍ୟୁଟରଭିତ୍ତିକ ଭାଷା ବିଜ୍ଞାନର ଏକ ପରିସର, ଯେଉଁଥିରେ କମ୍ପ୍ୟୁଟର ସହାୟତାରେ ବିଭିନ୍ନ ବିଷୟ ଓ ତଥ୍ୟର ଅନୁବାଦ କରାଯାଏ। ଭାରତରେ ବିଭିନ୍ନ ଭାଷାର ନିୟମ ଓ ପରିସଂଖ୍ୟାନଭିତ୍ତିକ ନିୟମ ଅନୁସାରେ କମ୍ପ୍ୟୁଟର ମାଧ୍ୟମରେ ଅନୁବାଦ କାର୍ଯ୍ୟର ପ୍ରୟାସ କରାଯାଉଛି। ସୀମିତ ବୈଷୟିକ ଉପକରଣ ଓ ସମ୍ବଳରେ ଏକ ଦ୍ୱିଭାଷିକ ଯାନ୍ତ୍ରିକ ଅନୁବାଦ ପ୍ରଣାଳୀର ଯୋଜନା କରିବା ଏକ ନୂତନ ଆହ୍ୱାନ ନିଶ୍ଚୟ। ଏକ ଯଥାର୍ଥ ଅନୁବାଦ ବ୍ୟବସ୍ଥା ପାଇଁ ଉଭୟ ଭାଷାରୁ ବହୁ ମାତ୍ରାରେ ଶବ୍ଦ ସଂଗ୍ରହର ଆବଶ୍ୟକତା ରହିଛି, ଯାହାକି ସମୟସାପେକ୍ଷ ଓ ବ୍ୟୟସାପେକ୍ଷ। ଅନ୍ୟ ପକ୍ଷରେ ନିୟମ ଅନୁସାରେ ଅନୁବାଦ କରିବା ମଧ୍ୟ ସମୟସାପେକ୍ଷ। ସେହିପରି ଶବ୍ଦକୁ ବିଶ୍ଳେଷଣ କରି ଅର୍ଥ ବାହାର କରିବା ମଧ୍ୟ କଷ୍ଟକର ବ୍ୟାପାର। ଯଦିଓ ଭାରତର ବିଭିନ୍ନ ଭାଷାରେ ଏହି କାର୍ଯ୍ୟ ଚାଲୁଅଛି, ତଥାପି ଆମ ପାଖରେ ଏକ ଆବଶ୍ୟକ ମୁତାବକ ଅନୁବାଦ ବ୍ୟବସ୍ଥା ଉପଲବ୍ଧ ନୁହେଁ।

**ଏକ ଯଥାର୍ଥ ଅନୁବାଦ ବ୍ୟବସ୍ଥା ପାଇଁ ଉଭୟ ଭାଷାରୁ ବହୁ ମାତ୍ରାରେ ଶବ୍ଦ ସଂଗ୍ରହର ଆବଶ୍ୟକତା ରହିଛି।**

ଭାରତ ଏକ ବହୁଭାଷୀୟ ରାଷ୍ଟ୍ର। ଏଠାକାର ଲୋକମାନେ ବିଭିନ୍ନ ଭାଷା ତଥା ଆଞ୍ଚଳିକ ଭାଷା ମାଧ୍ୟମରେ ଭାବର ଆଦାନ ପ୍ରଦାନ କରିଥାନ୍ତି। ଏଠାରେ ମାତ୍ର ଶତକଡ଼ା ୫ ଭାଗ ଲୋକ ଇଂରାଜୀ ଭାଷା ମାଧ୍ୟମରେ ଯୋଗାଯୋଗ କରିଥାନ୍ତି। ତେଣୁ ସାହିତ୍ୟ, ବିଜ୍ଞାନ, ବାଣିଜ୍ୟ, ସାମ୍ବାଦିକତା ଭଳି ବିଭିନ୍ନ କ୍ଷେତ୍ରରେ ଏମ୍.ଟିର ଆବଶ୍ୟକତା ଅନୁଭବ କରାଯାଇଥାଏ। କିନ୍ତୁ ଭାରତରେ ଏମ୍.ଟିର ଉଦ୍ଭବ ଅତି ନିକଟରେ ହୋଇଛି। ଏ କ୍ଷେତ୍ରରେ ଆଇଆଇଟି, କାନ୍‌ପୁର, ହାଇଦ୍ରାବାଦ୍ ୟୁନିଭର୍ସିଟି, ଏନ୍‌ସିଏସ୍‌ଟି, ମୁମ୍ବାଇ, ସି-ଡାକ୍, ପୁନେ ପ୍ରଭୃତିର ଅବଦାନ ମହନୀୟ। ଭାରତ ସରକାରଙ୍କ ସୂଚନା ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ଟି.ଡି.ଆଇ.ଏଲ୍ (ଟେକ୍ନୋଲୋଜି ଡେଭଲପମେଣ୍ଟ ଫର୍ ଇଣ୍ଡିଆନ୍ ଲାଙ୍ଗୁଏଜ୍) ମଧ୍ୟ ଏହାର ଗବେଷଣା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଭାରତରେ ଚାଲୁଥିବା କେତୋଟି ମୁଖ୍ୟ ଏମ୍.ଟି ପ୍ରକଳ୍ପଗୁଡିକ ହେଲା; 'ଆଙ୍ଗଲା ଭାରତ', 'ଅନୁସାରକା', 'ମାତ୍ରା ମନ୍ତ୍ର', 'ଇଂଲିସ୍, ହିନ୍ଦୀ, ମ୍ୟାଟ୍ ଫର ନ୍ୟୁଜ୍ ସେଣ୍ଟେନ୍‌ସେସ୍', 'ଅନୁବାଦକ ହିନ୍ଦୀ-ଇଂରାଜୀ ସଫ୍ଟୱେର୍' ପ୍ରଭୃତି। ଏ କ୍ଷେତ୍ରରେ 'ଗୁଗୁଲ୍ ଟ୍ରାନ୍ସଲେସନ'ର ଅବଦାନ ମଧ୍ୟ ଅତୁଳନୀୟ।

**ଅନୁବାଦକ**

ଭାରତରେ ଏମ୍.ଟି କ୍ଷେତ୍ରରେ ବିକାଶ ଲାଭ କରିଥିବା ବିଭିନ୍ନ ପ୍ରକଳ୍ପ ମଧ୍ୟରୁ 'ଅନୁବାଦକ' ଅନ୍ୟତମ। ଭାରତ ଭଳି ବିକାଶଶୀଳ ରାଷ୍ଟ୍ରରେ ଏମ୍.ଟିର ସମ୍ପ୍ରସାରଣ ସେତେବେଳେ ସମ୍ଭବ ହେବ, ଯେତେବେଳେ ପ୍ରତ୍ୟେକ ବ୍ୟକ୍ତି କମ୍ପ୍ୟୁଟର ତଥା ବିଭିନ୍ନ ସଫ୍ଟୱେର ବିଷୟରେ ଜ୍ଞାନ ଆହରଣ କରିବେ। ଏହି ବହୁଭାଷୀୟ ରାଷ୍ଟ୍ରରେ ଏମ୍.ଟିର ଆବଶ୍ୟକତା ନିହାତି ଅନୁଭବ କରାଯାଉଛି।

ଭାରତ ସରକାରଙ୍କର ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ମନ୍ତ୍ରଣାଳୟ, ବିଭିନ୍ନ ଭାରତୀୟ ଭାଷାରେ ସଫ୍ଟୱେର ଉପକରଣ ତଥା ଶବ୍ଦର ଆକୃତି ପାଇଁ ବିଭିନ୍ନ ଯୋଜନାମାନ ହାତକୁ ନେଇଛି ଏବଂ ଏଥିପାଇଁ ଏକ ଜାତୀୟ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି।

ଏହି ଅନୁବାଦକ ପ୍ରକଳ୍ପ ମାଧ୍ୟମରେ ଇଂରାଜୀ ଭାଷାରୁ ଆଠଟି ଭାରତୀୟ ଭାଷାକୁ ଅନୁବାଦ କରାଯାଇପାରୁଛି। ଯଥା; ହିନ୍ଦୀ, ମରାଠୀ, ବଙ୍ଗଳା, ଓଡ଼ିଆ, ତାମିଲ, ଉର୍ଦ୍ଦୁ, ଗୁଜରାଟୀ ଏବଂ ବୋଡ଼ୋ।

କେତେକ ଏହି ପ୍ରକଳ୍ପ ସି-ଡାକ୍, ପୁନେ ଅଧୀନରେ ଚାଲୁଅଛି ଏବଂ ବିଭିନ୍ନ ଅନୁଷ୍ଠାନ ଯଥା – ଆଇଆଇଟି ଏବଂ ବିଶ୍ୱବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଅଛନ୍ତି। ଇଂରାଜୀରେ ଓଡ଼ିଆ ଭାଷାର ଅନୁବାଦ ଓ ଅନ୍ୟାନ୍ୟ ଭାଷାଭିତ୍ତିକ କାର୍ଯ୍ୟ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଏବଂ ସି-ଡାକ୍, ପୁନେ ଏକତ୍ର କାର୍ଯ୍ୟ କରୁଛନ୍ତି। ଏହା ଟି.ଡି.ଆଇ.ଲ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ। ପର୍ଯ୍ୟଟନ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ଶବ୍ଦମାନ ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପ ନିମିତ୍ତ ଭବିଷ୍ୟତରେ ଏହାର ପରିସରକୁ ଆହୁରି ବ୍ୟାପକ କରାଯିବ। ଏହି ଯାନ୍ତ୍ରିକ ଅନୁବାଦ (ମେସିନ ଟ୍ରାନ୍ସଲେସନ) ର ତିନୋଟି କ୍ଷେତ୍ର ରହିଅଛି। ଯଥା-

୧) ଆର୍.ବି.ଏମ୍.ଟି - (ରୁଲ୍ ବେସ୍‌ଡ ମେସିନ ଟ୍ରାନ୍ସଲେସନ): ନିୟମ ଅନୁଯାୟୀ ଯାନ୍ତ୍ରିକ ଉପକରଣ ମାଧ୍ୟମରେ ଅନୁବାଦ।

୨) ଏସ୍.ବି.ଏମ୍.ଟି - (ଷ୍ଟାଟିଷ୍ଟିକାଲ୍ ବେସ୍‌ଡ ମେସିନ ଟ୍ରାନ୍ସଲେସନ) : ବିଶ୍ଳେଷଣ ଓ ପରିସଂଖ୍ୟାନ ମାଧ୍ୟମରେ ଅନୁବାଦ।

୩) ଇ.ବି.ଏମ୍.ଟି - (ଏକ୍ସଜାମ୍ପଲ୍ ବେସ୍ ମେସିନ ଟ୍ରାନ୍ସଲେସନ) : ପୂର୍ବରୁ ଅନୁବାଦ କରାଯାଇଥିବା ଉଦାହରଣ ମାଧ୍ୟମରେ ଅନୁବାଦ।

ଏହି ପ୍ରକ୍ରିୟା ବିକାଶର ପରିସରଗୁଡ଼ିକ ହେଉଛି -

୧) ମୂଳ ଉତ୍ସରୁ ଅନ୍ୟ ଭାଷାକୁ ଅନୁବାଦ

୨) ଶବ୍ଦ ବିଜ୍ଞାନ ମାଧ୍ୟମରେ ବିଶ୍ଳେଷଣ

୩) ଶବ୍ଦର ପ୍ରକାର ଭେଦ ଅନୁସାରେ ଚିହ୍ନଟକରଣ

୪) ଶବ୍ଦର ବ୍ୟାଖ୍ୟାକରଣ

୫) ଶବ୍ଦର ଉତ୍ପତ୍ତିକରଣ

୬) ଶବ୍ଦର ଶୁଦ୍ଧୀକରଣ ଓ ବିଶ୍ଳେଷଣ




ଯାନ୍ତ୍ରିକ ଅନୁବାଦ (ମେସିନ ଟ୍ରାନ୍ସଲେସନ) ର ପ୍ରଣାଳୀରେ କେତୋଟି ଇଞ୍ଜିନ କାର୍ଯ୍ୟରତ ଥାଏ। ଯଥା-

୧) ଟି.ଏ.ଜି (ଟ୍ରି ଆଡଜର୍ଣ୍ଣିଂ ଗ୍ରାମାର)

୨) ଇ.ବି.ଏମ୍.ଟି (ଏକ୍ସଜାମ୍ପଲ ବେସ୍‌ଡ ମେସିନ ଟ୍ରାନ୍ସଲେସନ)

୩) ଏମ୍.ଏମ୍.ଟି (ଷ୍ଟାଟିଷ୍ଟିକାଲ୍ ମେସିନ ଟ୍ରାନ୍ସଲେସନ)

ବର୍ତ୍ତମାନ କେବଳ ୮ଟି ଭାଷାରେ 'ଟ୍ୟାଗ୍' (ଟି.ଏ.ଜି) ଦ୍ୱାରା କାର୍ଯ୍ୟ ଚାଲୁଅଛି ଏବଂ ଏହା ସହିତ ଇ.ବି.ଏମ୍.ଟି ଏସ୍.ଏମ୍.ଟି ର ଉନ୍ନତି କରାଯାଉଛି। ଏହି ପ୍ରକଳ୍ପର କାର୍ଯ୍ୟକୁ ୨ ଭାଗରେ ବିଭକ୍ତ କରାଯାଇପାରେ (୧) ବୈଷୟିକ ଗବେଷଣା ଓ ବିକାଶ (୨) ଭାଷାର ଗବେଷଣା ଓ ସମ୍ବଳ ବୃଦ୍ଧି। ପ୍ରଥମେ ମୂଳ ଭାଷା ବା ଇଂରାଜୀ ଭାଷାରୁ ବିଭିନ୍ନ ଶବ୍ଦ ସଂଗ୍ରହ କରାଯାଇ ଯେଉଁ ଭାରତୀୟ ଭାଷାରେ ଅନୁବାଦ କରାଯିବ, ସେହି ଭାଷାର ଅନୁବାଦିତ ଶବ୍ଦକୁ ମନୁଷ୍ୟକୃତ ଭାବେ ସଂଗ୍ରହ କରାଯାଏ। ତାହାପରେ ଦୁଇଟି ଭାଷାର ସଂଯୋଗରେ ଅଭିଧାନ ସୃଷ୍ଟି କରାଯାଏ। ଉଭୟ ଭାଷାର ବ୍ୟାକରଣ ଓ ଭାଷାତତ୍ତ୍ୱକୁ ତୁଳନା କରି ବିଭିନ୍ନ ସୂତ୍ର ନିରୂପଣ କରାଯାଏ।

**ବ୍ୟୁତ୍ପତ୍ତୀକରଣ**

ଏହି ପ୍ରକ୍ରିୟାରେ ଶବ୍ଦର ବ୍ୟୁତ୍ପତ୍ତୀକରଣର ବିଶ୍ଳେଷଣ, ପ୍ରକାରଭେଦ ଅନୁସାରେ ଶବ୍ଦ ସଂଯୋଜନା, ଶବ୍ଦ ଉତ୍ପତ୍ତୀକରଣ ଆଦି କରାଯାଇଥାଏ। ମୂଳ ଭାଷାରୁ ଅନ୍ୟ ଭାଷାକୁ କମ୍ପ୍ୟୁଟର ମାଧ୍ୟମରେ ଅନୂଦିତ କରାଯିବା ପରେ ଜଣାପଡ଼େ ଯେ ଏହା ପୂର୍ବରୁ ଅନୁବାଦ କରାଯାଇଛି, କିନ୍ତୁ ପ୍ରକୃତରେ ତାହା ନୁହେଁ; ଏହାର ସଫଳତା ପଛରେ ଅନେକ ଉଦ୍ୟମ ଲୁଚି ରହିଛି।

ଭବିଷ୍ୟତରେ ଭାରତରେ ଏହା ଉପରେ ବହୁ ଗବେଷଣା କରାଯିବାର ଆବଶ୍ୟକତା ଅଛି। ପାଶ୍ଚାତ୍ୟ ଦେଶମାନଙ୍କର ଏ ଦିଗରେ ଉପଲବ୍ଧ ଜ୍ଞାନକୌଶଳ ମଧ୍ୟ ବହୁ ସହାୟକ ହେବ। ବିଭିନ୍ନ ଭାଷାର ବିଭିନ୍ନ ଗଠନ ପ୍ରକ୍ରିୟା, ଶବ୍ଦ ବିଜ୍ଞାନ ପ୍ରଭୃତି ଦିଗରେ ଅଧିକ ଗବେଷଣା ଏହି ଯାନ୍ତ୍ରିକ ଅନୁବାଦ ବା ଏମ୍.ଟି କ୍ଷେତ୍ରରେ ଆହୁରି ସଫଳତା ଆଣିବ।

□□

ଲେଖକଙ୍କ ଇ-ମେଲ ଠିକଣା:
udayanath28@gmail.com



ମିନି ଗଳ୍ପ

# ଖଦଡ଼

ରବିନାରାୟଣ ଦାଶ

ସୁଧାକର ବାବୁ ନିରୀହ ଭାବରେ ପଚାରିଲେ- 'ଆଜ୍ଞା, ଆଜି ହେଇଯିବ ?'

ପଞ୍ଚାନନ ବାରିକ ପାଲଟା ପ୍ରଶ୍ନ କଲା- 'ଆଜ୍ଞା ଆଜି ହେଇଯିବ ବୋଲି ମୁଁ କ'ଣ କହିଥିଲି ?'

ସୁଧାକରବାବୁ ଥତମତ ହେଲେ- 'ନାଇଁ ଯେ, ଏତେ ଥର ଦୌଡ଼ିଲିଣି ତ !'

ପଞ୍ଚାନନ ବାରିକ ଏଥର ଚିଡ଼ିଗଲା। ଆପଣ ଆଜ୍ଞା ଏମିତି ବାରମ୍ବାର ଦୌଡ଼ିଲେ କ'ଣ ହେବ? ମୁଁ କ'ଣ ଆପଣଙ୍କୁ ବାରମ୍ବାର ଆସିବାକୁ କହୁଛି। ଫାଇଲପତ୍ର କାମ। କୋଉ ଟେବୁଲରେ ଅଟକିଯାଉଛି, ମୁଁ କ'ଣ କରିବି କହିଲେ ? ଆପଣ ଏମିତି ବାରମ୍ବାର ଆସନ୍ତୁନି।



ସୁଧାକର ବାବୁ କାନ୍ଦୁଣୁମାନ୍ଦୁଣୁ ହେଲେ, "କ'ଣ କରିବି ଆଜ୍ଞା। ତିନି ବର୍ଷ ହେଇଗଲା ରିଟାୟାର୍ଡମେଣ୍ଟକୁ। ସର୍ଭିସ୍ ବୁକରେ କ'ଣ ସମସ୍ୟା ରହିଲା ଯେ, ଏଯାଏ ପେନସନ୍ କାମ ହେଇପାରିଲା ନାହିଁ। ଟଙ୍କା କିଛି ମିଳିଥିଲେ ସାନ ଝିଅର ବାହାଘରଟା ସାରିଦେଇଥାନ୍ତି। ତେଣିକି ଯେତିକି ପେନସନ୍ ମିଳୁ ପଛେ, ବିନା ଦକରେ ଚଳିଯାଇଥା'ନ୍ତି।"

ପଞ୍ଚାନନ ନରମ ଗଳାରେ କହିଲା, "ସାରେ, ମୁଁ ସବୁକଥା ବୁଝୁଛି ଯେ। ହେଲେ ଫାଇଲ୍ ଗୋଟେ ଗୋଟେ ଟେବୁଲରେ ଅଟକିଯାଉଛି କ'ଣ କରିବା। ଗତଥର ଚିଠି ଯାଇଥିଲା ହେଲେ ଠିକଣା ଭୁଲ୍। ବୁଲିବୁଲି ଫେରିଆସିଲା ସେଥିରେ ଗଲା ମାସେ। ପୁଣି ଅନୁଗୁଳର ସର୍ଭିସ୍ ଟାଇମ୍‌ଟା ଠିକ୍ ଭାବେ ମେନ୍‌ସନ୍ ହେଇନି, ସେଟା ଗୋଟେ ଅଡୁଆ କରୁଛି। ଯାଆନ୍ତୁ ମାସେ ପନ୍ଦର ଦିନ ଛାଡ଼ି ଆସିବେ ଦେଖିବା କ'ଣ ହଉଛି।"

ସୁଧାକର ବାବୁ, ସେମିତି ଖୁଣ୍ଟ ଭଳିଆ ଠିଆ ହୋଇଥା'ନ୍ତି। କ'ଣ ବା କହିବେ। ସେ ଜାଣିପାରୁଥା'ନ୍ତି ପଞ୍ଚାନନ ବାରିକ ତାଙ୍କ ସହ ଖେଳୁଛି, ମୋଟାଅଙ୍କର ଟଙ୍କା ଚାହୁଁଛି। ହେଲେ ତାଙ୍କ ପାଖରେ ଟଙ୍କା କାହିଁ ଯେ ସେ ଦେବେ !

ପଞ୍ଚାନନ ମୁଣ୍ଡ ଟେକି ମୁହଁକୁ ଚାହିଁଲା, ଆପଣ ଆଉ କାଇଁ ଠିଆ ହେଇଛନ୍ତି, ଯାଆନ୍ତୁ।

ସୁଧାକର କହିଲେ- ଥରେ ଭୁବନେଶ୍ୱର ଆସିଲେ ଟଙ୍କା ତିନିଶହ ଖର୍ଚ୍ଚ। ଆଉ କେତେ ଦୌଡ଼ିବି ? ଦି' ମାସ ପରେ ଝିଅ ବାହାଘର। କ'ଣ କରିବି କହୁ ନାହାନ୍ତି।

ପଞ୍ଚାନନ ନିଜ ସିଟ୍ ଛାଡ଼ି ଉଠିଗଲା, "ମୁଁ ଚେଷ୍ଟା କରୁଛି ଆଜ୍ଞା, ହେଲେ ମୋ କଥା କିଏ ବା ଶୁଣିବ। ଆର ଥରକୁ ସବୁଆଡୁ ଭାବିଚିନ୍ତି ଆସନ୍ତୁ। ଆପଣଙ୍କ ଟଙ୍କା ଅତି ଦରକାର, ହେଲେ ଟେବୁଲ୍‌ର କିଛି ଦରକାର ଅଛି ନା ନାହିଁ ? ସେକଥା ମନରେ ରଖି ଆସନ୍ତୁ, ଦେଖିବା କ'ଣ ଗୋଟେ ଫାଇନାଲ୍ କରିବା।"

ସୁଧାକର ବାବୁ ମୁଣ୍ଡକୁ ତଳକୁ ପୋତି ଚାଲିଗଲେ।

ଟାକରା ଫୁଟାଇ ପଞ୍ଚାନନ ବାରିକ କହିଲା, "ଜାଣିଲେ ରାଉତବାବୁ, ଏ ଖଦଡ଼ ପିନ୍ଧାଗୁଡ଼ାକ ଭାରି ଚେମେଡ଼ା। ଦେଖୁନ ! ଦୁଇବର୍ଷ ଲାଗିଲା ଯା'କୁ ହଲେଇବାକୁ। ଏବେ ନରମ ପଡ଼ିଛି। ଘରକୁ ଗଲେ ଘରେ ପରିବାର ଲୋକେ ବହେ ଗାଳିଦେବେ। ଠନ୍ ଠନ୍ ଗୋପାଳ ଦେଇ କାମଟା କରିବାକୁ ପରାମର୍ଶ ଦେବେ। ଆର ଥରକୁ ଏ ମନସ୍ଥିର କରି ଆସିବ ନିଶ୍ଚେ, କାମ ଫଇସଲା ହେଇଯିବ। ବୁଢ଼ାକୁ ୫/୭ଲକ୍ଷ ମିଳିଯିବ, ଝିଅ ବାହାଘର କରିବ। ମୋ ଝିଅ ବାହାଘର ପାଇଁ ଅତିକମରେ ଡବଲ୍ ଡୋର୍ ଫ୍ରିଜ୍‌ଟେ ଯା'ଠାରୁ ଆଦାୟ କରିବି କି ନାହିଁ.. ?"

□□

ଲେଖକଙ୍କ ଇ-ମେଲ ଠିକଣା:
rabin003@gmail.com

ଅନୁଭୂତି

# ବିଚରା ଦନ୍ତା ବଞ୍ଚିଗଲା



**ସନ୍ତୋଷ କୁମାର ପଟ୍ଟନାୟକ**

ପୋଲିସ ବିଭାଗରେ ଦୀର୍ଘ ଅନେକ ବର୍ଷର ଚାକିରି ଜୀବନ ଭିତରେ ଏହି ଲେଖକକୁ ଅନେକ ସ୍ମରଣୀୟ ଘଟଣାର ସାମ୍ନା କରିବାକୁ ପଡ଼ିଛି । ଏଇଟି ସେଥିମଧ୍ୟରୁ ଗୋଟିଏ ।

ଥାନାଗୁଡିକରେ ଥିବା ବେତାର ଯନ୍ତ୍ରରେ ସାଧାରଣତଃ ଇଂରାଜୀରେ ଏବଂ ସ୍ଥଳ ବିଶେଷରେ ସଙ୍କେତରେ କଥାବାର୍ତ୍ତା ହୋଇଥାଏ । ସେଦିନ ଥାନାରେ ଥିବା ଭିଏଚ୍‌ଏଫ ସେଟ୍‌ରେ ଜିଲ୍ଲା ମୁଖ୍ୟ ବେତାର ଅପରେଟରର ବାରମ୍ବାର ଉଦ୍‌ଘୋଷଣ ଶୁଭୁଥିଲା ।

“ଅଲ୍ ଭି.ଏଚ୍.ଏଫ ଷ୍ଟେସନ ପ୍ଲିଜ୍ ବି ଆର୍ଲଟ, ଟାଇଗର କଲିଂ ।” ସମଗ୍ର ଜିଲ୍ଲାରେ ଥିବା ଥାନାଗୁଡ଼ିକର ବେତାର କେନ୍ଦ୍ରଗୁଡିକରେ ସତେ ଯେପରି ଚାରିଶହ ଚାଳିଶ ଭୋଲ୍ଟର କରେଣ୍ଟ ଲାଗିଗଲା । ଜିଲ୍ଲାର ପୁଲିସ ମୁଖ୍ୟଙ୍କୁ ବେତାରର ସାଙ୍କେତିକ ଭାଷାରେ “ଟାଇଗର” ବୋଲି କୁହାଯାଏ । ନିଜେ ଏସ୍.ପି. ମହୋଦୟ ବେତାରରେ ଡାକୁଛନ୍ତି ଶୁଣି ଅଳ୍ପ କେତୋଟି ମିନିଟ୍ ମଧ୍ୟରେ ଜିଲ୍ଲାର ସବୁ ସ୍ଥାନରେ ସତର୍କ ହୋଇ ତୁରନ୍ତ ଜବାବ ଦେଇଥିଲେ । ଅତି ଜରୁରୀ ନ ଥିଲେ ନିଜେ ଏସ୍.ପି. ମହୋଦୟ ବେତାର କେନ୍ଦ୍ରରେ ରହି ସବୁ ଥାନାକୁ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିବାକୁ ଚେଷ୍ଟା କରି ନ ଥାନ୍ତି । ଆଶଙ୍କା ଓ ଉଦ୍‌ବିଗ୍ନତାର ସହିତ ପରବର୍ତ୍ତୀ ନିର୍ଦ୍ଦେଶ କ'ଣ ଆସୁଛି ବୋଲି ସମସ୍ତ ଥାନା ରୁଦ୍ଧଶ୍ୱାସରେ ଅପେକ୍ଷାରତ ଥିଲେ । ଏହି ସମୟରେ ଟାଇଗରଙ୍କର ଗମ୍ଭୀର ସ୍ୱର ବେତାର ତରଙ୍ଗରେ ଭାସି ଆସିଲା ।



“ଏକ ଦନ୍ତା ଗଜରାଜଙ୍କର ନେତୃତ୍ୱରେ ଗୋଟିଏ ହାତୀପଲ ମଧ୍ୟପ୍ରଦେଶରୁ ଆନ୍ତଃପ୍ରାଦେଶିକ ସୀମାଟପି ଓଡ଼ିଶା ଭିତରକୁ ପଶି ଆସିଛନ୍ତି । ପଡୋଶୀ ରାଜ୍ୟରେ ବ୍ୟାପକ ଫସଲ ନଷ୍ଟ ତଥା ଏକାଧିକ ଲୋକ ମୃତାହତ ହେବାର ଖବର ଆସୁଛି । ଏଣୁ ଆମ ରାଜ୍ୟର ସମସ୍ତ ସୀମାନ୍ତବର୍ତ୍ତୀ ଗ୍ରାମଗୁଡିକରେ ରେଡ୍ ଆଲର୍ଟ ଜାରି କରନ୍ତୁ । କୌଣସି ପରିସ୍ଥିତିରେ ଜୀବନହାନି ଯେପରି ନ ହୁଏ ସେଥିପ୍ରତି ସତର୍କ ରହିବାକୁ ଗାଁ ଲୋକମାନଙ୍କୁ ଜଣାଇଦେବ ।”

ଅଳ୍ପ କେତୋଟି ମୁହୂର୍ତ୍ତର ନୀରବତା ପରେ ‘ଟାଇଗର’ଙ୍କ ସ୍ୱର ବେତାର ତରଙ୍ଗରେ ପୁଣି ଭାସି ଆସିଲା । “ଗଜରାଜ ତଥା ତାଙ୍କ ସାଙ୍ଗରେ ଥିବା ଅନ୍ୟ ହାତୀମାନଙ୍କ ସମ୍ବନ୍ଧରେ ଯାହା ଖବର ମିଳିବ ତୁରନ୍ତ ମୁଖ୍ୟାଳୟକୁ ଜଣାଇବା ପାଇଁ ଅନୁରୋଧ । ବର୍ତ୍ତମାନ ଯେତିକି ସୂଚନା ଦିଆଗଲା, ତା’ ଉପରେ ଯଥା ସମ୍ଭବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣାଇ ଦିଆଗଲା ।”

ବର୍ତ୍ତମାନ ଥାନା ବାବୁଙ୍କ ଦୃଷ୍ଟି କାନ୍ଥରେ ଝୁଲୁଥିବା ଥାନାର ମାନଚିତ୍ର ଉପରେ ନିବଦ୍ଧ ଥିଲା । ତାଙ୍କ ଥାନା ଓ ମଧ୍ୟପ୍ରଦେଶର ସୀମା ପ୍ରାୟ ପନ୍ଦର କିଲୋମିଟର ଦୀର୍ଘଥିଲା । ସେଥିରୁ ଅଧାରାସ୍ତା ପଥୁରିଆ ଓ ଆବଡାଖାବଡା, କୌଣସି ମତେ ଜିପ କିମ୍ବା ମୋଟରସାଇକେଲରେ ଯାଇ ହେବ । ବାକି ରାସ୍ତା ଅଗମ୍ୟ । ଛୋଟବଡ ପାହାଡ ଓ ଘନ ଅରଣ୍ୟର ବୃକ୍ଷରାଜିରେ ପରିପୂର୍ଣ୍ଣ ।

ସେହି ଅଞ୍ଚଳର ଯେତିକି ଗାଁ ପ୍ରାୟ ସବୁଗୁଡ଼ିକ ଆଦିବାସୀ ଅଧ୍ୟୁଷିତ । ପାହାଡ ଓ ଜଙ୍ଗଲ ମାଟିରେ ଚାଷୋପଯୋଗୀ ସମତଳ ଜମିର ପରିମାଣ ସ୍ୱଳ୍ପ । କିନ୍ତୁ ସେଇ ସୀମିତ ସ୍ଥାନରେ

ଧାନ, ଆଖୁ ଓ ମକା ପ୍ରଚୁର ପରିମାଣରେ ଫଳେ। ଚାଷ ସାଙ୍ଗକୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ ଗ୍ରାମର ଲୋକମାନେ ସୁରୁଖୁରୁରେ ଚଳି ଯାଆନ୍ତି।

କିଛି ଲୋକ ସେଠାରେ ଦେଶୀମଦ ତିଆରି କରିବାରେ ଅଭ୍ୟସ୍ତ। ବଡ ବଡ ମାଠିଆରେ ମହୁଲକୁ ପୂରାଇ ସେଥିରେ କିଛି ରାସାୟନିକ ପଦାର୍ଥ ମିଶାଇ ମାଟି ତଳେ ପୋତିଦିଅନ୍ତି। ତାକୁ ମହୁଲ ପୋଚ ବୋଲି ସ୍ଥାନୀୟ ଭାଷାରେ କୁହାଯାଏ। କେତୋଟି ମାସ ପରେ ସେଥିରୁ ଉତ୍କୃଷ୍ଟ ମହୁଲ ମଦ ପ୍ରସ୍ତୁତ ହୁଏ। ଜଙ୍ଗଲରେ ଖାଦ୍ୟର ଅଭାବ ହେଲେ ହାତୀପଲ ଗ୍ରାମମାନଙ୍କରେ ପଶନ୍ତି ଓ ଗାଁରେ ଲାଗିଥିବା ଫସଲ ଓ ଗ୍ରାମବାସୀମାନେ ରଖିଥିବା ଧାନ, ଚାଉଳ ଖାଇଦିଅନ୍ତି କିନ୍ତୁ ଚିନ୍ତାର ବିଷୟ ହେଉଛି; ହାତୀମାନେ ଅତି ସହଜରେ ମାଟି ତଳେ ଥିବା ମାଠିଆର ମହୁଲ ପୋଚ ଅତି ସହଜରେ ଶୁଙ୍ଘି ଜାଣିପାରନ୍ତି। ତାକୁ ମାଟିତଳୁ ବାହାର କରି ପିଇ ଦିଅନ୍ତି। ମହୁଲ ପୋଚ ପିଇ ଦନ୍ତାହାତୀଗୁଡିକ ମାତାଲ ହୋଇ ଉଠନ୍ତି। ଖାଲି ଫସଲ ଖାଇଲାବେଳେ ଗ୍ରାମବାସୀମାନେ ବାଜାବଜାଇ ବାଣ ଫୁଟାଇଲେ ସେମାନେ ଚାଲି ଯାଆନ୍ତି, କିନ୍ତୁ ମହୁଲ ପୋଚ ପିଇବା ପରେ ଆଉ କାହାକୁ ଡରନ୍ତି ନାହିଁ। ଘରଦ୍ୱାର ଭାଙ୍ଗି ଫସଲ ନଷ୍ଟ କରନ୍ତି। କେହି ବାଧା ଦେବାକୁ ଆସିଲେ ତାକୁ ଶୁଣ୍ଢରେ ଉଠାଇ କଚାଡି ମାରି ଦିଅନ୍ତି। କେତେ ବର୍ଷ ତଳେ ପଡୋଶୀ ରାଜ୍ୟରେ ଗୋଟିଏ ମସ୍ତବଡ ଦନ୍ତା ଗୋଟିଏ ପରେ ଗୋଟିଏ ଗ୍ରାମରେ ଧନଜୀବନ ନଷ୍ଟ କରି ନରହତ୍ୟାରେ ଜଡିତ ହୋଇଗଲା। ସରକାରୀ ଓ ବେସରକାରୀ ସ୍ତରରେ ତାକୁ ଘଉଡାଇବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ନିଷ୍ଫଳ ହେଲା। ଘଟଣାକ୍ରମରେ ଆଉ କେତେଜଣ ନିରୀହ ଲୋକ ମଧ୍ୟ ତା'ର ଆକ୍ରମଣରେ ପ୍ରାଣ ହରାଇଥିଲେ। ଅଗତ୍ୟା ସରକାରଙ୍କ ତରଫରୁ ତାକୁ "ରୋଗ୍ ଏଲିଫ୍ୟାଣ୍ଟ" ବୋଲି ଘୋଷଣା କରାଗଲା ଏବଂ ଶକ୍ତିଶାଳୀ ରାଇଫଲ ବ୍ୟବହାର କରି ତାକୁ ମାରିଦିଆଗଲା। ଏହା ଘଟିବାର ବେଶ କିଛିବର୍ଷ ବିତିଯାଇଥିଲେ ବି ଉଭୟ ଓଡ଼ିଶା ଓ ମଧ୍ୟପ୍ରଦେଶ ସୀମାନ୍ତବର୍ତ୍ତୀ ଗ୍ରାମବାସୀମାନେ ଏହି ଭୀତିପ୍ରଦ ଘଟଣାକୁ ମନେ ରଖିଛନ୍ତି।

**ବର୍ତ୍ତମାନ ଯେଉଁ ହାତୀମାନଙ୍କର ଉପଦ୍ରବ ଶୁଣାଯାଉଛି ତାହା କେବଳ ସେମାନଙ୍କ ଖାଦ୍ୟ ଅଭାବରୁ। ଅନେକଗୁଡିଏ କାରଣରୁ ବର୍ତ୍ତମାନ ଜଙ୍ଗଲ ଧ୍ୱଂସ ଆଡକୁ ମୁହାଁଇଲାଣି।**

ଥାନାବାବୁ ବେଶ ଚିନ୍ତିତ ହୋଇ ଏଭଳି ଘଟଣାର କିପରି ସମ୍ମୁଖୀନ ହେବେ, ସେଥିପାଇଁ ସ୍ଥାନୀୟ ରେଞ୍ଜରବାବୁଙ୍କୁ ଡକାଇ ପଠାଇଥିଲେ। ଯା ଭିତରେ ଥାନାର ଦୁଇଜଣ ସିପାହି ଓ ଜମାଦାର କଳୋବାବୁଙ୍କୁ ସୀମାନ୍ତବର୍ତ୍ତୀ ଗ୍ରାମମାନଙ୍କୁ ଯିବା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଲ। ଅପରାହ୍ନ ସମୟରେ ଜମାଦାର କଲୋବାବୁ ସଦଳବଳ ସୀମାନ୍ତବର୍ତ୍ତୀ ଗ୍ରାମକୁ ଯିବାକୁ ବାହାରିବା ସମୟରେ ସ୍ଥାନୀୟ ରେଞ୍ଜରବାବୁ ଆସି ପହଞ୍ଚିଲେ। ଥାନାବାବୁ ଆଶ୍ୱସ୍ତ ହୋଇ ସେହି ସୀମାନ୍ତବର୍ତ୍ତୀ ଗ୍ରାମଗୁଡିକରେ ପହଞ୍ଚି କେଉଁ ପ୍ରକାର ସତର୍କତାମୂଳକ କାର୍ଯ୍ୟ କରିବେ ସେ ବିଷୟରେ କିଛି କହିବା ପାଇଁ ଅନୁରୋଧ କଲେ।

ରେଞ୍ଜରବାବୁ ଚେୟାରରେ ସଜାଡି ହୋଇ ବସି କହଲେ, "ଆପଣମାନେ ଜାଣି ରଖିବା ଉଚିତ ଯେ, ହାତୀ ସାଧାରଣତଃ ଗୋଟିଏ ଶାନ୍ତିପ୍ରିୟ ଜୀବ। ବର୍ତ୍ତମାନ ଯେଉଁ ହାତୀମାନଙ୍କର ଉପଦ୍ରବ ଶୁଣାଯାଉଛି ତାହା କେବଳ ସେମାନଙ୍କ ଖାଦ୍ୟ ଅଭାବରୁ। ଅନେକଗୁଡିଏ କାରଣରୁ ବର୍ତ୍ତମାନ ଜଙ୍ଗଲ ଧ୍ୱଂସ ଆଡକୁ ମୁହାଁଇଲାଣି। ହାତୀମାନଙ୍କର ମୁଖ୍ୟ ଖାଦ୍ୟ ବାଉଁଶ ଗଛଗୁଡିକ ନିଶ୍ଚିହ୍ନ ହୋଇଗଲାଣି। ତେଣୁ ସେମାନେ ଜଙ୍ଗଲ ଛାଡି ଗ୍ରାମଆଡକୁ ଖାଦ୍ୟ ସନ୍ଧାନରେ ପହଞ୍ଚି ଯାଉଛନ୍ତି। ଗାଁରେ ପୋତାଯାଇଥିବା ମହୁଲ ପୋଚ ଖାଇ ସେମାନ ନିଶାରେ ହିଂସ୍ର ହୋଇ ଉଠନ୍ତି। ଅଧିକତର କ୍ଷୟକ୍ଷତି ଘଟାନ୍ତି ତଥା ଲୋକମାନଙ୍କୁ ଦଳିଚକଟି ମାରିଦିଅନ୍ତି। ଆଉ ଗୋଟିଏ କଥା ମନେ ରଖନ୍ତୁ, ହାତୀ ଦରକାର ପଡିଲେ ଘଣ୍ଟାକୁ ଚାଳିଶ କିଲୋମିଟର ବେଗରେ ପାହାଡିଆ ଓ ପଥୁରିଆ ରାସ୍ତାରେ ଦୌଡିପାରେ। ଘନ ଅନ୍ଧାର ମଧ୍ୟରେ ସେ ବେଶ ସହଜରେ ଦେଖିପାରେ ଓ ଏହାର ଘ୍ରାଣଶକ୍ତି ଅତି ତୀବ୍ର।"

"ହାତୀପଲକୁ ଘଉଡାଇବା ଦରକାର, ହେଲେ ଏସବୁ ସତର୍କବାଣୀ ମନେ ରଖିବେ। ଯଦି ବାଣ ଫୁଟାଇବା କିମ୍ବା ହୋହଲ୍ଲା କରିବା ଦ୍ୱାରା ସେମାନେ ନ ଗଲେ ତାହେଲେ ସେମାନଙ୍କଠାରୁ ଦୂରରେ ରହିବାକୁ ପରାମର୍ଶ ଦେବେ। ବନ ବିଭାଗ ଯାହାର ଯାହା ଫସଲ ନଷ୍ଟ ହୋଇଥିବ, ତାକୁ କ୍ଷତିପୂରଣ ଦେବେ। କିନ୍ତୁ ତାକୁ ମୁକାବିଲା କଲେ ଅଯଥା

ଜୀବନ ବିପଦଗ୍ରସ୍ତ ହେବ।"

ଏହା ପରେ ଜମାଦାର କଲୋବାବୁ ଓ ରେଞ୍ଜରବାବୁଙ୍କ ପ୍ରସ୍ଥାନ ପରେ ଥାନାବାବୁ ମନେ ମନେ ସ୍ଥିର କଲେ ଯେ ଆସନ୍ତା କାଲି ଅତି ସକାଳୁ ସେଇ ଗ୍ରାମଗୁଡ଼ିକୁ ଯାଇ ଘଟଣା ବୁଝି ଆସିବେ।

ତା'ପରଦିନ ସକାଳୁ ସାଙ୍ଗରେ ଜଣେ ଷ୍ଟାଫଙ୍କୁ ଧରି ଥାନାବାବୁ ସୀମାନ୍ତ ଗ୍ରାମଗୁଡିକ ଗସ୍ତରେ ବାହାରିଗଲେ। ଥାନାରୁ ସେଇ ସୀମାନ୍ତବର୍ତ୍ତୀ ଗ୍ରାମଗୁଡିକର ଦୂରତ୍ୱ ପ୍ରାୟ ପଚିଶ କିଲୋମିଟର ହେବ। ଜାମାଦାରବାବୁ ଗ୍ରାମବାସୀଙ୍କୁ ବସାଇ ରେଞ୍ଜରବାବୁ କହିଥିବା ସତର୍କତାମୂଳକ ପଦକ୍ଷେପ ସମ୍ବନ୍ଧରେ କହିଥିବେ କି ନାହିଁ, ଗାଁ ଲୋକମାନେ ଏଇ ଉପଦେଶକୁ କେତେ ଗୁରୁତ୍ୱ ଦେଉଛନ୍ତି, ଏହିପରି ଚିନ୍ତା କରି ମୋଟର ସାଇକେଲର ଗତିକୁ ସାମାନ୍ୟ ବଢ଼ାଇ ଦେଇଥିଲେ। ହଠାତ୍ ତାକୁ ଜଣାଗଲା ସାମ୍ନା ଆଡୁ ଗୋଟିଏ ମୋଟରସାଇକେଲ ଅତି ଦ୍ରୁତ ବେଗରେ ଆସୁଛି। କିଏ ଏତେ ଦ୍ରୁତଗତିରେ ଆସୁଛି ଜାଣିବା ପାଇଁ ରାସ୍ତା ଧାରରେ ଠିଆ ହୋଇଗଲେ। ଦେଖିଲେ ଜମାଦାର କଲୋବାବୁ ଗାଡି ଚଲାଉଛନ୍ତି। ସେ ଗାଡି ଅଟକାଇ ଧୀରେ ଧୀରେ ତାଙ୍କ ପାଖକୁ ଆସିଲେ। ତାଙ୍କ ମୁହଁରେ ଉଦ୍‌ବିଗ୍ନତାର ଛାପ ସୁସ୍ପଷ୍ଟ। ଅଣନିଃଶ୍ୱାସୀ ହେଲା ପରି ଜମାଦାରବାବୁ ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ ଏବଂ ଥାନାବାବୁ ଉତ୍ସୁକତାର ସହିତ ଶୁଣୁଥିଲେ।



"ସାର୍ ଆପଣଙ୍କ ନିର୍ଦ୍ଦେଶ ଅନୁସାରେ ଆମେ ସୀମାନ୍ତବର୍ତ୍ତୀ ଗ୍ରାମରେ ପହଞ୍ଚି ଗାଁ ବାଲାଙ୍କୁ ଜୁଟାଇ ହାତୀ ବିଷୟରେ ମିଟିଂ କରିଥିଲୁ। ବାକି ଗାଁଗୁଡିକୁ କାଲି ସକାଳେ ଯିବୁ ବୋଲି ଭାବି ସେଇ ଗାଁର ଗୌନ୍ତିଆର ପିଣ୍ଡାରେ ଖଟିଆ ପକାଇ ବିଶ୍ରାମ କରୁଥିଲୁ। ଏତିକିବେଳେ ଖୁବ୍ ଦୂରରୁ ଗୋଟିଏ ବିଳାପଭରା କ୍ରନ୍ଦନ ଶୁଣି ଆମେ ଉଠି ଠିଆ ହୋଇଗଲୁ। ଗୋଟିଏ ସ୍ତ୍ରୀଲୋକ ବାହୁନି ବାହୁନି କାନ୍ଦୁଥିବା ପରି ଆମକୁ ଜଣାପଡୁଥିଲା। ଘଟଣା କ'ଣ କେମିତି ସେଠିକି ଯିବୁ ଚିନ୍ତା କଲାବେଳେ ସେଇ ଗାଁର ଚଉକିଆ ଓ ଆଉ ଜଣେ ଲୋକ ଧଇଁସଇଁ ହୋଇ ଆମେ ରହୁଥିବା ଗଉଁତିଆ ଘର ସାମ୍ନାରେ ପହଞ୍ଚିଲେ। ଅନ୍ଧାରରେ ଯିବା ଆସିବା ଅଭ୍ୟାସ ଥିଲେ ମଧ୍ୟ ଦୁର୍ଗମ ଜଙ୍ଗଲିଆ ରାସ୍ତାରେ ବାଟ ଅବାଟ ନ ମାନି ପଡି ଉଠି ଆସିବା ଦ୍ୱାରା ତାଙ୍କର ଗୋଡହାତ ଖଣ୍ଡିଆ ଖାବରା ହୋଇଯାଇଥିଲା। ସେମାନଙ୍କୁ ଶାନ୍ତ କରାଇ ଘଟଣା ସମ୍ପର୍କରେ ବୁଝିବାକୁ ଚେଷ୍ଟା କରିଥିଲି। ଚୌକିଦାରର ନିଃଶ୍ୱାସ ପ୍ରଶ୍ୱାସ ସ୍ୱାଭାବିକ ହେଲା ପରେ ସେ କହିଥିଲା, ଆଜ୍ଞା ଏଇ ଘଣ୍ଟେ ଆଗରୁ ଆମର ଗାଁକୁ ହାତୀପଲ ଆସିଥିଲେ, ରତନର ଧାନଗଦାକୁ ଖାଇଲା ବେଳେ ସେ ବାହାରକୁ ଆସି ତାଙ୍କୁ କାଣ୍ଡ ବିନ୍ଧିଥିଲା, ଗୋଟେ ହାତୀ ତାକୁ ଉଠାଇ ଫୋପାଡି ଦେଲା ଏବଂ ତାର ସ୍ତ୍ରୀକୁ ମାରିବା ପାଇଁ ଧରିଥିଲା। କିନ୍ତୁ ତା'ର ନାତିନାତୁଣୀ ଜୁହାର ବିନତି କରି ହାତୀର ଗୋଡତଳେ ପଡିବାକୁ ତାକୁ ଛାଡିଦେଲା।"

ଥାନାବାବୁଙ୍କୁ ଘଟଣାର ଉପସଂହାର ଅତି ଅଦ୍ଭୂତ ଓ ଅବିଶ୍ୱସନୀୟ ଲାଗୁଥିଲା। ସେ ଗମ୍ଭୀର ସ୍ୱରରେ ଜମାଦାର ବାବୁଙ୍କୁ କହିଲେ "ଆପଣ ମତେ ଯାହା କହିଲେ ବୁଝି ବିଚାରି କହୁଛନ୍ତି ତ? ଆମର ଏହି ରିପୋର୍ଟ ଜିଲ୍ଲା ମୁଖ୍ୟାଳୟକୁ ଯିବ।"

"ମୁଁ ନିଜେ ସେ ଗାଁକୁ ଯାଇ ରତନର ସ୍ତ୍ରୀ ତଥା ତା'ର ନାତି ନାତୁଣୀଙ୍କୁ ପଚାରିଛି ଆଜ୍ଞା। ଆଉ ଜଣେ ପୁରୁଣା ଓ୍ୱାର୍ଡମେମ୍ବରଙ୍କୁ ଉକ୍ଷୁସ ସାକ୍ଷୀ ହିସାବରେ ପଚାରିଛି। ଯାହା ସେମାନେ କହିଲେ ସବୁ ଲେଖିଛି ସାର," କହି ଥାନାବାବୁଙ୍କୁ ରତନର ସ୍ତ୍ରୀର ନିଜ ଲିଖିତ ବୟାନ ବଢ଼ାଇ ଦେଇଥିଲେ।

ଥାନାବାବୁ ଏକ ଧ୍ୟାନରେ ସେ ରିପୋର୍ଟ ପଢୁଥିଲେ। ଗୋଟିଏ ତଦନ୍ତକାରୀ ଅଫିସର ସାକ୍ଷୀମାନଙ୍କର ବକ୍ତବ୍ୟ ନେବା ସମୟରେ ଯେଉଁଭଳି ଲେଖନ୍ତି, ଏହି ରିପୋର୍ଟଟି ଜମାଦାର କାଲୋବାବୁ ସେହିପରି ଲେଖିଥିଲେ। ନିମ୍ନରେ ଅବିକଳ ନକଲ ଉଲ୍ଲେଖ କରାଗଲା।

"ମୋର ନାମ ବୁଧୁନି ଖାଲକୋ, ବୟସ ୬୨ ବର୍ଷ, ସ୍ୱାମୀ ରତନ, ବୟସ ୬୫ ବର୍ଷ, ଗ୍ରାମ ନୂଆଗାଁ ଜଙ୍ଗଲ। ଆଜି ଗୋଟାଏ ସମୟରେ ଥାନା ଜମାଦାର କାଲୋବାବୁଙ୍କୁ ଏହି ବୟାନ ଦେଉଅଛି କି ଆଜି ପ୍ରାୟ ରାତି ୯ଟା ସମୟରେ ମୋର ସ୍ୱାମୀ ରତନ, ନାତି ବିରଷା, ବୟସ ସାତବର୍ଷ, ନାତୁଣୀ ଗୁରୁବାରୀ ବୟସ ୫ ବର୍ଷ ଘରେ ଖାଇପିଇ ଶୋଇଥିଲୁ। ମୋର

ଏକମାତ୍ର ପୁଅ ଓ ବୋହୂ ରୋଗବେମାରିରେ ପଡି ଦୁଇବର୍ଷ ତଳେ ପରଲୋକ ଗମନ କରିଛନ୍ତି। ଆଉ କେହି ନ ଥିବାରୁ ଆମେ ବୁଢ଼ାବୁଢ଼ୀ ଦୁଇଜଣ ଅଜା ଓ ଆଈ ଭାବରେ ନାତି ଓ ନାତୁଣୀଙ୍କର ଦେଖାରଖା କରୁଅଛୁ। ରାତ୍ର ପ୍ରାୟ ଦଶଟା ସମୟରେ ଆମର ଘର ବାହାରେ ମଟମାଟ ଓ ଭୁସଭାସ ଶବ୍ଦ ଶୁଣି ଆମେ ସମସ୍ତେ ଉଠିପଡିଲୁ। ମୋର ସ୍ୱାମୀ ରତନ କହିଲା, ହାତୀ ପଶି ଆସଛି, ସବୁ ଧାନ ଖାଇଦେବ। ଏତିକି କହି ହାତରେ ଧନୁଶର ଧରି ବାହାରକୁ ବାହାରିଲା। ମୁଁ ଯେତେ ମନା କଲେ ମଧ୍ୟ ଶୁଣିଲା ନାହିଁ। ସେ ଯେତେବେଳେ ବାହାରକୁ ଗଲା ତା ପଛେ ପଛେ ମୁଁ ଓ ମୋର ଦୁଇ ନାତି ଓ ନାତୁଣୀ ମଧ୍ୟ ପଛେ ପଛେ ଘର ବାହାରକୁ ଆସିଲେ। ଘରୁ ବାହାରୁ ବାହାରୁ ଆମ ପିଣ୍ଡା ଠାରୁ ଦଶ ପନ୍ଦର ହାତ ଦୂରରେ ଆମକୁ ମୁହଁ କରି ଗୋଟିଏ ମସ୍ତବଡ଼ ଦନ୍ତାହାତୀ ଠିଆ ହୋଇଥିବାର ଦେଖିଲୁ। ଆକାଶ ସଫା ଥିଲା, ତା'ର ଆଲୁଅରେ ହାତୀର ପାହାଡ ପରି ଶରୀର ଓ ଧଳାଦାନ୍ତକୁ ଆମେ ସ୍ପଷ୍ଟ ଦେଖିପାରୁଥିଲୁ। ସିଏ ଆମ ଆଗରେ ବାମରୁ ଡାହାଣକୁ ଓ ପୁଣି ଡାହାଣରୁ ବାମକୁ ଧୀରେ ଧୀରେ ଝୁଲୁଥାଏ। ତା'ର ଶୁଣ୍ଢରୁ ଓ ଦେହରୁ ଉତ୍କଟ ମହୁଲ ପୋଚର ଗନ୍ଧ ଆସୁଥାଏ। ମୋର ବୁଢ଼ା ରାଗି କରି କହିଲା "ଶଳା ମୋର ସବୁ ପୋଚ ଓ ଧାନକୁ ବରବାଦ କରିଦେଲୁ।" ଏତିକି କହି ଧନୁରେ ଶର ଯୋଖି ଛାଡିଦେଲା। ସେ ଶରଟା କେଉଁଠି ବାଜିଲା, ମୁଁ କହିପାରିବି ନାହିଁ କିନ୍ତୁ ହାତୀଟା ଗୋଟେ କଳାବାଦଲ ପରି ମାଡି ଆସି ବୁଢ଼ାକୁ ଶୁଣ୍ଢରେ ଧରି ଫିଙ୍ଗିଦେଲା। ସେ ପ୍ରାୟ ତିରିଶ ହାତ ଦୂରରେ ଥିବା ଆମର ଧାନଗଦା ଉପରେ ଝାପାସ ଶବ୍ଦ କରି ପଡିଗଲା। ବୁଢ଼ା ମରିଗଲା ବୋଲି ଭାବି ମୁଁ ବଡ ପାଟିରେ, ମାରିଦେଲା ମାରିଦେଲା ବୋଲି କାନ୍ଦି କାନ୍ଦି ପାଟି କରିବାରୁ ମତେ ଧରି ମୋର ଚାରିପଟେ ତାର ଶୁଣ୍ଢକୁ ଗୁଡାଇ ଦେଲା। ମତେ ଏପରି ଧରିବାରୁ ମୁଁ ଜାଣିଲି ଯେ ମୋର ଶେଷ ଅବସ୍ଥା ଆସିଗଲା। ସେଇ ଅବସ୍ଥାରେ ଦୁଇ ହାତ ଯୋଡି ଦନ୍ତାକୁ ଜୁହାର ହୋଇ କହିଲି ମତେ ଛାଡିଦିଅ ଗଣେଶ ପ୍ରଭୁ। ବୁଢ଼ାକୁ ତ ମାରିଦେଲ। ଆଗରୁ ଏଇ ଅଜ୍ଞାନ ବାଳୁତ ଦୁଇଜଣଙ୍କ ବାପ ମା' ମରିଯାଇଛନ୍ତି। ମତେ ମାରିଦେଲେ ଏମାନେ ଅନାଥ ହୋଇ ଭିକମାଗିବେ ପ୍ରଭୁ। ଦୟାକରି ମତେ ଛାଡିଦିଅ। ମୋର ଏଇ ଦୁରବସ୍ଥା ଦେଖି ମୋ ନାତି ଓ ନାତୁଣୀ ବିରଷା ଓ ଗୁରୁବାରୀ ସେ ହାତୀର ଅତିପାଖକୁ ଆସି ବଡପାଟିରେ କାନ୍ଦି କାନ୍ଦି ଦୁଇ ହାତକୁ ଯୋଡି ମୁଣ୍ଡିଆ ମାରୁଥାନ୍ତି ଓ କହୁଥାନ୍ତି 'ହେ ଗଣେଶ ମହାପୁରୁ ଆମ ଆଈକୁ ଛାଡିଦିଅ ଠାକୁରେ ତମ ଗୋଡ ତଳେ ପଡୁଛି,' କହି ହାତୀର ଆଗ ଗୋଡକୁ ଧରି ବାରମ୍ବାର ମୁଣ୍ଡିଆ ମାରୁଥାନ୍ତି। ଦନ୍ତା ଚାହିଁଥିଲେ ଆଗ ଗୋଡକୁ ଉଠାଇ ଅତି ସହଜରେ ସେ ଦୁଇଜଣଙ୍କୁ ମାରିପାରିଥାନ୍ତା, ସାହେବ। ବୋଧହୁଏ ମୋର ଅଜ୍ଞାନ ବାଳୁତ ଓ ଦୁଇଜଣଙ୍କ ପ୍ରାର୍ଥନାରେ ତା'ର ଦୟାଭାବ ଆସିଥିଲା। କିଛିକ୍ଷଣ ପରେ ମୁଁ ଜାଣିପାରିଲି ମୋର ଦେହ ଚାରିପଟରେ ଗୋଟିଏ ପ୍ରକାଣ୍ଡ ଅଜଗର ପରି ଗୁଡାଇ ହୋଇଥିବା ତାର ଶୁଣ୍ଢ ଢିଲା ପଡିଗଲା। ମତେ ଛାଡି ସେ ଧୀରେ ଧୀରେ ପଛକୁ ହଟିଗଲା ଓ ଜଙ୍ଗଲର ଅନ୍ଧାର ମଧ୍ୟରେ କେଉଁଆଡେ ଅଦୃଶ୍ୟ ହୋଇଗଲା। ହାତୀ ଚାଲିଯିବା ପରେ ଡକା ହକା କରି ଆମ ଘରେ ଓ୍ୱାର୍ଡମେମ୍ବର, ଚୌକିଦାର ଓ ଅନ୍ୟ ଲୋକମାନେ ପହଞ୍ଚିଥିଲେ। ଲୋକମାନେ ଲଣ୍ଠନ ଆଲୁଅରେ ଖୋଜାଖୋଜି କରି ରତନ ବୁଢ଼ାକୁ ଧାନଗଦା ଉପରେ ପଡିଥିବାର ଦେଖିଲେ। ସେ ଚେତାଶୂନ୍ୟ ଥିଲା। ଠାକୁରଙ୍କ ଦୟାରୁ ତା'ର କିଛି କ୍ଷତି ହୋଇନାହିଁ ସାହେବ। ତାକୁ ପାଣି ପିଆଇ ସାନ୍ତ୍ୱନା କଲା ପରେ ଥାନା ଜମାଦାର କାଲୋବାବୁ ପହଞ୍ଚିଥିଲେ ଓ ମୋର ଏହି ବୟାନକୁ ଲିପିବଦ୍ଧ କରିଛନ୍ତି।"



"(ବୁଦୁନି ଖାଲକୋଙ୍କର କହିବା ମୁତାବକ ମୋ ଦ୍ୱାରା ଲିଖିତ) କୁଶଧର କାଲୋ, ଏ.ଏସ୍.ଆଇ, ପୁଲିସ, ଥାନା: ପ୍ରତାପପୁର କ୍ୟାମ୍ପ, ନୂଆଗାଁ ଜଙ୍ଗଲ।"

ଲିଖିତ ବୟାନକୁ ପଢ଼ିସାରି ଥାନାବାବୁ କହିଲେ "ଠିକ ଲେଖିଛ ତ? ଏହି ରିପୋର୍ଟ ଜିଲ୍ଲା ମୁଖ୍ୟାଳୟ, ଦରକାର ପଡିଲେ ଭୁବନେଶ୍ୱର ପର୍ଯ୍ୟନ୍ତ ଯିବ।"

"ବୁଧୁନି ବୁଢ଼ୀ ଯାହା କହିଲା ଲେଖିଛି ସାର୍। ସେ ଛୁଆ ଦୁଇଟା ଓ ୱାର୍ଡମେମ୍ବର ଯିଏ ଏ ଘଟଣାର ଆଖିଦେଖା ସାକ୍ଷୀ ସମସ୍ତେ ବୁଢ଼ୀର କଥା ସତ କହୁଛନ୍ତି।" ସେଠାରୁ ଫେରି ଥାନାବାବୁ ଓ ଜମାଦାର ବାବୁ ଥାନା ଭିତରକୁ ପଶିଛନ୍ତି କି ନାହିଁ ୱାରଲେସ୍ ଅପରେଟର ଦୌଡିଆସି କହିଲା, ସାର ଭିଏଚ୍‌ଏଫରେ ଡି.ଏସ୍.ପି. ଲାଇନରେ ଅଛନ୍ତି ଆପଣଙ୍କୁ ଓ କାଲୋବାବୁଙ୍କୁ ତୁରନ୍ତ କଥା ହେବାକୁ ଡାକୁଛନ୍ତି।

ବୁଢ଼ା ପାଳଗଦାରେ ପଡିବାରୁ ତା'ର କିଛି କ୍ଷତି ହୋଇନି ସାର୍। ବୁଢ଼ୀକୁ ଶୁଣ୍ଢରେ ଗୁଡ଼ାଇ ଧରିଥିଲା କିନ୍ତୁ ଛାଡିଦେଲା।

ଭିଏଚ୍‌ଏଫ ସେଟ୍ ପାଖରେ ଥାନାବାବୁ ଓ ଜମାଦାର ଏକାସାଙ୍ଗେ ପହଞ୍ଚିଥିଲେ। ଡି.ଏସ୍.ପି.ଙ୍କ ସ୍ୱର ଭିଏଚ୍‌ଏଫରେ ଭାସି ଆସିଲା "ଏଠି ଖବର ପହଞ୍ଚିଛି ଯେ ନୂଆଁଗାରେ ଗୋଟିଏ ବୁଢ଼ା ଓ ବୁଢ଼ୀକୁ ଦନ୍ତା ତଳେ ପକାଇ ଦଳି ଦେଇଛି।"

ଥାନାବାବୁ କିଛି କହିବା ଆଗରୁ ଜମାଦାର ବାବୁ ଭିଏଚ୍‌ଏଫର ମାଉଥପିସ୍‌କୁ ଧରି କହିଲେ "ଦଳିନାହିଁ ସାର୍, ବୁଢ଼ା ତୀର ମାରିବାରୁ ଦନ୍ତା ତାକୁ ଶୁଣ୍ଢରେ ଉଠାଇ ଫୋପାଡି ଦେଇଥିଲା। କିନ୍ତୁ ବୁଢ଼ା ପାଳଗଦାରେ ପଡିବାରୁ ତା'ର କିଛି କ୍ଷତି ହୋଇନି ସାର୍। ବୁଢ଼ୀକୁ ଶୁଣ୍ଢରେ ଗୁଡ଼ାଇ ଧରିଥିଲା କିନ୍ତୁ ଛାଡିଦେଲା।"

"ଛାଡିଦେଲା? କାହିଁକି ଓ କିପରି?" ଆଚ୍ଛା ଅନ୍ୟ କେହି ଆହତ କି ମୃତ?

"ସେ ବୁଢ଼ୀ ଓ ତାର ଦୁଇ ନାତି, ନାତୁଣୀ ହାତ ଯୋଡି ପ୍ରାର୍ଥନା କରିବାରୁ ଛାଡିଦେଲା। ଦନ୍ତା ହାତୀ ଦ୍ୱାରା କେହି ଆହତ କି ମୃତ ହୋଇନାହାନ୍ତି ସାର୍।" କିଛି ସମୟ ନୀରବତା ପରେ ଭିଏଚ୍‌ଏଫ ସଂପର୍କ ଛିନ୍ନ ହୋଇଯାଇଥିଲା।

(ଏକ ସତ୍ୟ ଘଟଣା ଛାୟାରେ)

□□

ଲେଖକଙ୍କ ଇ-ମେଲ ଠିକଣା:
santoshpatnaikcb@gmail.com

---

*ପ୍ରକାଶ ପାଇଲା !*

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ

**ଅନ୍ତରଙ୍ଗ ଆଳାପ**

ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ :

amazon  Flipkart  meesho




'Google Play Books' ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ।



ପ୍ରବନ୍ଧ

# ଓଡ଼ିଆ ଭାଷାର ପ୍ରଥମ ପ୍ରବନ୍ଧ - ଏକ ଦୃଷ୍ଟିପାତ

**ଡ. ରମାକାନ୍ତ ନାୟକ**

ଆଧୁନିକ ଯୁଗର ସାହିତ୍ୟ ଗଦ୍ୟପ୍ରଧାନ ଏବଂ ପ୍ରବନ୍ଧ ହେଉଛି ଗଦ୍ୟର ଏକ ବିକଶିତ ଚାରୁକଳା। ପଣ୍ଡିତ ବାମନାଚାର୍ଯ୍ୟଙ୍କ ଭାଷାରେ "ଗଦ୍ୟଂ କବୀନାଂ ନିକଷଂ ବଦନ୍ତି।" 'ପ୍ର' ଉପସର୍ଗ 'ବନ୍ଧୁ' ଧାତୁରେ 'ଅ' ପ୍ରତ୍ୟୟ ଯୋଗରେ ପ୍ରବନ୍ଧ ଶବ୍ଦର ଉତ୍ପତ୍ତି, ଅର୍ଥାତ୍ ପ୍ରକୃଷ୍ଟ ବନ୍ଧନ। ସାହିତ୍ୟର ଆଦ୍ୟଯୁଗରେ ପ୍ରବନ୍ଧର ପରିସର ବ୍ୟାପକ ଥିଲା। ଛନ୍ଦୋବଦ୍ଧ, ଶୃଙ୍ଖଳିତ କାବ୍ୟ ମଧ୍ୟ ପ୍ରବନ୍ଧ ପଦବାଚ୍ୟ ଥିଲା। ଜୟଦେବଙ୍କ ରଚିତ 'ଗୀତଗୋବିନ୍ଦ', ଭକ୍ତକବି ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ, ଉତ୍କଳଘଣ୍ଟ କବି ଯଦୁମଣି ସେମାନଙ୍କ କାବ୍ୟକୃତିକୁ ପ୍ରବନ୍ଧ ଆଖ୍ୟା ପ୍ରଦାନ କରିଛନ୍ତି। ଭାରତରେ ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ ଯୋଗୁ ସାହିତ୍ୟରେ ଯୁଗାନ୍ତକାରୀ ପରିବର୍ତ୍ତନ ସହିତ ପ୍ରବନ୍ଧର ପୂର୍ବ ପ୍ରଚଳିତ ସଂଜ୍ଞା ପରିବର୍ତ୍ତିତ ହୋଇଗଲା। ସଂପ୍ରତି ମାନବୀୟ ଚିନ୍ତା, ଚେତନା, କଳ୍ପନା, ଅନୁଭୂତି, ଅଭିଜ୍ଞତା, ଜ୍ଞାନ ଓ ଶିକ୍ଷା ଆଦିକୁ ସୁସଂହତ ଶୃଙ୍ଖଳାବଦ୍ଧ ଗଦ୍ୟ ଆକାରରେ ପ୍ରକାଶ କରିବା ହେଉଛି ପ୍ରବନ୍ଧ। ଡ. ନଟବର ସାମନ୍ତରାୟ କହନ୍ତି, "ପ୍ରବନ୍ଧ ରଚନା ଏକ ସ୍ୱତନ୍ତ୍ର କଳା; ତାହା ଚିନ୍ତାଧାରାର ସୁସଂଯତ ବିନ୍ୟାସ ଓ ଭାବର ବଳିଷ୍ଠ ପରିପ୍ରକାଶ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ।"

ପ୍ରତ୍ୟେକ ଭାଷାର ସାହିତ୍ୟରେ ପ୍ରଥମ ସୋପାନ ଥିଲା ପଦ୍ୟମୟ। ସାମାଜିକ ଜୀବନର ଭାବାବେଗ ଓ ସ୍ୱପ୍ନପ୍ରବଣତା କଳ୍ପନା-ବିଳାସିତାକୁ ଉପସ୍ଥାପନ କରିବାର ଅଭିଳାଷ ଯୋଗୁ ସାହିତ୍ୟ ଥିଲା ପଦ୍ୟାତ୍ମିକା। ମାତ୍ର ବିଜ୍ଞାନର ଅଭ୍ୟୁଦୟ ସହିତ କଳ୍ପନା ବିଳାସ ଅପେକ୍ଷା ବସ୍ତୁବାଦୀ ଚିନ୍ତାଧାରା ଓ ଜୀବନର ବାସ୍ତବ ମୂଲ୍ୟାୟନ ସକାଶେ ସାହିତ୍ୟର ଗଦ୍ୟଶୈଳୀ ଅଧିକ ପ୍ରଭାବଶାଳୀ ଅଭିବ୍ୟକ୍ତି ଭାବରେ ସାବ୍ୟସ୍ତ ହେଲା। ଗଳ୍ପ, ଉପନ୍ୟାସ, ସମ୍ବାଦ ପ୍ରଭୃତି ଗଦ୍ୟ ସାହିତ୍ୟର ଅନ୍ତର୍ଗତ ହେଲେ ମଧ୍ୟ ପ୍ରବନ୍ଧର ଉତ୍କୃଷ୍ଟ ଓ ସାର୍ଥକ ଉପସ୍ଥାପନା ଜାତିର ସମୁନ୍ନତ ଚେତନା ଓ ବ୍ୟକ୍ତିତ୍ୱର ପରିପ୍ରକାଶ କରେ। ବେକନ୍‌ଙ୍କ ମତରେ "ପ୍ରବନ୍ଧ ହେଉଛି ବିଚ୍ଛୁରିତ ଚିନ୍ତା।" ବେନସନ୍ କହନ୍ତି "ପ୍ରବନ୍ଧ ହେଉଛି ଏକ ବ୍ୟକ୍ତିଗତ ରଚନା।" ସାହିତ୍ୟକୁ ଅନେକ କ୍ଷେତ୍ରରେ ଜୀବନର ବ୍ୟାଖ୍ୟା ବୋଲି ବର୍ଣ୍ଣନା କରାଯାଇଛି। ତେଣୁ ପ୍ରାବନ୍ଧିକ ଜଣେ ନିଜସ୍ୱ ମାର୍ଗରେ ଜୀବନର ବ୍ୟାଖ୍ୟାକାର। ଅଧୁନା ମଣିଷର ଜ୍ଞାନର ପରିସୀମା ଯେତେ ପ୍ରସାରିତ ହେଉଛି, ପ୍ରବନ୍ଧ ସେହି ଅନୁପାତରେ ବଳିଷ୍ଠ ଓ ସମୃଦ୍ଧ ହେଉଛି।

**ପ୍ରବନ୍ଧର ଉତ୍କୃଷ୍ଟ ଓ ସାର୍ଥକ ଉପସ୍ଥାପନା ଜାତିର ସମୁନ୍ନତ ଚେତନା ଓ ବ୍ୟକ୍ତିତ୍ୱର ପରିପ୍ରକାଶ କରେ।**

### ଗଦ୍ୟ ସାହିତ୍ୟର ଭିତ୍ତି

ଊନବିଂଶ ଶତାବ୍ଦୀରେ ରେନେସାଁ, ଓଡ଼ିଶାରେ ମୁଦ୍ରଣଯନ୍ତ୍ରର ପଦାର୍ପଣ ଏବଂ ବ୍ରିଟିଶ ସରକାରଙ୍କ ମେକେଲ କମିଶନଙ୍କ ସୁପାରିସ ଆଧାରିତ ଇଂରାଜୀ ଶିକ୍ଷାର ପ୍ରସାର ନିମିତ୍ତ ପାଠ୍ୟ ପୁସ୍ତକର ପ୍ରକାଶନ ଯୋଗୁ ଓଡ଼ିଆ ଗଦ୍ୟ ସାହିତ୍ୟର ଭିତ୍ତି ସ୍ଥାପିତ ହୋଇଥିଲା। ଖ୍ରୀଷ୍ଟିୟାନ ପାଦ୍ରୀମାନଙ୍କ ଉଦ୍ୟମରେ ୧୮୩୭ ମସିହାରେ କଟକରେ ମିଶନ ପ୍ରେସ ସ୍ଥାପିତ ହେବା ସହିତ ଜ୍ଞାନାରୁଣ, ପ୍ରବୋଧ ଚନ୍ଦ୍ରିକା ଆଦି ପତ୍ରିକାର ଆବିର୍ଭାବ ହୋଇ ଓଡ଼ିଆ ସାହିତ୍ୟରେ ଏକ ନୂତନ ଯୁଗର ସୂତ୍ରପାତ ହୋଇଥିଲା। ଡ. ରାଜକିଶୋର ଜେନା କହନ୍ତି 'ଓଡ଼ିଆ ଭାଷା ଓ ପ୍ରାବନ୍ଧିକ' ପୁସ୍ତକରେ, "୧୮୩୦ରୁ ୧୮୬୫ ମଧ୍ୟରେ ପାଠ୍ୟପୁସ୍ତକ ଓ ସାମୟିକ ପତ୍ରିକା ପ୍ରକାଶନ ମାଧ୍ୟମରେ ଖ୍ରୀଷ୍ଟିଆନ ଧର୍ମପ୍ରଚାର ଓ ଓଡ଼ିଆ ଭାଷାର ଉନ୍ନତିକଳ୍ପେ ଯେଉଁ କ୍ଷୀଣ ଉଦ୍ୟମ ହୋଇଛି, ସେହି ପୃଷ୍ଠଭୂମି ଉପରେ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଉନ୍ମେଷ ଓ ବିକାଶ ଦଣ୍ଡାୟମାନ।" ତେବେ ଇଂରେଜ ମିଶନାରିମାନଙ୍କ ପ୍ରକାଶିତ ଧର୍ମପୁସ୍ତକ ଓ ପାଠ୍ୟପୁସ୍ତକରେ ଯେଉଁ ଗଦ୍ୟଶୈଳୀ ପ୍ରଚଳିତ ଥିଲା, ତାହା

ଅତ୍ୟନ୍ତ ଅଶୁଦ୍ଧ ଓ ବଙ୍ଗଭାଷା ପ୍ରଭାବିତ । କାରଣ ଅଧିକାଂଶ ଲେଖା ପ୍ରତ୍ୟକ୍ଷ ଭାବରେ ଇଂରାଜୀରୁ ଅନୂଦିତ ନ ହୋଇ ଇଂରାଜୀ ରଚନାର ବଙ୍ଗଳା ରୂପାନ୍ତରରୁ ଓଡ଼ିଆ ଭାଷାରେ ଅନୁବାଦିତ ହେଉଥିଲା । ପରବର୍ତ୍ତୀ ସମୟରେ ଯେଉଁ ସାମୟିକ ଓ ସାହିତ୍ୟ ପତ୍ରିକାମାନ ଜନ୍ମଲାଭ କଲା, ସେଥିରେ ପ୍ରାୟତଃ ସମ୍ବାଦଧର୍ମୀ  ରଚନାମାନ ସ୍ଥାନ ପାଉଥିଲା ।

ଊନବିଂଶ ଶତାବ୍ଦୀର ଅନ୍ତିମ ଭାଗରେ ପ୍ରବନ୍ଧ ସାହିତ୍ୟର ଅଭାବକୁ ଲକ୍ଷ୍ୟ କରି ଏକ ବିଜ୍ଞାପନ ପ୍ରକାଶିତ ହୋଇଥିଲା, "ଦେଶର ଶିକ୍ଷିତ ମଣ୍ଡଳୀ ଉତ୍ସାହ ଓ ଧନର ଅଭାବରୁ ପ୍ରବନ୍ଧ ଓ ଗ୍ରନ୍ଥାଦି ଲେଖିବାକୁ ଯତ୍ନବାନ ହେଉନାହାନ୍ତି । ଏହି ଅଭାବ ଦୂର କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜରୁ 'ଉତ୍କଳପ୍ରଭା' ନାମକ ମାସିକ ପତ୍ରିକା ଆଗାମୀ ବୈଶାଖ ମାସରୁ ବାହାର କରାଯିବ । ଏଥିରେ ସାହିତ୍ୟ, ବିଜ୍ଞାନ, ଦର୍ଶନ, ରାଜନୀତି, ସାଧାରଣ ଧର୍ମ ଓ ନୀତି ସମ୍ବନ୍ଧରେ ପ୍ରବନ୍ଧମାନ ସନ୍ନିବେଶିତ ହେବ ।" ଏଣୁ ତତ୍କାଳୀନ ସାହିତ୍ୟ ଜଗତରେ ପ୍ରବନ୍ଧ ରଚନାର ଶୋଚନୀୟ ଅବସ୍ଥା ଅନୁମେୟ ।



ମିଶନାରୀ ଓ ପରବର୍ତ୍ତୀ ସମୟରେ ୧୮୭୦ ଖ୍ରୀ ପର୍ଯ୍ୟନ୍ତ ଓଡ଼ିଆ ଗଦ୍ୟ ଭାଷାର ବିକାଶ ଅତ୍ୟନ୍ତ ଦୁର୍ବଳ ଓ ନିଷ୍ପ୍ରାଣ ଥିଲା । ଭାଷାରେ ଗାମ୍ଭୀର୍ଯ୍ୟ, ଦୀପ୍ତି ଓ କମନୀୟତାର ବଳିଷ୍ଠ ଉଦ୍ଭାସନ ନ ଥିଲା । ପାଦ୍ରୀ ରଚନା, ପାଠ୍ୟପୁସ୍ତକ ଓ ସମ୍ବାଦଧର୍ମୀ ଗଦ୍ୟ ରଚନା ଥିଲା କେବଳ ଓଡ଼ିଆ ଭାଷାରେ ଗଦ୍ୟଭଣ୍ଡାରର ସମ୍ବଳ । କବିବର ରାଧାନାଥଙ୍କ ଆବିର୍ଭାବ ସମୟରେ ଏହା ହିଁ ଥିଲା ଓଡ଼ିଆ ଗଦ୍ୟ ସାହିତ୍ୟର ଶୀର୍ଣ୍ଣ ପରିବେଶ । ଏପରିସ୍ଥଳେ ବଙ୍ଗର ବଙ୍କିମଚନ୍ଦ୍ରଙ୍କ ରଚନାଶୈଳୀ ଓ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଗଦ୍ୟରୀତି ଓଡ଼ିଆ ଲେଖକମାନଙ୍କୁ ଗଭୀର ଭାବରେ ଅନୁପ୍ରାଣିତ କରୁଥିଲା । ତେଣୁ ଏକପକ୍ଷରେ ପାଦ୍ରୀ ସୃଷ୍ଟ ଓଡ଼ିଆ ଗଦ୍ୟ, ପାଠ୍ୟପୁସ୍ତକ ଓ ସମ୍ବାଦପତ୍ରର ଗଦ୍ୟଭାଷା ଏବଂ ଅନ୍ୟପକ୍ଷରେ ବଙ୍ଗର ଅକ୍ଷୟ କୁମାର, ବିଦ୍ୟାସାଗର, ଭୂଦେବ ମୁଖୋପାଧ୍ୟାୟ ଓ ବଙ୍କିମଚନ୍ଦ୍ରଙ୍କ ପ୍ରାରମ୍ଭିକ ଗଦ୍ୟ ସୃଜନର ଆଦର୍ଶରେ ରାଧାନାଥଙ୍କ ଗଦ୍ୟଶୈଳୀ ପ୍ରଭାବିତ ଓ ନିୟନ୍ତ୍ରିତ ଥିଲା । ଏପରି ପୃଷ୍ଠଭୂମିରେ ରାଧାନାଥଙ୍କ ସୃଜନଶୀଳତା ନବୀନ ଅନଭିଜ୍ଞ ଲେଖନୀ ଦ୍ୱାରା ଏକ ଅନିଶ୍ଚିତତା ମଧ୍ୟରେ ଅଗ୍ରସର ହେଉଥିଲା । ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟର ଯୁଗ ପ୍ରବର୍ତ୍ତକ ରାଧାନାଥଙ୍କ କାବ୍ୟ ରଚନା ମଧ୍ୟରେ ଭାଷାର ବିଚିତ୍ର ପ୍ରାଣଶକ୍ତି ଓ ସୌନ୍ଦର୍ଯ୍ୟ ଗଦ୍ୟ ରଚନାରେ ବିରଳ ଥିଲା । ରାଧାନାଥଙ୍କ ଅନତିସ୍ୱଳ୍ପ ଗଦ୍ୟ ରଚନାର ମଧ୍ୟରେ 'ବିବେକୀ' ଥିଲା ତାଙ୍କର ପ୍ରଥମ ଗଦ୍ୟକୃତି ଏବଂ ଓଡ଼ିଆ ଭାଷାର ସର୍ବପ୍ରଥମ ପ୍ରବନ୍ଧ । ଏହାର ରଚନାକାଳ ୧୮୭୩ ମସିହା । ଏହା ବ୍ୟତୀତ 'ଲତାଲୀୟ ଯୁବା', 'ପାର୍ବତୀ କାବ୍ୟର ଉପସଂହାର', ' ଉର୍ବଶୀ ଭ୍ରମଣକାରୀର ପତ୍ର', 'ବାମଣ୍ଡା', 'ଉତ୍କଳ ସାହିତ୍ୟର ଉନ୍ନତି' ପ୍ରଭୃତି ତାଙ୍କର ସୁଖ୍ୟାତ ଗଦ୍ୟ ରଚନା ।

**ଚପଳ ତାରୁଣ୍ୟ**

ମାତ୍ର ପଚିଶବର୍ଷ ବୟସ୍କ ରାଧାନାଥଙ୍କର ଚପଳ ତାରୁଣ୍ୟଭରା ଲେଖନୀରୁ 'ବିବେକୀ' ପରି ଗୁରୁଗମ୍ଭୀର ଭାବ ସମ୍ବଳିତ, ଜୀବନନୀତି, ବିଚାରମୂଳକ ଅନୁଭୂତିସିଦ୍ଧ ପ୍ରବନ୍ଧ ନିଃସୃତ ହୋଇଥିବା ବିସ୍ମୟକର । ମାନବ ଚରିତ୍ରର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ଓ ବିଶ୍ଲେଷଣରେ ଏହି ପ୍ରବନ୍ଧ ଓଡ଼ିଆ ସାହିତ୍ୟରେ ଏକ ସାର୍ଥକ ପରିଚୟ ସୃଷ୍ଟି କରିପାରିଛି । ତତ୍କାଳୀନ 'ଉତ୍କଳ ଦର୍ପଣ'ରେ ଏହି ଜୀବନାନୁଭୂତି, ନୀତିମୂଳକ ସୁଦୀର୍ଘ ପ୍ରବନ୍ଧ ପ୍ରକାଶିତ ହୋଇଥିଲା, ଯାହା କବିବରଙ୍କ ତୀକ୍ଷ୍ଣ ବୁଦ୍ଧି, ଅଗାଧ ପାଣ୍ଡିତ୍ୟ ଓ ଉଦାର ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରେ । ଜଣେ ସମାଲୋଚକ 'ବିବେକୀ' ସମ୍ବନ୍ଧରେ ମତ ଦେଇ କହନ୍ତି, "ତାଙ୍କ ପ୍ରାଣର ଆକୁଳ ଅନୁଭୂତି ଓ ମସ୍ତିଷ୍କର ସାରବାନ ଚିନ୍ତା ଛାଡ଼ିଯାଇଛନ୍ତି । ସେହି ହେତୁରୁ ଉତ୍କଳ ସାହିତ୍ୟ ଏପରି ପୁସ୍ତକକୁ ଇଂରାଜୀ ସାହିତ୍ୟର 'ଇମିଟେସନ ଅଫ ଖ୍ରୀଷ୍ଟ', ଲତାଲୀୟ ସାହିତ୍ୟର ମାର୍କସ ଅରେଲିୟସଙ୍କ ରଚିତ 'ମେଡିଟେସନ' ଏବଂ ବଙ୍ଗଳା ଭାଷାରେ ଅଶ୍ୱିନୀ କୁମାର ଦତ୍ତଙ୍କ 'ଭକ୍ତିଯୋଗ' ପ୍ରଭୃତି ଧରଣର

ପୁସ୍ତକ ଗହଣରେ ସ୍ଥାନ ଦେଲେ କିଛି କ୍ଷତି ନାହିଁ।” ଡ. ନଟବର ସାମନ୍ତରାୟ ତାଙ୍କ ରଚିତ ‘ଉତ୍କଳ ସାହିତ୍ୟର ଉନ୍ନତି’ ପ୍ରବନ୍ଧରେ ପ୍ରକାଶ କରିଛନ୍ତି, “ଶବ୍ଦ ସଂଯୋଜନା ଯେପରି ତୁଳା ହୋଇ ଯଥା ସ୍ଥାନରେ ସନ୍ନିବିଷ୍ଟ ହୋଇଅଛି, ତାଙ୍କର ଚିନ୍ତା ବଡ଼ ମାର୍ଜିତ ଓ ସଂଯତ, ତାହା ପାଗଳର ପ୍ରଳାପ ନୁହେଁ କିମ୍ବା ଔପନ୍ୟାସିକର ଚପଳ ବିଳାସ ନୁହେଁ- ତାହା ଭାବଗ୍ରାହୀ ପ୍ରାଣର ଗଭୀର ଆଲୋଚନାର ଫଳ। ତାହା ଇମରଶନଙ୍କ ପରି ପଣ୍ଡିତ ଲୋକର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଛାୟାମାତ୍ର।” ସାଂସାରିକ ବିଷୟ ସମ୍ପର୍କିତ ବିପୁଳ ଅଭିଜ୍ଞତା ସମ୍ପନ୍ନ ରାଧାନାଥଙ୍କ ଏହି ସୃଷ୍ଟିରେ ବହୁବିଧ ସାମାଜିକ ପରମ୍ପରା ରୀତିନୀତି, ଆଚରଣ ଓ ଆଦର୍ଶ, ମାନବ ଚରିତ୍ରରେ ଥିବା ଦୋଷତ୍ରୁଟି ଏବଂ ମହତ୍ତ୍ୱପୂର୍ଣ୍ଣ ଗୁଣାବଳୀମାନ ସ୍ପଷ୍ଟ ବିମ୍ବିତ ହୋଇଅଛି। ଏହି ପ୍ରବନ୍ଧରେ ଲେଖକ ମଣିଷର ଦୁଃଖର କାରଣକୁ ବିଶଦ ଭାବରେ ବିଶ୍ଳେଷଣ କରି ସମସ୍ତ ସମସ୍ୟାର ଅବବୋଧ ପୂର୍ବକ ସମାଧାନର ପନ୍ଥା ପ୍ରଦର୍ଶନ କରିଛନ୍ତି। ନିଜର ଅବସ୍ଥାକୁ ହୃଦୟଙ୍ଗମ କରି ବ୍ୟକ୍ତି ପ୍ରସନ୍ନ ଚିତ୍ତରେ ସମୟ କିପରି ଅତିବାହିତ କରିପାରିବ ‘ବିବେକୀ’ ତାହାର ମାର୍ଗ ପ୍ରଦର୍ଶନରେ ଶତମୁଖ। ଇଂରାଜୀ ‘ସ୍କୋଲାର’ ପୁସ୍ତକର ଆଦର୍ଶରେ ଉଦ୍‌ବୁଦ୍ଧ ଲେଖକଙ୍କର ଏହା ଏକ ନୂତନସ୍ୱାଦର ତନ୍ମୟ ପ୍ରବନ୍ଧ। ରାଧାନାଥ ନିଜର ଶିକ୍ଷକ ଜୀବନର ଅଭିଜ୍ଞତା ଓ ଅନୁଭୂତିକୁ ଆଧାର କରି ଏହି ପ୍ରବନ୍ଧ ରଚନା କରିଥିବା ସ୍ପଷ୍ଟ ଅନୁଭୂତ ହୁଏ। ସୁଗମ ପ୍ରକାଶ ଶୈଳୀରହିତ ପୂର୍ବ ପ୍ରଚଳିତ ବିଷୟଭିତ୍ତିକ ଓ ଜ୍ଞାନ ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ ପରିବର୍ତ୍ତେ ଏକ ସ୍ୱତନ୍ତ୍ର ଅଭିନବ ଶୈଳୀର ପ୍ରଣେତା ଭାବରେ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଏକ ନବଦିଗନ୍ତର ସେ ଉନ୍ମୋଚନ କଲେ। ରାଧାନାଥଙ୍କ ପାଇଁ ଶିକ୍ଷକ ଜୀବନର ଆଦର୍ଶବାଦିତା ଓ ନୈତିକତା ପ୍ରଭୃତି ମୂଲ୍ୟବୋଧ ତାଙ୍କ ଗଦ୍ୟ ସାହିତ୍ୟର ମୂଳାଧାର।

‘ବିବେକୀ’ ଏକ ସୁଦୀର୍ଘ ପ୍ରବନ୍ଧ ହୋଇଥିବାରୁ ପାଠକମାନଙ୍କ ମନରେ ଆଗ୍ରହର ସୂତ୍ରପାତ କରିବାକୁ ଏକ ଦୀର୍ଘ ଅବତରଣିକା ସନ୍ନିବେଶିତ କରିଛନ୍ତି ରଚନାର ଅଗ୍ରଭାଗରେ। ଏଥିରେ ଉଲ୍ଲେଖ କରିଛନ୍ତି, “ପାଠକମାନଙ୍କୁ ବିରକ୍ତ କରିବା ନାହିଁ। ପତ୍ର ଅବୟବକୁ ଚାହିଁ ଯଥେଷ୍ଟ ହୋଇଛି। କେହି ଅବା କହିବେ “ବିଳମ୍ବରେ କ’ଣ ଶିକ୍ଷା ହୁଏ, ଏ ବିଷୟ ଘେନି ଉପଦେଶ ଦେଉଛନ୍ତି, ମାତ୍ର ଉପଦେଶକୁ ଅତିଶୟ ଦୀର୍ଘ କଲେ, ସେଥିରେ ଫଳ ଊଣା ହୋଇଯାଏ। ଏ କଥା ଏହାଙ୍କର ଆଜିଯାଏ ଶିକ୍ଷା ହୋଇନାହିଁ। ମାତ୍ର ତାହା ନୁହେଁ। ଏହି ପ୍ରବନ୍ଧ ପଢୁ ପଢୁ ନିଜ ଅବସ୍ଥା, ନିଜ ଅନୁଭବ ସ୍ମରଣ କରି ତୁମ୍ଭ ମନରେ ଆହୁରି କେତେ କଥା ଉଦିତ ହୋଇଥିବ। ତୁମ୍ଭ ଜାଣିବାରେ ସେକଥା ସବୁ ଲେଖିଥିଲେ ପ୍ରବନ୍ଧ ଆହୁରି ଭଲ ହୋଇଥାଆନ୍ତା।” ରାଧାନାଥ ‘ପ୍ରାବନ୍ଧିକଙ୍କ ନିବେଦନ’ ଶୀର୍ଷକରେ ଉଲ୍ଲେଖ କରିଛନ୍ତି, ‘କେତେଗୁଡିଏ ପୋଥି ଆମ୍ଭ ପାଖରେ ସହଚରପ୍ରାୟ ଥାନ୍ତି। ଏମାନଙ୍କ ପ୍ରାୟ ବିପଦବନ୍ଧୁ ମିଳିବାର ଦୁଷ୍କର ଅଟେ। ଏମାନେ ଭୌତିକ ଝଟିକାର କଷ୍ଟ ନିବାରଣ କରନ୍ତି, ଆଧ୍ୟାତ୍ମିକ ଝଟିକାର କଷ୍ଟ ନିବାରଣ କରନ୍ତି। ଝଡ଼ବର୍ଷା ବେଳେ ବାହାରି ନ ପାରିଲେ ଏମାନଙ୍କ ସଙ୍ଗେ ଆଳାପ କରି ଚିତ୍ତର ସୁଖ ଉପୁଜେ। ଅଶ୍ରୁ ବର୍ଷା ବେଳେ ମଧ୍ୟ ଊଣା ସାନ୍ତ୍ୱନା ମିଳେ ନାହିଁ। ପାଠକ! ମୁଁ ଯେଉଁ ସୁଖ ଲଭୁଅଛି, ତୁମ୍ଭେ ସେଥିରେ ଅଂଶ ହେବ? ଏହାକୁ ଯେବେ ସୁଖ ମଣ, ଅଂଶୀ ହେଲେ ମୋ ସୁଖ ବଢ଼ିବ।”

**‘କେତେଗୁଡିଏ ପୋଥି ଆମ୍ଭ ପାଖରେ ସହଚରପ୍ରାୟ ଥାନ୍ତି। ଏମାନଙ୍କ ପ୍ରାୟ ବିପଦବନ୍ଧୁ ମିଳିବାର ଦୁଷ୍କର ଅଟେ।’**

### ଗଦ୍ୟ ଶୈଳୀର ଶୃଙ୍ଖଳ

‘ବିବେକୀ’ ମିଶ୍ର-ଗଦ୍ୟ ଶୈଳୀର ଶୃଙ୍ଖଳରୁ ନିଷ୍କୃତ ହୋଇଥିଲେ ସୁଦ୍ଧା ଏହା ଇଂରାଜୀ ଗଦ୍ୟଶୈଳୀର ଅନୁସୃତ। ଡ. ଅସୀତ କବି ତାଙ୍କ ‘ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ’ରେ ଲେଖିଛନ୍ତି, “ଇଂରାଜୀ ବାକ୍ୟ ଗଠନ ପଦ୍ଧତିର ଅନୁସରଣ ଫଳରେ କେତେକ ସ୍ଥାନରେ କଥନଭଙ୍ଗୀ ହୃଦୟଗ୍ରାହୀ ହୋଇପାରିନି। ଏହି ତ୍ରୁଟି ପରବର୍ତ୍ତୀ ଗଦ୍ୟ ରଚନାରେ କେତେକ ପରିମାଣରେ ଦୂର ହୋଇପାରିଛି।” ଦୃଷ୍ଟାନ୍ତ ଭାବରେ ଗୋଟିଏ ବାକ୍ୟର ଉପସ୍ଥାପନ କରାଯାଇପାରେ। “ଏହା ମଧ୍ୟ ଜାଣିବାରେ ବିହିତ କି ଯେ ଅନେକ ଲୋକ ତୁମ୍ଭ ଆଗରେ ବସିଛନ୍ତି; ମାତ୍ର ତୁମ୍ଭେ ଯେମନ୍ତ ଜାଣିନାହିଁ ଏମନ୍ତ ବ୍ୟାଜ କରିବାର ଅତ୍ୟନ୍ତ ଗ୍ରହଣୀୟ ଅଟେ।” ଏହି ବାକ୍ୟକୁ ଇଂରାଜୀ ସୋ, ଦ୍ୟାଟ୍, ବଟ୍, ଆଦି ଚିନ୍ତା ମାନସରେ ରଖି ଲେଖିଲା

ପରି ମନେ ହୁଏ, ପୁନଶ୍ଚ ରାଧାନାଥଙ୍କର ପ୍ରାରମ୍ଭିକ ସାହିତ୍ୟ ଜୀବନରେ ସ୍ୱପ୍ନ ଥିଲା ପ୍ରବନ୍ଧ, ମାତ୍ର ତାଙ୍କର ମଗ୍ନଚେତନା ମଧ୍ୟରେ କବିର ସୃଜନଶୀଳତା ଯେପରି ବ୍ୟାକୁଳ ହେଉଥିଲା ତାହାର ଆଭାସ ମିଳେ ଏହି 'ବିବେକୀ'ରେ। ଏଥିରେ ବ୍ୟବହୃତ ଅଳଙ୍କାର ବହୁଳତା, କଳ୍ପନା ବିଳାସିତ, ଶବ୍ଦର ଆଡ଼ମ୍ବର ଏହାର ପ୍ରକୃଷ୍ଟ ନିଦର୍ଶନ। କେତେକ ସ୍ଥାନରେ ଯେତେବେଳେ ତୃତୀୟ ପୁରୁଷର ବକ୍ତବ୍ୟ ପ୍ରକାଶରେ ସେ ଅସମର୍ଥ ହୋଇଛନ୍ତି, ସେତେବେଳେ ସେ ନିଜ ମୁଖରୁ ବକ୍ତବ୍ୟକୁ ଅଭିବ୍ୟକ୍ତ କରିଛନ୍ତି। 'ବିବେକୀ' ଏକ ସୁପରିକଳ୍ପିତ ବିଷୟ ବିନ୍ୟାସକୁ ଆଙ୍ଗିକ ଭାବରେ ଗ୍ରହଣ କରିଥିଲେ ମଧ୍ୟ ଏହାର ପରିପାଟୀ ସୁଖବୋଧ ହୋଇପାରି ନାହିଁ। ଉଦାହରଣ ସ୍ୱରୂପ "ଦିନରେ ଗଗନ ଯାକ ଉଜ୍ଜ୍ୱଳ ଥିଲା। ଅନ୍ଧକାରରେ ଯାହାର ସ୍ୱତଃ ଔଜ୍ଜ୍ୱଲ୍ୟ ଅଛି, ସେହି ଉଜ୍ଜ୍ୱଳ ଥାଏ।" "କଥାଗୁଡିକ ସରଳ, ଏପରି ହେତୁମୂଳକ ନୁହେଁ ଯେ, ସେହି ହେତୁରୁ ଯଥାର୍ଥ ଚଞ୍ଚଳ ଜଣାପଡିବ।" "ଯେଉଁମାନେ ଆମ୍ଭମାନଙ୍କୁ ବିଜ୍ଞ ମଣନ୍ତି, ସେହିମାନଙ୍କ ସଙ୍ଗେ ଆମ୍ଭେମାନେ ଯେତେବେଳେ କଥା କହୁଥାଉଁ ଆମ୍ଭମାନଙ୍କୁ ପ୍ରକୃତ ବିଜ୍ଞ ପରି ଦିଶେ।" "ଆପଣଙ୍କୁ ସାମାନ୍ୟ ଲୋକ କରି ଜାଣି କାର୍ଯ୍ୟ କରିବାର ଅନେକ ଦିନରେ ଶିକ୍ଷା ହୁଏ।" ଇତ୍ୟାଦି। ଏଥିସହିତ କେତେକ ପରିମାଣରେ ପ୍ରାଚୀନ ଶବ୍ଦର ପ୍ରୟୋଗ ଓ ଅନାବଶ୍ୟକ ସମାସ ବହୁଳତା ତାଙ୍କ ସୃଷ୍ଟିର କମନୀୟତାକୁ ନିଷ୍ପ୍ରଭ କରିଦେଇଛି। ଏସବୁ ଦୋଷ ଦୁର୍ବଳତା ସତ୍ତ୍ୱେ କାବ୍ୟିକ ପରିକଳ୍ପନାରେ ତାଙ୍କର ବାକ୍ୟାବଳୀ ରସୋତ୍ତୀର୍ଣ୍ଣ ହୋଇପାରିଛି।




## ଆତ୍ମିକ ରୂପସଜ୍ଜା

'ବିବେକୀ' ପ୍ରବନ୍ଧର ଆତ୍ମିକ ରୂପସଜ୍ଜାକୁ ନଅ ଭାଗରେ ବିଭାଜିତ କରାଯାଇଛି। ସେଗୁଡିକ ହେଉଛି, "ପ୍ରାବନ୍ଧିକଙ୍କ ନିବେଦନ, ଲୋକ ପ୍ରକୃତି, ବ୍ୟଞ୍ଜନା, ଚିତ୍ତ ସାନ୍ତ୍ୱନା, ସୁଭଗମ୍ମନ୍ୟତା, କିଏ ବା ଅଛି କେଉଁ ମତେ, ଆତ୍ମ ଲାଘବ ଶିକ୍ଷା, ଅପରିପକ୍ୱତା, ବୋଝ ବୋହିବା।" ରାଧାନାଥଙ୍କର ଗଦ୍ୟ ରଚନାରେ ତାଙ୍କର ପଦ୍ୟ ରଚନା ସଦୃଶ ସମ୍ପୂର୍ଣ୍ଣ ନିଜସ୍ୱ ଭାବ ଓ ବିନ୍ୟାସ ପ୍ରକଟିତ ହୋଇଛି। ଏଥିରେ ସ୍ରଷ୍ଟାଙ୍କର ସୂକ୍ଷ୍ମ ବିଚାରପୂର୍ଣ୍ଣ ବକ୍ତବ୍ୟ ପାଠକଙ୍କ ପାଇଁ ଏକ ବର୍ଣ୍ଣାଢ଼୍ୟ ପରିବେଶ ସୃଷ୍ଟି କରେ। ଓଡ଼ିଆ ଗଦ୍ୟର ପ୍ରାକ୍ ଉଷା କାଳରେ ସେ ଯେଉଁ ଲେଖକୀୟ ପ୍ରକାଶନ ଶକ୍ତିକୁ ପ୍ରଦର୍ଶିତ କରିଛନ୍ତି, ସେଥିପାଇଁ ସେ ଧନ୍ୟବାଦାର୍ହ। ମଣିଷର ଦୈନନ୍ଦିନ ଜୀବନର ନୀତି ବିଚାର ଉପରେ ଆଧାରିତ ଏବଂ ଉପଦେଶାତ୍ମକ ଏହି ପୁସ୍ତକର ଉପନ୍ୟାସଶୈଳୀ ପାଠକମାନଙ୍କ ପାଇଁ ସୁଖପାଠ୍ୟ ହେବା ସହିତ ତାଙ୍କ ମନରେ ପ୍ରଭାବଶାଳୀ ରେଖାପାତ କରିବାରେ ସମର୍ଥ ହୁଏ। ଡ. ମାୟାଧର ମାନସିଂହଙ୍କ ଭାଷାରେ, "ଅଳ୍ପକାୟ ହେଲେ ହେଁ ରାଧାନାଥଙ୍କ ଗଦ୍ୟସମୂହ ଆମକୁ ସମକାଳୀନ ଓଡ଼ିଶାର ଯେଉଁ ପରିଚୟ ଦେଉଛି, ଫକୀର ମୋହନଙ୍କ 'ଆତ୍ମଚରିତ' ଛଡ଼ା ତାହା ଆମେ ଅନ୍ୟ କୌଣସିଠାରେ ପାଉନାହୁଁ। ପୁଣି 'ବିବେକୀ'ର ବିଜ୍ଞତା, ଆମେ ନାହିଁ ଫକୀର ମୋହନ, ନାହିଁ ମଧୁସୂଦନ ବା ଅନ୍ୟ କାହାରି ଲେଖାରେ ହିଁ ପାଉନା। ଗଦ୍ୟରେ ସମକାଳୀନ ଭାଷାର ପ୍ରତିବିମ୍ବ ପଡିବା ସ୍ୱାଭାବିକ। 'ବିବେକୀ'ର ଶୈଳୀ ସେହି ଅନୁସାରେ ଆର୍ଚ୍ଚେୟିକ ବା ପ୍ରାଚୀନ ବୋଧ ହୋଇପାରେ, କିନ୍ତୁ ପ୍ରକାଶନ କ୍ଷମତା, ଯଥାର୍ଥତା ଓ ଜ୍ଞାନ ବିତରଣ ଯଦି ଗଦ୍ୟର ମୁଖ୍ୟ ଗୁଣ ସବୁ ବୋଲି ଧରାଯାଏ, ତେବେ ଗଦ୍ୟ ଲେଖକ ଭାବରେ, ରାଧାନାଥଙ୍କର ପୁନର୍ବିଚାର ହେବା ଉଚିତ।"

ବିବେକୀ ହେବା ମନୁଷ୍ୟର ମୁଖ୍ୟଧର୍ମ। ଦୁଃଖରେ ଅବିବେକୀ ମ୍ରିୟମାଣ ହୋଇପଡ଼େ। ମାତ୍ର ବିବେକୀ ସମୀପରେ ସୁଖ ଦୁଃଖରେ ସମଭାବ ବଜାୟ ରହି ତା' ମଧ୍ୟରେ ସେ ସୁଖର ସନ୍ଧାନ କରେ। ସେହି ଦୃଷ୍ଟିଭଙ୍ଗୀରେ ଉଦ୍ଭାସିତ

ଦୁଇଟିମାତ୍ର ହୃଦୟସ୍ପର୍ଶୀ ଦୃଷ୍ଟାନ୍ତ 'ବିବେକୀ' ପ୍ରବନ୍ଧରୁ ଉଲ୍ଲିଖିତ ହେଲା। "କୌଣସି ଦ୍ରବ୍ୟ ଆଣିବା ନିମନ୍ତେ ଭୃତ୍ୟଙ୍କୁ ବଜାରକୁ ପଠାଇବା ବେଳେ କହନ୍ତି, 'କହିବୁ ଦୀନବନ୍ଧୁ ବାବୁ ପଠେଇଛନ୍ତି,' ଏଇଟା କହିଲେ ସେ ବେଶି ଦେବ।" ଦୀନବନ୍ଧୁ ବାବୁ ଜାଣନ୍ତି ଯେ ଅନେକ ବାବୁ ଅଛନ୍ତି, ଅନେକବାବୁ ଦୋକାନୀଠାରୁ ସଉଦା ନିଅନ୍ତି। ମାତ୍ର ଦୋକାନୀ ଦୀନବନ୍ଧୁ ବାବୁଙ୍କଠାରେ ଯେପରି କରିବ, ସମସ୍ତଙ୍କଠାରେ କ'ଣ ସେପରି କରିବ ? କେବଳ ଦୀନବନ୍ଧୁ ବାବୁ ଏକା ଏପରି ପାଉଁନ୍ତି ସେମନ୍ତ ନମଣ। XXX ସେମାନଙ୍କର ଭ୍ରାନ୍ତ ସୁଭଗମ୍ମନ୍ୟତା ବାକ୍ୟରେ ଚରିତାର୍ଥ କଲେ, ତାହାର ଲାଭ ବିନୁ କ୍ଷତି ନାହିଁ। ତେଣୁ ସଉଦା ଦେଲା ବେଳେ ଦୋକାନୀ କହେ, ଏ ଚାଉଳ ଭାଉ ଟଙ୍କାକୁ ପନ୍ଦର ସେର, ମାତ୍ର ଦୀନବନ୍ଧୁ ବାବୁ ବୋଲି ମୁଁ ଅଠର ସେର ଭାଉରେ ଦେଲି।", ଦୋକାନୀ କେବଳ ଦୀନବନ୍ଧୁ ବାବୁଙ୍କ ଭୃତ୍ୟଙ୍କୁ ଏପରି କହେ ଏମନ୍ତ ନୁହେଁ। ସବୁ ବାବୁଙ୍କ ଭୃତ୍ୟଙ୍କୁ ସେହିପରି କହେ।" ଅନ୍ୟ ଏକ ପ୍ରସଙ୍ଗରେ ପ୍ରାବନ୍ଧିକ ଲେଖିଛନ୍ତି, "ଭଗ୍ନମନସ୍କତା ଜୀବନର ଗୋଟିଏ ମହତ୍ ବୋଝ। ପୂର୍ବକାଳରେ ଏ ବୋଝ ଅନେକ ଲୋକ ବୋହୁ ନ ଥିଲେ। ବର୍ତ୍ତମାନ ଅନେକ ଲୋକଙ୍କୁ ବୋହିବାକୁ ହୁଏ। ସେମାନେ ଶିକ୍ଷିତ ଅଟନ୍ତି, ସେମାନେ ଶାରୀରିକ ଶ୍ରମଠାରୁ ମାନସିକ ଶ୍ରମରେ ଅଧିକ ରତ, ସେମାନେ ବହୁତରେ ହେଉ ଅବା ଅଳ୍ପରେ ହେଉ ଏ ବୋଝ ବୁହନ୍ତି। ସେମାନଙ୍କ ମନ ପ୍ରାୟ ଅନ୍ଧକାରରେ ଆଚ୍ଛନ୍ନ ଥାଏ। XXX ଏପରି ମନର ଭାବ କବିର କଳ୍ପନା ଉଦ୍ଦୀପିତ କରେ, ଏହା ସତ୍ୟ, ମାତ୍ର ଏହା ବ୍ୟତୀତ ଏହାର ଆଉ କୌଣସି ଉପକାରିତା ନାହିଁ। କାର୍ଯ୍ୟ କ୍ଷେତ୍ରରେ ଏପରି ଭାବ ଗୋଟିଏ ମହତ୍ ପ୍ରତିବନ୍ଧକ। XXX ସଂସାରରେ ପଦେ ପଦେ ବିଘ୍ନ, ପଦେ ପଦେ ବିରକ୍ତ ହେବାର ସହସ୍ର କାରଣ ଅଛି। ମନ ଦୃଢ଼ ଓ ପ୍ରଫୁଲ୍ଲ ନ ହେଲେ ନିଭିବାରେ କଠିନ।"

**ସଂସାରରେ ପଦେ ପଦେ ବିଘ୍ନ, ପଦେ ପଦେ ବିରକ୍ତ ହେବାର ସହସ୍ର କାରଣ ଅଛି।**

'ବିବେକୀ' ପ୍ରବନ୍ଧର ଭାବ ଐଶ୍ୱର୍ଯ୍ୟ ତଥା ଜୀବନ ଅବବୋଧର ମାର୍ଗ ନିର୍ଣ୍ଣାୟକ ଅବତାରଣା ଯୋଗୁ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସରେ ଏହା ଅସାଧାରଣ ଓ ଅନନ୍ୟ। ଜୀବନରେ ନଗ୍ନବାସ୍ତବତା ଓ ସମସ୍ୟାସଙ୍କୁଳ, ସଂଘର୍ଷମୟ ଜୀବନର ମୂଲ୍ୟାୟନ ସହିତ ଉତ୍କୃଷ୍ଟ ଉଚ୍ଛ୍ୱାସ ଓ ମନର ନିବିଡ଼ ଅନୁଭୂତିକୁ ଯେପରି ପ୍ରବନ୍ଧକାର ଏଥିରେ ପ୍ରକାଶନ କରିଛନ୍ତି, ସେଥିଯୋଗୁ ତାଙ୍କର କୃତି ଚିରଦିନ ଅବିସ୍ମରଣୀୟ ହୋଇ ରହିଥିବ।

□□

ଲେଖକଙ୍କ ଇ-ମେଲ ଠିକଣା:
rknprincipalbbm@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

**Download 'Google Play Books' from Play Store and search 'Sahitya Charcha'.**

ପ୍ରତି ସଂଖ୍ୟାର ମୂଲ୍ୟ-

**ଟ.୧୧.୮୦**

(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books

ସାକ୍ଷାତକାର

# ବର୍ଷୀୟାନ୍ ଲେଖକ ଓ ଗବେଷକ ସୁଦର୍ଶନ ଆଚାର୍ଯ୍ୟଙ୍କ ସହ କିଛି ମହାର୍ଘ କ୍ଷଣ

*ପ୍ରଫେସର ଡ଼. ସୁଦର୍ଶନ ଆଚାର୍ଯ୍ୟ ଓଡ଼ିଆ ସାହିତ୍ୟର ଅଧ୍ୟୟନ ତଥା ଗବେଷଣା କ୍ଷେତ୍ରରେ ଏକ ସ୍ୱନାମଧନ୍ୟ ପ୍ରତିଭା। ୧୯୩୯ ମସିହାରେ ଜନ୍ମିତ ଏହି ସାରସ୍ୱତ ବ୍ୟକ୍ତିତ୍ୱ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ଦୀର୍ଘ ୩୯ ବର୍ଷ କାଳ ଅଧ୍ୟାପନା କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ଭାବରେ ୧୯୯୯ ମସିହାରେ ଅବସର ଗ୍ରହଣ କରିଥିଲେ। ସେ ୨୦୦୬ ମସିହାରେ ଓଡିଶା ସରକାରଙ୍କ ସର୍ବୋଚ୍ଚ ସାହିତ୍ୟିକ ସମ୍ମାନ 'ଅତିବଡୀ ସମ୍ମାନ'ରେ ଭୂଷିତ ହୋଇଥିଲେ। ତାଙ୍କର ସାହିତ୍ୟ ସାଧନାର ବିବିଧ ପ୍ରସଙ୍ଗକୁ ନେଇ ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ପ୍ରାଚୀନ ପୋଥିମାନଙ୍କର ପୁନରୁଦ୍ଧାର କରି ଓଡ଼ିଆ ସାହିତ୍ୟର ଐତିହ୍ୟକୁ ସମୃଦ୍ଧ କରିବାରେ ଆପଣଙ୍କର ବହୁ ଅବଦାନ ରହିଛି। ଆମର ଭାଷା ଓ ସାହିତ୍ୟର ଏହି ଦିଗଟି ପ୍ରତି କେମିତି ଦୃଷ୍ଟି ପଡ଼ିଲା ଆପଣଙ୍କର ?

**ସୁଦର୍ଶନ ଆଚାର୍ଯ୍ୟ:** ଏହାକୁ କୁହାଯାଇପାରିବ, ଆମର ପାରିବାରିକ ସଂସ୍କୃତି। ଆମ ଘରେ ଜେଜେ ବାପାଙ୍କର, ଏବଂ ନନାଙ୍କର ବଡ଼ ଲାଇବ୍ରେରୀ ଥିଲା। ତା' ମଧ୍ୟରେ ଅନେକ ତାଳପତ୍ର ପୋଥି ଓ ଛପା ବହି, ଉଭୟ ଥିଲା। ପୋଥିର ସଂଖ୍ୟା ତିନିରୁ ଚାରି ହଜାର ହେବ। ପିଲାଦିନୁଁ ମୁଁ ପ୍ରଥମେ ତାଳପତ୍ରରେ ଲେଖିବା ଆରମ୍ଭ କରିଥିଲି।

**ସାହିତ୍ୟ ଚର୍ଚ୍ଚା:** ଆପଣ ଅକ୍ଷର ଶିକ୍ଷା ଆରମ୍ଭ କରିଥିଲେ ତାଳପତ୍ରରେ ? ଅର୍ଥାତ୍, ଖଡ଼ି ଛୁଆଁଇଛନ୍ତି ପୋଥିରେ ?

**ସୁଦର୍ଶନ ଆଚାର୍ଯ୍ୟ:** ହଁ।

**ସାହିତ୍ୟ ଚର୍ଚ୍ଚା:** ସେତେବେଳେ କାଗଜ କଲମର ପ୍ରଚଳନ ଥିବା ସତ୍ତ୍ୱେ !

**ସୁଦର୍ଶନ ଆଚାର୍ଯ୍ୟ:** ପିଲାଦିନେ ମୋତେ ଶିଖାଯାଇଥିଲା ତାଳପତ୍ର କେମିତି ଖୋଲିବ, ପୋଥି କେମିତି ବାନ୍ଧିବ, ଆଣ୍ଠୁ ଉପରେ ପକେଇ କେଉଁଭଳି ଲେଖିବ। ଏସବୁର ଟ୍ରେନିଂ ଘରେ ମୋତେ ଦେଇଥିଲେ। ଏଣୁ ପୋଥି ପଢିବାର ଗୋଟିଏ ଜିଜ୍ଞାସା ମୋ ମନରେ ଜାଗ୍ରତ ହେଲା। ପରବର୍ତ୍ତୀ ସମୟରେ, ମୋ ଗବେଷକ ଜୀବନରେ ଅଧ୍ୟାପକମାନେ ମଧ୍ୟ ପୋଥି ଅଧ୍ୟୟନ ପ୍ରତି ମୋ'ର ଆଗ୍ରହ ସୃଷ୍ଟି କଲେ। ସେଥିପାଇଁ ମୁଁ ଏଥିପ୍ରତି ଆକୃଷ୍ଟ ହେଲି।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ଅନେକ ପୁରାତନ ପୋଥି ଲୋକଲୋଚନକୁ ଆଣିଛନ୍ତି। ତଥାପି କ'ଣ ଆପଣଙ୍କର ମନେହୁଏ ଯେ ଅନେକ କିଛି ପୋଥି ଏବେ ବି ଲୁପ୍ତ ହୋଇ

ରହିଛି, ଯାହା ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ଅଛି ।

**ସୁଦର୍ଶନ ଆଚାର୍ଯ୍ୟ:** ବହୁତ, ବହୁତ । ମୁଁ ତ ମୋ ଥେସିସ୍ ପାଇଁ ପ୍ରାୟ ୨୦୦ ହେବ ପୋଥି ପଢ଼ିଛି ତାଳପତ୍ରରେ । ଆହୁରି ଅନେକ ଅଛି ଆମ ମ୍ୟୁଜିଅମ୍‌ରେ ।

**ସାହିତ୍ୟ ଚର୍ଚ୍ଚା:** ସେ କାଳରେ ପିଏଚ୍.ଡି ପାଇଁ ଗବେଷଣାର ଅନୁଭୂତି କେମିତି ଥିଲା ଆପଣଙ୍କର ?

**ସୁଦର୍ଶନ ଆଚାର୍ଯ୍ୟ:** ଡ. ନଟବର ସାମନ୍ତରାୟ ମୋ'ର ଗାଇଡ୍ ଥିଲେ । ସେ ସମୟରେ ଅବଶ୍ୟ ଅନେକ ଅଧ୍ୟାପକ ଚାହୁଁଥିଲେ ଯେ ମୁଁ ତା'ଙ୍କ ଅଧୀନରେ ପିଏଚ୍.ଡି. କରେ । ମୋ ଗବେଷଣାର ବିଷୟ ଥିଲା, 'ଓଡ଼ିଆ କାବ୍ୟ କୌଶଳ' ।

**ସାହିତ୍ୟ ଚର୍ଚ୍ଚା:** ହଁ, ଆପଣଙ୍କର ଏହି ସନ୍ଦର୍ଭଟିକୁ ଆମେ ଦେଖିବାକୁ ପାଇଛୁ ଏକ ପୁସ୍ତକ ରୂପରେ । ଆମେ ଆପଣଙ୍କ ଦ୍ୱାରା ବିଭିନ୍ନ ପୋଥିର ପୁନରୁଦ୍ଧାର ସଂପର୍କରେ ଆଲୋଚନା କରୁଥିଲେ । ଏବେ ଏଇଠି ଆପଣଙ୍କ ଟେବୁଲ୍ ଉପରେ ଆମର ଦୃଷ୍ଟିଗୋଚର ହେଲା ଆପଣଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକଟିଏ, ରାଧାନାଥ ରାୟଙ୍କର 'କାଳିଦାସ ସୂକ୍ତୟଃ' । ଏହା କ'ଣ ଏ ପର୍ଯ୍ୟନ୍ତ ଅଜ୍ଞାତ ଥିଲା ?

**ସୁଦର୍ଶନ ଆଚାର୍ଯ୍ୟ:** ଏହି ପୁରାତନ ବହିଟି ବହୁ ପୂର୍ବେ ଗୋଟିଏ ମନ୍ଦିରରୁ ପାଇଥିଲି । ବହିଟିର ପ୍ରକାଶ କାଳ ୧୯୦୨ । କିନ୍ତୁ ଲକ୍ଷ୍ୟ କଲି ଯେ 'ରାଧାନାଥ ଗ୍ରନ୍ଥାବଳୀ'ରେ ଏଇଟି ନାହିଁ । ଗ୍ରନ୍ଥାବଳୀଟି ପ୍ରକାଶିତ ହୋଇଛି ୧୯୦୮ରେ । କିନ୍ତୁ ରାଧାନାଥ ରାୟ ଏଇଟିକୁ ସେଥିମଧ୍ୟରେ ଅନ୍ତର୍ଭୁକ୍ତ କରିନାହାନ୍ତି ।

**ସାହିତ୍ୟ ଚର୍ଚ୍ଚା:** କ'ଣ ହୋଇପାରେ ଏହାର କାରଣ ?

**ସୁଦର୍ଶନ ଆଚାର୍ଯ୍ୟ:** କାରଣ ରାଧାନାଥଙ୍କର କେବେହେଲେ ଓଡ଼ିଆ ପ୍ରତି ବା ଓଡ଼ିଶା ପ୍ରତି ମମତା ନ ଥିଲା । ଏକଥା ତ ମୁଁ ମୁଖବନ୍ଧରେ ଲେଖିଛି ।

**ସାହିତ୍ୟ ଚର୍ଚ୍ଚା:** ତେବେ ତାଙ୍କର ମମତା କ'ଣ ବଙ୍ଗଳା ସାହିତ୍ୟ ପ୍ରତି ଅଧିକ ମାତ୍ରାରେ ଥିଲା ?

**ସୁଦର୍ଶନ ଆଚାର୍ଯ୍ୟ:** ହଁ । ୧୯୦୨ ବେଳକୁ ରାଧାନାଥଙ୍କୁ ଆମେ ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗର ସ୍ରଷ୍ଟା ଭାବରେ ନେଇଗଲୁ । ତାଙ୍କର ସବୁତକ ଲେଖା ବାହାରି ଯାଇଥିଲା ୧୯୦୨ ମସିହା ବେଳକୁ । ସେତେବେଳକୁ 'କାଳିଦାସଙ୍କ ସୂକ୍ତୟଃ' ଯେତେବେଳେ ସେ ସଂଗ୍ରହ କରିଛନ୍ତି ସେତେବେଳେ ତାହାକୁ ଓଡ଼ିଆରେ ଅନୁବାଦ ନ କରି ବଙ୍ଗଳାରେ କରିଛନ୍ତି ।

**ସାହିତ୍ୟ ଚର୍ଚ୍ଚା:** 'ଓଡ଼ିଆ କାବ୍ୟ କୌଶଳ' ଆପଣଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ପୁସ୍ତକ । ଆମ କାବ୍ୟ ବିଭବରେ, ବିଶେଷତଃ ମଧ୍ୟଯୁଗୀୟ କାବ୍ୟରେ, ସବୁଠାରୁ ଏକ ଅନନ୍ୟ ଦିଗ ବୋଲି ଆମେ କାହାକୁ କହିବା ?

**ସୁଦର୍ଶନ ଆଚାର୍ଯ୍ୟ:** ମଧ୍ୟଯୁଗୀୟ ଓଡ଼ିଆ କାବ୍ୟର ଆତ୍ମା ହେଉଛି ରସ ଓ ଧ୍ୱନି । ସଂସ୍କୃତ ଆଳଙ୍କାରିକମାନେ ମଧ୍ୟ ଏହାକୁ ଗ୍ରହଣ କରିଛନ୍ତି । ତେବେ ମୋ ମତରେ ଚମତ୍କାରବାଦ ହେଉଛି ଓଡ଼ିଆ କବିତାର ଆତ୍ମା ।

**ସାହିତ୍ୟ ଚର୍ଚ୍ଚା:** ଏହି ଚମତ୍କାରବାଦ କହିଲେ କ'ଣ, ଟିକିଏ ବୁଝାଇଦେବେ କି !

> **ରାଧାନାଥଙ୍କର କେବେହେଲେ ଓଡ଼ିଆ ପ୍ରତି ବା ଓଡ଼ିଶା ପ୍ରତି ମମତା ନ ଥିଲା । ଏକଥା ତ ମୁଁ ମୁଖବନ୍ଧରେ ବି ଲେଖିଛି ।**

**ସୁଦର୍ଶନ ଆଚାର୍ଯ୍ୟ:** ଯେମିତି ଧରନ୍ତୁ, କୁହାଯାଏ ଯେ ରସ ହେଉଛି କାବ୍ୟର ଆତ୍ମା । କିନ୍ତୁ ରସଟା ବାଚ୍ୟ ନୁହେଁ । ଯେଉଁଠି କରୁଣ ରସ ରହିଲା ବା ବୀର ରସ ରହିଲା, ତାହା ସେହି କାବ୍ୟର ଆତ୍ମା ହୋଇପାରିବ ନାହିଁ ।

**ସାହିତ୍ୟ ଚର୍ଚ୍ଚା:** ତେବେ ତାହାର ଆତ୍ମା ବୋଲି ଆମେ କାହାକୁ କହିବା ?

**ସୁଦର୍ଶନ ଆଚାର୍ଯ୍ୟ:** ଆତ୍ମା ଦୃଶ୍ୟମାନ ହୁଏ ନାହିଁ, ଏହା କେବଳ ଅନୁଭବର ବସ୍ତୁ । ଓଡ଼ିଆ କାବ୍ୟରୁ ଆମେ ପାଉ ସେହିପରି ଏକ ଅନନ୍ୟ ଅନୁଭବ । ଏହା ରସ, ଧ୍ୱନି, ରୀତି ଆଦି ସମସ୍ତର ସମ୍ମିଶ୍ରଣରୁ ଉଦ୍ଭୂତ, କିନ୍ତୁ ଏସବୁରୁ ଉର୍ଦ୍ଧ୍ୱରେ । ଏହା ହିଁ ଆମ କାବ୍ୟର ଅନ୍ତର୍ନିହିତ ଚମତ୍କାରିତା ।

**ସାହିତ୍ୟ ଚର୍ଚ୍ଚା:** ଆପଣ କହିବାର କଥା ଯେ ଏହି ଚମତ୍କାରିତାଟି ଆଲୋଚନାର ବିଷୟ ନୁହେଁ, ବରଂ ଅନୁଭବର ବିଷୟ ।

**ସୁଦର୍ଶନ ଆଚାର୍ଯ୍ୟ:** ହଁ, ଅନୁଭବର ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର 'ଓଡ଼ିଆ କାବ୍ୟ କୌଶଳ' ବହିରେ ମଧ୍ୟ ଅଛି, 'ଓଡ଼ିଆ କାବ୍ୟରେ ଅର୍ଥ ସଙ୍କୁଚନ ଓ ତାହାର ପଦ୍ଧତି' । ଏହି ଅର୍ଥ ସଙ୍କୁଚନ କହିଲେ ଆପଣ କ'ଣ ବୁଝନ୍ତି ?

**ସୁଦର୍ଶନ ଆଚାର୍ଯ୍ୟ:** ଓଡ଼ିଆରେ କାବ୍ୟ କହିଲେ ଆମେ ଗୋଟିଏ ନିର୍ଦ୍ଦିଷ୍ଟ ଧରଣର ରଚନାକୁ ବୁଝୁଛୁ । ସେଥିରେ ଶବ୍ଦ

ସଂଯୋଜନା ଥିବ, ଗୋଟିଏ ବିଷୟବସ୍ତୁ ଥିବ, ନାୟକ-ନାୟିକା ଥିବେ - କିନ୍ତୁ ସର୍ବୋପରି ଏକ ଅର୍ଥ ସଙ୍କୁଚନ ଥିବ। ଅର୍ଥାତ୍ ଯେଉଁ ରୂପରେ ଆମେ ତାହାକୁ ପାଇବା, ତାହାର ଏକ ବିସ୍ତୃତ ଅର୍ଥ ଥିବ। ଯେମିତି 'ଚିଲିକା', କେତେକେ କହନ୍ତି ଯେ ଏହା ଖଣ୍ଡକାବ୍ୟ; କିନ୍ତୁ ଆମେ କହୁଛୁ ଯେ ଏହା କାବ୍ୟ। ସେମିତି 'ବୈଦେହୀଶ ବିଳାସ' ମଧ୍ୟ ଏକ କାବ୍ୟ।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣ ବୋଧହୁଏ କହିବାକୁ ଚାହାନ୍ତି ଯେ ସେଥିରେ ଅଛି ଭାବ ଓ ବିଷୟବସ୍ତୁ ଗତ ସାନ୍ଦ୍ରତା, ଯାହାକୁ ବୁଝିବା ପାଇଁ ତାହାର ଏକ ବିସ୍ତୃତ ତର୍ଜମା ଆବଶ୍ୟକ। ଏହା ହେଉଛି ଆମ କାବ୍ୟର ଧାରା।

**ସୁଦର୍ଶନ ଆଚାର୍ଯ୍ୟ:** ହଁ।




**ସାହିତ୍ୟ ଚର୍ଚ୍ଚା:** ଆପଣ ତ ମଞ୍ଜୁଷାଠାରେ ଜନ୍ମଗ୍ରହଣ କରିଥିଲେ। ଅଧ୍ୟାପକ ଭାବରେ ନିଜର ଚାକିରି ଜୀବନ ମଧ୍ୟ ଆରମ୍ଭ କରିଥିଲେ ଶ୍ରୀକାକୁଳମରେ। ଆନ୍ଧ୍ରପ୍ରଦେଶରେ ବର୍ତ୍ତମାନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ସ୍ଥିତି ସମ୍ପର୍କରେ ଆପଣଙ୍କ ମତ କ'ଣ ?

**ସୁଦର୍ଶନ ଆଚାର୍ଯ୍ୟ:** ମୁଁ ୧୯୬୦ରେ ଯେତେବେଳେ ଶ୍ରୀକାକୁଳମ୍ କଲେଜରେ ଯୋଗଦେଲି ସେତେବେଳେ ଓଡ଼ିଆ ବିଭାଗର ଥିଲି ଜଣେ ମାତ୍ର ଅଧ୍ୟାପକ। ଛାତ୍ର ମଧ୍ୟ ଥିଲେ ଜଣେ। ଦୁଇବର୍ଷ ରହିଲି ସେଠି। ଧୀରେ ଧୀରେ ଛାତ୍ର ସଂଖ୍ୟା ବଢ଼ିଲା। ବର୍ତ୍ତମାନ ବହୁତ କଲେଜରେ ଅଛି ଓଡ଼ିଆ ବିଭାଗ।

**ସାହିତ୍ୟ ଚର୍ଚ୍ଚା:** ସେଠାରେ କ'ଣ ଓଡ଼ିଆ ବିଭାଗରେ ପଢ଼ିବା ପାଇଁ ଏବେ ଛାତ୍ର ମିଳୁଛନ୍ତି ?

**ସୁଦର୍ଶନ ଆଚାର୍ଯ୍ୟ:** ଛାତ୍ର ମିଳୁଛନ୍ତି। କିନ୍ତୁ ଅଧ୍ୟାପନାଟା ଏତେ ସଫଳ ହୋଇପାରୁନାହିଁ।

**ସାହିତ୍ୟ ଚର୍ଚ୍ଚା:** ତେବେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପ୍ରତି ଏବେ ବି ସେଠାରେ ଥିବା ଓଡ଼ିଆମାନଙ୍କର ଅନୁରକ୍ତି ଅଛି ବୋଲି ଆପଣ ଭାବନ୍ତି କି ?

**ସୁଦର୍ଶନ ଆଚାର୍ଯ୍ୟ:** ହଁ, ଅଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ ଜଣେ ପ୍ରଥିତଯଶା ଲେଖକ ଓ ଗବେଷକ ହେବା ବ୍ୟତୀତ ଜଣେ ବିଶିଷ୍ଟ ଅନୁବାଦକ ମଧ୍ୟ। 'କଥାସରିତ ସାଗର' ଆପଣଙ୍କର ଏକ ସୁବିଦିତ ଅନୁବାଦ, ଯେଉଁଟି ପାଇଁ ଆପଣ କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାର ପାଇଥିଲେ। ଏହା ଅନୁବାଦ କରିବାବେଳେ କ'ଣ ଥିଲା ଆପଣଙ୍କର ଅନୁଭବ ?

**ସୁଦର୍ଶନ ଆଚାର୍ଯ୍ୟ:** ଯେତେବେଳେ ଓଡ଼ିଆ କାବ୍ୟ ଉପରେ ଗବେଷଣା କରୁଥିଲି, ସେତେବେଳେ ଦେଖିଲି ଯେଉଁ ଗଳ୍ପ ଓ କଥାବସ୍ତୁ ସବୁ ସେଇଥିକୁ ଆଣିଛନ୍ତି ସେସବୁ କେଉଁଠୁ ଆସିଛି ! ସେଥିର ନାୟକ-ନାୟିକାମାନଙ୍କର ନାମକରଣ ମଧ୍ୟ କେଉଁଠୁ ଓ କେମିତି ଆସିଥିବ ? ଆମ ଘରେ 'କଥାସରିତ ସାଗର' ବହି ଖଣ୍ଡିଏ ଥିଲା। ତା'ଉପରେ ଆଖି ପକାଇଲି। ଦେଖିଲି ଯେ ଏହା ଭିତରେ ମୁଁ ଖୋଜୁଥିବା ପ୍ରଶ୍ନର କିଛି ଉତ୍ତର ପ୍ରଚ୍ଛନ୍ନ ଭାବରେ ରହିଛି। ତାହିରି ଭିତରୁ ତ ଆସିଛି ପଞ୍ଚତନ୍ତ୍ର ଓ ବେତାଳ ପଞ୍ଚବିଂଶତି ଆଦି। ମୁଁ ଏଇଟି ପଢୁଥିବା ବେଳେ ବିଶିଷ୍ଟ ପ୍ରକାଶକ 'ଦାସ ବ୍ରଦର୍ସ' କହିଲେ, 'ଆପଣ ଏହାର ଅନୁବାଦ କରୁନାହାନ୍ତି !'

**ସାହିତ୍ୟ ଚର୍ଚ୍ଚା:** ଏଇଟି ତ ଏକ ବିରାଟ ଗ୍ରନ୍ଥ, ଯାହା ପାଞ୍ଚଟି ଭାଗରେ ପ୍ରକାଶିତ ହୋଇଛି। ବହୁତ ସମୟ ଲାଗିଥିବ ଏଇଟି ସାରିବା ପାଇଁ !

**ସୁଦର୍ଶନ ଆଚାର୍ଯ୍ୟ:** ମୋତେ ବିଶେଷ ସମୟ ଲାଗିଲା ନାହିଁ। ୧୯୬୪ରେ ଗୋଟିଏ ଛାତ୍ର ଆନ୍ଦୋଳନ ହେଲା। କଲେଜ ସବୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟି ହୋଇଗଲା। ଆମେ ତ କଲେଜ ଆଉ ହେଡକ୍ୱାର୍ଟର ଛାଡି କେଉଁ ଆଡ଼େ ଯାଇପାରିବୁନି, ତେଣୁ ତା'ଭିତରେ ଅଧିକାଂଶ ଅନୁବାଦ ହୋଇଗଲା। ବଳକା ଅଂଶଟି ସାରିଲି ମୁଁ ଚାକିରିରୁ ଅବସର ନେବା ପରେ।

**ସାହିତ୍ୟ ଚର୍ଚ୍ଚା:** ଆଜିକାଲି ଅନେକ ଅନୁବାଦକ କହନ୍ତି ଯେ ସେମାନେ ଅନୁବାଦ କରୁନାହାନ୍ତି, ବରଂ ଅନୁସୃଜନ କରୁଛନ୍ତି। ଏ ବିଷୟରେ କ'ଣ କହିବେ ?

**ସୁଦର୍ଶନ ଆଚାର୍ଯ୍ୟ:** ଆମେ ଯଦି କୌଣସି ଭାରତୀୟ ଭାଷାରୁ ଅନୁବାଦ କରିବା, ତାହେଲେ ତା'କୁ ସଠିକ ଭାବରେ ଓଡ଼ିଆକୁ ଅନୁବାଦ କରିହେବ। କିନ୍ତୁ ପାଶ୍ଚାତ୍ୟ ଭାଷାରୁ ଯଦି ଅନୁବାଦ କରିବା ସେତେବେଳେ ମୂଳ ଲେଖାଟି ଅନ୍ୟ କାହା ଦ୍ୱାରା ଇଂରାଜୀ ବା ହିନ୍ଦୀରେ ପ୍ରଥମେ ଅନୁବାଦିତ ହୋଇ, ସେହିଠାରୁ ଓଡ଼ିଆକୁ ଆସିଥାଏ। ତେଣୁ ଏଥିରେ ଅନୁସୃଜନର ମାତ୍ରା ଅଧିକ ହୋଇଯାଏ।

**ସାହିତ୍ୟ ଚର୍ଚ୍ଚା:** ଶେଷରେ ପଚାରିବି, ଓଡ଼ିଆ ସାହିତ୍ୟରେ ଏବେ ଯେଉଁମାନେ ଗବେଷଣା କରୁଛନ୍ତି, ସେମାନଙ୍କୁ କ'ଣ ସନ୍ଦେଶ ଦେବେ?

**ସୁଦର୍ଶନ ଆଚାର୍ଯ୍ୟ:** ଗବେଷଣା କରିବାକୁ ହେଲେ ବହୁତ ପଢ଼ିବା ପାଇଁ ପଡ଼ିବ। କବିତାଟିଏ ମନରୁ ନିସ୍ତରିତ; ଆପଣ ଯାହା ଅନୁଭବ କରୁଛନ୍ତି ତାକୁ କବିତା ଆକାରରେ ଲେଖିପାରିବେ। ଗୋଟିଏ ଘଟଣା ଦେଖିଲେ ତା'କୁ ଗଳ୍ପ ଆକାରରେ ପରିବେଷଣ କରିଦେଲେ। ସେମିତି ଆଉ ଦଶଟା ଘଟଣା ଦେଖିଲେ ତା'କୁ ଉପନ୍ୟାସ କରିଦେଇପାରିଲେ। କିନ୍ତୁ ଗବେଷଣା କରିବାକୁ ହେଲେ ଯେଉଁ ବିଷୟକୁ ଆପଣ ଗବେଷଣାର ବିଷୟବସ୍ତୁ ଭାବରେ ନେବେ ତା' ସଂପର୍କରେ ବହୁତ କିଛି ପଢିବାକୁ ପଡିବ।

**ଗବେଷଣା କରିବାକୁ ହେଲେ ଯେଉଁ ବିଷୟକୁ ଆପଣ ଗବେଷଣାର ବିଷୟବସ୍ତୁ ଭାବରେ ନେବେ ତା' ସଂପର୍କରେ ବହୁତ କିଛି ପଢିବାକୁ ପଡିବ।**

**ସାହିତ୍ୟ ଚର୍ଚ୍ଚା:** ଆପଣ ଭାବନ୍ତି କି ଯେ ଏହା ଆଜିକାଲି ବିଶେଷ ଭାବରେ ହେଉନାହିଁ?

**ସୁଦର୍ଶନ ଆଚାର୍ଯ୍ୟ:** ଏଇଟା ହେଉନାହିଁ। ମୋର ଏଥିରେ ଅନୁଭୂତି ନାହିଁ, କିନ୍ତୁ ଶୁଣିଛି ଯେ ଆଜିକାଲି କେତେକ ଅଧ୍ୟାପକ ଏପରିକି ଟଙ୍କା ଦେଇ ଥେସିସ୍ କିଣୁଛନ୍ତି, ନିଜେ ଲେଖୁନାହାନ୍ତି। ଗବେଷକଟିଏ ହେବା ପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିବ। ଆମ ୟୁ.ଜି.ସି. ତ ଚାକିରି ସହିତ ପିଏଚ୍.ଡିକୁ ସଂପୃକ୍ତ କରିଦେଲା। ଏଇଠି ହିଁ ଅସୁବିଧା।

**ସାହିତ୍ୟ ଚର୍ଚ୍ଚା:** ତେଣୁ ଯେନତେନ ପ୍ରକାରେଣ ଗବେଷଣାଟିଏ ସାରିଦେବାର ପ୍ରବୃତ୍ତି ଦେଖାଦେଇଛି!

**ସୁଦର୍ଶନ ଆଚାର୍ଯ୍ୟ:** ଯେକୌଣସିମତେ ଡିଗ୍ରୀଟିଏ ଦରକାର। ତେଣୁ ଗବେଷଣାର ମାନ କମିଯାଉଛି। ଏଥିପାଇଁ ବିଶ୍ୱବିଦ୍ୟାଳୟ ଓ ବରିଷ୍ଠ ଅଧ୍ୟାପକମାନେ ଦୃଷ୍ଟି ଦେବାର ଆବଶ୍ୟକତା ଅଛି।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଆଲୋଚନାଟି ପାଇଁ ସମୟ ଦେଇଥିବାରୁ ଆପଣଙ୍କୁ ଅଜସ୍ର ଧନ୍ୟବାଦ।

□□

ଆମର ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
ANDROID APP ON Google Play
@amesabu



ଅନୁବାଦ ଗଳ୍ପ

# ଚକ୍ରବର୍ତ୍ତୀଙ୍କ ସ୍ତମ୍ଭ



ମୂଳ ରଚନା : ଜୟଶଙ୍କର ପ୍ରସାଦ    ରୂପାନ୍ତର : ଡ.ଭବାନୀଶଙ୍କର ମିଶ୍ର

'ବାବା, ଏହା କିପରି ତିଆରି ହୋଇଛି ? ଏହାକୁ କିଏ ତିଆରି କରିଛି ? ଏହା ଉପରେ କ'ଣ ଲେଖାଯାଇଛି ?' ସରଳା ଏପରି ଅନେକ ପ୍ରଶ୍ନ ପଚାରିଲା । ବୁଢ଼ା ଧର୍ମରକ୍ଷିତ, ଛେଳିପଲଙ୍କ ଚରିବା ଆଡ଼କୁ ଚାହିଁ ରହିଥାଏ । ସବୁଜିମାଭରା ଡହ ଝରଣା ତଟରେ ସନ୍ଧ୍ୟାର ଆପତ ଚାଦର ଢାଙ୍କି ହୋଇ ନୂଆ ରଙ୍ଗ ବଦଳାଉଥାଏ । ଛେଳିପଲ ସବୁ ଚରି ଚରି ଧୀରେ ଧୀରେ ଏକ ସୁନ୍ଦର ରେଖା ସଦୃଶ ଚାଲିଯାଉଥାନ୍ତି ।



ବର୍ତ୍ତମାନ ଧର୍ମରକ୍ଷିତର ଧ୍ୟାନ ଆକର୍ଷିତ କରିବା ପାଇଁ ସରଳା ତାଙ୍କର ହାତଟିକୁ ଟାଣି ସେହି ସ୍ତମ୍ଭ ଆଡ଼କୁ ଦେଖାଇଲା । ଧର୍ମରକ୍ଷିତ ନିଃଶ୍ୱାସ ମାରି କହିଲା, "ଝିଅ, ମହାରାଜା ଚକ୍ରବର୍ତ୍ତୀ ଅଶୋକ ଏହାକୁ ଅନେକ ବର୍ଷ ପୂର୍ବେ ନିର୍ମାଣ କରାଇଥିଲେ । ଏହା ଉପରେ ଶୀଳ ଏବଂ ଧର୍ମର ଆଜ୍ଞାମାନ ଖୋଦାଯାଇଛି । ଚକ୍ରବର୍ତ୍ତୀ ଦେବପ୍ରିୟ ଏହା କେବେ ମଧ୍ୟ ଭାବି ନ ଥିଲେ ଯେ ଏସବୁ ଆଜ୍ଞାଗୁଡ଼ିକୁ ବେକାର ବୋଲି ଧରାଯିବ । ଧର୍ମୋନ୍ମତ୍ତ ବ୍ୟକ୍ତିମାନେ ଏହି ସ୍ଥାନଟିକୁ ଧ୍ୱଂସ କରି ପକାଇଲେ । ବର୍ତ୍ତମାନ ବିହାର ସମୟରେ ଡର ଭୟକୁ ଭିକ୍ଷୁକମାନେ କ୍ୱଚିତ୍ ହିଁ ଏଠାରେ ଦେଖାଦିଅନ୍ତି ।"

ବୁଢ଼ାଟି ଏହା କହି ଉଦ୍‌ବିଗ୍ନ ଭାବରେ କୃଷ୍ଣ ସଦୃଶ ସୁନ୍ଦର ସନ୍ଧ୍ୟାର ଆଗମନକୁ ଚାହିଁ ରହିଲା । ସରଳା ତାଙ୍କ ପାଖରେ ବସିଗଲା । ସ୍ତମ୍ଭ ଉପରେ ବିରାଜମାନ ଆଜ୍ଞାରକ୍ଷକ ସିଂହଟି ଧୀରେ-ଧୀରେ ଅନ୍ଧକାର ମଧ୍ୟରେ ବିଲୀନ ହୋଇଗଲା ।

କିଛି ସମୟ ପରେ ଗୋଟିଏ ଧର୍ମଶୀଳ ପରିବାର ସେଠାକୁ ଆସିଲେ । ଜୀର୍ଣ୍ଣ ସ୍ତୂପଟି ଦୀପମାଳାରେ ସଜ୍ଜିତ ହୋଇଗଲା । ଚନ୍ଦନ-କୁସୁମରେ ସ୍ତୂପଟି ଅର୍ଚ୍ଚିତ ହେଲା । ଗୁଗ୍‌ଳର ସୁଗନ୍ଧ, କୁସୁମ-ସୌରଭ ତଥା ଦୀପମାଳା ଦ୍ୱାରା ସେହି ଜରାଜୀର୍ଣ୍ଣ ସ୍ଥାନଟି ପୁନଃମହକିତ ଏବଂ ଆଲୋକିତ ହୋଇ ଉଠିଲା । ସେହି ଦୃଶ୍ୟ ଦେଖି ସରଳାର ମନ ପୁଲକିତ ହୋଇଉଠିଲା । ସେ ବାରମ୍ବାର ବୃଦ୍ଧଜଣକୁ ଦେଖାଇବାକୁ ଲାଗିଲା । ଧାର୍ମିକ ବୃଦ୍ଧର ଆଖିରେ ସେହି ଭକ୍ତିମୟୀ ଅର୍ଚ୍ଚନାରେ ଜଳବିନ୍ଦୁ ଦେଖିବାକୁ ମିଳିଲା । ଭକ୍ତମାନଙ୍କ ସହ ମିଶି ଧର୍ମରକ୍ଷିତ ଏବଂ ସରଳା ଉଭୟେ ପ୍ରୀତିଭରା ହୃଦୟରେ ସେହି ସ୍ତୂପକୁ ଭଗବାନଙ୍କ ଉଦ୍ଦେଶ୍ୟରେ ନମସ୍କାର ଜଣାଇଲେ । ସହସା ଟାପୁ ଶବ୍ଦ ଶୁଣାଗଲା । ସମସ୍ତ ଭକ୍ତି ନିକଟରେ କ୍ରମଶଃ ଭୟ ନିଜର ପ୍ରଭାବ ବିସ୍ତାର କରିନେଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେଖିବାକୁ ଲାଗିଲେ । ଉଲ୍‌କାଧାରୀ ଅଶ୍ୱାରୋହୀଙ୍କ ହାତରେ ଚମକି ଉଠୁଥିଲା ନଗ୍ନ ଖଡ୍‌ଗ । ଆକାଶ ତାରାଗଣ ମଧ୍ୟ ଭୟରେ ଛପିଗଲେ । ମେଘମାଳାମାନେ କାନ୍ଦି କାନ୍ଦି ମନା କରିବାକୁ ଲାଗିଲେ କିନ୍ତୁ ସେହି ନିଷ୍ଠୁର ସୈନିକମାନେ କିଛି ଶୁଣିଲେ ନାହିଁ । ଭଙ୍ଗା-ରୁଜା, ଲୁଟ୍-ପାଟ କରି, ସବୁ ପୂଜାରୀମାନଙ୍କୁ, ମୂର୍ତ୍ତିପୂଜକଙ୍କୁ ବାନ୍ଧି ତାଙ୍କ ଧର୍ମ-ବିରୋଧରେ ଦଣ୍ଡ ପ୍ରଦାନ କରିବା ପାଇଁ ନେଇଗଲେ । ସରଳା ମଧ୍ୟ ସେମାନଙ୍କ ମଧ୍ୟରେ ଥିଲେ ।

ଧର୍ମରକ୍ଷିତ କହିଲା, "ହେ ସୈନିକଗଣ ! ତୁମମାନଙ୍କର କୌଣସି ଧର୍ମ ଅଛି କି ?"

ଜଣେ କହିଲା: "କ'ଣ ସେଥିରେ ଦୟାର ଆଦେଶ ନାହିଁ ?"

ଉତ୍ତର ମିଳିଲା- ନାହିଁ।

ଧର୍ମରକ୍ଷିତ: "କ'ଣ ଯେଉଁ ଧର୍ମରେ ଦୟା ନାହିଁ, ତାକୁ ମଧ୍ୟ ତୁମେ ଧର୍ମ କହିବ ?"

ଅନ୍ୟଜଣେ: "ନାହିଁ, କାହିଁକି ? ଦୟା କରିବା ଆମ ଧର୍ମରେ ଅଛି। ପୈଗମ୍ବରଙ୍କ ଆଦେଶ ଅଛି। ତୁମେ ବୃଦ୍ଧ ଅଟ, ତୁମ ଉପରେ ଦୟା କରାଯାଇପାରେ। ଛାଡ଼ି ଦିଅ ତାକୁ।" ବୃଦ୍ଧକୁ ଛାଡ଼ି ଦିଆଗଲା।

ଧର୍ମରକ୍ଷିତ: "ମୋତେ ବାନ୍ଧିନିଅ ପଛେ, ଏମାନଙ୍କୁ ସବୁ ଛାଡ଼ିଦିଅ, ମୁକ୍ତ କରିଦିଅ। ଯେ ଏହି ସ୍ତମ୍ଭ ଉପରେ ସମସ୍ତ ଜୀବମାନଙ୍କ ପ୍ରତି ଦୟା କରିବା ପାଇଁ ଆଦେଶ ଖୋଦେଇ ଦେଇଛି, ସେ ମଧ୍ୟ ସମ୍ରାଟ ଥିଲା। କ'ଣ ତୁମେମାନେ ମଧ୍ୟ ଦେଶଜୟ କରି ସମ୍ରାଟ ହେବାକୁ ଚାହୁଁଛ ? ହେଲେ ଦୟା କାହିଁକି କରୁନାହଁ ?"

ଜଣେ କହିବାକୁ ଲାଗିଲା- "ପାଗଳ ବୁଢ଼ାଟା ସଂଗେ କାହିଁକି ବକ୍‌ବକ୍ ହେଉଛ ? !"

ସରଳା କହିଲା- "ବାବା, ଆମମାନଙ୍କୁ ଏମାନେ ନେଇଯାଉଛନ୍ତି।"

ଧର୍ମରକ୍ଷିତ - "ଝିଅ, ମୁଁ ଆଜି ଅସହାୟ, ବୃଦ୍ଧ ବାହୁରେ ବଳ ମଧ୍ୟ ନାହିଁ, ଭଗବାନଙ୍କୁ ସ୍ମରଣ କର। ସେ ନିଜେ କହିଛନ୍ତି- ସଂଯୋଗାଃ ବିପ୍ରଯୋଗନ୍ତାଃ।" ନିଷ୍ଠୁରମାନେ ହତ୍ୟା କରିବା ପାଇଁ ଉଦ୍ୟତ ହେଲେ। କିନ୍ତୁ ଚିତ୍କାର କରିବା ପାଇଁ ପ୍ରସ୍ତରରେ ଶକ୍ତି ନ ଥିଲା, ଯାହାକୁ ଶୁଣି ସେ ନିଷ୍ଠୁର ଆତ୍ମାମାନେ ତୁଷ୍ଟ ହୁଅନ୍ତେ। ସେମାନଙ୍କୁ ନୀରବ ହୋଇ କାନ୍ଦିବାକୁ ମଧ୍ୟ ଅସମର୍ଥ ଜାଣି ମେଘ ବରଷିବାକୁ ଲାଗିଲା। ଚପଳା ଚମକି ଉଠିଲା। ଭୀଷଣ ଗର୍ଜନ ହେବାକୁ ଲାଗିଲା। ଆଶ୍ରୟ ନେବା ପାଇଁ ନିଷ୍ଠୁରମାନେ ସ୍ଥାନ ଖୋଜିଲେ। ଅକସ୍ମାତ୍ ଏକ ଭୀଷଣ ଗର୍ଜନ ଏବଂ ପ୍ରଚଣ୍ଡ ଆଲୋକ ସହ ଭୟଙ୍କର ବିସ୍ଫୋଟ ହେଲା। ଚକ୍ରବର୍ତ୍ତୀଙ୍କ ସ୍ତମ୍ଭ ନିଜ ସମ୍ମୁଖରେ ଏହି ଦୃଶ୍ୟ ଦେଖି ସହିପାରିଲା ନାହିଁ। ଅଶନିପାତରେ ଖଣ୍ଡ-ବିଖଣ୍ଡିତ ହୋଇ ଟଳିପଡ଼ିଲା। ଆଉ କେହି କାହାର ବନ୍ଦୀ ହୋଇ କେହି ରହିଲେ ନାହିଁ।

**କିନ୍ତୁ ଚିତ୍କାର କରିବା ପାଇଁ ପ୍ରସ୍ତରରେ ଶକ୍ତି ନ ଥିଲା, ଯାହାକୁ ଶୁଣି ସେ ନିଷ୍ଠୁର ଆତ୍ମାମାନେ ତୁଷ୍ଟ ହୁଅନ୍ତେ।**

□□

ଅନୁବାଦକଙ୍କ ଇ-ମେଲ ଠିକଣା:
bhawanishankar_viranchi@yahoo.com

# ବିଜ୍ଞାପନ ସମ୍ପର୍କୀୟ ସୂଚନା

**'ସାହିତ୍ୟ ଚର୍ଚ୍ଚା' ପୃଷ୍ଠାରେ ବିଜ୍ଞାପନ ପ୍ରକାଶ କରିବା ପାଇଁ ଆଗ୍ରହୀ ବିଜ୍ଞପନଦାତାମାନେ ଆମର ନିମ୍ନଲିଖିତ ଇ-ମେଲ୍ କିମ୍ବା ଟେଲିଫୋନ୍ ନମ୍ବରରେ ସଂପର୍କ କରିବାପାଇଁ ଅନୁରୋଧ।**

Email: info@sahityacharcha.com
Telephone: 0674-3552947 | Mobile: 9368772506

**ଯେକୌଣସି ନୂତନ ପ୍ରକାଶିତ ଓଡ଼ିଆ ପୁସ୍ତକର ବିଜ୍ଞାପନ ପାଇଁ ୫୦% ରିହାତିର ବ୍ୟବସ୍ଥା ଅଛି।**

**ପତ୍ରିକାରେ ସ୍ଥାନ ପାଉଥିବା ସମସ୍ତ ବିଜ୍ଞାପନ ଅନଲାଇନରେ ଉପଲବ୍ଧ ଥିବା ଏହାର ଇ-ବୁକ୍ ସଂସ୍କରଣରେ ମଧ୍ୟ ବିନାମୂଲ୍ୟରେ ମଧ୍ୟ ପ୍ରକାଶିତ ହୁଏ।**

**ସାହିତ୍ୟ ଚର୍ଚ୍ଚା**
**ଓଡ଼ିଆ ସାହିତ୍ୟର ନବ ଦିଗନ୍ତ**

ପ୍ରବନ୍ଧ



# ଗୀତିକବିତାର ଗହନ କଥା

କୀର୍ତ୍ତନ ନାରାୟଣ ପାଢ଼ୀ

ପଠନ କିମ୍ବା ଆବୃତ୍ତି ପାଇଁ ନୁହେଁ, ଗାୟନ ହେବାପାଇଁ ଗୀତିକବିତାର ରଚନା କରାଯାଇଥାଏ। ଗଦ୍ୟକୁ ପାଠ କରାଯାଏ, ପଦ୍ୟ ଓ କାବ୍ୟକବିତାକୁ ଆବୃତ୍ତି କରାଯାଏ। ଗୀତିକବିତାକୁ ଆବୃତ୍ତି କରିହୁଏ, କିନ୍ତୁ ଏହା ଗାନ ପାଇଁ ଉଦ୍ଦିଷ୍ଟ, ପଦ୍ୟ ସଦୃଶ କବିତା ଓ ଗୀତିକବିତା ଛନ୍ଦୋବଦ୍ଧ ହୋଇଥାଏ। ତେଣୁ ଏହା ଆବୃତ୍ତି ଉପଯୋଗୀ ହୁଏ। କିନ୍ତୁ ଗୀତିକବିତା ଆବୃତ୍ତି ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ସ୍ୱର-ତାଳରେ ନିବଦ୍ଧହୋଇ ଗୀତ ରୂପରେ ଗାନ ହେବା ଉଦ୍ଦେଶ୍ୟରେ ରଚିତ ହୋଇଥାଏ। ତେଣୁ କେହି କେହି ଗୀତିକବିତାକୁ କେବଳ ଗୀତ ବୋଲି କହନ୍ତି। କିନ୍ତୁ ଗୀତ କେବଳ ଗୀତିକବିତା ନୁହେଁ, 'ସ୍ୱର-ତାଳ-ପଦାଶ୍ରୟୀ', କିମ୍ବା ଧାତୁ-ମାତୁ ଯୁକ୍ତହୋଇ ମାନବ କଣ୍ଠରେ ଯାହା ଗାନ ହୁଏ ତାହା ଗୀତ। ଗୀତିକବିତା ଗୀତର ଧାତୁ ବା ପଦ ଅନ୍ତର୍ଗତ। ଗୋଟିଏ ଗୀତି-କବିତାକୁ ଗାନ ନ କରିବା ଅବସ୍ଥାରେ ତାହା ଗୀତିକବିତା ପଦବାଚ୍ୟ ହୁଏ ଓ ଗାନ ଅବସ୍ଥାରେ ଗୀତ ହୋଇଥାଏ। ଗାନ ହେଉଥିବା କୌଣସି କବିତା ଯଦି ଗୀତର ଧାତୁ-ମାତୁ ଲକ୍ଷଣ ଅନୁସାରେ ରଚିତ ହୋଇ ନ ଥାଏ, ତାହାକୁ କବିତା କୁହାଯାଇପାରେ, ଗୀତିକବିତା ନୁହେଁ। କାରଣ ଗୀତଟିଏ ଆବଶ୍ୟକ କରୁଥିବା କେତେକ ଲକ୍ଷଣ ଗୀତିକବିତାରେ ରହେ। ସେଥିପାଇଁ ଗୀତ ହେବା ଉପଯୋଗୀ କବିତାରେ 'ଗୀତି' ବିଶେଷଣଟି ଯୋଗ ହୋଇଛି।




**ଗାନ୍ଧର୍ବ-ଗୀତକ-ଧ୍ରୁବା, ପ୍ରବନ୍ଧ :**

ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର'ରେ ପ୍ରାଚୀନ ପ୍ରଚଳିତ ସପ୍ତଗୀତର ଉଲ୍ଲେଖ ରହିଛି। ସେ ମଦ୍ରକ, ଉଲ୍ଲୋପ୍ୟକ, ଅପରାନ୍ତକ, ପ୍ରକରୀ ଓବେଣକ ଗୋବିନ୍ଦକ ଓ ଉତ୍ତର ଆଦି ସପ୍ତଗୀତର ବର୍ଣ୍ଣନା କରିଛନ୍ତି। ଏହି ସପ୍ତଗୀତକୁ ଶାରଙ୍ଗଦେବ ଗୀତକ ଆଖ୍ୟା ଦେଇଛନ୍ତି ଏବଂ ଛନ୍ଦକ, ଆସାରିତ, ବର୍ଦ୍ଧମାନ, ପାଣିକା, ଋକ୍, ଗାଥା ଓ ସାମ ଗୀତ ବୋଲି କହିଛନ୍ତି। ସେ ସପ୍ତଗୀତ ଓ ସପ୍ତଗୀତକୁ 'ପ୍ରକରଣ' ଆଖ୍ୟା ଦେଇଛନ୍ତି।

ଗୀତାନି ସପ୍ତମଦ୍ରୋକୋଲ୍ଲୋପ୍ୟକେ ଚ ପରାନ୍ତକମ୍।
ପ୍ରକର୍ଯ୍ୟୋ ବୈଣକଂ ଚୈବ ରବିନ୍ଦକମଥୋତ୍ତରମ୍।
('ନାଟ୍ୟଶାସ୍ତ୍ର' ୩୧, ୧୮୪, ଭାରତୀୟ ବିଦ୍ୟା ପ୍ରକାଶନ, ଦିଲ୍ଲୀ-ବାରାଣସୀ, ୧୯୮୮, ସମ୍ପାଦକ, ପଣ୍ଡିତ କେଦାରନାଥ)

ଏତୈଃ ପ୍ରକରଣାଖ୍ୟାନି ତାର୍ଲୈର୍ଯ୍ୟାନି ଜଗୁର୍ବୁଧାଃ।
ତାନି ଗୀତାନି ବକ୍ଷାମସ୍ତେଷାମାଦ୍ୟଂ ତୁ ମଦ୍ରକମ୍॥
ଅପରାନ୍ତକମୁଲ୍ଲୋପ୍ୟଂ ପ୍ରପର୍ଯ୍ୟୋବେଣକଂ ତତଃ।
ରୋବିନ୍ଦକୋତ୍ତରେ ସପ୍ତ ଗୀତକାନୀତ୍ୟବାଦିଷ୍ଣୁଃ ॥
ଛନ୍ଦକାସାରିତେ ବର୍ଧମାନଙ୍କ ପଣିକଂ କଥା।
ଋଚୋ ଗାଥା ଚ ସାମାନି ଗୀତାନୀତି ଚତୁର୍ଦ୍ଦଶ।
('ସଂଗୀତ ରତ୍ନାକର' ୫, ୫୩, ୫୫)

**୧-ଗାନ୍ଧର୍ବ :**

ଋକ୍, ଗାଥା ଓ ସାମ ହେଉଛି ବୈଦିକ ସଂଗୀତ। ଆଜିକାଲିର ଲୌକିକ ଗୀତର ମୂଳ ଉତ୍ସ ସାମଗାନ ଅଟେ। କାରଣ ସାମଗାନରୁ ବିକଶିତ ହୋଇ (ସାମ ବ୍ୟତୀତ) ଯେଉଁ ଗୀତ ନାଟ୍ୟରେ ଧାର୍ମିକ ଭାବନାଯୁକ୍ତ ହୋଇ ପ୍ରୟୋଗ ହେଉଥିଲା ତାହାକୁ 'ନାଟ୍ୟଶାସ୍ତ୍ର'ରେ ଗାନ୍ଧର୍ବ ବୋଲି

କୁହାଯାଇଛି । ଏହି ଗାନ୍ଧର୍ବ ହେଉଛି ଗୀତର ମୂଳ ଉତ୍ସ । ଗାନ୍ଧର୍ବର ଲକ୍ଷଣ ହେଲା,

ଯତ୍ତୁ ତନ୍ତ୍ରୀକୃତଂ ପ୍ରୋକ୍ତଂ ନାନାତୋଦ୍ୟସମାଶ୍ରୟମ୍
ଗାନ୍ଧର୍ବମିତି ତଜ୍‌ଜ୍ଞେୟଂ ସ୍ୱରତାଳପଦାଶ୍ରୟମ୍ ।
(ନା.ଶା, ଓମାଏ, ୨୮.୮)

ଅର୍ଥାତ୍, ନାନା ପ୍ରକାର ତନ୍ତ୍ରୀ ଓ ଆତୋଦ୍ୟ ବାଦ୍ୟ ସହିତ ସ୍ୱରତାଳ ପଦାଶ୍ରିତ ହୋଇ ଗାନ୍ଧର୍ବ ଗାନ ହୁଏ । ଏହି ଗାନ୍ଧର୍ବରେ ପଦ ପ୍ରୟୋଗ ହେବାର ବିଧି ନିର୍ଦ୍ଦିଷ୍ଟ ହୋଇଛି । ଏହାର ପଦଗୁଡ଼ିକ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣଯୁକ୍ତ ହୋଇଥାଏ । ଅକ୍ଷରଗୁଡିକ ମଧ୍ୟରେ ସନ୍ଧି ସ୍ଥାପନକରି ଉଚ୍ଚାରଣରେ ପରିବର୍ତ୍ତନ ବା ବିକାର କରାଯାଏ । ବିଶେଷ୍ୟ (ନାମ), ବିଶେଷଣ, ସର୍ବନାମ, ଆଖ୍ୟାତ (କ୍ରିୟା) ଆଦି ଶବ୍ଦଗୁଡିକ ବିଭକ୍ତିଯୁକ୍ତ ହୋଇ ଗାନଯୋଗ୍ୟ ହୁଏ । ପଦଗୁଡ଼ିକ ସୁପ୍ତ, କୃତ, ତଦ୍ଧିତ ଆଦି ପ୍ରତ୍ୟୟଯୁକ୍ତ ହୁଏ ଏବଂ ଉପସର୍ଗ ଓ ନିବାତ (ଅବ୍ୟୟ) ଯୁକ୍ତ ହେବାସହିତ ଅଳଂକୃତ ହୁଏ । ପଦଗୁଡ଼ିକ ଛନ୍ଦୋବଦ୍ଧ ହୁଏ । ନିବଦ୍ଧ ଓ ଅନିବଦ୍ଧ ଉଭୟ ପ୍ରକାର ପଦ ପ୍ରୟୋଗ ହୋଇପାରେ ।

**ଆଜିକାଲିର ନାଟକ ଓ ଚଳଚ୍ଚିତ୍ରରେ ବୋଲାଯାଉଥିବା ଗୀତର ମୂଳ ଉତ୍ସ ହେଲା ଏହି ଧ୍ରୁବା ଗୀତ ।**

ବ୍ୟଞ୍ଜନାଦି ସ୍ୱରା ବର୍ଣ୍ଣାଃ
ସଂଧୟୋଽଥ ବିଭକ୍ତୟଃ ।
ନାମାଖ୍ୟାତୋପସର୍ଗାଶ୍ଚ ନିପାତାସ୍ତଦ୍ଧିତାସ୍ତଥା ॥
ଛନ୍ଦୋବିଧାନଂ ଚ ତଥା ଜ୍ଞେୟଃ ପଦଗତୋ ବିଧିଃ ।
ଅନିବଦ୍ଧଂ ନିବଦ୍ଧଂ ଚ ଦ୍ୱିବିଧଂ ତତ୍‌ପଦଂ ସ୍ମୃତମ୍ ॥
('ନାଟ୍ୟଶାସ୍ତ୍ର' ୨୮, ୧୬, ୧୮)

'ନାଟ୍ୟଶାସ୍ତ୍ର' ବର୍ଣ୍ଣିତ ଗାନ୍ଧର୍ବର ପଦଗତବିଧି ସମ୍ପର୍କରେ ଯାହା ଉଲ୍ଲେଖ ଅଛି, ତହିଁରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଏହି ପଦ ନିଶ୍ଚୟ ଛନ୍ଦୋବଦ୍ଧ ହେବ । ଅବଶ୍ୟ ତାହା ନିବଦ୍ଧ କିମ୍ବା ଅନିବଦ୍ଧ ହୋଇପାରେ । ଯେଉଁ ପଦ ତାଳବଦ୍ଧ ହୁଏ, ତାହା ନିବଦ୍ଧ ପଦ ଓ ତାଳବଦ୍ଧ ହୁଏନାହିଁ, ତାହା ଅନିବଦ୍ଧ ପଦ ଅଟେ । ଅବଶ୍ୟ ନିବଦ୍ଧ ଓ ଅନିବଦ୍ଧ ଉଭୟ ପ୍ରକାର ପଦ ଛନ୍ଦୋବଦ୍ଧ ହୁଏ ।

**୨-ଗୀତକ :**

ଗାନ୍ଧର୍ବର ନିକଟତମ ଗୀତ ହେଉଛି ଗୀତକ । ଗାନ୍ଧର୍ବରେ ପ୍ରୟୋଗ ହେଉଥିବା ସ୍ୱର, ପଦ ଓ ତାଳ ମଧ୍ୟରେ ପ୍ରତ୍ୟେକଟିର ସମାନ ମହତ୍ତ୍ୱ ଥାଏ, କିନ୍ତୁ ଗୀତକ ତାଳ ପ୍ରଧାନ ଅଟେ । ଏଥିରେ ସ୍ୱର ଓ ପଦ ଥାଏ । କିନ୍ତୁ ପଦର ଭୂମିକା ତାଳ ତୁଳନାରେ ଗୌଣ ଅଟେ ।

**୩-ଧ୍ରୁବା :**

ଧ୍ରୁବା ଗୀତ ନାଟ୍ୟର ଉପରଞ୍ଜକ ଭାବେ ପ୍ରୟୋଗ ହୁଏ । ଏଥିରେ ସ୍ୱର ଓ ତାଳ ଅପେକ୍ଷା ଛନ୍ଦୋବଦ୍ଧ ପଦର ପ୍ରାଧାନ୍ୟ ବେଶି । ଆଜିକାଲିର ନାଟକ ଓ ଚଳଚ୍ଚିତ୍ରରେ ବୋଲାଯାଉଥିବା ଗୀତର ମୂଳ ଉତ୍ସ ହେଲା ଏହି ଧ୍ରୁବା ଗୀତ । ଏଥିରେ ପ୍ରୟୋଗ ହେଉଥିବା ପଦାବଳୀର ବିଧି ଆଜିକାଲିର ଗୀତିକବିତାରେ ମଧ୍ୟ ଅନୁସରଣ କରାଯାଉଛି ।

**୪-ପ୍ରବନ୍ଧ :**

ଗାନ୍ଧର୍ବ, ଗୀତିକ ଓ ଧ୍ରୁବା ହେଉଛି ପ୍ରାଚୀନ ଭାରତୀୟ ଗୀତର ପ୍ରକାରଭେଦ, ଯାହାକି ମାର୍ଗ ସଂଗୀତ ଅଟେ । ଆଜିକାଲି ଏଗୁଡ଼ିକ ଲୁପ୍ତପ୍ରାୟ ବା ଲୁପ୍ତ ବୋଲି କୁହାଯାଇପାରେ । ପ୍ରବନ୍ଧ କହିଲେ କେବଳ ନିବଦ୍ଧ ଗୀତକୁ ବୁଝାଏ, ଅନିବଦ୍ଧ ଗୀତକୁ ନୁହେଁ । ପ୍ରବନ୍ଧ ହେଉଛି ଦେଶୀ ସଂଗୀତ ଯାହା ଆଜିକାଲି ପ୍ରୟୋଗ ହେଉଛି । 'ନାଟ୍ୟଶାସ୍ତ୍ର'ରେ ପ୍ରବନ୍ଧ ବର୍ଣ୍ଣନା ନାହିଁ । ଏହାର ସର୍ବପ୍ରଥମ ଉଲ୍ଲେଖ ମାତଙ୍ଗ ମୁନିଙ୍କ 'ବୃହଦ୍ଦେଶୀ' ଗ୍ରନ୍ଥରେ ମିଳେ । 'ଗୀତ' ବଦଳରେ 'ପ୍ରବନ୍ଧ' ଶବ୍ଦଟି ବିଶେଷକରି ଶାସ୍ତ୍ରୀୟ ସଂଗୀତରେ ବ୍ୟବହାର ହୁଏ । ଏହା ଦେଶୀରାଗ ଓ ଦେଶୀତାଳରେ ବୋଲାଯାଏ । ଏହି ପ୍ରବନ୍ଧ ନାନା ପ୍ରକାର ଅଟେ, ଯଥା- ଶୁଦ୍ଧପ୍ରବନ୍ଧ, ଛାୟାଲଗ ବା ସାଲଗ ବା ସୂଡ଼ ପ୍ରବନ୍ଧ ଓ କ୍ଷୁଦ୍ର ପ୍ରବନ୍ଧ ବା କ୍ଷୁଦ୍ର ଗୀତ । ଚିତ୍ରକଳା, ଚିତ୍ରପଦା, ଧ୍ରୁବପଦ, ଅଷ୍ଟପଦୀ, ଚଉପଦୀ, ଚମ୍ପୁ, ଛାନ୍ଦ ଓ ଚଉତିଶା ଆଦି କ୍ଷୁଦ୍ର ଗୀତ ପର୍ଯ୍ୟାୟର ପ୍ରବନ୍ଧ । ଭିନ୍ନ ଭିନ୍ନ ପ୍ରବନ୍ଧର ଯଥାଯଥ ଧାତୁ-ମାତୁ ଅନୁସାରେ ତାହାର ପଦାବଳୀ ବା ଗୀତିକବିତାର ରଚନା ରୀତି ଓ କଳେବର ଭିନ୍ନ ଭିନ୍ନ ହୋଇଥାଏ । ଗୋଟିଏ ଛାନ୍ଦ ଓ ଗୋଟିଏ ଚଉପଦୀର ରଚନା ରୀତି ସମାନ ନୁହେଁ ।

ସେହିପରି ଅଷ୍ଟପଦୀ ଓ ଗୋଟିଏ ଚଉତିଶାର ଲକ୍ଷଣ ସମାନ ନୁହେଁ । ଯେଉଁ ପ୍ରକାର ପ୍ରବନ୍ଧ ପାଇଁ ଯେମିତି ଆବଶ୍ୟକ ସେମିତି ଗୀତିକବିତା ରଚନା ହୁଏ । ପ୍ରବନ୍ଧରେ ରାଗ, ତାଳ ଓ ପଦର

ପ୍ରୟୋଗ ତାହାର ଧାତୁ-ମାତୁ, ଅଙ୍ଗ ଅନୁସାରେ ହୋଇଥାଏ ।

**ଧାତୁ-ମାତୁ-ଅଂଗ :** ପ୍ରବନ୍ଧର କଳେବର ବା ଅବୟବକୁ ଧାତୁ କହନ୍ତି । ଏହା ୪ ପ୍ରକାର ଯଥା – ଉଦ୍‌ଗ୍ରାହ, ମେଳାପକ, ଧ୍ରୁବ ବା ଘୋଷା ବା ସ୍ଥାୟୀ ଓ ଅଭୋଗ ବା ଭଣିତା । ପ୍ରବନ୍ଧର ମାତୁ ହେଲା ଧ୍ୱନିବିଶେଷ, ସ୍ୱର, ତାଳ, ପ୍ରାସ, ବିଶ୍ରାମ, ଅଳଙ୍କାର ଇତ୍ୟାଦି । ପ୍ରବନ୍ଧର ଅଂଗ ହେଲା ୬ଟି, ଯଥା- ସ୍ୱର, ପଦ, ତାଳ, ତେନା, ପାଟ ଓ ବିରୁଦ । ପ୍ରବନ୍ଧରେ ଏହିସବୁ ଅଂଗର ପ୍ରୟୋଗ ହୁଏ ବୋଲି ପ୍ରବନ୍ଧକୁ ଉଚ୍ଚାଙ୍ଗ ବା ଶାସ୍ତ୍ରୀୟ ଗୀତ ବୋଲି କୁହନ୍ତି । ଯେଉଁ ପ୍ରବନ୍ଧରେ ୨ଟି ଅଙ୍ଗର ପ୍ରୟୋଗ ହୁଏ, ସେହି ପ୍ରବନ୍ଧକୁ ଭାବନୀ ବା କବିତା ପ୍ରବନ୍ଧ ବୋଲି କହନ୍ତି । କାରଣ ଏହାର ପଦାବଳୀ କବିତା ରୂପରେ ରଚିତ ହୁଏ ଓ ବୋଲାଯାଏ । ଏହି କବିତା ପ୍ରବନ୍ଧ ଭାବରେ ଗାନ ହୁଏ ବୋଲି ତାହାକୁ ଗେୟପଦ ବା ଗେୟ କବିତା କହନ୍ତି ।




ଅଙ୍ଗୈଃ ଷଡ଼ାଦିଭିଦ୍ୱର୍ୟନ୍ତୈଃ କେଷାଂଚନ ମତେ ଶ୍ରୁତିଃ ।
ନୀତିଃସେନା ଚ କବିତା ଚମ୍ପୂରିତ୍ୟୁଦିସ୍ତାତୁ ତାଃ ।
ମେଦିନ୍ୟଥାନନ୍ଦିନୀ ସ୍ୟାଦ୍ଦୀପନୀ ଭାବନୀ ତଥା
ତାରାବଳୀତି ପଞ୍ଚ ସ୍ୟୁଃ ପ୍ରବନ୍ଧାନାଂ ତୁ ଜାତୟଃ ।

('ସଂଗୀତ ରତ୍ନାକର' ୪, ୧୯-୨୧)

## ନିର୍ଯୁକ୍ତ ଓ ଅନିର୍ଯୁକ୍ତ ପ୍ରବନ୍ଧ :

କେତେକ ପ୍ରବନ୍ଧ ଅଛି ଯହିଁରେ ଗାନ ହେଉଥିବା ପଦାବଳୀ ଛନ୍ଦ ଓ ତାଳାଶ୍ରିତ ହୁଏ ନାହିଁ । ତେଣୁ ଏହି ପଦାବଳୀ ଗୀତିକବିତା ନୁହେଁ । ଏହି ପ୍ରକାର ପ୍ରବନ୍ଧକୁ ଅନିର୍ଯୁକ୍ତ ପ୍ରବନ୍ଧ କହନ୍ତି । କିନ୍ତୁ ନିର୍ଯୁକ୍ତ ପ୍ରବନ୍ଧ ପଦାବଳୀ ନିଶ୍ଚିତ ଭାବରେ ଛନ୍ଦାଶ୍ରିତ ଓ ତାଳାଶ୍ରିତ ହୁଏ ଏବଂ ସମସ୍ତ ପ୍ରକାର ପ୍ରବନ୍ଧ ସ୍ୱରାଶ୍ରିତ ହୁଏ ।

ଚମ୍ପୁରେ ଗଦ୍ୟ ଓ ଉଭୟ ପଦ୍ୟ ଗାନ ହୋଇପାରେ, ଯାହା ଛନ୍ଦ ଓ ତାଳାଶ୍ରିତ ହୁଏ । ତେଣୁ ଏହା ନିର୍ଯୁକ୍ତ ପ୍ରବନ୍ଧ ପର୍ଯ୍ୟାୟର ଗୀତ ।

ଅନିର୍ଯୁକ୍ତଶ୍ଚ ନିର୍ଯୁକ୍ତଃ ପ୍ରବନ୍ଧୋ ଦ୍ୱିବିଧୋ ମତଃ ।
ଛନ୍ଦସ୍ତୋଳାଦ୍ୟନିୟମାଦାଦ୍ୟଃ ସ୍ୟାନ୍ନିୟମାତ୍ ପରଃ ॥

('ସଂଗୀତ ରତ୍ନାକର' ୪, ୨୧-୨୨)

**ଅନିବଦ୍ଧ ପଦ ଓ ଅନିବଦ୍ଧ ପଦ :**

ଅନିବଦ୍ଧଗୀତ କହିଲେ ତାଳରହିତ ଆଳାପକୁ ବୁଝାଏ ଓ ନିବଦ୍ଧଗୀତ କହିଲେ ପ୍ରବନ୍ଧକୁ ବୁଝାଏ । ସେହିପରି ଅନିବଦ୍ଧ ପଦ କହିଲେ ଚୂର୍ଣ୍ଣପଦ ବା ଗଦ୍ୟରେ ବ୍ୟବହୃତ ପଦକୁ ବୁଝାଏ ଓ ନିବଦ୍ଧପଦ କହିଲେ ପଦ୍ୟ ଓ କାବ୍ୟକବିତାରେ ବ୍ୟବହୃତ ପଦକୁ ବୁଝାଏ । ଗଦ୍ୟରେ ବ୍ୟବହୃତ ପଦ ଛନ୍ଦ ରହିତ, କିନ୍ତୁ ପଦ୍ୟ, କାବ୍ୟକବିତାରେ ବ୍ୟବହୃତ ପଦ ଛନ୍ଦ ସହିତ ହେବ । ଏଠାରେ ପଦକୁ ଛନ୍ଦହୀନ ବା ଛନ୍ଦୋବଦ୍ଧ ନ କହି, ଯଥାକ୍ରମେ ଅନିବଦ୍ଧ ଓ ନିବଦ୍ଧ କହିବାର ତାତ୍ପର୍ଯ୍ୟ ହେଲା, ଛନ୍ଦ ସହିତ ତାଳ ଓ ପଦର ଅର୍ଥକୁ ମଧ୍ୟ ଅନ୍ତର୍ଭୁକ୍ତ ଯାଇଛି । ଅର୍ଥାତ୍, ଛନ୍ଦ, ତାଳ ଓ ଅର୍ଥଯୁକ୍ତ ପଦ ହିଁ ନିବଦ୍ଧପଦ ଏବଂ ଏହି ତିନୋଟିଯାକର ସମନ୍ୱୟ ନ ଥିଲେ ତାହା ଅନିବଦ୍ଧ ପଦ । ଗଦ୍ୟରେ ବ୍ୟବହୃତ ପଦ ଅର୍ଥ ପ୍ରକାଶକ ଅଟେ ଓ ତାଳରେ ମଧ୍ୟ ଗାନ କରାଯାଇପାରେ, କିନ୍ତୁ ତାହା ଛନ୍ଦୋବଦ୍ଧ ନୁହେଁ । ତେଣୁ ଗଦ୍ୟରେ ବ୍ୟବହୃତ ପଦ ଅନିବଦ୍ଧ ପଦ ଅଟେ । ପଦ୍ୟ, କାବ୍ୟ ଓ କବିତାର ପଦ ଛନ୍ଦୋବଦ୍ଧ ଓ ଅର୍ଥଯୁକ୍ତ ଅଟେ ଏବଂ ତାହା ତାଳବଦ୍ଧ ହୋଇ ଗାନ ହୋଇପାରେ ତେଣୁ ତାହା ନିବଦ୍ଧ ପଦ ଅଟେ ।

ଭରତ ମୁନିଙ୍କ 'ନାଟ୍ୟଶାସ୍ତ୍ର' ଅନୁସାରେ ନିବଦ୍ଧ ପଦର ଲକ୍ଷଣ ହେଲା,

ନିବଦ୍ଧାକ୍ଷରସଂଯୁକ୍ତଂ ପଦଚ୍ଛେଦସମନ୍ୱିତମ୍ ।
ନିବଦ୍ଧଂ ତୁ ପଦ ଜ୍ଞେୟଂ ପ୍ରମାଣନିୟତାକ୍ଷରମ୍ ॥

('ନାଟ୍ୟଶାସ୍ତ୍ର' ଭାବିପ୍ର, ୧୪: ୩୬)

ଅର୍ଥାତ୍ – ନିବଦ୍ଧ ଅକ୍ଷର ଓ ପଦଚ୍ଛେଦଯୁକ୍ତ, ନିୟତ ପ୍ରମାଣ ରୂପ ବିଶିଷ୍ଟ ଗେୟପଦ ହିଁ ନିବଦ୍ଧପଦ ଅଟେ । ଏଠାରେ 'ନିବଦ୍ଧଅକ୍ଷର' ଓ 'ପଦଚ୍ଛେଦ' ଛନ୍ଦକୁ ଏବଂ 'ଜ୍ଞେୟ' ଶବ୍ଦଟି ସ୍ୱରତାଳାଶ୍ରିତ ସବୁ ଗାୟନ ଯୋଗ୍ୟତାକୁ ବୁଝାଉଛି । 'ପଦ' ଶବ୍ଦଟି ଅର୍ଥ ପ୍ରକାଶକୁ ବୁଝାଉଛି । 'ନାଟ୍ୟଶାସ୍ତ୍ର' ଅନୁସାରେ ଅନିବଦ୍ଧ ପଦର ଲକ୍ଷଣ ହେଲା-

ଅନିବଦ୍ଧଂ ପଦବୃନ୍ଦଂ ତଥା ଚାନିୟତାକ୍ଷରମ୍।
ଅର୍ଥାପେକ୍ଷାକ୍ଷରଯୁତଂ ଜ୍ଞେୟଂ ଚୂର୍ଣ୍ଣପଦଂ ବୁଧୈଃ ॥
(‘ନାଟ୍ୟଶାସ୍ତ୍ର’ ଭାବିପ୍ର, ୧୪:୩୫)

ଅର୍ଥାତ୍ - ଅର୍ଥକୁ ଅପେକ୍ଷା କରିବା କାରଣରୁ ଅକ୍ଷର ସଂଖ୍ୟାର ନିୟମ ନ ଥାଇ ବା ଛନ୍ଦୋବଦ୍ଧ ହୋଇ ନ ଥିବା ପଦବୃନ୍ଦକୁ ଅନିବଦ୍ଧ ପଦ ବା ଚୂର୍ଣ୍ଣପଦ କହନ୍ତି।

ଉପରୋକ୍ତ ଶ୍ଳୋକରେ ଭରତମୁନି ‘ଜ୍ଞେୟ’ ଶବ୍ଦଟି ପ୍ରୟୋଗ କରିବାର ତାତ୍ପର୍ଯ୍ୟ ହେଲା, ଚୂର୍ଣ୍ଣପଦ ମଧ୍ୟ ସ୍ୱର-ତାଳରେ ଗାନ ହୋଇପାରେ, କିନ୍ତୁ ଚୂର୍ଣ୍ଣପଦର ପ୍ରୟୋଗ ମୁଖ୍ୟତଃ ଅର୍ଥ ପ୍ରକାଶ ପାଇଁ କରାଯାଇଥାଏ।

**ଗଦ୍ୟ ଓ ପଦ୍ୟ ଗାୟନ :**

ଛନ୍ଦୋବଦ୍ଧ ପଦ୍ୟ, କାବ୍ୟ, କବିତାର ପଦାବଳୀ ଗାୟନ ପାଇଁ ନହେଁ ଆବୃତ୍ତି ହେବା ପାଇଁ ରଚିତ ହୋଇଥାଏ। ତେଣୁ ସେସବୁର ପଦାବଳୀ ନିବଦ୍ଧ ପାଦର ଉଦାହରଣ ନୁହେଁ। ଯେଉଁ କବିତାଟି ସ୍ୱର ଓ ତାଳବଦ୍ଧ ହୋଇ ନିବଦ୍ଧ ଗୀତରେ ଗାନ ହୁଏ, ତାହାର ପଦାବଳୀ ନିବଦ୍ଧପଦର ପ୍ରକୃଷ୍ଟ ଉଦାହରଣ। ଏହି ଗାୟନଯୋଗ୍ୟ କବିତା ହେଉଛି ଗୀତିକବିତା। ଚମ୍ପୂରେ ଗଦ୍ୟ ଓ ପଦ୍ୟ ଗାୟନ ହେବାର ବିଧି ରହିଛି, ଯାହା ଜନମନରଞ୍ଜନ ପାଇଁ ଏକ ବ୍ୟତିକ୍ରମ। ଗଦ୍ୟ ଭାଷାରେ ରଚିତ ସମ୍ବାଦପତ୍ରର ଲେଖାକୁ ମଧ୍ୟ ସ୍ୱର-ତାଳରେ ଗାନ କରାଯାଇପାରେ, କିନ୍ତୁ ତାହା ଗୀତି-କବିତା ନୁହେଁ। ପଦ୍ୟକୁ ମଧ୍ୟ ଗାନ କରାଯାଇପାରେ, କିନ୍ତୁ ତାହା ଗୀତିକବିତା ନୁହେଁ। ଗଦ୍ୟକବିତା ଓ ପଦ୍ୟକବିତାକୁ ମଧ୍ୟ ଗାନ କରାଯାଇପାରେ, କିନ୍ତୁ ତାହା ଗୀତିକବିତା ନୁହେଁ। ଯେଉଁ କବିତା ନିବଦ୍ଧଗୀତର ଅର୍ଥାତ୍ ପ୍ରବନ୍ଧ ଧାତୁ, ମାତୁ ଓ ଅଙ୍ଗ ଅନୁସାରେ ରଚିତ ହୋଇଥାଏ, ତାହା ଗୀତିକବିତାର ଅଂଶ। କବିତା ମାତ୍ରେ ହିଁ ଛନ୍ଦୋବଦ୍ଧ, କାରଣ ଛନ୍ଦ ବିନା କବିତା ହୁଏନାହିଁ। ଗାନ ମାତ୍ରେ ହିଁ ସ୍ୱର-ତାଳ-ବଦ୍ଧ ହୁଏ। ସ୍ୱରଯୁକ୍ତ କିନ୍ତୁ ତାଳହୀନ ଯେଉଁ ଆଳାପ ଗାନ ହୋଇପାରେ, ତାହା ଅନିବଦ୍ଧ ଗୀତ ଅଟେ, ପ୍ରବନ୍ଧ ବା ଏକ ସମ୍ପୂର୍ଣ୍ଣ ଗୀତ ନୁହେଁ।

ଭାରତୀୟ ସଂସ୍କୃତିରେ ବାକ୍, ପ୍ରାଣ ଓ ମନକୁ ଯଥାକ୍ରମେ ସତ୍, ଚିତ୍ ଓ ଆନନ୍ଦ ସହିତ ଜଡ଼ିତ କରାଯାଇଛି। ପୁଣି ସତ୍, ଚିତ୍ ଓ ଆନନ୍ଦରୁ ଯଥାକ୍ରମେ, କ୍ରିୟା, ଜ୍ଞାନ ଓ ଇଚ୍ଛାର ଉଦ୍ରେକ ହୁଏ। ତାଳ ଓ ଛନ୍ଦ କ୍ରିୟାପ୍ରଧାନ ହୋଇଥିବାରୁ ତାହା ସତ୍ ସହିତ ସଂପୃକ୍ତ। ଅର୍ଥବୋଧକ ପଦ ଜ୍ଞାନପ୍ରଧାନ ହୋଇଥିବାରୁ ତାହା ଚିତ୍ ସହିତ ସମ୍ବନ୍ଧିତ। ଅନୁଭୂତି ସମ୍ପନ୍ନ ସ୍ୱର ଇଚ୍ଛାପ୍ରଧାନ ହୋଇଥିବାରୁ ଆନନ୍ଦ ସହିତ ସମ୍ମିଳିତ। ଛାନ୍ଦ, ତାଳ, ପଦ ଓ ସ୍ୱର ପ୍ରତ୍ୟେକଟିରେ ସତ୍, ଚିତ୍ ଓ ଆନନ୍ଦ ବା ସଚ୍ଚିଦାନନ୍ଦ ଥାଆନ୍ତି। କିନ୍ତୁ ଛନ୍ଦ ଓ ତାଳରେ କ୍ରିୟା ପ୍ରଧାନ ଅଟେ, ଜ୍ଞାନ ଓ ଆନନ୍ଦ ଗୌଣ ଅଟେ। ପଦରେ ଜ୍ଞାନ ହେଉଛି କ୍ରିୟା, ଇଚ୍ଛା ଗୌଣ ଅଟେ। ସେହିପରି ସ୍ୱରରେ ଇଚ୍ଛା ହେଉଛି ପ୍ରଧାନ, କ୍ରିୟା ଓ ଜ୍ଞାନ ଗୌଣ ଅଟେ। ପଦ ବିନା ଛନ୍ଦକୁ ଆବୃତ୍ତିକରି ହୁଏ ନାହିଁ। ସ୍ୱର ବିନା ତାଳକୁ ଗାନକରି ହୁଏନାହିଁ। ତଥାପି ଛନ୍ଦ ଓ ତାଳରେ ବାକ୍ ତତ୍ତ୍ୱ ରହିଛି। ତେଣୁ ଯାହାକୁ ଉଚ୍ଚାରଣ ବା ଗାନ କରାଯାଏ ନାହିଁ, ତହିଁରେ ମଧ୍ୟ ବାକ୍ ତତ୍ତ୍ୱ ରହିପାରେ। ପଦ ହେଉଛି ପ୍ରାଣତତ୍ତ୍ୱ ଓ ସ୍ୱର ହେଉଛି ମନ ତତ୍ତ୍ୱ। ଯେଉଁଠି ପ୍ରାଣତତ୍ତ୍ୱ ବା ମନ ତତ୍ତ୍ୱ ଥାଏ ସେଠାରେ ବାକ୍ ତତ୍ତ୍ୱ ମଧ୍ୟ ଥାଏ। ଛନ୍ଦହୀନ ଗଦ୍ୟ ପଠନଯୋଗ୍ୟ ଏବଂ ଅର୍ଥ ପ୍ରକାଶକ। ଛନ୍ଦଯୁକ୍ତ ପଦ ଆବୃତ୍ତିଯୋଗ୍ୟ ଏବଂ ଅର୍ଥ, ଭାବ ପ୍ରକାଶକ। ଛନ୍ଦଯୁକ୍ତ କାବ୍ୟକବିତା ଆବୃତ୍ତି ଯୋଗ୍ୟ ଏବଂ ଅର୍ଥ, ଭାବ ପ୍ରକାଶକ ଓ ରସ ଉଦ୍ଦୀପକ। ଛନ୍ଦଯୁକ୍ତ ଗୀତିକାବ୍ୟ-କବିତା ଗାୟନଯୋଗ୍ୟ ଏବଂ ଅର୍ଥ, ଭାବ ପ୍ରକାଶକ, ରସ ଉଦ୍ଦୀପକ ଓ ଆନନ୍ଦଦାୟକ।

**ଛାନ୍ଦ, ତାଳ, ପଦ ଓ ସ୍ୱର ପ୍ରତ୍ୟେକଟିରେ ସତ୍, ଚିତ୍ ଓ ଆନନ୍ଦ ବା ସଚ୍ଚିଦାନନ୍ଦ ଥାଆନ୍ତି।**

**ସ୍ୱର ଦିଏ ଆନନ୍ଦ :**

ସ୍ୱର ମଣିଷର ମନକୁ ଛୁଇଁ ଆନନ୍ଦ ଦିଏ, ତେଣୁ ଜ୍ଞାନ ଥାଉ ବା ନ ଥାଉ ସ୍ୱର ଶୁଣିବାକୁ ମଣିଷର ସବୁବେଳେ ଇଚ୍ଛା ଥାଏ। ପଦ ମଣିଷର ପ୍ରାଣକୁ କେବଳ ଛୁଇଁଲେ ଅର୍ଥବୋଧକ ହୁଏନାହିଁ। ଅର୍ଥ ବୁଝିବା ପାଇଁ ମଣିଷର ଜ୍ଞାନ ଥିବା ଆବଶ୍ୟକ। ଓଡ଼ିଆ ଭାଷା ଜାଣି ନ ଥିବା ଲୋକ ଅନ୍ୟ ଯେତେ ଭାଷା ଜାଣିଲେ ମଧ୍ୟ ଓଡ଼ିଆ ବୁଝିପାରନ୍ତି ନାହିଁ। ଓଡ଼ିଆ ବୁଝିବାପାଇଁ ଓଡ଼ିଆ ଭାଷାରେ ଜ୍ଞାନ ଥିବା ଆବଶ୍ୟକ। ହସ୍ତ, ପଦ, ଅଙ୍ଗୁଳି ଇତ୍ୟାଦି ଚାଳନା କରିବା, ମୁଣ୍ଡ ହଲାଇବା, ଆଖିପତା, ପକାଇବା ପାଇଁ ଜ୍ଞାନ ଓ ଇଚ୍ଛାର ଆବଶ୍ୟକତା ନ ଥାଏ। ତାହା ହେଉଛି ନାନା ପ୍ରକାର କ୍ରିୟା, ଯାହା ଛନ୍ଦ ଓ ତାଳ ତତ୍ତ୍ୱ ଅଟେ। ଛନ୍ଦ ଓ ତାଳ ଆଦି କ୍ରିୟାଦ୍ୱାରା ଅକ୍ଷରକୁ ଛନ୍ଦିଲେ, ପଦ ଓ ସ୍ୱରକୁ ଛନ୍ଦିଲେ ରାଗ ସୃଷ୍ଟିହୁଏ। ତେଣୁ ପ୍ରଥମେ କ୍ରିୟା

କରାଯାଏ, ତା'ପରେ ଜ୍ଞାନଲାଭ ହୁଏ ଓ ଶେଷରେ ଆନନ୍ଦ ମିଳେ। ପୁଣି ଏହି ତିନୋଟି ପରସ୍ପର ଅଭିନ୍ନ। କାରଣ ବାୟୁ ଓ ଅଗ୍ନି ମଧ୍ୟରେ ସଂଘାତ ଘଟିଲେ ଯେଉଁ କମ୍ପନ ସୃଷ୍ଟି ହୁଏ, ତାହା କେବେହେଲେ ସ୍ଥିର ହୋଇ ରହେ ନାହିଁ। ତାହା ସବୁବେଳେ ପ୍ରବାହିତ ହୋଇ ଧ୍ୱନି ସୃଷ୍ଟି କରେ, ଅର୍ଥାତ୍, ଧ୍ୱନିତତ୍ତ୍ୱ ଓ କାଳତତ୍ତ୍ୱ ଅଭିନ୍ନ।

ଧ୍ୱନିତତ୍ତ୍ୱକୁ ଦୁଇଭାଗରେ ବିଭକ୍ତ କରାଯାଇଛି, ଯଥା- ନାଦାତ୍ମକ ଧ୍ୱନି ଓ ବର୍ଣ୍ଣାତ୍ମକ ଧ୍ୱନି। ଯେଉଁ ଧ୍ୱନି ମଧୁର ଓ ଆନନ୍ଦ ପ୍ରଦାୟକ, କିନ୍ତୁ ଅର୍ଥବୋଧକ ନୁହେଁ, ସେହି ନାଦାତ୍ମକ ଧ୍ୱନିରୁ ପ୍ରଥମେ ଇଚ୍ଛାଦ୍ୱାରା ସା ରି ଗା ମା ମା ଧା ନି ଆଦି ସପ୍ତସ୍ୱରର ସୃଷ୍ଟିହୋଇଛି। ଧ୍ୱନି ଓ ସ୍ୱରର ସମ୍ପର୍କ ବିଷୟରେ କୋହଲ କହିଛନ୍ତି, "ଧ୍ୱନି ରକ୍ତଃ ସ୍ୱର ସ୍ମୃତଃ।" ଏହା ବୁଝିବା ପାଇଁ ନୁହେଁ କେବଳ ଶୁଣିବା ପାଇଁ ଓ ଆନନ୍ଦ ପାଇଁ ଉଦ୍ଦିଷ୍ଟ। ତା'ପରେ ମଣିଷ ନିଜର ଜ୍ଞାନଦ୍ୱାରା ଜ୍ଞାନର ବିକାଶ ଘଟାଇବା ପାଇଁ ସେହି ସ୍ୱରର ଅନୁକରଣରେ ପ୍ରଥମେ ଅ, ଆ, ଇ, ଈ ଇତ୍ୟାଦି ସ୍ୱରବର୍ଣ୍ଣ ଓ ତା'ପରେ କ, ଖ, ଗ, ଘ ଆଦି ବ୍ୟଞ୍ଜନ ବର୍ଣ୍ଣର ପରିକଳ୍ପନା କରିଛି। ଏହିସବୁ ବର୍ଣ୍ଣକୁ ସଂଯୋଗକରି ଅର୍ଥବୋଧକ ଶବ୍ଦର ସୃଷ୍ଟି କରାଯାଇଛି। ଯେଉଁ ଧ୍ୱନି ଅର୍ଥବୋଧକ, ତାହା ବର୍ଣ୍ଣାତ୍ମକ ଧ୍ୱନି। ନାଦାତ୍ମକ ଧ୍ୱନିକୁ ସ୍ୱରାତ୍ମକ ଧ୍ୱନି ବୋଲି କୁହାଯାଏ।



ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ଇତ୍ୟାଦି ପଞ୍ଚଭୂତ ମଧ୍ୟରୁ ଆକାଶର ଗୁଣ ହେଉଛି ଶବ୍ଦ। ଏହି ଶବ୍ଦ ହେଉଛି ଶବ୍ଦର ବୀଜ। ପ୍ରତ୍ୟେକ ବୀଜ ଅଙ୍କୁରିତ ହେଲେ ଦୁଇଟି ପାଖୁଡ଼ାରେ ବିଭକ୍ତ ହୁଏ। ଶବ୍ଦ ବୀଜର ପାଖୁଡ଼ା ଦୁଇଟି ହେଲା- ବାୟୁ ଓ ଅଗ୍ନି। ଏହାର ଗୁଣ ହେଲା ଯଥାକ୍ରମେ ସ୍ପର୍ଶ ଓ ବର୍ଣ୍ଣ ଯାହାକି ଯଥାକ୍ରମେ ଲୟ ଓ ଧ୍ୱନିର ମୂଳ ଉତ୍ସ। ଜଳର ଗୁଣ ହେଲା ରସ, ଯାହା ବିନା ଧ୍ୱନି ମଧୁର ହୁଏ ନାହିଁ। ପୃଥିବୀର ଗୁଣ ହେଲା ଗନ୍ଧ, ଯାହା ବିନା ଧ୍ୱନିକୁ ସା ରି ଗା ମା ପା ଧା ନି ଆଦି ସାଂଗୀତିକ ବର୍ଣ୍ଣରେ ଏବଂ ଅ, ଆ, କ, ଖ ଆଦି ସାହିତ୍ୟିକ ବର୍ଣ୍ଣରେ ବିଭକ୍ତ କରି ହୁଏ ନାହିଁ। କିନ୍ତୁ ଭିନ୍ନ ଭିନ୍ନ ବର୍ଣ୍ଣକୁ ଚିହ୍ନି ହୁଏନା। ବେଳେବେଳେ ପ୍ରଶ୍ନ ଉଠେ, ପ୍ରଥମେ ଛନ୍ଦ କି ପ୍ରଥମେ ତାଳ? ପ୍ରଥମେ ଛନ୍ଦ କି ପ୍ରଥମେ ରାଗ? ପ୍ରଥମେ କବିତା କି ପ୍ରଥମେ ଗୀତିକବିତା? ପ୍ରଥମେ ସାହିତ୍ୟ କି ପ୍ରଥମେ ସଂଗୀତ? ଏସବୁର ମୂଳ ହେଲା ଧ୍ୱନିତତ୍ତ୍ୱ ଓ କାଳତତ୍ତ୍ୱ ଯାହାକି ପରସ୍ପର ଅଭିନ୍ନ। ଗୋଟିଏ ମାଆର ଯାଆଁଳା ସନ୍ତାନ। ମା' ପେଟରୁ ଗୋଟିଏ ସନ୍ତାନ ଜନ୍ମ ହେଲା ପରେ ଆଉ ଗୋଟିଏ ସନ୍ତାନ ଜନ୍ମ ନିଏ। ସନ୍ତାନଟିଏ ଭୂମିଷ୍ଠ ହେଲା ପରେ ଗୋଡ ହାତ ହଲାଏ। କୁଆଁ କୁଆଁ ସ୍ୱର କରେ, କାନ୍ଦି ପାରେ, ହସିପାରେ କିନ୍ତୁ କଥା କହିପାରେନା। ତେଣୁ ସଂଗୀତ ଓ ସାହିତ୍ୟର ବିକାଶ ଦୃଷ୍ଟିରୁ ପ୍ରଥମେ ନାଦାତ୍ମକ ଧ୍ୱନି ତା'ପରେ ବର୍ଣ୍ଣାତ୍ମକ ଧ୍ୱନି, ପ୍ରଥମେ ତାଳ, ତାପରେ ଛନ୍ଦ, ପ୍ରଥମେ ରାଗ ତା'ପରେ ପ୍ରବନ୍ଧର ବିକାଶ ଘଟିଛି।

ପ୍ରଥମେ ଗୀତିକବିତା ତା'ପରେ କବିତା ଓ ପ୍ରଥମେ ସଂଗୀତ ତା'ପରେ ସାହିତ୍ୟର ଉଦ୍ଭବ ହୋଇଛି। ଗୀତିକାବ୍ୟ ଓ ଗୀତିକବିତା ଇତ୍ୟାଦିରେ ଗୀତି ଶବ୍ଦଟି ଯୋଗ ହେବାର କାରଣ ଏଗୁଡ଼ିକ ଗୀତ ସହିତ ସମ୍ପୃକ୍ତ। କିନ୍ତୁ ସାହିତ୍ୟରେ ଆଧୁନିକ ଯୁଗ ପୂର୍ବରୁ ଗୀତିକାବ୍ୟ ଓ ଗୀତିକବିତାକୁ କେବଳ କାବ୍ୟ ଓ କବିତା ବୋଲି କୁହାଯାଉଥିଲା। କାରଣ କାବ୍ୟ କବିତାରେ ସ୍ୱରତତ୍ତ୍ୱ (ସଂଗୀତ) ପଦ ରୂପରେ ଓ କାଳତତ୍ତ୍ୱ (ତାଳ) ଛନ୍ଦ ରୂପରେ ପ୍ରଯୋଗ ହୁଏ। କବି କହିଲେ ଉଭୟ ସଂଗୀତ ସ୍ରଷ୍ଟା ଓ ସାହିତ୍ୟ ସ୍ରଷ୍ଟାମାନଙ୍କୁ ବୁଝାଏ। କବିରାଜ ଶ୍ରୀ ଜୟଦେବ, ଧ୍ରୁବପଦ ଗାୟକ କବିରାଜ ଶ୍ରୀ ଜଗନ୍ନାଥ ମିଶ୍ର ପ୍ରମୁଖ ସଂଗୀତଜ୍ଞମାନେ ସଂଗୀତ ଓ ସାହିତ୍ୟରେ ସିଦ୍ଧ ଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ସାଲବେଗ, କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ ପ୍ରମୁଖ କବିମାନେ ସଂଗୀତ ଓ ସାହିତ୍ୟ ଉଭୟରେ ନିପୁଣ ଥିଲେ। ଗୀତ ଗାଆନ୍ତୁ ବା ନ ଗାଆନ୍ତୁ ଯେଉଁମାନେ ସ୍ୱରତତ୍ତ୍ୱ ଜାଣନ୍ତି, ସେମାନେ ମଧ୍ୟ ସଂଗୀତଜ୍ଞ।

ସାହିତ୍ୟର ବିକାଶ ଘଟି ଗଦ୍ୟକବିତା, ଛନ୍ଦକବିତା ଇତ୍ୟାଦିର ପ୍ରସାର ହେବାରୁ ଗୀତ ଉପଯୋଗୀ କବିତାକୁ ଗୀତିକବିତା କୁହାଗଲା। ଏ ସମସ୍ତ ବିଭାଗ ମଧ୍ୟରୁ ଗୀତିକବିତା ଯେ ସର୍ବପ୍ରଥମ ସେଥିରେ ସନ୍ଦେହ ନାହିଁ।

□□

ଲେଖକଙ୍କ ଇ-ମେଲ ଠିକଣା:
parhikirtan@gmail.com



କବିତା

# ଉଜୁଡ଼ ଗାଆଁର କଥାନି

ଡ. ଶକୁନ୍ତଳା (ନାୟକ) ଗୁପ୍ତା

ମୁଁ ଏକ ପାହାଡ଼ ଦେଶର ଗାଁ
ମୋର *ଥାଇତା* ନାହିଁ
ମୁଁ ଉଠେଁ
*ଦୁଇ କୁଡ଼ି* ଘର-ପରିବାର
କୁଡ଼ିଆ *ଭେରମଣ୍ଟେ* ନେଇ
ଗିରଲି ଫୁଲ୍, କରଂ ଲୁଗା, ରନ୍ଧାମଦ ମାୟାରେ,
ଆଉ ମିଳେଇ ଯାଏଁ
ସେଇ ଆଦିବାସୀର ଭୋକିଲା ପେଟରେ।

ଯେଉଁଠି ହଳ-ବଳଦ ଗାଡ଼ି
ପାଦ ପକାଇ ନାହିଁ
ସେଠି ଚାଷ ବଇଲେ -
କଙ୍କର-ମାଟିକୁ ଝାଳରେ ବତୁରାଇ
ଚୁରି ଭାଙ୍ଗିବାକୁ ହୁଏ,
ଧରଣୀ *ପେନୁକୁ* ଖଟି ଖଟି
ଡୁମା ପୂଜିବାକୁ ହୁଏ
ରକତ ପାଣିକରି ସିଞ୍ଚିବାକୁ ହୁଏ,
କନ୍ଧ ମାଇପି ଥନରେ ଶିଶୁ
ହାତରେ କୋଦାଳ ନେଇ
ବୁଟାବଣ ସଫାକରେ।



ମାଣ୍ଡିଆ ପେଜ୍ କେତେ ବଳଦିଏ କେଜାଣି!
ଅରାଏ ଲେଖାଁ ମାଣ୍ଡିଆ, *ମେକା*
ଚାପଟା ଚାପଟା ଜବର୍ ହଳଦୀ ବୁଦା
ସୁନା ପରି ଲହରାଇ ଦିଏ
ଏଇ *ଉରିଆବେଡ଼ା* ଆଦିବାସୀ ଯୁବା,
ସପନ ଛନ ଛନ କରେ
ଜମିରେ, ମାଦଳରେ
ତା' ଧାଂଗଡା ଆଣ୍ଟ ଦୁଇ ବାହାରେ।

ଶୁଖିଲା ଗୁଲି-ଆମ୍ ର ଚମ୍ପୁତ,
ମହୁଲ ଆଉ *ଟୋଳ*
ତିନି ହାଟରେ ସରିଲା ବେପାର,
ଭୋକର ସମୁଦ୍ରକୁ ଶଙ୍ଖେ ପାଣି
ଏଥର *ମେକା* ମାଣ୍ଡିଆରେ
ଯେମିତି ସେମିତି କଟିଥାଆନ୍ତା *ବଛର*।

ସକାଳ ସକାଳ ହଣା
ଗଡ଼ାଇ କାଟି ପୁଜି ଦେଇ ଗଲେ
ଜମିଯାକ ମଲା ଫସଲ
ଯିଏ ନିଜକୁ କହେ ରକ୍ଷକ
କୁଆଡ଼େ ତାହାରି ଏ ଝାରଜଙ୍ଗଲ?
ଛାତି ପିଟି *କିରଲେଇ* କାନ୍ଦେ
ତାଡ଼ସାରୁ ଜାନୀ, ବୃଦ୍ଧା
ଆଣ୍ଟୁ ଯାଏଁ କପଟା, କଙ୍କାଳ ଛାଇଚି ଚମ
ନାକରେ ଝୁଲେ ଆଦିମ ଜନଜାତିର
ଖଣ୍ଡେ ରୂପା-ନାକ-ବସଣୀ
ତା' ଭାଷା କେ ବୁଝେ!
ମଥା ପିଟି ପିଟି ଲୋଟେ *ଡୋକରା*
*କାକରି* ଝି' ଜଳକା
ଦରଦର ଲୁହ ମରଦପୁଅ ଆଖିରେ।

**(ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ଭାଷାରୁ ଆନୀତ ଶବ୍ଦ : କଥାନି**- ଗପ, **ଥାଇତା** - ସ୍ଥିତି, **ଦୁଇ କୁଡ଼ି** - ୪୦, **ଭେରମଣ** - ଦାଣ୍ଡ, **ପେନୁ**- ଦେବତା, **ମେକା** - ମକା, **ଉରିଆବେଡ଼ା** - ଯୁବ, **ଟୋଲ** - ମହୁଲ ଫଳ, **ବଛର**-ବର୍ଷ, **କିରଲେଇ** - ଚିତ୍କାର କରି, **ଡୋକରା** - ବୟସ୍କ, **କାକରି** - ଛୋଟ।)

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
shakuntala.naik@gmail.com

ଗଳ୍ପ

# ଈଶ୍ୱରଙ୍କୁ ଇ-ମେଲ୍

ଆନଂଦ ଚଂଦ୍ର ପହି



ପରମ ପୂଜ୍ୟ ପ୍ରଭୁ !

ଆପଣଙ୍କ ଶ୍ରୀଚରଣରେ ମୋର କୋଟି କୋଟି ପ୍ରଣାମ। ଆପଣଙ୍କ କୃପାରୁ ମୋ ସୁଖନଈର ଦୁଇକୂଳ ମାଡ଼ି ପାଣି ଚାଲିଛି ଫୁଲି, ଫୁଲି, ବିଭିନ୍ନ ମୁଦ୍ରାରେ ପହଁରି ପହଁରି। ଯେତିକି ଚାହିଁଥିଲି ତାଠୁ ଢେର ବେଶି, ଢେର ବେଶି ପାଇଛି। ସୁନ୍ଦରୀ ସ୍ତ୍ରୀ, ତ୍ରିତଳ ପ୍ରାସାଦ, ଦୁଇଦୁଇଟା କାର୍, ତିନିଟା କାରଖାନା। ଦୁଇଟା ପୁଅ। ଜଣେ ଇଞ୍ଜିନିଅର, ଆଉ ଜଣେ ଡାକ୍ତର। ଝିଅ ଅଧ୍ୟାପିକା। ସମସ୍ତେ ସୁନ୍ଦର, ଗୁଣର ସନ୍ତାନ।



ଗାଆଁରେ ମୋ ନିଜ ନାଆଁରେ ହାଇସ୍କୁଲ, ସ୍ତ୍ରୀ ପ୍ରିୟଦର୍ଶିନୀଙ୍କ ନାଆଁରେ ଡାକ୍ତରଖାନା, ଆଉ ରାଜଧାନୀରେ ଗୋଟାଏ ଅନାଥାଶ୍ରମ। ଅନେକ ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନକୁ ଦାନ କରେ ମୁଁ। ଦରିଦ୍ର ମେଧାବୀ ଛାତ୍ରମାନଙ୍କୁ ମାସିକ ଅର୍ଥ ସାହାଯ୍ୟ ଦେଇ କେତେ ଛାତ୍ରଙ୍କୁ ମଣିଷ କରିଛି।

ମୋ ସୁନାମ, ପ୍ରତିପତ୍ତି ପରସ୍ପର ସହ ପ୍ରତିଯୋଗିତା କରି ଡେଙ୍ଗେଇ ଚାଲିଛନ୍ତି। ମୁଁ ଚାଲିଗଲେ ପଦ୍ମ ଫୁଟିଯାଉଛି, ଚାହିଁ ଦେଲେ ପୁଷ୍ପ ବୃଷ୍ଟିହେଉଛି।

ପ୍ରତିଦିନର ରୁଟିନ୍‌ରେ କିଛି ନା କିଛି ଆକର୍ଷଣ ମୋ ବାଟ ଚାହିଁବସିଛି। କେଉଁଦିନ ସଭାରେ ମୁଖ୍ୟ ଅତିଥି, ଆଉ କେଉଁଦିନ ମୋ ପାଇଁ ଆୟୋଜିତ ସଭାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା, ମୋର ଦୀର୍ଘ ଜୀବନ କାମନା। ପୁଣି ଆଉ କେଉଁ ଦିନ ବିଦେଶୀ କମ୍ପାନୀ ସହିତ ଆଲୋଚନା ତ କେଉଁ ଦିନ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ୍‌କାର କାର୍ଯ୍ୟକ୍ରମ। ସବୁଆଡୁ ନିମନ୍ତ୍ରଣ, ସମ୍ବର୍ଦ୍ଧନା, ସ୍ୱାଗତ, ସମ୍ମାନ। ଆପଣଙ୍କ କରୁଣାର ପଟାନ୍ତର ନାହିଁ ପ୍ରଭୁ !

ମୋ ଚାରିପାଖର ମଣିଷମାନେ ମୋତେ ହାତ ହଲାଇ ସ୍ୱାଗତ ଜଣାଉଛନ୍ତି, ବାହାବା ଦେଉଛନ୍ତି, କୃତଜ୍ଞତାରେ ଖଇ ପରି ସଂକୁଚିତ ହୋଇ ଯାଉଛନ୍ତି।

ମୁଁ ପୂର୍ତ୍ତିରେ ସ୍ମିତ ହୋଇ ଫାଟି ପଡୁଛି ଠିକ୍ ଗଛଡାଳରେ ପରିପୁଷ୍ଟ ଫଳଟିଏ ପରି। ଆକଣ୍ଠ ଆନନ୍ଦରେ ଅଧୀର ହୋଇ ଡେମ୍ଫରେ ଝୁଲୁଛି।

ମୁଁ ଅନେକ ପାଇଛି ପ୍ରଭୁ ! ମୋ ହାତ ଭିତରେ ଆପଣ ସମଗ୍ର ପୃଥିବୀକୁ ଟେଳି ଦେଇଛନ୍ତି। ସ୍ନେହ, ମମତା, ବନ୍ଧୁତ୍ୱର ରଜ୍ଜୁରେ ମୋର ଆପାଦମସ୍ତକ ଶୃଙ୍ଖଳିତ। ସୁଖ, ସମ୍ଭୋଗ, ସମ୍ମାନ, ସୁଖ୍ୟାତିର ନୀଳଜଳର ସରସୀରେ ମୁଁ ଅହୋରାତ୍ର ସ୍ନାନରତ। ସୁଖର ଦିନଗୁଡ଼ାକ ମୋ ହାତରୁ ଚଢ଼େଇ ପରି ଉଡି ଯାଉଛନ୍ତି, ଅନନ୍ତ ଆକାଶର ପେଟ ଚିରି।

ମୋର ସକଳ ପାତ୍ର ଆପଣ ସବୁମନ୍ତେ ପୂର୍ଣ୍ଣ କରିଛନ୍ତି ଇଚ୍ଛାମୟ। ମୋ ଆଖିକୁ ପୃଥିବୀ ସପ୍ତରଙ୍ଗରେ ଚିତ୍ରିତ ଇନ୍ଦ୍ରଧନୁ ପରି ମନୋହର, ଆକର୍ଷଣୀୟ। ପ୍ରତି ବିନ୍ଦୁର ସୌନ୍ଦର୍ଯ୍ୟର ଆନନ୍ଦରେ ମୁଁ ଆତ୍ମହରା।

ଏତେ ପ୍ରାପ୍ତି, ଏତେ ପୂର୍ତ୍ତି, ଏତେ ଆନନ୍ଦ ଭିତରେ ଗୋଟିଏ କଥା ରଢ଼ ନିଆଁ ପରି ମଝିରେ ମଝିରେ ମତେ ଚେଙ୍କି ଦେଉଛି। ସବୁ ମଣିଷ ଦିନେ ନା ଦିନେ ଏ ମନୋରମ ପୃଥିବୀକୁ ଛାଡ଼ି ମୃତ୍ୟୁପୁରୀର ଯାତ୍ରୀ ହେବେ। ମୃତ୍ୟୁ ଜନ୍ମ ପରି ସତ୍ୟ। ଅନ୍ୟ

ସମସ୍ତଙ୍କ ପରି ମୋତେ ବି ଦିନେ ମୃତ୍ୟୁବରଣ କରିବାକୁ ପଡ଼ିବ । କିନ୍ତୁ ମୁଁ ଏ ପୃଥିବୀରୁ ତିଳେ ହେଲେ ଘୁଞ୍ଚିବାକୁ ପ୍ରସ୍ତୁତ ନୁହେଁ।

ଏ ପର୍ଯ୍ୟନ୍ତ ଷାଠିଏଟି ବସନ୍ତକୁ ଉପଭୋଗ କଲିଣି ମୁଁ। ଏଇ ଷାଠିଏଟି ବସନ୍ତ ମୋତେ ଦେଇଛି ଅନେକ। ଯେତିକି ଦେଇଛି ଭବିଷ୍ୟତ ଦିନମାନଙ୍କରେ ତା'ଠୁ ଢେର ବେଶି ଦେବାର ପ୍ରତିଶ୍ରୁତି ଦେଇଛି। ଭବିଷ୍ୟତ ଦିନମାନଙ୍କର ଅନେକ ଉଜ୍ଜ୍ୱଳ ମାନଚିତ୍ର ଆଙ୍କିଛି ମୁଁ ଜୀବନରେ ଅନେକ ସ୍ୱପ୍ନ ଢାଳି, ଅନେକ ରଙ୍ଗ ବୋଳି।

ଏ ଜୀବନରେ ମୁଁ ଯାହା ପାଇଛି, ସେଥିରେ ଅତ୍ୟନ୍ତ ଆନନ୍ଦିତ। ତାକୁ ହାତଛଡ଼ା କରି ଆଉ କେଉଁଠିକି ଯିବାକୁ ମୁଁ ପ୍ରସ୍ତୁତ ନୁହେଁ। ଏପରି କି ସ୍ୱର୍ଗପ୍ରାପ୍ତି ଇଚ୍ଛା ବି ମୁଁ ପରିତ୍ୟାଗ କରିଛି।

ପାରିବେ ଯଦି ମୋ ଆତ୍ମା ସହିତ ମୋର ଏ ଶରୀରକୁ ଅମର କରନ୍ତୁ ପ୍ରଭୁ! ମୋତେ ଅମର କରନ୍ତୁ। ଜଳରେ ବୁଡ଼ିବି ନାହିଁ, ଅଗ୍ନିର ଦାହିକା ଶକ୍ତି ମୋ ପାଖରେ ପରାଭୂତ ହେଉ। ଗୁଳି, ବନ୍ଧୁକ, ପରମାଣୁ ବୋମା କେଉଁଥିରେ ମୋର ମରଣ ନ ହେଉ। ରୋଗ ମୋ ଶରୀରକୁ ସ୍ପର୍ଶ କରି ନ ପାରୁ।

**ଆପଣ କାହାରି ଆବେଦନ, ନିବେଦନ ପ୍ରତି କର୍ଣ୍ଣପାତ ନ କରି ଚୁଟିଧରି ଏ ପୃଥିବୀରୁ ଉଠେଇ ନିଅନ୍ତି ସମସ୍ତଙ୍କୁ। ମତେ ବି ନେବେ।**

ଏ ଜୀବନ ଛୋଟ ଲାଗେ ପ୍ରଭୁ! ଯା ଚାରି ପାଖରୁ ପାଚିରି ଉଠେଇ ନିଅନ୍ତୁ। ଜୀବନକୁ ଆକାଶ ପରି ମୁକୁଳା କରନ୍ତୁ, ବ୍ୟାପକ କରନ୍ତୁ, ଅନନ୍ତ କରନ୍ତୁ।

ମୁଁ ଆଗରୁ କହିସାରିଛି ପ୍ରଭୁ! ସ୍ୱର୍ଗ ପ୍ରାପ୍ତି ମୋର ଲୋଡ଼ାନାହିଁ। ସେ ସ୍ୱର୍ଗରେ କ'ଣ ଏମିତି ଥିବ? ସେଠି ଯାହା ଥାଉନା କାହିଁକି ଏ ପୃଥିବୀ ପରି ସେଠି ଖଣ୍ଡେ ସ୍ୱର୍ଗ ମୋ ନାଆଁରେ ରେଜେଷ୍ଟ୍ରି କରି ତା' ଉପରେ କୋଠା, କୋଠା ଉପରେ କୋଠା କରି ମୋର ପ୍ରଭୁତ୍ୱକୁ ଥାକ ଥାକ କରି ସଜେଇ ତା' ଉପରେ ଠିଆ ହୋଇ ଗର୍ବରେ ଛାତି ଫୁଲେଇବାର ସୁଯୋଗ ସେଠି ମୋତେ ଦେଇପାରିବେ ତ ଆପଣ?

ମୋତେ ଦେଖୁ ଦେଖୁ ମୁଣ୍ଡ ନୁଆଁଇ, କାନ କୁଣ୍ଡେଇ କୃତଜ୍ଞତାରେ ବତୁରି ବତୁରି ଯାଉଥିବା ମଣିଷ ଘେରଟାଏ ମୋତେ କ'ଣ ସ୍ୱର୍ଗରେ ମିଳିବ? ଚିହ୍ନାଆଖି, ଚିହ୍ନାମୁହଁ, ଚିହ୍ନାଘରଟାଏ ସେଠି ମୋତେ ଦେଇପାରିବେ ତ ପ୍ରଭୁ? ମୋ ପାଇଁ ସେଟା ସ୍ୱର୍ଗ ନ ହୋଇ ଅରଣ୍ୟ ପରି ମନେ ହେବ ନାହିଁ ତ?

ଆପଣଙ୍କ ଘରଟା ଆପଣଙ୍କ ପାଇଁ ସ୍ୱର୍ଗ ହୋଇପାରେ। କାରଣ ସେଠି ଆପଣଙ୍କ ସ୍ତ୍ରୀ, ପିଲା, ପରିବାର ଅଛନ୍ତି। ଚିହ୍ନାଜଣା ଅନେକ ଅଛନ୍ତି। ମୋ ଘର ଥିବା, ପିଲା, ପରିବାର, ଚିହ୍ନାଜଣା, ବନ୍ଧୁ, ପ୍ରିୟଜନ ଥିବା ଏଇ ପୃଥିବୀ ମୋ ପାଇଁ ସ୍ୱର୍ଗ। ମୁଁ ଏଇଠି ରହିବାକୁ ଚାହେଁ। ଯଦି ମୋତେ ସ୍ୱର୍ଗ ଦେବାକୁ ଆପଣଙ୍କର ଏକାନ୍ତ ଇଚ୍ଛା, ତେବେ ଏଇ ସୁନ୍ଦର ପୃଥିବୀକୁ ଆପଣ ସ୍ୱର୍ଗରେ ପରିଣତ କରନ୍ତୁ।

ନଚେତ୍ ଆପଣ ସ୍ୱର୍ଗ ଛାଡ଼ି ଏଇ ପୃଥିବୀକୁ ଓହ୍ଲେଇ ଆସନ୍ତୁ। ଆସନ୍ତୁ ଏଇଠି ସବୁଦିନ ରହିବା। ଏଠି ଆପଣଙ୍କୁ ଚିହ୍ନିଥିବା ଆଉ ଚିହ୍ନିଥିବାର ଗର୍ବ କରୁଥିବା ଅନେକ ମଣିଷ ଅଛନ୍ତି। ଆପଣ ଏଇ ପୃଥିବୀର ସମସ୍ତଙ୍କୁ ଚିହ୍ନିଛନ୍ତି। ସମସ୍ତଙ୍କ ମୁହଁକୁ, ଅନ୍ତରକୁ ବି।

ଯିଏ ଚାହୁଁଛି ଏ ପୃଥିବୀ ଛାଡ଼ିବାକୁ ତାକୁ ଆପଣ ଏ ପୃଥିବୀ ଉପରେ ପକାଇ ମାଡ଼ି ବସୁଛନ୍ତି କାଉଳ ବାଉଳ କରି। ସିଏ ଅଳି ଚଳି ପାରୁ ନାହିଁ। ଅଣକାଇଦି ହୋଇ ପଡ଼ିଛି। ଆଉ ମୋ ପରି ଯିଏ ଆନନ୍ଦରେ ଆତ୍ମହରା ହୋଇ ଉନ୍ମାଦନାରେ, ଉଶ୍ୱାସରେ ଉଡି ଉଡି ଚାଲୁଛି, ଯାହାର ପାଦ ତଳେ ଲାଗୁ ନାହିଁ, ଯାହାର ମୋଟେ ଇଚ୍ଛା ନାହିଁ ଏ ମନୋହର ପୃଥିବୀରୁ ପାଦେ ଘୁଞ୍ଚିବାକୁ ତା' ଚୁଟି ଧରି କାହିଁକି ଆପଣ ଟାଣୁଛନ୍ତି, ଝିଙ୍କୁଛନ୍ତି।

ମୁଁ ଯେତେ ଯାହା କହିଲେ ଆପଣ ମୋଟେ କାନକୁ ନେବେ ନାହିଁ; ମୁଁ ଜାଣିଛି। କାରଣ କାହାର ଅଭ୍ୟାସ କେହି ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି। କାହା କଥା ନ ଶୁଣି ମନଇଚ୍ଛା କାମ କରିବା ଆପଣଙ୍କର ଅନେକ ଅନେକ ବର୍ଷ ତଳର ଅଭ୍ୟାସ। ଯାହା ଅଭ୍ୟାସର ବୟସ ଯେତେ, ତାକୁ ଛାଡ଼ିବାକୁ ସେତିକି ବର୍ଷ ଅନ୍ତତଃ ଲାଗିବ।

ଆପଣ କାହାରି ଆବେଦନ, ନିବେଦନ ପ୍ରତି କର୍ଣ୍ଣପାତ ନ କରି ଚୁଟିଧରି ଏ ପୃଥିବୀରୁ ଉଠେଇ ନିଅନ୍ତି ସମସ୍ତଙ୍କୁ। ମତେ ବି ନେବେ। ଏଠୁ ଉଠେଇ ମୋତେ କେଉଁଠି ସ୍ଥାପନ କରିବେ ପ୍ରଭୁ? ମୁଁ ପୁଣି ମଣିଷ ହୋଇ ଜନ୍ମ ହେବି ନା କଙ୍ଗାରୁ,

ଓଟପକ୍ଷୀ, ଧଳାଭାଲୁ, ମାଛ, ଗେଣ୍ଡା, ଗଛ, କି ଟେଳାଟାଏ କରି ମୋତେ କେଉଁଠି ଗଡ଼େଇ ଦେବେ ? ମୋତେ ଆଉ କିଛି ନ କରି ମଣିଷଟିଏ କରନ୍ତୁ ପ୍ରଭୁ ! ଅନ୍ତତଃ ଆଉ ସାତ ଜନ୍ମ ପର୍ଯ୍ୟନ୍ତ । ଏଇ ଜନ୍ମରେ ମୋ ମନରେ ଯେତିକି ସ୍ୱପ୍ନ, ଯେତିକି ଯୋଜନା ଖୁନ୍ଦି ହୋଇଛି, ସେତକ ସାକାର କରିବାକୁ ଆହୁରି ସାତଟି ଜନ୍ମ ମୋତେ ମଣିଷ କରନ୍ତୁ ।

ମୋତେ ଯଦି ଆପଣ ଅମର କରିବାକୁ ଅନିଚ୍ଛୁକ, ତେବେ ମୁଁ ମରିବାକୁ ପ୍ରସ୍ତୁତ ଅଛି; କିନ୍ତୁ ଗୋଟିଏ ସର୍ତ୍ତରେ । ପ୍ରତି ଜନ୍ମରେ ମୋତେ ଜଣାଇ ଦିଅନ୍ତୁ ମୁଁ ପୂର୍ବ ଜନ୍ମରେ କ'ଣ ଥିଲି ? କ'ଣ କରିଥିଲି ? ପୂର୍ବ ଜନ୍ମର ସମସ୍ତ ସ୍ମୃତିକୁ ମୁଁ ସ୍ମରଣ କରିବାକୁ କ୍ଷମତା ମୋତେ ଦିଅନ୍ତୁ । ମୋତେ ଜାତିସ୍ମର କରନ୍ତୁ । ତା' ହେଲେ ମୁଁ ମରିବାକୁ ମୋଟେ ଅରାଜି ହେବି ନାହିଁ । ବରଂ ଏ ଜନ୍ମରେ ଯାହା କରିପାରିଲି ନାହିଁ, ଯେଉଁ କ୍ଷମତାକୁ ଆୟତ୍ତ କରିପାରି ନାହିଁ, ପୃଥିବୀର ଯେଉଁ ଫାଳକରେ ପ୍ରଭୁତ୍ୱ ବିସ୍ତାର କରିପାରି ନାହିଁ, ସେ ସବୁ କରିବାକୁ ସବୁ ଜନ୍ମର କଳା କୌଶଳକୁ ଏକାଠି କରି ଅସାଧ୍ୟ ସାଧନ କରିବାକୁ ସମର୍ଥ ହେବି ।



ଏତେ ଦିନର ଅଭିଜ୍ଞତା ଭିତରେ ମୁଁ ଯେଉଁ ଅଭିନୟ କଳା ହାସଲ କରିପାରିଛି, ମୋ ଜାଗାରେ ଯେଉଁ ତୁଚ୍ଛା ମଣିଷଟିକୁ ଆପଣ ବିନା ପୋଷାକରେ ପଠାଇବେ, ତାକୁ କେତେ ନାହିଁ କେବେ ବର୍ଷ ଲାଗିବ ରିହରସାଲ୍ କରିବାକୁ, ପାତ୍ରୋଚିତ ପୋଷାକ ପିନ୍ଧି ଅଭିନୟ କରିବାକୁ । ପୁଣି ସେ ଅଭିନୟ ମନଛୁଆଁ ହୋଇ ଦର୍ଶକଙ୍କୁ ମୁଗ୍ଧ କରିବ କି ସଂଳାପର ମଡ୍ୟୁଲେସନ୍ ଠିକ୍ ନ ହେବ ସେ କଥା କିଏ ଏବେଠୁ କହି ପାରିବ ?

ମଣିଷ ଆପଣଙ୍କ ହାତରୁ ଖସି ପୃଥିବୀରେ ପାଦ ଦେବା ମାତ୍ରେ ଭୁଲିଯାଏ ଆପଣଙ୍କୁ । ତା' ଉପରେ ଆପଣଙ୍କର ନିୟନ୍ତ୍ରଣ ରହେ ବୋଲି ମୁଁ ବିଶ୍ୱାସ କରିପାରୁ ନାହିଁ । ଆପଣଙ୍କ ଆଖିରେ ସବୁ ମଣିଷ ସମାନ । ଆପଣ ସୃଷ୍ଟି କରି ପଞ୍ଝାକୁ ପଞ୍ଝା ମଣିଷ ଏ ପୃଥିବୀକୁ ଅଡ଼େଇ ଦେଲାବେଳେ ସମସ୍ତେ ହୁଏତ ସମାନ ଦିଶନ୍ତି । ସମସ୍ତଙ୍କର ଦୁଇଟା ଗୋଡ଼, ଦୁଇଟା ହାତ, ଗୋଟିଏ ମୁଣ୍ଡ ଆଉ ଦେହରେ ରକ୍ତ, ମାଂସ, ହାଡ଼ । ଆପଣଙ୍କ ନିୟନ୍ତ୍ରଣ ମାନିଥିଲେ ସମସ୍ତେ ଏକା ପରି ସାଧୁ, ସଚ୍ଚୋଟ, ନ୍ୟାୟବନ୍ତ ସୁପୁରୁଷ ହୋଇ ଥାଆନ୍ତେ ନିଶ୍ଚୟ । କିନ୍ତୁ ସତରେ କ'ଣ ସେଇଆ ହେଉଛି ? ଭଲ ମଣିଷ ନ ହୋଇ ଭଲ ମଣିଷର ପୋଷାକ ମଡ଼େଇ ହେବାକୁ ସମସ୍ତେ ଆଜି ବ୍ୟାକୁଳ । ଭଲ ମଣିଷର ମୁଖା ପିନ୍ଧିବାକୁ ବ୍ୟଗ୍ର ।

ମତେ ଏ ପୃଥିବୀରୁ କେମିତି ନେବେ ପ୍ରଭୁ ? କୌଣସି ଦୁରାରୋଗ୍ୟ ରୋଗ ମୁହଁକୁ ଠେଲି ନା ସାଂଘାତିକ ଦୁର୍ଘଟଣାଗ୍ରସ୍ତ କରି ନା ବାର୍ଦ୍ଧକ୍ୟରେ ପଚେଇ ସଢ଼େଇ ।

କୌଣସି ଭୟାବହ ରୋଗ ମୁହଁକୁ ମୋତେ ଠେଲିବେ ନାହିଁ ପ୍ରଭୁ । ରୋଗକୁ ମୋର ପ୍ରାଣେ ଭୟ । ରୋଗ ମଣିଷର ତଣ୍ଟିକୁ ପ୍ରତିଦିନ ଗଁ ଗଁ କରି ଚିପୁଥାଏ । ଅଥାନ ମାନଙ୍କରେ ପାଦ ପ୍ରହାର କରି କରି ଜୀବନ ନାଟିକାଟିକୁ ଦୁର୍ବଳ କରୁଥାଏ । ପ୍ରିୟ ପରିଜନମାନଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେମ, ଆଦରକୁ ତାଙ୍କ ମନରୁ ଖୁବ୍ ଗହୀରେଇ ଗହୀରେଇ କୋରି ପଦାକୁ ଫୋପାଡ଼ି ଦିଏ । କୋରିବା ସମୟରେ ଥରେ ଥରେ ଏମିତି ଗିରି ଗହ୍ୱରରେ ବଜେଇ ଦିଏ ଯେ, ଦିହ, ମନ, ଟଣ୍ ଟଣ୍ ହୋଇ କମ୍ପିଯାଏ । ସତେକି ସେଇନେ ଜୀବନ ଛାଡ଼ିଯିବ । କିନ୍ତୁ ନା ଜୀବନ ଯାଏନା । ଜୀବନଟା ବଞ୍ଚି ରହେ କେବଳ ଯନ୍ତ୍ରଣା, ଲାଞ୍ଛନା ସହିବାକୁ । ପ୍ରିୟ ପରିଜନଙ୍କ ସାଙ୍ଗରେ ଅପ୍ରିୟ ହୋଇ ଭର୍ତ୍ସନା ଶୁଣିବାକୁ ।

ମରଣଠୁ ଘୋଷରା ବେଶି ବାଧେ । ଦେହ କାନ୍ଥିରୁ ରହି ରହି ଘଡ଼ିକେ, ପହରକେ ଖଣ୍ଡଖଣ୍ଡ ଇଟା ଝଡ଼େ । ପାଖ ଲୋକେ ଉଚ୍ଛନ୍ନ ହୁଅନ୍ତି ଦିଅଁ ଉଜେଇଁ ବୁଡ଼ ମାରି କାମ ବଢ଼େଇ ଦେବାକୁ ।

ତେଣୁ ମୋତେ କୌଣସି ଭୟାବହ ରୋଗ ମୁହଁକୁ ଠେଲି ନ ଦେଇ, ମରଣ ମୁହଁକୁ ସିଧା ଠେଲି ଦିଅନ୍ତୁ ପ୍ରଭୁ !

କୌଣସି ଆକସ୍ମିକ ଦୁର୍ଘଟଣା ମୁହଁକୁ ଠେଲିବେ ଯଦି କିରୋସିନି କି ପେଟ୍ରୋଲ ଢାଳି ପୋଡ଼ିବେ ନାହିଁ । ଦେହ

ଜଳା ଯନ୍ତ୍ରଣା ସେଥିରେ। ମୋ ଉପରେ ରେଳଗାଡ଼ି କି ମଟର ଗାଡ଼ି ମଡ଼େଇସେଇ ସ୍ବଟ୍ ଉପରେ ଦେହରୁ ଜୀବନଟାକୁ କାଢ଼ିନେବେ। ଟିକେ ବି ସମୟ ଦେବେ ନାହିଁ କି ଡାକ୍ତରଖାନାରେ ପକେଇ ବେଡ଼ି ଉପରେ କୋରଡ଼ା ମାଡ ଦେବାକୁ ମନ କରିବେ ନାହିଁ। ଆକସ୍ମିକ ଦୁର୍ଘଟଣାରେ ମରିବି ତ, ଆକସ୍ମିକ ଭାବେ ମରିବି। ଠୋ କରି ଫାଟିଯିବ ଏ ଶରୀର। ପବନ ପଶୁଥିବା ଏ ମୁଣାଟା କଣା ହୋଇଯିବ। ଫୁଟା ପେଣ୍ଡୁ ପରି ପଡ଼ିଥିବ ଲୋଚା କୋଚା ହୋଇ। ଉଠ ପଡ଼ ହେବା କି ଡେଇଁବାର ଶକ୍ତି ନ ଥିବ କି ସାମର୍ଥ୍ୟ ନ ଥିବ। ଯନ୍ତ୍ରଣା ଆସିବା ପୂର୍ବରୁ ଏ ଦେହ ଛାଡ଼ି ଜୀବନଟା ଯେମିତି ପଳେଇବ ବହୁତ ଆଗରୁ। ଜୀବନ, ଦେହ ଆଉ ଯନ୍ତ୍ରଣା କାହାରି ସହିତ କାହାର ଯେମିତି ସାକ୍ଷାତ୍ ନ ହୁଏ ମୋ ମରଣ ବେଳଟାରେ।

ଆଉ ରହିଲା ବାର୍ଦ୍ଧକ୍ୟ। ବାର୍ଦ୍ଧକ୍ୟ ବି ଗୋଟେ ରୋଗ। ସବୁଠୁ ସାଂଘାତିକ ରୋଗ। ଏ ରୋଗର କୌଣସି ଚିକିତ୍ସା ନାହିଁ। କୌଣସି ଲୋକ ପକ୍ଷେ ଏ ରୋଗ କବଳରୁ ରକ୍ଷା ପାଇବା ସମ୍ଭବ ନୁହେଁ।

ଯୌବନରେ ଯେଉଁ ସିଂହାସନ ଆରୋହଣ କରି ମଣିଷ ଅଖଣ୍ଡ ଶାସନ ନିଜ ଇଲାକାରେ ଜାରି ରଖେ, ବାର୍ଦ୍ଧକ୍ୟରେ ସେଇ ସିଂହାସନକୁ କୁକୁର ପରି କେବଳ ଜଗି ରହିବାକୁ ତାକୁ ପଡ଼ିଥାଏ। ରଜାକୁ ପହରାଦାର କାମଟା ନିଜ ମଣିଷଙ୍କ ହାତରେ କ୍ରୁଶବିଦ୍ଧ ହେଲାପରି କଷ୍ଟଦାୟକ ନୁହେଁ କି ପ୍ରଭୁ? ନିଜ ଜୀବନ କାଳ ଭିତରେ ସବୁଥିରୁ ଅଧିକାର ହରଣ ନିଜ ଆଖିରେ ଦେଖିବା, ନିଜ ଦେହରୁ ଖଣ୍ଡ ଖଣ୍ଡ ମାଂସ କଟାହେବା ପରି କଷ୍ଟଦାୟକ ନୁହେଁ କି?

**ଯୌବନରେ ଯେଉଁ ସିଂହାସନ ଆରୋହଣ କରି ମଣିଷ ଅଖଣ୍ଡ ଶାସନ ନିଜ ଇଲାକାରେ ଜାରି ରଖେ, ବାର୍ଦ୍ଧକ୍ୟରେ ସେଇ ସିଂହାସନକୁ କୁକୁର ପରି କେବଳ ଜଗି ରହିବାକୁ ତାକୁ ପଡ଼ିଥାଏ।**

ଆଜିକାଲି ଗୋଟିଏ ଭଲ ଉପାୟରେ ଆପଣ କିଛି ଲୋକଙ୍କୁ ଏ ପୃଥିବୀରୁ ଉଠେଇ ନେଉଛନ୍ତି। ସେଥିରେ ଦେହକୁ କି ମନକୁ ବିଶେଷ କଷ୍ଟ ନାହିଁ। ଶହ ଶହ ମଣିଷ ମେଳରେ ହସ ଖୁସି, ଖିଆପିଆ, ନାଚ, ଗୀତ କରୁଥିବା ବେଳେ କି ନିକାଞ୍ଚନରେ, ନୀରବରେ ବିଶ୍ରାମ ନେଉଥିବା ବେଳେ ହାର୍ଟଫେଲ୍ କରୁଛି। ଚଳଚଞ୍ଚଳ ଦେହଟା ହଠାତ୍ ସ୍ଥିର ହୋଇଯାଉଛି। ମୋତେ ଯଦି ଅମର ନ କରି ପାରିବେ ପ୍ରଭୁ, ଏଇମିତି ସୁଖ ମରଣ ଦିଅନ୍ତୁ। ଜୀବନଟା ସୁଖରେ କଟିଛି, ମରଣଟା ସୁଖରେ ହେଉ।

ଏତିକିରେ ଇତି କରୁଚି ପ୍ରଭୁ! ଆଶାକରେ ମୋର ଏ ଇ-ମେଲ୍ ଆପଣ ପାଇବେ, ପଢ଼ିବେ ଆଉ ମୋ ନିବେଦନ, ଆବେଦନ ଘେନା କରିବେ।

ଚିର କୃତଜ୍ଞ ବିନୟାବନତ
ଅବିନାଶ ଚଉଧୁରୀ
'ଆନନ୍ଦ ଭବନ', ଅନୁପମ ନଗର
ଭୁବନେଶ୍ୱର-୭୫୧୦୦୩

ଇ-ମେଲଟିକୁ କମ୍ପ୍ୟୁଟରରେ କଂପୋଜ କରିସାରି ଈଶ୍ୱରଙ୍କ ପାଖକୁ ପଠାଇବା ପାଇଁ ଅବିନାଶ ଈଶ୍ୱରଙ୍କ ଇ-ମେଲ୍ ଆଡ୍ରେସ୍ ଖୋଜିଲେ। ଈଶ୍ୱରଙ୍କ ଇ-ମେଲ୍ ଆଡ୍ରେସ୍ ପାଇଁ ସେ ଆକାଶକୁ ଚାହିଁଲେ। ସ୍ୱର୍ଗପୁରଟା ଆକାଶ ଭିତରେ ଅଛି, କିନ୍ତୁ କ'ଣ ତା'ର ଠିକଣା? ଈଶ୍ୱରଙ୍କ ଇ-ମେଲ ଆଡ୍ରେସ୍ ତାଙ୍କୁ ହିଁ ସୃଷ୍ଟି କରିବାକୁ ପଡ଼ିବ। ଭାବିଚିନ୍ତି ଇ-ମେଲ୍ ଆଡ୍ରେସ୍‌ଟିଏ ସୃଷ୍ଟିକଲେ: iswar@baikunthapuryahoo.com - ନିଜେ ଈଶ୍ୱରଙ୍କ ଇ-ମେଲ୍ ଆଡ୍ରେସ୍‌ଟି ସୃଷ୍ଟି କରିପାରିଥିବା ଆନନ୍ଦରେ ଉଲ୍ଲସିତ ହେଲେ ଅବିନାଶ।

ନିଜେ ସୃଷ୍ଟି କରିଥିବା ଆଡ୍ରେସ୍‌ରେ ଇ-ମେଲ୍‌ଟିକୁ ଈଶ୍ୱରଙ୍କ ପାଖକୁ ଅବିନାଶ ପଠାଇଦେଲେ। ଇ-ମେଲ୍‌ଟି ଯାଉଛି କି ନାହିଁ ଉତ୍କଣ୍ଠିତ ହୋଇ ଅପେକ୍ଷା କଲେ। ବେଶି ସମୟ ଅପେକ୍ଷା କରିବାକୁ ପଡ଼ିଲା ନାହିଁ। ପ୍ରାୟ ଦୁଇ ମିନିଟ୍ ଭିତରେ ଇ-ମେଲ୍‌ଟି ଚାଲିଗଲା। ତାଙ୍କୁ ମନେ ହେଲା ସତେ ଯେମିତି ତାଙ୍କ ବାର୍ତ୍ତାଟି ସର୍ବଶକ୍ତିମାନ ବିଶ୍ୱନିୟନ୍ତା ଈଶ୍ୱରଙ୍କର ହସ୍ତଗତ ହୋଇଛି।

ଅବିନାଶ କମ୍ପ୍ୟୁଟର ଛାଡ଼ିଦେଇ ଚଟାଣରେ ଆସନଟିଏ ପକାଇ ପଦ୍ମାସନରେ ବସି ଆଖି ବନ୍ଦ କରି ଈଶ୍ୱରଙ୍କୁ ପ୍ରାର୍ଥନା କଲେ। ତପସ୍ୟାରେ ମଗ୍ନ ହେବା ପରି ମୁଦ୍ରାରେ ବସି ରହି ମନକୁ କେନ୍ଦ୍ରୀଭୂତ କଲେ ଗୋଟିଏ ବିନ୍ଦୁରେ।

ଏମିତି କେତେ ସମୟ ସେ ଧ୍ୟାନରେ ବସିଛନ୍ତି ତାଙ୍କୁ ଜଣା ନାହିଁ। ଭୋକ, ଶୋଷ ତାଙ୍କୁ ଲାଗୁ ନାହିଁ। ନିଦ୍ରା କଥା ସିଏ ଭୁଲିଯାଇଛନ୍ତି। ତାଙ୍କ ଚାରି ପାଖର ପୃଥିବୀ କି ଜୀବଜଗତ କଥା ଆଉ ସ୍ମରଣ ନାହିଁ।

ତାଙ୍କ ଆଖି ବନ୍ଦ ଥିଲେ ବି କମ୍ପ୍ୟୁଟର ପରଦାଟା ତାଙ୍କୁ ସ୍ପଷ୍ଟ ଦିଶିଲା ଏବଂ ସେଥିରେ କେତେଟା ଧାଡ଼ି ଲେଖି ହୋଇଗଲା। ସେମିତି ବନ୍ଦ ଆଖିରେ ଅବିନାଶ ପଢ଼ିଲେ- ମୁଁ ଈଶ୍ୱର। ତୁମ ପ୍ରାର୍ଥନା ଶୁଣିଲି। ମୁଁ ଭାବିଲି ତୁମକୁ କିଛି ସ୍ପଷ୍ଟୀକରଣ ଦେଇ ତୁମର ସମସ୍ୟାର ସମାଧାନ କରିବି। ତୁମେ ଯେଉଁ ମାଧ୍ୟମ ସହିତ ଅଭ୍ୟସ୍ତ ତାରି ଜରିଆରେ ମୁଁ ତୁମକୁ ଉତ୍ତର ଦେବି। ଏଇ କମ୍ପ୍ୟୁଟରରେ ତୁମେ ତୁମ ଜୀବନର ସମସ୍ୟା ସଂପର୍କିତ ପ୍ରଶ୍ନ ଉପସ୍ଥାପିତ କର।

ଈଶ୍ୱର ଲେଖିଥିଲେ, କୌଣସି ପ୍ରାର୍ଥନା ଅନୁତ୍ତରିତ ରହେନା; କିନ୍ତୁ ବେଳେବେଳେ ଉତ୍ତର ନାସ୍ତିବାଚକ ଥାଏ। ଆତ୍ମବିଶ୍ୱାସ ରଖ ଓ ଭୟଛାଡ଼। ଜୀବନ ଏକ ରହସ୍ୟ ଯାହାକୁ ଭେଦ କରାଯାଏ, କିନ୍ତୁ ଜୀବନ ଏକ ସମସ୍ୟା ନୁହଁ କି ତା'ର ବିଶ୍ଳେଷଣ କରାଯାଏନା। ବଞ୍ଚିବାର କଳା ଜାଣିଥିବା ମଣିଷ ପାଇଁ ଜୀବନ ଅତି ଚମତ୍କାର।

ଅବିନାଶଙ୍କ ଧାନ ଭଗ୍ନ ହେଲା।

**ଡାକ୍ତର ଘୋଷଣା କଲେ - ଅତ୍ୟଧିକ ଆନନ୍ଦ ଯୋଗୁଁ ତାଙ୍କର ହୃଦ୍‌ଯନ୍ତ୍ରର କ୍ରିୟା ବନ୍ଦ ହୋଇଯାଇଛି।**

ଅତ୍ୟଧିକ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ବଡ଼ ପାଟିରେ ହସି ଉଠିଲେ ଅବିନାଶ। ସେ ହସ ଆଉ ବନ୍ଦହେଲା ନାହିଁ। ହସ ପରେ ହସ। ଅବିନାଶଙ୍କ ହସ ଅବିଶ୍ରାନ୍ତ ଚାଲୁ ରହିଲା। ତାଙ୍କ ସ୍ତ୍ରୀ, ପୁଅ ଓ ଚାକର ଚାକରାଣୀ ଆସି ରୁଣ୍ଡ ହେଲେ। ସେ କାହାରି କଥା ନ ଶୁଣି ସେ ପ୍ରାଣଖୋଲା ହସ ହସି ଚାଲିଲେ। ତାଙ୍କ ମୁହଁ, ଦେହ, ହାତ, ଗୋଡ଼ ସବୁ ଲାଲ ପଡ଼ିଗଲା। ତଥାପି ହସ ବେଳକୁ ବେଳ ବଢ଼ିଲା। ଅଧଘଣ୍ଟାଏ ହସିବା ପରେ ଅବିନାଶ ମୂର୍ଚ୍ଛା ଗଲେ। ତାଙ୍କ ମୁହଁରେ ପାଣିଢାଳି, ଫୁଙ୍କାଫୁଙ୍କି କଲେ ମଧ୍ୟ ଚେତା ଫେରିଲା ନାହିଁ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଗଲା। ଡାକ୍ତର ପରୀକ୍ଷା କରି ଘୋଷଣା କଲେ - ଅତ୍ୟଧିକ ଆନନ୍ଦ ଯୋଗୁ ତାଙ୍କର ହୃଦ୍‌ଯନ୍ତ୍ରର କ୍ରିୟା ବନ୍ଦ ହୋଇଯାଇଛି।

□□

ଲେଖକଙ୍କ ଇ-ମେଲ ଠିକଣା:
anandapahi@gmail.com

ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ




**ଧାରା ଶ୍ରୀରାଧା**

**କବି - ମଙ୍ଗଳାପ୍ରସାଦ ପ୍ରଧାନ**

DHARA SHREE RADHA TRUST
Regd. No.: 41081705388
Bhubaneswar, Odisha

**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**

ଧାରାବାହିକ ପ୍ରବନ୍ଧ

# ଦେବଦୁର୍ଲଭ ଦାସଙ୍କ 'ରହସ୍ୟ ମଞ୍ଜରୀ'ର କାବ୍ୟ ମୂଲ୍ୟ



ଡ. ଅଶୋକ କୁମାର ପଣ୍ଡା

ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ଅନୁଧ୍ୟାନ ଏବଂ ଅଧ୍ୟୟନ କଲେ ଜଣାଯାଏ ଯେ ମୁଖ୍ୟତଃ ଭାବରେ ଧର୍ମକୁ ଆଧାର କରି ସାହିତ୍ୟର ଉନ୍ମେଷ ଓ ଉତ୍ତରଣ ଘଟିଅଛି। ସମାଜରେ ଯେତେବେଳେ ଯେଉଁ ଧର୍ମର ପ୍ରାଧାନ୍ୟ ରହିଛି ସେତେବେଳେ ସେହି ଧର୍ମର ସାରକଥାକୁ ଭିତ୍ତିକରି ସେହି ଯୁଗର ସାହିତ୍ୟ ରଚିତ ହୋଇଅଛି। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଗୌଡୀୟ ବୈଷ୍ଣବ ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ଫଳରେ, ପାଠକପିପାସୁ ମାନସରେ ଯେଉଁ ଆଧ୍ୟାତ୍ମିକ ବିପ୍ଳବର ସୂତ୍ରପାତ ହୋଇଥିଲା ତାହା ଅପୂର୍ବ ଏବଂ ଅନନ୍ୟ। ଚୈତନ୍ୟଙ୍କ ଦ୍ୱାରା ପ୍ରଚାରିତ ଏବଂ ପ୍ରସାରିତ ବୈଷ୍ଣବ ଧର୍ମ ରାଜଧର୍ମ ଭାବରେ ଗୃହୀତ ହେବାରୁ ରାଧାକୃଷ୍ଣ ଏବଂ ଗୋପୀକୃଷ୍ଣ ପ୍ରେମତତ୍ତ୍ୱ ସାହିତ୍ୟକୁ ଗ୍ରାସ କରିବାରେ ଲାଗିଲା। ପଞ୍ଚସଖା ଯୁଗ ଠାରୁ ବୈଷ୍ଣବ ଧର୍ମତତ୍ତ୍ୱ ଆଧାରିତ ଅନେକ ଗ୍ରନ୍ଥ ରଚିତ ହୋଇ ପ୍ରସାରିତ ହେଲା ଏବଂ ପାଠକୀୟ ଆଦୃତି ଲାଭ କଲା। ଠିକ୍ ଏତିକିବେଳେ କବିମାନଙ୍କ ଦ୍ୱାରା କାଳ୍ପନିକ କାହାଣୀ ଧର୍ମ ସହିତ ମିଶି ପାଠକମାନଙ୍କ ପାଇଁ ରଚିପୂର୍ଣ୍ଣ ସାହିତ୍ୟ ସମ୍ପଦ ସୃଷ୍ଟି ହେଲା। ଏହି ସମୟରେ ମଧ୍ୟଯୁଗୀୟ କବି ଦେବ ଦୁର୍ଲ୍ଲଭ ଦାସ ରହସ୍ୟ ମଞ୍ଜରୀ କାବ୍ୟଟିଏ ସୃଷ୍ଟି କରିଥିଲେ।




'ରହସ୍ୟ ମଞ୍ଜରୀ' କାବ୍ୟର କବି ଦେବଦୁର୍ଲ୍ଲଭ ଦାସ ଜଣେ ସରଳ ବ୍ୟକ୍ତିତ୍ୱର ଅଧିକାରୀ। ତାଙ୍କର କବିତ୍ୱ ପ୍ରତିଭା ଥିଲା ପ୍ରଚଣ୍ଡ ମାର୍ତ୍ତଣ୍ଡ ସଦୃଶ। କବି 'ରହସ୍ୟ ମଞ୍ଜରୀ' କାବ୍ୟ ବ୍ୟତୀତ ଅନ୍ୟ କୌଣସି କାବ୍ୟ ରଚନା କରିଥିବା ସୂଚନା ମିଳେ ନାହିଁ। କବି ଦେବଦୁର୍ଲ୍ଲଭ ସ୍ୱରଚିତ କାବ୍ୟରେ ସମୟ ଏବଂ ବ୍ୟକ୍ତିଗତ କଥା କୌଣସି ସ୍ଥାନରେ ପ୍ରକାଶ କରିନାହାନ୍ତି। ତେଣୁ କବିଙ୍କର ସମୟ ଓ ସ୍ଥାନ ବର୍ତ୍ତମାନ ମଧ୍ୟ ନିରୂପଣ ହୋଇପାରିନାହିଁ। ସେ ପ୍ରାଚୀନ ଭାରତୀୟ ସାହିତ୍ୟର ଆଦର୍ଶର ଅନୁସରଣରେ ସଚେତନ ନ ଥିଲେ। ତେଣୁ ସେ ନିଜ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି। 'ରହସ୍ୟ ମଞ୍ଜରୀ' କାବ୍ୟଟି କବିଙ୍କ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ଜଗତରେ ଅକ୍ଷୟ ପ୍ରତିଷ୍ଠା ପ୍ରଦାନ କରିଅଛି। କୁହାଯାଇଛି, ଉଜ୍ଜୟିନୀର ପ୍ରଶସ୍ତ ବର୍ଣ୍ଣନାରୁ କାଳିଦାସଙ୍କୁ ଯେପରି ଉଜ୍ଜୟିନୀର ଅଧିବାସୀ ବୋଲି ଗବେଷକମାନେ ମତପୋଷଣ କରନ୍ତି, ଠିକ୍ ସେହିପରି ଶ୍ରୀକ୍ଷେତ୍ରର ତୀକ୍ଷ୍ଣାତୀକ୍ଷ୍ଣ ବର୍ଣ୍ଣନାରୁ ଦେବଦୁର୍ଲ୍ଲଭଙ୍କୁ ଶ୍ରୀକ୍ଷେତ୍ରବାସୀ ବୋଲି ଅସମୀଚୀନ ହେବ ନାହିଁ। 'ରହସ୍ୟ ମଞ୍ଜରୀ' କାବ୍ୟର କେତେକ ସ୍ଥାନରେ କବି ନିଜର ପୂର୍ଣ୍ଣ ନାମର ସୂଚନା ଦେଇଥିବାର ଜଣାଯାଏ କବିଙ୍କ ଲେଖନୀରେ-

"ଶ୍ରୀ ରାଧାପତି ଚରଣେ ନିରନ୍ତରେ ଆଶ
ଶରଣ ମାଗଇ ଦେବଦୁର୍ଲ୍ଲଭ ଯେ ଦାସ।"

(୧୧ ଛାନ୍ଦ /୫୦)

"ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆଶ
ନିରନ୍ତର ଚିନ୍ତେ ଦେବ ଦୁର୍ଲ୍ଲଭ ଦାସ।"

(୨୩ ଛାନ୍ଦ /୫୯)

### କବିଙ୍କର ପରିଚୟ

କବିଙ୍କର ପରିଚୟ ସମ୍ପର୍କରେ କେବଳ ଏତିକି ସୂଚନା ତାଙ୍କ କାବ୍ୟରୁ ମିଳିଥାଏ। କବିଙ୍କର ସମୟ ନିରୂପଣ ପାଇଁ ବିଭିନ୍ନ ଉପାଦାନ ମାଧ୍ୟମରୁ ତଥ୍ୟ ସଂଗ୍ରହ କରି ସମାଲୋଚକମାନେ ତାଙ୍କୁ ଷୋଡ଼ଶ ଶତାବ୍ଦୀର କବି ରୂପେ ଗ୍ରହଣ କରିଛନ୍ତି।

'ରହସ୍ୟ ମଞ୍ଜରୀ' କାବ୍ୟର ଶେଷରେ କବି କହିଛନ୍ତି ଯେ,

କାବ୍ୟର କଥାବସ୍ତୁ ତାଙ୍କ ପୂର୍ବରୁ କୌଣସି କବିଙ୍କ ଦ୍ୱାରା ଗୃହୀତ ହୋଇନାହିଁ। ଆଲୋଚନାରୁ ଯାହା ଜଣାଯାଇଅଛି ଅଚ୍ୟୁତାନନ୍ଦଙ୍କର ଶୂନ୍ୟ ସଂହିତାରେ ଏହି କଥାବସ୍ତୁ ସମ୍ୟକ୍ ଅଲଗା ଭାବରେ ବର୍ଣ୍ଣିତ ହୋଇଅଛି। ଦୀନକୃଷ୍ଣ ଦାସଙ୍କ 'ନାମରତ୍ନଗୀତା' ଓ ଚାନ୍ଦକବିଙ୍କର 'ଗୋପୀଚନ୍ଦନ' କାବ୍ୟରେ ମଧ୍ୟ ଭିନ୍ନ ରୂପରେ ହୋଇଅଛି। ଶ୍ରୀକୃଷ୍ଣ ଅଷ୍ଟପାଟବଂଶୀକୁ ନିଜେ ରାସସ୍ଥଳୀରେ ରାସଲୀଳା ପ୍ରଦର୍ଶନ କରିବା କୌଣସି ପୁରାଣ କିମ୍ବା ପରମ୍ପରାରୁ ଗୃହୀତ ହୋଇନାହିଁ। ଏଠାରେ କେବଳ ଜ୍ଞାନମିଶ୍ରା ଭକ୍ତିଠାରୁ ଗୋପୀଭକ୍ତିର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଏହି କଥାବସ୍ତୁର ପରିକଳ୍ପନା କରାଯାଇଅଛି।

**କବିର ମନ ହେଉଛି ବୀଣାର ତାର ସଦୃଶ ଅମୃତ ଧ୍ୱନିରେ ପରିପୂର୍ଣ୍ଣ। ହସ୍ତ ଚାଳନାରେ ବୀଣାର ତାରରେ ସ୍ୱର ଝଙ୍କୃତ ହୁଏ।**

କବିଙ୍କର 'ରହସ୍ୟ ମଞ୍ଜରୀ' କାବ୍ୟର ବିଷୟ ବିନ୍ୟାସ ଅତୀବ ଆକର୍ଷଣୀୟ। କାବ୍ୟ ନାୟିକା ଶ୍ରୀକୃଷ୍ଣଙ୍କର ପତ୍ନୀ ରୁକ୍ମିଣୀ। କିନ୍ତୁ ଶ୍ରୀକୃଷ୍ଣ ନିଜ ନାୟିକାର ନ୍ୟୂନତମ ଗୁଣକୁ ପ୍ରତିପାଦନ କରି ପରକୀୟା ନାୟିକା ଶ୍ରୀରାଧାଙ୍କର ଶ୍ରେଷ୍ଠତ୍ୱ ଗୁଣକୁ ବର୍ଣ୍ଣନା କରିବା ଏହି କାବ୍ୟର ମୁଖ୍ୟ ବୈଶିଷ୍ଟ୍ୟ। ଦ୍ୱାରକାପୁରର ଐଶ୍ୱର୍ଯ୍ୟଲୀଳାଠାରୁ ବୃନ୍ଦାବନର ମାଧୁର୍ଯ୍ୟଲୀଳାର ଶ୍ରେଷ୍ଠତ୍ୱ ପ୍ରଦର୍ଶନ ଏହି କାବ୍ୟର ଅନ୍ୟତମ ଉଦ୍ଦେଶ୍ୟ। ଏଠାରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ନିତ୍ୟଲୀଳା ବା ରାସର ବର୍ଣ୍ଣନା ଦ୍ୱାରା ତାଙ୍କର ପ୍ରୀତିର ମହତ୍ତ୍ୱ ପ୍ରକାଶିତ ହୋଇପାରିଛି।

### ଏକ ତାତ୍ତ୍ୱିକ ପଦ୍ୟ

'ରହସ୍ୟ ମଞ୍ଜରୀ' କାବ୍ୟ ଏକ ତାତ୍ତ୍ୱିକ ପଦ୍ୟ ହେଲେ ହେଁ କାବ୍ୟ ବିଭୂତିରେ ଐଶ୍ୱର୍ଯ୍ୟମୟ। କବିତ୍ୱ ଶକ୍ତି ସରସ୍ୱତୀଙ୍କର ବୀଣାତୁଲ୍ୟ। କବିର ମନ ହେଉଛି ବୀଣାର ତାର ସଦୃଶ ଅମୃତ ଧ୍ୱନିରେ ପରିପୂର୍ଣ୍ଣ। ହସ୍ତ ଚାଳନାରେ ବୀଣାର ତାରରେ ସ୍ୱର ଝଙ୍କୃତ ହୁଏ। ଠିକ୍ ସେପରି କବିମନର ଭାବ ପ୍ରକାଶ ପାଇଁ ଲେଖନୀ ଚାଳନା କଲେ କବିତ୍ୱ ଶକ୍ତିର ତାରରେ ଶବ୍ଦ ଝଙ୍କୃତ ହୁଏ। କବି ସତର୍କତା ଅବଲମ୍ବନ କରି ଶବ୍ଦକୁ ପ୍ରକାଶ କରେ। କବି ତାର ଜ୍ଞାନ, ବୁଦ୍ଧି, ଚାତୁର୍ଯ୍ୟ ବଳରେ କାବ୍ୟ ସୃଷ୍ଟି କରି ପାଠକର ହୃଦୟ ହରଣ କରିଥାଏ।

କବି କବିତ୍ୱ ବିଳାସ ଅପେକ୍ଷା ବିଷୟରସ ପ୍ରତି ଅଧିକ ଧ୍ୟାନ ଦେଇଛନ୍ତି। କାବ୍ୟକୁ ଆଳଙ୍କାରିକ ନ କରି ସହଜ ଓ ସରଳ କରି ବିଷୟ ପ୍ରକାଶ କରିଛନ୍ତି। ଏହି କାବ୍ୟ ରଚନାରେ କବି ସବୁ ସ୍ଥାନରେ ସମାନ ଭାବରେ କବିତ୍ୱ ଶକ୍ତିର ପ୍ରୟୋଗ କରିନାହାନ୍ତି। କାବ୍ୟର ଅନେକ ସ୍ଥାନରେ ବର୍ଣ୍ଣନାଶୈଳୀ କଠିନ, କିନ୍ତୁ କବିତ୍ୱର ବର୍ଣ୍ଣନା ଶକ୍ତିର ଚମତ୍କାରିତା ବର୍ଜିତ ହୋଇଛି।

କାବ୍ୟର ପ୍ରଥମ ଛାନ୍ଦରେ କବି ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଜଣାଣ ତଥା ବନ୍ଦନା କରି କାବ୍ୟରଚନା ଆରମ୍ଭ କରିଛନ୍ତି। ସାରଳା ଦାସଙ୍କ ପରି ଦେବଦୁର୍ଲ୍ଲଭ ମଧ୍ୟ ପୁରୀକୁ ଯମନିକ ତୀର୍ଥ ବୋଲି କହିଛନ୍ତି। ଶ୍ରୀଜଗନ୍ନାଥ ବଡ଼ଦେଉଳରେ ଯୋଗ ମୁଦ୍ରାରେ ବସିଥିବା ଦୃଶ୍ୟକୁ କବି ବର୍ଣ୍ଣନା କରିଛନ୍ତି। ଯଥା-

"ଯମନିକ ନାମେ ତୀର୍ଥ ଆଦ୍ୟ
ତହିଁ ଯମେଶ୍ୱର ଦେବତା ପ୍ରସିଦ୍ଧ। (୧/୩)

କବିଙ୍କର ବହୁ ଶାସ୍ତ୍ରଦର୍ଶିତା ବିଷୟରେ ମତ ପ୍ରକାଶ କରି ଆର୍ତ୍ତବଲ୍ଲଭ ମହାନ୍ତି ଲେଖିଛନ୍ତି, "ପୁରାଣ, ଦର୍ଶନ, ସ୍ମୃତି ଯୋଗ, ତନ୍ତ୍ର ଓ ସଙ୍ଗୀତ ପ୍ରଭୃତି ବିଦ୍ୟାରେ କବିଙ୍କର ପ୍ରାବୀଣ୍ୟ ଥିଲା। ଏହି ଶାସ୍ତ୍ରମାନଙ୍କର ତତ୍ତ୍ୱ ଉପଲବ୍ଧି କବିଙ୍କ ବୁଦ୍ଧିର ଲବ୍ଧ ତତ୍ତ୍ୱମାନଙ୍କର ସ୍ୱକାବ୍ୟରେ ସମୀଚୀନ ସଂଯୋଜନ କବିଙ୍କ ପ୍ରତିଭାର ନିଦର୍ଶନ।" କାବ୍ୟକୁ ପାଠ କଲେ ଜଣାଯାଏ କାବ୍ୟ ରଚନା ସମୟରେ କବି ଆଦି ପୁରାଣର ଗୋପୀପ୍ରେମ ମାହାତ୍ମ୍ୟ, କୃଷ୍ଣଯାମଳ, ବିଷ୍ଣୁଯାମଳ, ଅଥର୍ବବେଦ ଆଦିରୁ ତଥ୍ୟ ଗ୍ରହଣ କରିଛନ୍ତି ଏବଂ ଏକଥା ମଧ୍ୟ ସ୍ୱୀକାର କରିଛନ୍ତି- କବିଙ୍କ ଭାଷାରେ-

"ରାଧା ସାତୁକୀ ରାବୁସୀ ରୁକ୍ମିଣୀ
ଯାହା କହିଛି ବେଦ ଅଥର୍ବାଣୀ।" (୫/୯)
ପୁଣି- "ଗୋପୀ ପ୍ରେମ ମହାତ୍ମ୍ୟ ନାମେ ପାଠ
ଆଦି ପୁରାଣ ବାଣୀ ମଧ୍ୟେ ଶ୍ରେଷ୍ଠ।" (୫/୧୭)

ଷୋଡ଼ଶ ଶତାବ୍ଦୀରେ ରଚିତ 'ରହସ୍ୟ ମଞ୍ଜରୀ' କାବ୍ୟରେ ଓଡ଼ିଆ କାବ୍ୟର ପୂର୍ଣ୍ଣ ବିକଶିତ ରୂପର ସ୍ୱାଚ୍ଛନ୍ଦ୍ୟ ପରିଲକ୍ଷିତ ନ ହେଲେ ମଧ୍ୟ 'ରହସ୍ୟ ମଞ୍ଜରୀ' ଓଡ଼ିଆ କାବ୍ୟ ଭଣ୍ଡାରର ଶ୍ରୀବୃଦ୍ଧି ସାଧକ କରିଅଛି ବୋଲି କୁହାଯାଇପାରେ। ସାରଳା ମହାଭାରତର ଦାଣ୍ଡିବୃତ୍ତ ପ୍ରାଚୀନତାର ଏକ ଲକ୍ଷଣ। ସେଥିରେ ବ୍ୟବହୃତ ଅନେକ ପ୍ରାଚୀନ ଶବ୍ଦ ଏବେ ମଧ୍ୟ ଦୁର୍ବୋଧ।

ସେହିଭଳି କେତେକ ଶବ୍ଦ 'ରହସ୍ୟ ମଞ୍ଜରୀ' କାବ୍ୟରେ ବ୍ୟବହୃତ ହୋଇଥିବା ପରିଲକ୍ଷିତ ହୁଏ। ଏ ଦୃଷ୍ଟିରୁ  କାବ୍ୟ ପରମ୍ପରାରେ ରଚିତ ହୋଇଛି ଏବଂ ତା'ର ସାହିତ୍ୟିକ ବିଭାବ ଅନେକ ସ୍ଥଳରେ ବିଚାର ହୋଇଅଛି।

**ଋତୁବର୍ଣ୍ଣନା**

କବି କାବ୍ୟ ମଧ୍ୟରେ ଋତୁବର୍ଣ୍ଣନାର ଚମତ୍କାରିତା ଉଦ୍ୟାନ କେଳି ଓ ରାସଲୀଳା ବର୍ଣ୍ଣନାରେ କବିଙ୍କର କବିତ୍ୱ ଅତ୍ୟନ୍ତ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଅଛି। ଏପରି ନୈସର୍ଗିକ ବର୍ଣ୍ଣନାରେ କବି ଯେଉଁ ଶବ୍ଦ ଚିତ୍ରମାନ ଅଙ୍କନ କରିଛନ୍ତି ତାହା ଜୀବନ୍ତ ଏବଂ ରୂପଦ୍ୟୋତକ ହୋଇଅଛି। ନବମ ଛାନ୍ଦରେ ଗାୟେଣୀ ନର୍ତ୍ତକୀମାନଙ୍କ ନୃତ୍ୟ ପ୍ରଦର୍ଶନର ବର୍ଣ୍ଣନା ଏଠାରେ ଉଲ୍ଲେଖ କରାଯାଇପାରେ। କବିଙ୍କ ଲେଖନୀରେ-

"ହେଉ ଦେଖିବା ବୋଲି ପ୍ରଭୁ ବୋଇଲେ
ଅର୍ଦ୍ଧିନୀ ରଞ୍ଜିଲା ନୃତ୍ୟ
ଚିବୁକେ ତର୍ଜନୀ କଟିକରେ ଦେଇ
ଭ୍ରମିଲା ଚକ୍ରେ ଯେମନ୍ତ।"

କବିଙ୍କ ବର୍ଣ୍ଣନାରେ କଳ୍ପନା ପ୍ରବଣତା ସହିତ ଶୃଙ୍ଗାର ବର୍ଣ୍ଣନା କାବ୍ୟକୁ ଅତ୍ୟନ୍ତ ରସାଣିତ କରିପାରିଛି। ଅଷ୍ଟପାଟବଂଶୀ ନିଜ ପତିଙ୍କ ମୁଖରେ ଅନ୍ୟ ନାରୀମାନଙ୍କ ପ୍ରତି ଆସକ୍ତିବାଣୀ ଶୁଣି ବାସ୍ତବରେ ଈର୍ଷାନ୍ୱିତ ହେବାର କଥା। ଜାମ୍ବବତୀ ଅଭିମାନରେ ଈର୍ଷାପରାୟଣ ହୋଇ ସତ୍ୟଭାମାଙ୍କ ଆଗରେ ଶ୍ରୀକୃଷ୍ଣଙ୍କ ପ୍ରତି ଅଭିମାନଭରା କଣ୍ଠରେ କହିଛନ୍ତି। ଏଥିରେ ଶୃଙ୍ଗାରରସର ଆଧିକ୍ୟ ସୂଚିତ ହୋଇଥାଏ।

"ବଦନ୍ତି ଜମ୍ୱେବ ଜେମା ଶୁଣ ତୁମ୍ଭ ସତ୍ୟଭାମା
ବଡ଼ ଠାକୁରାଣୀଙ୍କର ଛାମୁରେ ସୂଚ
ପ୍ରଭୁଙ୍କ କଥାରେ ସହି ଏ ସୃଷ୍ଟିରେ ବଡ଼ ନାହିଁ
ଏକା ତାଙ୍କ ଗୋପୀମାନେ ସବୁହୁଁ ଉଚ୍ଚ,
ମେଘ ଯାଏ କବରୀ ଭାର
ଏହାଙ୍କ ମନର ମୋହ ବନ୍ଦୀ ମନ୍ଦିର।
କୁଚ ଉଚ୍ଚ ଗିରିବର ବର୍ତ୍ତୁଳ ଘଞ୍ଚ ରୁଚିର
ମନ୍ଦରଧର ବିସ୍ତାର କରକୁ ଲାଗି
ଆରମ୍ଭ ଫରୁଆ ଭର ସେ କାହୁଁ ଲାଗିବ କର
ତେଣୁ କରି ସଖୀ ଆମ୍ଭେ ତାଙ୍କୁ ଅଲାଗି;
କେବେ ତାଙ୍କ ଛାମୁରେ ପୁଚ୍ଛ
ଗୋପକନ୍ୟାମାନେ ଯେବେ ତାଙ୍କ ସରିଛ। (୭/୨-୩)

ଶ୍ରୀକୃଷ୍ଣ ମନ୍ଦରଗିରିକୁ ନିଜ ହାତରେ କିପରି ଧାରଣ କରିଥିଲେ ତାହା ଏଠାରେ ବର୍ଣ୍ଣିତ। ଶ୍ରୀକୃଷ୍ଣ ନିଜ କରକୁ ବିସ୍ତାର କରି ମୁଠା ଭିତରେ ମନ୍ଦର ପର୍ବତକୁ ଧରି ରଖିଲେ।

ବସନ୍ତ ଋତୁରେ ଶ୍ରୀରାଧା ପାଗଳପ୍ରାୟ ହୋଇ ବୁଲି ବୁଲି ଶ୍ରୀକୃଷ୍ଣଙ୍କୁ ଖୋଜିଛନ୍ତି। ଏ ପ୍ରସଙ୍ଗରେ ଗନ୍ଧ ପୁଷ୍କରିଣୀ ତୀରର ବର୍ଣ୍ଣନା ଅତ୍ୟନ୍ତ ମନୋରମ ହୋଇଛି। ଶ୍ରୀକୃଷ୍ଣ ଗୋପପୁରକୁ ଯାଇ କଦମ୍ବ ମୂଳରେ ରାସକ୍ରୀଡା ରଚନା କରିବା ପାଇଁ ପ୍ରସ୍ତୁତ ହୋଇଅଛନ୍ତି। ଏ ବର୍ଣ୍ଣନା କବିଙ୍କ କଳ୍ପନାରେ ମର୍ମସ୍ପର୍ଶୀ। ଯଥା-




"ଲୋଚନ ଅନଙ୍ଗ ଧନୁ
ତରଙ୍ଗେ ତରଳେ ତନୁ,
ଅଳକାବଳି ଯେସନ
ଭୃଙ୍ଗ ପଙ୍କଜେ।"

ଉଦ୍ୟାନ କେଳି ବର୍ଣ୍ଣନା ପ୍ରସଙ୍ଗରେ ପାଠକର ମନଶ୍ଚକ୍ଷୁରେ ଉଦ୍ୟାନ ଚାରିଣୀ ମାନଙ୍କର ଲୀଳାଚପଳ ମୂର୍ତ୍ତି ଉଦ୍‌ଭାସିତ ହୋଇଉଠିଥାଏ। କବିଙ୍କ ଭାଷାରେ-

"କେହୁ ବୃକ୍ଷେ ଉଠି କୁସୁମ ତୋଳନ୍ତେ
ମୁଖ ପଦ୍ମ ଗନ୍ଧ ପାଇ
ପୁଷ୍ପ ତେଜି ଭୃଙ୍ଗ ବଦନ ଚୁମ୍ବନ୍ତେ
ବୃକ୍ଷରୁ ପଡ଼ିଲା ଡେଇଁ
ପଳାନ୍ତେ ଗୋଡ଼ାନ୍ତି ତୁମ୍ଭନ୍ତେ ଛଡାନ୍ତି
ଛାଡନ୍ତେ ପଶନ୍ତି ବାସେ
କେଶ ବସନ ଦୂରେ ପେଡ଼ି ଝାଡ଼ନ୍ତେ
ଦୂରେ ସଖୀଜନ ହସେ।"

କାବ୍ୟର ବର୍ଣ୍ଣନା ପ୍ରସଙ୍ଗରେ ନାୟକ ନାୟିକାଙ୍କର ସମ୍ଭୋଗ ବର୍ଣ୍ଣନା ରୀତି ଯୁଗର କାବ୍ୟରେ ଅତ୍ୟନ୍ତ ଦୀର୍ଘ ହୋଇଥିବାର ଦେଖାଯାଏ। କିନ୍ତୁ ଷୋଡ଼ଶ ଶତାବ୍ଦୀର କାବ୍ୟରେ ରାସକ୍ରୀଡ଼ାର

ବର୍ଣ୍ଣନାରେ ସମ୍ଭୋଗ ଶୃଙ୍ଗାର ସୂଚିତ ହୋଇଥାଏ। ରାସକ୍ରୀଡା ପରେ ଗୋପୀମାନଙ୍କର ଉପବନ ବିହାର ଏବଂ ପୁଷ୍ପଚୟନ କରିବା କଥା ବର୍ଣ୍ଣିତ। ଗୋପୀମାନେ ପୁଷ୍ପ ଚୟନ କରି ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କୁ ମଣ୍ଡନ କରିଛନ୍ତି।

କାବ୍ୟ ମଧ୍ୟରେ କବି ସଂସ୍କୃତ କାବ୍ୟ ପରମ୍ପରାର ରୀତି, ଅଳଙ୍କାର, ବ୍ୟଞ୍ଜନା କୌଣସି କଥା ଅନୁସରଣ ନ କରି ନୈସର୍ଗିକ ରୀତିରେ ଋତୁବର୍ଣ୍ଣନା କରିଛନ୍ତି। ତାହା-

"କମଳିନୀ ବିଧଂସିଲେ ଅବନୀ ଉଲ୍ଲସି
ମାତିଲେ ମଣ୍ଡୁକେ ଯେ ଡାକୁକ ଡାକେ ମିଶି।
ନଦୀ ଯୋଡ଼ ବଢ଼ିଲେ; ଜଡିଲେ ସୁନାଗରୀ
ସୁବେଶ ଯୁବତୀ କାନ୍ତ ପଥ ଅନୁସରି।" (୧୨ଛାନ୍ଦ)

'ରହସ୍ୟ ମଞ୍ଜରୀ' ରଚନା ସମୟରେ କାବ୍ୟମାନଙ୍କରେ ସାଙ୍ଗୀତିକ ଆଭିମୁଖ୍ୟ ନ ଥିଲା। ବିଭିନ୍ନ ଛାନ୍ଦଙ୍କୁ କେଉଁ ବାଣୀରେ ବୋଲାଯିବ ତାହା ପ୍ରତ୍ୟେକ ଛାନ୍ଦରେ ନିର୍ଦ୍ଦେଶ ଥିଲେ ହେଁ ମୁଖ୍ୟତଃ ଆବୃତ୍ତି ପ୍ରଧାନ ଥିଲା। ସେଥିପାଇଁ କବି କାବ୍ୟରେ ସାଙ୍ଗୀତିକତା ଏବଂ ଛନ୍ଦବିନ୍ୟାସ ବିବର୍ତ୍ତନ କରିଥିଲେ। ଯଥା-

"ଝମକ ଝମକ ତାଳ ଝମକେ
କିଙ୍କିଣୀ ରୁଣୁଝୁଣୁ ଚିତ୍ତ ଚମକେ।
ଠଣରଣ ଘରଘରୀ ଘଣ୍ଟିର ନାଦେ
ମୁଖରିତ ମଞ୍ଜୀର ପାଦ ବିବାଦେ।" (୧୯ ଛାନ୍ଦ)

ଏଥିରୁ ଜଣାଯାଏ ଯେ କବି ଜଣେ ଉଚ୍ଚକୋଟୀର ସଙ୍ଗୀତଜ୍ଞ ଥିବା ଜଣାଯାଏ।

**ଉଚ୍ଚ କଳ୍ପନା-ପ୍ରବଣତା**

ଶ୍ରୀକୃଷ୍ଣ ଅଷ୍ଟ ପାଟବଂଶୀଙ୍କୁ ସାଙ୍ଗରେ ନେଇ ନିତ୍ୟ ରାସସ୍ଥଳୀକୁ ଯିବାର ବର୍ଣ୍ଣନା କବିଙ୍କର ଉଚ୍ଚ କଳ୍ପନା-ପ୍ରବଣତାର ପରିଚୟ। ଏହି ବର୍ଣ୍ଣନା ପ୍ରସଙ୍ଗ ପାଇଁ କବି ବିଭିନ୍ନ ସୂତ୍ରରୁ ତଥ୍ୟ ଆଣି ସ୍ୱୀୟ କଳ୍ପନାବଳରେ ରଚନା କରି ପାଠକର ହୃଦୟଗ୍ରାହୀ କରିପାରିଛନ୍ତି। କାବ୍ୟଟିର କଳେବର ଚବିଶି ଛାନ୍ଦରେ ପରିପୁଷ୍ଟ। ଶେଷ ଛାନ୍ଦରେ କବି ସନ୍ଥଜନମାନଙ୍କର ବର୍ଣ୍ଣନା କରିଛନ୍ତି। ସେଠାରେ କବି ସନ୍ଥଜନମାନଙ୍କୁ କୁଲା ଏବଂ ଅସନ୍ଥମାନଙ୍କୁ ଚାଲୁଣୀ ସହିତ ତୁଳନା କରିଛନ୍ତି। କୁଲା ଅସାର ବସ୍ତୁକୁ ଫିଙ୍ଗିଦେଇ ସାରବସ୍ତୁକୁ ଗର୍ଭରେ ରଖେ। ଠିକ୍ ସେପରି ସନ୍ଥଜନମାନେ ଅସାର ବସ୍ତୁକୁ ତ୍ୟାଗ କରି ସାରବସ୍ତୁକୁ ନିଜ ମଧ୍ୟରେ ରଖିଥାନ୍ତି। ଚାଲୁଣୀରେ ସାରବସ୍ତୁ ତଳକୁ ଖସିପଡ଼େ ଏବଂ ଅସାରବସ୍ତୁ ଚାଲୁଣୀର ଗର୍ଭରେ ରହେ। ଏଠାରେ ଅସନ୍ଥଜନ ସାରବସ୍ତୁକୁ ତ୍ୟାଗ କରି ଅସାର ବସ୍ତୁକୁ ନିଜ ଗର୍ଭରେ ରଖିଥାଏ। କବି କାବ୍ୟ ମଧ୍ୟରେ ସନ୍ଥ ଚରିତ୍ରର ମହନୀୟତା ପ୍ରତିପାଦନ କରିଛନ୍ତି।

'ରହସ୍ୟ ମଞ୍ଜରୀ' କାବ୍ୟରେ ଶ୍ରୀରାଧା, ଗୋପାଙ୍ଗନା ଅଷ୍ଟପାଟବଂଶୀଙ୍କର ପ୍ରୀତିର ବର୍ଣ୍ଣନା ଅତ୍ୟନ୍ତ ମନୋରମ। କବି ରାଗାନୁଗା ଭକ୍ତିମାର୍ଗକୁ ଶ୍ରେଷ୍ଠ ସ୍ଥାନ ଦେବା ପାଇଁ ତତ୍ପର। ଏଠାରେ କବି ଗୋପୀଭକ୍ତିର ସାରବତ୍ତା ଉପସ୍ଥାପନ କରିଛନ୍ତି। ପ୍ରୀତିର ପଥରେ ଗୋପୀମାନେ ଶ୍ରୀକୃଷ୍ଣଙ୍କର ଅତି ଆପଣାର। ଶ୍ରୀକୃଷ୍ଣଙ୍କ ନିକଟରେ ଗୋପୀଭାବରେ ଶ୍ରେଷ୍ଠତ୍ୱ ସୂଚିତ ହୋଇଅଛି।

**କବି ସନ୍ଥଜନମାନଙ୍କୁ କୁଲା ଏବଂ ଅସନ୍ଥମାନଙ୍କୁ ଚାଲୁଣୀ ସହିତ ତୁଳନା କରିଛନ୍ତି।**

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ଜଗତରେ 'ରହସ୍ୟ ମଞ୍ଜରୀ' କାବ୍ୟ ଏକ ସ୍ୱତନ୍ତ୍ର ଆସନ ଦାବି କରେ। ସଂସ୍କୃତ କାବ୍ୟରୀତି ପରମ୍ପରାରୁ ମୁକ୍ତ ପ୍ରସାଦଗୁଣଯୁକ୍ତ ନିରୋଳା ଓଡ଼ିଆ କବିତ୍ୱ କାବ୍ୟରେ ଚିରନ୍ତନତାର ବିଭୂତି ଆହରଣ କରନ୍ତି। ଏ ପ୍ରସଙ୍ଗରେ ଆର୍ତ୍ତବଲ୍ଲଭ ମହାନ୍ତି କାବ୍ୟର ମୁଖବନ୍ଧରେ ଲେଖିଛନ୍ତି- "ଶବ୍ଦ ଓ ଅର୍ଥର ଶୋଭନ ସଙ୍ଗତିରେ ପ୍ରସାଦ, ମାଧୁର୍ଯ୍ୟ, ସୁକୁମାରତା ଓ ସମତାଦି ଗୁଣ ସାହଚର୍ଯ୍ୟରେ ସ୍ୱଭାବୋକ୍ତି, ଉପମା, ରୂପକ, ଉତ୍ପ୍ରେକ୍ଷା, ଅତିଶୟୋକ୍ତି ପ୍ରଭୃତି ଅଳଙ୍କାର ବିନ୍ୟାସରେ କରୁଣ ଶୃଙ୍ଗାରାଦି ରସର ସଂସ୍ଥିତିରେ ଏ କାବ୍ୟ ଉତ୍କଳ କାବ୍ୟମଣ୍ଡଳୀରେ ଅତି ଉଚ୍ଚସ୍ଥାନ ଅଧିକାର କରିବ।"

ଓଡ଼ିଆ କାବ୍ୟ ସାହିତ୍ୟ ଜଗତରେ 'ରହସ୍ୟ ମଞ୍ଜରୀ' କାବ୍ୟ ମୂଲ୍ୟ ବିଚାର ଆଲୋଚନା କଲେ ଜଣାଯାଏ ଯେ, କବିଙ୍କର ସରଳ ନିରାଡ଼ମ୍ବର କବିତ୍ୱ ଚାତୁରୀ ପାଠକର ଦୃଷ୍ଟି ଆକର୍ଷଣ କରେ। କବିଙ୍କର ଭାଷା ଅତି ମଧୁର। ପଦଲାଳିତ୍ୟ ଏ କାବ୍ୟର ଏକ ପ୍ରଧାନ ବିଶେଷତ୍ୱ। ପ୍ରାଚୀନ କଥିତ ଭାଷାରେ କାବ୍ୟ ରଚନା ହୋଇଥିବାର ସ୍ୱତନ୍ତ୍ରତା କାବ୍ୟଟିକୁ ପାଠ କଲେ ଜଣାଯାଏ। ଏସବୁ ଦିଗରୁ ବିଚାର କଲେ ରହସ୍ୟ ମଞ୍ଜରୀ କବିଙ୍କ ସଫଳତା ତଥା କୃତିତ୍ୱର ଅନ୍ୟ ଏକ ନିଦର୍ଶନ।

□□

ଲେଖକଙ୍କ ଇ-ମେଲ ଠିକଣା:
akpanda382@gmail.com



ଗଳ୍ପ

# ଯୁଦ୍ଧ

ସୁଶୀଳ କୁମାର ନନ୍ଦ

କିଛି ବର୍ଷ ତଳେ ସେ ମୋର ଜଣେ ବୟୋଜ୍ୟେଷ୍ଠ ସହକର୍ମୀ ଥିଲେ। ସେତେବେଳେ ମୁଁ ଥିଲି ମଧ୍ୟ ବୟସ୍କ ଆଉ ସେ ଥିଲେ ପ୍ରୌଢତ୍ୱର ଶେଷ ପର୍ଯ୍ୟାୟରେ। କିନ୍ତୁ ତାଙ୍କ ଦେହରେ ବହୁଥିବା ରକ୍ତ ଜଣେ ତରୁଣର ଥିଲା। ବହୁତ ଜିଦ୍‌ଖୋର, ଲଢେଇଖୋର୍, ଦୁଃସାହସୀ ଥିଲେ ସେ। ଯଦିଓ ସେ ଜଣେ ଖର୍ବକାୟ ଦୁର୍ବଳ ଶରୀରର ବ୍ୟକ୍ତି ଥିଲେ, କିନ୍ତୁ ଯେ କୌଣସି ଦୀର୍ଘକାୟ, ଶକ୍ତିଶାଳୀ ପୁରୁଷର ସାମ୍ନା କରିବାକୁ ଆଦୌ ସେ ପଶ୍ଚାତ୍‌ପଦ ହେଉ ନ ଥିଲେ। ତାଙ୍କର ଦ୍ୱିଧାହୀନ ଆକ୍ରମଣାତ୍ମକ ସ୍ୱଭାବ ଆଗରେ ତାଙ୍କଠାରୁ ଯଥେଷ୍ଟ ସବଳ ବ୍ୟକ୍ତି ବି ପଛଘୁଞ୍ଚା ଦେବାକୁ ବାଧ୍ୟ ହେଉଥିଲେ। ଆମ ଅଫିସ୍‌ର ଉପରିସ୍ଥ ଅଫିସର୍‌ମାନେ ତାଙ୍କ ସହିତ କଥାବାର୍ତ୍ତା କରିବା ବେଳେ ବହୁତ ସତର୍କତା ସହକାରେ ଯଥେଷ୍ଟ କୋମଳ ବାକ୍ୟରେ କଥା କହୁଥିଲେ। ଯଦିଓ ସେ ସେମାନଙ୍କ ତଳ ପାହ୍ୟାର କିରାଣି ମାତ୍ର ଥିଲେ।

**ତାଙ୍କର ଦ୍ୱିଧାହୀନ ଆକ୍ରମଣାତ୍ମକ ସ୍ୱଭାବ ଆଗରେ ତାଙ୍କଠାରୁ ଯଥେଷ୍ଟ ସବଳ ବ୍ୟକ୍ତି ବି ପଛଘୁଞ୍ଚା ଦେବାକୁ ବାଧ୍ୟ ହେଉଥିଲେ।**

ତାଙ୍କ ବୟସ ମୋ'ଠାରୁ ପ୍ରାୟ ଆଠ ବର୍ଷ ଅଧିକ ଥିଲା। ତେଣୁ ସେ ମୋର ଆଠ ବର୍ଷ ଆଗରୁ ଚାକିରିରୁ ଅବସର ନେଇଥିଲେ। ତା'ପରେ ଆଉ ତାଙ୍କ ସହ ମୋର କୌଣସି ସମ୍ପର୍କ ରକ୍ଷା ସମ୍ଭବ ହୋଇ ନ ଥିଲା। ସମୟ ଗଡ଼ି ଚାଲିଲା। ମୁଁ ବି ମୋ ସମୟ ଉପଗତ ହୁଅନ୍ତେ ଅବସର ନେଲି।

ମୋ ଅବସର ନେବାର ଦୁଇ ବର୍ଷ ପରେ ପୁଣି ଥରେ ତାଙ୍କ ସହ ମୋର ଅକସ୍ମାତ ଭେଟ ହେଲା ଆଠଗଡ଼ ବସ୍‌ଷ୍ଟାଣ୍ଡରେ। ସେତେବେଳକୁ ସେ ବୃଦ୍ଧ। ଅବଶ୍ୟ କେବଳ ବୟସ ଦୃଷ୍ଟିରୁ। ଅନ୍ୟଥା ସେ ବେଶ୍ ସୁସ୍ଥ, ସବଳ ଓ ଚଳଚଞ୍ଚଳ ଥିଲେ ଏବଂ ସର୍ବ ପ୍ରକାରେ ଆତ୍ମନିର୍ଭରଶୀଳ ଥିଲେ। ନିଜେ ତାଙ୍କ ମୋଟର ସାଇକେଲ ଚଢି ଘରୁ ଆସିଥିଲେ। ବସ୍‌ଷ୍ଟାଣ୍ଡର ଗୋଟିଏ ଚାହା ଦୋକାନରେ ଆମେ ଚାହା ପିଇଲୁ। ସେ ମୋ ସହ କଥାବାର୍ତ୍ତା କ୍ରମରେ ତାଙ୍କ ଘର ପରିବାର ସମ୍ପର୍କରେ ବେଶ୍ କିଛି ବଢେଇ ଚଢ଼େଇ ବଖାଣିଲେ। ସେଥିରୁ କିୟଦଂଶ ଏହିପରି, 'ଜାଣିଲେକି, ସାନ ପୁଅଟାର ଗତ ବର୍ଷ ଏକ ବଡ଼ ଖାନ୍‌ଦାନି ପରିବାରରେ ବିଭାଘର କରେଇଲି। କିଛି ତାଙ୍କୁ ଯୌତୁକ ମାଗିନି। କିନ୍ତୁ ସେମାନେ ଭୁବନେଶ୍ୱରରେ ଗୋଟେ ଫ୍ଲାଟ୍, କାର୍, କୋଡ଼ିଏ ଭରି ସୁନା, ଆହୁରି କେତେ କ'ଣ ଦେଇଛନ୍ତି। ସାନଟାକୁ ବଡ଼ ଚାକିରି ମିଳୁଥିଲା, କିନ୍ତୁ କଲାନି। ହାଉସ୍ ହୋଲ୍ଡ ଆପ୍ଲିଆନସେନ୍ସର ବଡ଼ ଶୋ' ରୁମ୍‌ଟେ ଖୋଲିଛି। ଦିନକୁ ଦଶ ପନ୍ଦର ଲକ୍ଷ ଟ୍ରାଞ୍ଜାକସନ୍। ବଡ଼ ପୁଅ ଆମେରିକାରେ। ସେ ସେଠାରେ ସ୍ଥାୟୀ ଭାବେ ରହିଗଲାଣି। ସେଠି ବାସ କରୁଥିବା ଏକ ମରାଠା ପରିବାରରେ ବିବାହ କରିଛି। ସାନର ମାସେ ତଳେ ପୁଅଟିଏ ହୋଇଛି। ବୋହୂ ପିଲାଟି ବହୁତ ଭଲ। ମୋ ମନ ଜାଣି କହିବା ଆଗରୁ ସବୁ କିଛି ମୋ କଥା ବୁଝିଦିଏ। ପୁଅ ବୋହୂ ଏବେ ବି ମୋତେ ନ ପଚାରିଲେ କିଛି କାମ କରନ୍ତିନି।' ଆହୁରି କେତେ କ'ଣ ସେ ଗାଇଗଲେ, ସେ ସବୁ ଅଧିକ ଲେଖି ଆପଣମାନଙ୍କ ମଥାକୁ ଭାରାକ୍ରାନ୍ତ କରିବାକୁ ମୁଁ ଚାହୁଁନି। ଠିକ୍ ନୁହେଁ ବି ଚାହିଁବା।

'ବହୁତ ସୁଖୀ ଆପଣ, ବହୁତ ଭାଗ୍ୟବାନ', ବଧାଇ ଜଣାଇଲି ତାଙ୍କୁ ମୁଁ। 'ସବୁ ଈଶ୍ୱରଙ୍କ ଦୟା, ମୋ ପିତା, ମାତାଙ୍କ ଆଶୀର୍ବାଦ', ସେ ବଡ଼ ବିନମ୍ର ଶବ୍ଦରେ ଉତ୍ତର ଦେଲେ। ଯଦିଓ ଶବ୍ଦ ସହ ତାଙ୍କ ସ୍ୱରର ତାଳମେଳ ନ ଥିଲା।

ବନ୍ଧୁଙ୍କର ନାତି ଜନ୍ମ ଖବରଟା ଜାଣିଲି ଯେତେବେଳେ ତାଙ୍କୁ ନ ଦେଖି, ତା' ହାତରେ କିଛି ନ ଦେଇ ଫେରିଯିବ କେମିତି। ଅସୌଜନ୍ୟ କଥା ହେବ। ବନ୍ଧୁ ଖରାପ ଭାବିବେ। ମୋର ଅବର୍ତ୍ତମାନରେ ନିଶ୍ଚୟ ମୋ ବିରୁଦ୍ଧରେ କିଛି ଖରାପ

ଟିପ୍ପଣୀ ଦେବେ।

ତାଙ୍କ ଘରକୁ ଯାଇ ତାଙ୍କ ନାତିକୁ ଟିକିଏ ଦେଖିବାର ଅଭିପ୍ରାୟ ଜଣାଇଲି। ସେ ଟିକିଏ ଥତମତ ହେଲା ଭଳି ମୋତେ ବୋଧ ହେଲା। କିନ୍ତୁ କ୍ଷଣକ ପରେ ସେ ବେଶ୍ ଦୃଢ଼ତାର ସହ କହିଲେ, 'ହଁ , ହଁ, କାହିଁକି ନୁହେଁ, ନିଶ୍ଚୟ, ନିଶ୍ଚୟ, ଚାଲନ୍ତୁ। ମୋ'ର ତ ନିଜ ଆଡ଼ୁ ଆପଣଙ୍କୁ ପ୍ରଥମେ ଡାକିବା ଉଚିତ୍ ଥିଲା। କ'ଣ ଯେ ମୋ'ର ହୁଏ ଆଜିକାଲି। ଚାଲନ୍ତୁ, ଆମ ଘର ଦେଖିବେ। ମୋ ନାତିକୁ ଦେଖିବେ। ତାକୁ ଆଶୀର୍ବାଦ କରିବେ।'

ଆମେ ତାଙ୍କ ତ୍ରିତଳ ଘରେ, ବରଂ କୁହନ୍ତୁ ପ୍ରାସାଦରେ ପହଞ୍ଚିଗଲୁ। ଓହୋ, ନ ଯାଇଥିଲେ ଖୁବ୍ ଭଲ ହୋଇଥାଆନ୍ତା। ମୋ ଭଳି ଜଣେ ପରିଚିତ ବନ୍ଧୁକୁ ନିଜ ହାତଗଢା ଘରକୁ ନିଜ ଇଚ୍ଛାରେ ଡାକି କରି ଆଣିବା ତାଙ୍କର ଯେମିତି ଏକ ଅପରାଧ ଥିଲା। ବୈଠକ ଖାନାରେ ସେ ମୋତେ ବସାଇ ଭିତରକୁ ଯାଇ ତାଙ୍କ ବୋହୂକୁ ଅନୁରୋଧ କଲେ ଚାହା ଦୁଇ କପ୍ ପାଇଁ। ବୈଠକ ଖାନାରେ ବସିଥିଲେ ମଧ୍ୟ ବୋହୂର ଉଗ୍ର ପ୍ରତ୍ୟୁତ୍ତରର କିଛି କିଛି ଶବ୍ଦ ମୋତେ ଶୁଣାଯାଉଥିଲା। ତା'ର ସାରାଂଶ, ତୁମେ ନିଜେ ତ ଆମ ଉପରେ ଗୋଟେ ବୋଝ। କେଉଁ ମୁହଁରେ ଏଭଳିଆ ବାରବୁଲା ବନ୍ଧୁଗୁଡାଙ୍କୁ ଘରକୁ ଡାକି ଆଣି ସେଥିରେ ପୁଣି ଆମକୁ ସେମାନଙ୍କୁ ଚାହା, ଜଳଖିଆରେ ଆପ୍ୟାୟିତ କରିବା କଥା କହୁଛ। ଯେତେ ମନା କଲେ ବି ସେଇ ଏକା କଥା। ଟିକେ ଲାଜ ଲାଗିବା ଦରକାର। ମୁଁ ଏବେ ପୁଅ ପାଖରେ ଅଛି। ଯଦି ଚାହଁ, ନିଜେ ଯାଇ ଚାହା କରି ତୁମ ବନ୍ଧୁଙ୍କୁ ପରଷ।



ବନ୍ଧୁ ଏକଦମ୍ ନୀରବ। ତା' ପରେ ବଡ଼ କାକୁସ୍ଥ ହୋଇ ପୁନଶ୍ଚ ବନ୍ଧୁ ଅନୁରୋଧ କଲେ, 'ଆଚ୍ଛା, ଚାହା ନ ହେଲା ନାହିଁ, ଟିକେ କୁନି ପୁଅକୁ ଧରି ବୈଠକଖାନାକୁ ଦୟା କରି ଆସ। ମୋ ବନ୍ଧୁ ଜଣକ କେତେ ବାଟରୁ ଆସିଛନ୍ତି। ଟିକିଏ ମୋ ନାତିକୁ ଦେଖିବେ ଏବଂ ଆଶୀର୍ବାଦ କରିବେ।'

ଉତ୍ତର - 'କେଉଁ ଆଲତୁ ଫାଲତୁ ଲୋକଙ୍କୁ ମୁଁ ମୋ ପୁଅକୁ ଦେଖେଇ ପାରିବି ନାହିଁ। ଇନଫେକ୍ସନ ହୋଇଯାଇପାରେ। ଏପରିକି ତୁମେ ମଧ୍ୟ ତା' ପାଖକୁ ଏତେ ଆସ ନାହିଁ। ବାର ଆଡେ ତୁମେ ବୁଲୁଛ।'

ବନ୍ଧୁ ଫେରିଆସି ମୋ ପାଖେ ଥମ୍ ହୋଇ ବସିଗଲେ। ମୁଁ ତାଙ୍କ ଆଡ଼େ ଟିକେ ଚାହିଁଲି। ସେ ସେତେବେଳକୁ ଗୋଟେ ପ୍ରସ୍ତର ମୂର୍ତ୍ତି ପାଲଟି ଯାଇଥାଆନ୍ତି। ମୁଁ ତାଙ୍କୁ ଟିକେ ଛୁଇଁ ପରୀକ୍ଷା କଲି। ସତରେ ତ, ସେ ସେ ନୁହନ୍ତି, ଗୋଟେ ତାଙ୍କ ସମ ପ୍ରସ୍ତର ମୂର୍ତ୍ତି। ମୁଁ ତାଙ୍କୁ ଦ୍ୱିତୀୟ ଥର ଛୁଇଁଲି। ସେ ସାମାନ୍ୟ ହଲଚଲ ହେଲେ। ମୁଁ ତାଙ୍କ ଉଦ୍ଦେଶ୍ୟରେ ଗୋଟେ ଗୀତ ଗାଇଲି, - "ଆହା ଧନୁର୍ଦ୍ଧର ବୀରବର, ଧନୁଶର କିବା ନାହିଁ କର, ଯାହାର ବାଣ ବ୍ରହ୍ମାଣ୍ଡ ଦହିପାରେ, ତାକୁ ପ୍ରସ୍ତର କଳା କେ ଛାର।"

ପଥର ମୂର୍ତ୍ତି ଜୀବନ୍ୟାସ ପାଇ ଟିକେ ହସିଲା। ସେଇ ଗୀତ ଗୀତରେ ମୋତେ ଉତ୍ତର ଦେଲା, "ହାତେ ଅଛି ମୋର ଧନୁଶର, କରି ପାରନ୍ତି ମୁହିଁ ସମର, ସେମନ୍ତ କରିଲେ ପ୍ରଳୟ ଘଟିବ, ତେଣୁ ନିଜକୁ କରେ ପଥର। କରନ୍ତୁ ସେମାନେ ମୋ ଉପରେ ଯେତେ ଆକ୍ରମଣ। ସେମାନେ ହିଁ ନିଜ ଆକ୍ରମଣରେ ନିଜେ ଆହତ ହେବେ। ପ୍ରସ୍ତରର କି କ୍ଷତି ହେବ?"

ଆଚ୍ଛା, ଆଚ୍ଛା, ବନ୍ଧୁ ତାହେଲେ ଏବେ ବି ଯୁଦ୍ଧ ବିମୁଖ ନୁହନ୍ତି କି ଯୁଦ୍ଧ ବିରତ ନୁହନ୍ତି। କେବଳ ଷ୍ଟ୍ରାଟେଜିଟା ଟିକେ ବଦଳେଇ ଦେଇଛନ୍ତି। ଜୀବନ ଯୁଦ୍ଧରେ ତିଷ୍ଠି ରହିବାକୁ ହେଲେ ଏମିତି ତାହେଲେ ପରିସ୍ଥିତି ଆକଳନ କରି ଷ୍ଟ୍ରାଟେଜି ବଦଳେଇବାକୁ ପଡେ। ଭଲ, ଖୁବ୍ ଭଲ। ବନ୍ଧୁଙ୍କ ଠାରୁ ଏହା ଶିଖିବା କଥା।

□□

ଲେଖକଙ୍କ ଇ-ମେଲ ଠିକଣା:
sushilnanda06@gmail.com



ପ୍ରବନ୍ଧ

# ଓଡ଼ିଆ ସାହିତ୍ୟର ଅନଲାଇନ୍ ପ୍ଲାଟଫର୍ମ୍

**ଅଜୟ ମହାଲା**

ଓଡ଼ିଆ ସାହିତ୍ୟ ଆକାଶରେ 'ଅନଲାଇନ ପ୍ଲାଟଫର୍ମ' କହିଲାବେଳେ ଓଡ଼ିଆ ସାହିତ୍ୟର ଗଣତନ୍ତ୍ରୀକରଣ (ଡେମୋକ୍ରାଟାଇଜେନ) ଧାରଣାଟି ମନ ଭିତରକୁ ପଶିଆସେ। ଗଣତନ୍ତ୍ରୀକରଣର ରାଜନୈତିକ ସଂଜ୍ଞାଟି ଚୋରେଇ ଆଣିଲେ ତାହା ସାହିତ୍ୟର ସେହି ସ୍ୱରୂପକୁ ପ୍ରଦାନ କରେ ଯାହା - ଲୋକମାନଙ୍କର, ଲୋକମାନଙ୍କ ପାଇଁ ଆଉ ଲୋକମାନଙ୍କ ଦ୍ୱାରା। ଅନଲାଇନ ସାହିତ୍ୟ ପ୍ଲାଟଫର୍ମକୁ ନେଇ ଅନ୍ୟମାନଙ୍କ କଥା କହିବା ପୂର୍ବରୁ ମୁଁ ମୋ ଅନୁଭବ କହିରଖେ; ମୁଁ ଏହାକୁ ଓଡ଼ିଆ ସାହିତ୍ୟର ଗଣତନ୍ତ୍ରୀକରଣ ଦିଗରେ ବିରାଟ ଉତ୍ପ୍ରେରକ ବୋଲି ଭାବେ। ଏହି ପ୍ଲାଟଫର୍ମଗୁଡିକ ମାଧ୍ୟମରେ ମୁଁ ନିଜକୁ ଅଗଣିତ ପାଠକଙ୍କ ଭିତରେ ପାଇ ଅପୂର୍ବ ଲେଖକୀୟ ପରିତୃପ୍ତି ଅନୁଭବ କରେ। ଏହା ପାଇଁ ମୋତେ କୌଣସି ପବ୍ଲିଶିଂ ହାଉସ ଅବା ସାହିତ୍ୟ ବଡ଼ପଣ୍ଡାଙ୍କ ଦ୍ୱାରସ୍ଥ ହେବାର ବାଧ୍ୟବାଧକତା ଉତ୍ପନ୍ନ ହୋଇନାହିଁ।



ଥରକର କଥା କହୁଛି। ହାଇଦ୍ରାବାଦ ଏୟାରପୋର୍ଟରେ ଭୁବନେଶ୍ୱର ଯିବାକୁ ବିମାନର ପ୍ରତୀକ୍ଷା କଲାବେଳେ ମୁଁ କ୍ଷୁଦ୍ରଗଳ୍ପଟିଏ ସମ୍ପୂର୍ଣ୍ଣ କରି ମୋ ଫେସବୁକ୍ ଟାଇମ୍ ଲାଇନରେ ପୋଷ୍ଟ କଲି ମୋର ପ୍ରଶଂସକମାନଙ୍କ ପାଇଁ। ଏହାଛଡ଼ା ସେହି ଗପଟିକୁ ଚାରି ଚାରିଗୋଟି ଫେସବୁକ ସାହିତ୍ୟ ଗ୍ରୁପରେ ଆଉ ହ୍ୱାଟ୍ସଆପ ଗ୍ରୁପରେ ମଧ୍ୟ ପୋଷ୍ଟ କଲି। ମୋର ଫେସବୁକ୍ ଆକାଉଣ୍ଟ ସହିତ ମୋର ଇନ୍‌ଷ୍ଟାଗ୍ରାମ ଏକାଉଣ୍ଟ ଯୋଡ଼ା ଯାଇଥିବା କାରଣରୁ ଇନ୍‌ଷ୍ଟାଗ୍ରାମରେ ବି କବିତାଟି ସ୍ୱୟଂକୃତ ରୂପେ ପୋଷ୍ଟିଂ ହୋଇଗଲା। ସର୍ବଶେଷରେ 'ପ୍ରତିଲିପି' ନାମକ ୱେବ୍ ପୋର୍ଟାଲରେ ଯେତେବେଳେ ଗଳ୍ପଟିକୁ ପୋଷ୍ଟ୍ କଲି ତାହା ତତ୍‌କ୍ଷଣାତ ନୋଟିଫିକେସନ ମାଧ୍ୟମରେ ମୋର ୯୪୦୦ ଫଲୋଅରଙ୍କ ପାଖରେ ପହଞ୍ଚିଗଲା। ଏ ସବୁ ମୁଁ ପନ୍ଦର ମିନିଟ ଭିତରେ କରିପାରିଲି। ମୋର ଲେଖା ସମୟାଙ୍କିତ ହୋଇ ଅଲଗା ଅଲଗା ଫୋରମ, ୱେବ୍‌ସାଇଟ, ବ୍ଲଗ୍ ବା ଅନ୍‌ଲାଇନ ସାହିତ୍ୟ ପ୍ଲାଟଫର୍ମରେ ଉପଲବ୍ଧ ହୋଇଗଲା। ଲେଖାର ମଞ୍ଜି ବୁଣିସାରିବା ପରେ ଫସଲ କାଟିବାର ବେଳ। ମୋ ଲେଖାକୁ ନେଇ ପାଠକମାନଙ୍କର ପ୍ରତିକ୍ରିୟା ମୋ ଗୋଚରକୁ ଆସିବାକୁ ଲାଗିଲା। ବିମାନ ଉଡ଼ିବା ପୂର୍ବରୁ ସିଟରେ ବସି ରହି ମୁଁ ମୋ ପ୍ରଶଂସକମାନଙ୍କ ଟିପ୍ପଣୀ ପଢି ସେମାନଙ୍କ ଜିଜ୍ଞାସାର ହସି ହସି ସମାଧାନ କରୁଥିଲି। ମୋର ସମସ୍ତ ଲେଖା ମୋ ଫୋନ୍ ଭିତରେ ଅଛି। ଫୋନ ଭିତରେ କହିଲେ ବି ଭୁଲ ହେବ। ସତ କହିବାକୁ ଗଲେ ଫୋନ କେବଳ ଜରିଆଟିଏ। ମୁଁ ମୋ ଫୋନର କୀ-ପ୍ୟାଡ୍ ଉପରେ ଅଙ୍ଗୁଳି ଚାଳନା କରି ଲେଖେ ସତ, ମୁଁ ଲେଖୁଥିବା ମୋର ସମସ୍ତ ସମ୍ପୂର୍ଣ୍ଣ ଆଉ ଅସମ୍ପୂର୍ଣ୍ଣ ଲେଖା ଅନ୍ୟତ୍ର ଅବସ୍ଥିତ କୌଣସି କମ୍ପ୍ୟୁଟର ସର୍ଭର ବା କ୍ଲାଉଡ୍‌ରେ ଗଚ୍ଛିତ ହୋଇଯାଏ। ମୁଁ ଯେଉଁଆଡ଼େ ଯାଏ, ମୋର ଅପ୍ରକାଶିତ ଓ ପ୍ରକାଶିତ ଲେଖାକୁ ଫୋନ୍‌ର ପରଦାରେ ଦେଖିପାରେ। ମୋ ଫୋନର ପରଦା କେବଳ ଗୋଟିଏ ଝରକା ମାତ୍ର। ମୋ ପ୍ରକାଶିତ ଲେଖା ପଢିବାକୁ ଦୁନିଆର ଅଲଗା ଅଲଗା କୋଣରେ ଏକ ସମୟରେ ଅଗଣିତ ଝରକା ଖୋଲିଯାଇପାରେ।

**ଷ୍ଟେକ୍ ହୋଲ୍‌ଡର**

ମୁଁ ଯେଉଁସବୁ କଥା ଏ ଯାଏଁ କହିଲି, ତାହା ସବୁ ଗୋଟିଏ ଲେଖକର ଦୃଷ୍ଟିକୋଣରୁ କହିଲି। ଗୋଟିଏ ଅନ୍‌ଲାଇନ ସାହିତ୍ୟ ପ୍ଲାଟଫର୍ମର ଉପଯୋଗ ବିଭିନ୍ନ ଲାଭଗ୍ରାହୀ ତତ୍ତ୍ୱ (ଷ୍ଟେକ୍ ହୋଲ୍‌ଡର) କରିଥାଆନ୍ତି। ସେମାନେ ହେଲେ -

(କ) ପାଠକ,

(ଖ) ଲେଖକ,

(ଗ) ପ୍ରକାଶକ ଓ ପୁସ୍ତକ ବିକ୍ରେତା; ଓ

(ଘ) ଅନ୍ୟ ବିଭିନ୍ନ ଲାଭଗ୍ରାହୀ ତତ୍ତ୍ୱ (ଅଡିଓ ବୁକ୍ ବା ଫିଲ୍ମ ନିର୍ମାତା, ରିସର୍ଚ୍ଚ କରୁଥିବା ବ୍ୟକ୍ତି ଅଥବା ସଂସ୍ଥା, ସମୀକ୍ଷକ ଇତ୍ୟାଦି)

ଏହି ତତ୍ତ୍ୱମାନଙ୍କ ବିଷୟରେ ସଂକ୍ଷେପରେ ଲେଖୁଛି।

**ପାଠକ**

ପାଠକ ଆଉ ଶ୍ରୋତା ନିଜର କୌଣସି ପ୍ରତ୍ୟକ୍ଷ ଯୋଗଦାନ ନ ଥାଇ ମଧ୍ୟ ସାହିତ୍ୟିକ ରଚନା ଆଉ ଅଡିଓ/ଭିଡିଓ ଉତ୍ପାଦନର ସବୁଠୁଁ ବଡ଼ ଲାଭଗ୍ରାହୀ।

ପାଠକ ଆଉ ଶ୍ରୋତା ସଂଖ୍ୟା ଗୋଟିଏ ଲେଖକ ବା ସ୍ରଷ୍ଟାର ରଚନା ଆଉ ଜନପ୍ରିୟତାର ପରିମାପକ। ନିଜ ସୃଷ୍ଟିର ଗୁଣବତ୍ତାରେ କୌଣସି ଅଭାବ ନ ଥିଲେ ମଧ୍ୟ ଏହାକୁ ଠିକ ରୂପେ ପ୍ରଚାର, ପ୍ରସାର ଓ ପରିବେଷଣ କଲେ ପାଠକ ସଂଖ୍ୟା ବଢ଼ିବ। ସେଥିପାଇଁ ଲେଖକ, ବ୍ଲଗ୍ ବା ଚ୍ୟାନେଲ ମାଲିକ ସର୍ବଦା ଲେଖାକୁ ଲାଇକ୍, କମେଣ୍ଟ, ସେୟାର ଆଉ ସବ୍‌କ୍ରିପ୍‌ସନ କରିବାକୁ କହି ଥାଆନ୍ତି।

**ଆଜିକାଲି ସୃଜନଶୀଳ ଲେଖାର ଶିକ୍ଷା ଓ ତାଲିମ ଦିଆଯାଉଛି। ଲେଖକମାନେ କେବଳ ପ୍ରଶଂସା ଆଉ ନାମ ନୁହେଁ, ସେମାନଙ୍କ ଶ୍ରମର ମୂଲ୍ୟ ବି ଚାହାନ୍ତି।**

**ଲେଖକ**

ଗୋଟିଏ ଲେଖକ ନିଜ ପ୍ରବୃତ୍ତିର ଦାସ। ନିଜ ସହଜାତ ପ୍ରତିଭା ଆଉ ପ୍ରବୃତ୍ତିରେ ଉନ୍ମତ୍ତ ଲେଖକ ପାଗଳ ଭଅଁରଟିଏ। ତାକୁ ଲୋଡ଼ା ପାଠକର ସ୍ନେହ। କିନ୍ତୁ ଏବେ ଲେଖକମାନେ ପେସାଦାର ହେବାକୁ ଲାଗିଲେଣି। ଆଜିକାଲି ସୃଜନଶୀଳ ଲେଖାର ଶିକ୍ଷା ଓ ତାଲିମ ଦିଆଯାଉଛି। ଲେଖକମାନେ କେବଳ ପ୍ରଶଂସା ଆଉ ନାମ ନୁହେଁ, ସେମାନଙ୍କ ଶ୍ରମର ମୂଲ୍ୟ ବି ଚାହାନ୍ତି।

ଲେଖକ ଓ ପାଠକ ଭିତରେ ଥିବା ଏହି ମୌଳିକ ସମ୍ବନ୍ଧକୁ ନେଇ ଅନ୍ୟ ଲାଭଗ୍ରାହୀମାନେ ଅନୁପ୍ରବେଶ କରିଥାନ୍ତି।

**ପ୍ରକାଶକ ଓ ପୁସ୍ତକ ବିକ୍ରେତା:** ଗୋଟିଏ ପ୍ରକାଶକ ଜନପ୍ରିୟ ଲେଖକମାନଙ୍କର ତଲାସରେ ଥାଏ। ସେଇମାନଙ୍କ ବହି ଛାପିଲେ ତାହା ଅତ୍ୟଧିକ ବିକ୍ରି ହେବ। ଅନ୍‌ଲାଇନ ସାହିତ୍ୟ ପ୍ଲାଟଫର୍ମ ହେବା ପରେ ସେମାନଙ୍କ ବ୍ୟବସାୟ ସଙ୍କୁଚିତ ହୋଇଗଲା କହିଲେ ଭୁଲ ହେବ, ବରଂ ସେମାନଙ୍କ ପାଇଁ ଜନପ୍ରିୟ ଲେଖା ନିର୍ବାଚନ କରିବା ସହଜ ହୋଇଗଲାଣି। ସମୀକ୍ଷକମାନଙ୍କୁ ସମୀକ୍ଷା ପାଇଁ ପୂର୍ବ ପରି ଏତେଗୁଡ଼ିଏ ସାମଗ୍ରୀ କିଣିବାକୁ ପଡୁନାହିଁ। ସେମାନେ ଅନଲାଇନ ସମ୍ପଦ ଅନୁଧ୍ୟାନ କରି ବିଭିନ୍ନ ସାହିତ୍ୟ ସ୍ରଷ୍ଟାଙ୍କ ବିଷୟରେ ତଥ୍ୟ ଏକାଠି କରି ପାରୁଛନ୍ତି। ଅଡିଓବୁକ୍ ଆଉ ଫିଲ୍ମ ପରି ଉପକ୍ରମ ପାଇଁ ଏବେ ନିର୍ମାତାମାନେ ଭଲ ଲେଖକ ଓ ତାଙ୍କ ଲେଖାକୁ ସହଜରେ ଚିହ୍ନଟ କରିପାରୁଛନ୍ତି।

**ଅନ୍‌ଲାଇନ ସାହିତ୍ୟ ପ୍ଲାଟଫର୍ମର ସ୍ୱରୂପ :**

**(କ) ସରକାରୀ ଅନଲାଇନ ସାହିତ୍ୟ ପ୍ଲାଟଫର୍ମ :** ଓଡ଼ିଆ ସାହିତ୍ୟର ବିକାଶ ପାଇଁ ବିଭିନ୍ନ ସମୟରେ ଓଡ଼ିଶା ସରକାର ଅନ୍‌ଲାଇନ ପ୍ଲାଟଫର୍ମ ବିକଶିତ କରିବାକୁ ଉଦ୍ୟମ କରିଛନ୍ତି। କୌଣସି ପ୍ରେରଣାରୁ ପ୍ରାରମ୍ଭ ହୋଇଥିଲେ ମଧ୍ୟ ଦୁର୍ଭାଗ୍ୟବଶତଃ, ପରବର୍ତ୍ତୀ ସମୟରେ ସରକାରୀ ସାଇଟ୍‌ଗୁଡ଼ିକ କେବଳ ଔପଚାରିକତା ପୂର୍ଣ୍ଣ କରିବା ପାଇଁ ବା ସରକାରୀ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ କରିବା ଲାଗି ସର୍ଜିତ ବୋଲି ମନେ ହୁଏ। ବିଭିନ୍ନ ଲାଭଗ୍ରାହୀ ତତ୍ତ୍ୱଙ୍କ ସକ୍ରିୟ ଭୂମିକା ଏଥିରେ ନ ଥାଏ। ଏ ବିଷୟରେ ସ୍ଥିତି ସଂକ୍ଷେପରେ ଏହିପରି:

**ଓଡ଼ିଆ ସାହିତ୍ୟ ଏକାଡେମୀ:** ଏହା ସ୍ୱାଭାବିକ ଯେ, ଲେଖକ ଆଉ ପାଠକମାନେ ସାହିତ୍ୟ ବିକାଶ ଉଦ୍ଦେଶ୍ୟରେ ସ୍ଥାପିତ ସର୍ବୋଚ୍ଚ ସରକାରୀ ସଂସ୍ଥା 'ଓଡ଼ିଶା ସାହିତ୍ୟ ଏକାଡେମୀରଠାରୁ ବହୁତ କିଛି ଆଶା କରନ୍ତି। ସେଥିପାଇଁ ଏକାଡେମୀ ଦ୍ୱାରା ନିର୍ମିତ ୱେବ୍‌ସାଇଟକୁ ମଝିରେ ମଝିରେ ଦେଖିବାକୁ ଯାଇଥାନ୍ତି। ଅନେକ ସମୟରେ ସେଠାକାର ପରିଦୃଶ୍ୟ ଉଭୟ ପାଠକ ଆଉ ଲେଖକକୁଳ ପାଇଁ ନିରାଶାଜନକ ହୋଇଥାଏ। ଏକାଡେମୀର ତ୍ରୈମାସିକ ନ୍ୟୁଜ୍ ଲେଟର ବି ନିୟମିତ ରୂପରେ ପ୍ରକାଶିତ ହେଉନାହିଁ। ଜନସାଧାରଣଙ୍କର ଆଳାପ ଆଲୋଚନା (ଇଣ୍ଟରାକ୍ସନ) କରିବାର କୌଣସି ବ୍ୟବସ୍ଥା ନାହିଁ। ଓଡ଼ିଶାର ଲେଖକ ଲେଖିକାଙ୍କ ସଦ୍ୟତମ ସୂଚୀ ଆଉ ଅନ୍ୟ ବିବରଣୀ ବି ଆଜି ପର୍ଯ୍ୟନ୍ତ ପ୍ରସ୍ତୁତ

ହୋଇନାହିଁ।

**ହରେକୃଷ୍ଣ ମହତାବ ରାଜ୍ୟ ଲାଇବ୍ରେରୀ:** ହରେକୃଷ୍ଣ ମହତାବ ରାଜ୍ୟ ଲାଇବ୍ରେରୀ ୱେବ୍‌ସାଇଟର ସ୍ଥିତି ଆହୁରି ଶୋଚନୀୟ। ସେଠାରେ ଉପଲବ୍ଧ ପୁସ୍ତକର ତାଲିକାଟିଏ ବି ଦେଖିବାକୁ ପାଇଲି ନାହିଁ। ବିଭିନ୍ନ ବର୍ଷ ଲାଇବ୍ରେରୀରେ ସମ୍ମିଳିତ ହୋଇଥିବା ପୁସ୍ତକ ସଂଖ୍ୟାର ଗୋଟିଏ ଟେବୁଲ ବର୍ଷ ୨୦୧୫ ପର୍ଯ୍ୟନ୍ତ ଅପଡେଟ୍ ହୋଇ ସାଇଟ୍‌ରେ ପ୍ରଦର୍ଶିତ ହୋଇଛି ମାତ୍ର। ପରବର୍ତ୍ତୀ ସମୟରେ ଏହି କାମ ବୋଧେ ହାତକୁ ନିଆଯାଇ ପାରିନାହିଁ।

**ଓଡ଼ିଆ ଭର୍ଚୁଆଲ ଏକାଡେମୀ (www.ova.gov.in):** ଏହା ଓଡ଼ିଶା ସରକାରଙ୍କ ଦ୍ୱାରା ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ନିମିତ୍ତ ନିର୍ମିତ ୱେବ୍‌ସାଇଟ। ଏହି ସଂସ୍ଥାର ଅନ୍ୟ ଲକ୍ଷ୍ୟଗୁଡିକ ମଧ୍ୟରେ ପୁରୁଣା। ଓଡ଼ିଆ ପତ୍ରିକା ଓ ମାଗାଜିନ, ଭାଷାକୋଷ, ଲୋକସାହିତ୍ୟ ଓ ଆଦିବାସୀ ସାହିତ୍ୟର ରକ୍ଷଣାବେକ୍ଷଣ ଓ ପ୍ରସାର, କମ୍ପ୍ୟୁଟର ଉପଯୋଗୀ ଆଧୁନିକତମ ୟୁନିକୋଡ୍ ଭାଷାର ବହୁଳ ପ୍ରଚଳନ ମଧ୍ୟ ସମ୍ମିଳିତ।



ବର୍ଷ ୨୦୨୨ ଶେଷ ସୁଦ୍ଧା କପିରାଇଟମୁକ୍ତ ୫୦୦୦ ପ୍ରାଚୀନ ଓ ବିରଳ ଓଡ଼ିଆ ପୁସ୍ତକର ଡିଜିଟାଇଜେସନ୍ କରି ପାଠକଙ୍କ ପାଇଁ ଉପଲବ୍ଧ କରିବା ଏହାର ଲକ୍ଷ୍ୟ। ଏବେ ବର୍ଷ ୨୦୨୨ ସରିବାକୁ ବସିଲାଣି। ଲକ୍ଷ୍ୟ କେତେ ପୂରଣ ହୋଇଛି, ତାହା ଏଥିରେ ସମ୍ପୃକ୍ତ ଥିବା ଅଧିକାରୀ ହିଁ କହି ପାରିବେ।

ସେ ଯାହା ହେଉନା କାହିଁକି, ସରକାରଙ୍କ ତରଫରୁ ଆରମ୍ଭ କରାଯାଇଥିବା ଏହି ମହାନ ଯୋଜନା କିପରି ସଫଳ ହେବ ସେଥିପାଇଁ ସମସ୍ତଙ୍କୁ ଶୁଭକାମନା କରିବା ଆବଶ୍ୟକ।

**ଓଡ଼ିଆ ଭାଷା ପ୍ରତିଷ୍ଠାନ:** ଏହି ସଂସ୍ଥାର ଲିଙ୍କକୁ ମୁଁ www.ova.gov.in ୱେବ୍‌ସାଇଟରେ ପାଇଥିଲି। ଏହି ପ୍ଲାଟଫର୍ମ ଅକାମୀ ହୋଇ ପଡ଼ିଅଛି। ମୁଁ ଲିଙ୍କ୍‌କୁ ଖୋଲି ଆଗକୁ ଯାଇପାରିଲି ନାହିଁ।

**(ଖ)ସୋସିଆଲ ମିଡିଆ ପ୍ଲାଟଫର୍ମ :** ଫେସ୍‌ବୁକ ସାହିତ୍ୟ ଗ୍ରୁପ, ଇନଷ୍ଟାଗ୍ରାମ, ଟୁଇଟର, ୟୁ ଟ୍ୟୁବ ଆଦି ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ। ଫେସ୍‌ବୁକରେ ଅନ୍ୟ ଭାଷା ପରି ଓଡ଼ିଆ ଭାଷାରେ ବି ଅନେକଗୁଡିଏ ସାହିତ୍ୟ ଗ୍ରୁପ ଅଛି। ସଦ୍ୟତମ ଲେଖା ପୁରୁଣା ଲେଖାକୁ ଅପସାରିତ କରି ପଛକୁ ଦେଉଥିଲେ ମଧ୍ୟ କୌଣସି ଲେଖକର ଲେଖାକୁ ଖୋଜିପାଇହେବ। ୟୁ ଟ୍ୟୁବ୍‌ରେ ଅନେକ ଲେଖକ ନିଜର କବିତା ବା ଗଳ୍ପକୁ ଭିଡିଓ ରୂପାନ୍ତରଣ କରି ପୋଷ୍ଟିଂ କରି ଥାଆନ୍ତି। ଟୁଇଟରରେ ଶବ୍ଦ ସଂଖ୍ୟାର ସୀମା ଥିବା ଯୋଗୁ ଅନେକ ଲେଖକ ସେଠାରେ କେବଳ ଅଣୁ କବିତା ବା ଗଳ୍ପ ସେଠାରେ ଦେଇଥାନ୍ତି। କିମ୍ବା ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମର ଲିଙ୍କ ନିଜ ଫଲୋଅରମାନଙ୍କ ସୁବିଧା ପାଇଁ ଦେଇଥାନ୍ତି।

ସୋସିଆଲ ମିଡିଆ ହୋଇଥିବା କାରଣରୁ ସଦସ୍ୟମାନଙ୍କ ଠାରୁ ଉଦ୍ରେଚିତ ବ୍ୟବହାର ଆଶା କରାଯାଏ। 'ସାହିତ୍ୟ ସୌନ୍ଦର୍ଯ୍ୟ', 'କବି ଓ କବିତା', 'ଅଳ୍ପ ଗଳ୍ପ' କେତୋଟି ଜନପ୍ରିୟ ଫେସବୁକ ଓଡ଼ିଆ ସାହିତ୍ୟ ଗ୍ରୁପର ଉଦାହରଣ।

ଫେସ୍‌ବୁକ ସାହିତ୍ୟକୁ କେତେକ ନ୍ୟସ୍ତସ୍ୱାର୍ଥ ତତ୍ତ୍ୱ ନିକୃଷ୍ଟ ସାହିତ୍ୟ ବୋଲି ଅପପ୍ରଚାର କରନ୍ତି। ଯେପରି ସମ୍ବଲପୁରୀ ଶାଢ଼ି ଫୁଟ୍‌ପାଥରେ ବିକ୍ରି ହୋଇପାରେ ନାହିଁ, ସେମିତି ସାହିତ୍ୟ ପାଇଁ ଫେସବୁକ ପ୍ରକୃଷ୍ଟ ଜାଗା ନୁହେଁ ବୋଲି କହନ୍ତି। କିନ୍ତୁ ଏ ସବୁ ବକ୍ତବ୍ୟ ସହ ମୁଁ ଏକମତ ନୁହେଁ।

ଅତ୍ୟଧିକ ବିକେନ୍ଦ୍ରୀକୃତ ଆଉ ଏକରୂପତା ବିହୀନ।

ଲେଖକଙ୍କ ପ୍ରଚାର ପ୍ରସାର, ଲେଖାର ପ୍ରଚାର ପ୍ରସାର, ଲେଖାର ସଂରକ୍ଷଣ ଦାୟିତ୍ୱ କାହାର ନ ଥାଏ। ସେଥିପାଇଁ ଏହା ସମାଲୋଚନାର ଶରବ୍ୟ ହୋଇଥାନ୍ତି। କିନ୍ତୁ ଏହି ସତ୍ୟକୁ ଏଡ଼େଇ ହେବ ନାହିଁ, ଓଡ଼ିଆ ସାହିତ୍ୟର ଗଣତନ୍ତ୍ରୀକରଣ ଦିଗରେ ସୋସିଆଲ ମିଡିଆ ପ୍ଲାଟଫର୍ମର ବହୁତ ଭୂମିକା ରହିଛି।

**(ଗ) ସୀମିତ ଉଦ୍ଦେଶ୍ୟ ୱେବ୍‌ସାଇଟ ଆଉ ବ୍ଲଗ୍ :**

ଛୋଟ ୱେବ୍‌ସାଇଟ୍ ଆଉ ବ୍ଲଗ୍ ମାଧ୍ୟମରେ ସାହିତ୍ୟିକ କୃତି ପ୍ରଦର୍ଶିତ କରାଯାଇପାରେ। ଓଡ଼ିଆ ସାହିତ୍ୟରେ କୌଣସି ବ୍ଲଗ୍ ପ୍ରମୁଖତା ବା ଜନପ୍ରିୟତା ହାସଲ କରିପାରିନାହିଁ। ତେବେ ଅଧୁନା ସକ୍ରିୟ କେତୋଟି ପ୍ରମୁଖ ୱେବସାଇଟର ଉଦାହରଣ

ନିମ୍ନରେ ଦେଲି: sahityacharcha.com, ameodia.com ଓ www.odia.org ।

**(ଗ) ଭାଷା ସମ୍ପଦ ସମ୍ବନ୍ଧିତ ୱେବ୍‌ସାଇଟ:** କେତୋଟି ପ୍ଲାଟଫର୍ମ ଓଡ଼ିଶାର ଭାଷା ସମ୍ପଦ ଓ ଏହାର ରକ୍ଷଣାବେକ୍ଷଣ ଏବଂ ଉନ୍ନତି ଦିଗରେ କାମ କରନ୍ତି । ଏଥିରେ ପାଠକୀୟ ଭାବର ଆଦାନପ୍ରଦାନର ସମ୍ଭାବନା ନାହିଁ କହିଲେ ଭୁଲ ହେବ ନାହିଁ। କେତୋଟି ପ୍ରମୁଖ ପ୍ଲାଟଫର୍ମର ଗତିବିଧି ବିଷୟରେ ନିମ୍ନରେ ଲେଖୁଛି।

ଓଡ଼ିଆ ବିଭବ (www.odiabibhaba.in): ଏହି ସାଇଟ୍‌ର ଉଦ୍ୟୋକ୍ତା ପୁରାତନ ଓଡ଼ିଆ ପୁସ୍ତକ ଓ ରଚନାର ଡିଜିଟାଲାଇଜେସନ୍ କରିବା ଦିଗରେ ହିମାଳୟ ପରି ବୃହତ ଗୋଟିଏ ବିରାଟ ପ୍ରୟାସ କରିଛି । ଅଗଣିତ ପୁସ୍ତକ ଏବେ କୋମଳ ପ୍ରତିଲିପି (ସଫ୍ଟ କପି) ହୋଇ ଆମ ହାତପାଆନ୍ତାରେ ଉପଲବ୍ଧ। କୌଣସି କାରଣରୁ ଏହି କାର୍ଯ୍ୟ ସ୍ଥଗିତ ହୋଇ ମହାନ ଉଦ୍ୟମକୁ ଅଧାରାସ୍ତାରେ ରୋକି ଦେଇଛି। ପୁନର୍ବାର ଏହାକୁ ସକ୍ରିୟ କରିବାକୁ ସମସ୍ତ ସରକାରୀ ଓ ଘରୋଇ ଉଦ୍ୟମ ଆବଶ୍ୟକ।

ଓଡ଼ିଆ ଭରଚୁଆଲ ଏକାଡେମୀ (www.ova.gov.in) ଏହି ସାଇଟ୍ ମୁଖ୍ୟତଃ ଗୋଟିଏ ଭାଷା ସମ୍ପଦଭିତ୍ତିକ ପ୍ଲାଟଫର୍ମ। ଏଥିରେ ଜନତାର ଭାବ ଆଦାନପ୍ରଦାନ (ଇଣ୍ଟରଆକ୍ସନ) କରିବାର ପରିସୀମା ବର୍ତ୍ତମାନ ସଙ୍କୁଚିତ।

**(ଘ) ଇକୋସିଷ୍ଟମ ଆଧାରିତ ସାହିତ୍ୟ ପ୍ଲାଟଫର୍ମ:** ଏହା ଓଡ଼ିଆ ସାହିତ୍ୟକୁ ନେଇ ସଦ୍ୟତମ ଅନଲାଇନ ପ୍ଲାଟଫର୍ମ ଯାହା ବନାଗ୍ନି ପରି ପ୍ରସାରିତ ହେବାକୁ ଲାଗିଛି। ବିଶେଷ କରି ତରୁଣ ତରୁଣୀମାନେ ନିଜର ପାଠକୀୟ ଆବଶ୍ୟକତା ଓ ସୃଜନଶୀଳତାର ପରିପ୍ରକାଶ ଲାଗି ଏହାକୁ ବ୍ୟବହାର କରୁଛନ୍ତି।

ଏହା ଆଗରୁ ଯେଉଁ ଯେଉଁ ପ୍ଲାଟଫର୍ମଗୁଡିକ ବିଷୟରେ କୁହାଗଲା, ସେଥିରେ କେବଳ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ବା ଲାଭଗ୍ରାହୀଙ୍କ ଭୂମିକାକୁ ପ୍ରାଥମିକତା ଦିଆଯାଉଥିଲା। ତା'ଛଡା ପରସ୍ପର ଭିତରେ ଭାବର ଆଦାନପ୍ରଦାନ ମଧ୍ୟ ସଙ୍କୁଚିତ ଥିଲା। କିନ୍ତୁ ଇକୋସିଷ୍ଟମଭିତ୍ତିକ ପ୍ଲାଟଫର୍ମଗୁଡିକ ଯେପରି ସମସ୍ତ ଲାଭଗ୍ରାହୀ (ଷ୍ଟେକ୍ ହୋଲ୍ଡର୍) ଙ୍କ ନିତ୍ୟନିୟତ ମେଳା। ଏହା ସେମାନଙ୍କୁ ସୁହାଇଲା ଭଳି ପାରିପାର୍ଶ୍ୱିକ ଅବସ୍ଥା ପ୍ରଦାନ କରିଥାଏ।

ଇକୋସିଷ୍ଟମଭିତ୍ତିକ ଅନଲାଇନ ପ୍ଲାଟଫର୍ମର କାର୍ଯ୍ୟ ପ୍ରଣାଳୀ ଓ ଆଭିମୁଖ୍ୟ ନିମ୍ନରେ ଦିଆଗଲା :

- ପାଠକଙ୍କୁ ରୋମାଣ୍ଟିକ, କମେଡି, ଭ୍ରମଣ କାହାଣୀ, ହରର କାହାଣୀ, ଜୀବନୀ, ପ୍ରେରଣା କାହାଣୀ ଏହିପରି ଅନେକ ଶୃଙ୍ଖଳାର ସାମଗ୍ରୀ ସୁରୁଚିପୂର୍ଣ୍ଣ ଢଙ୍ଗରେ ମାଗଣା ବା ଉଚିତ ମୂଲ୍ୟ ନେଇ ପରିବେଷଣ କରିବା।
- ପାଠକ ନିଜ ପସନ୍ଦର ଲେଖକଙ୍କ ଲେଖା ନୋଟିଫିକେସନ ମାଧ୍ୟମରେ ବା ଲେଖକଙ୍କ ପୋର୍ଟଫୋଲିଓ ଯାଇ ପଢିପାରିବେ।
- ଅଗଣିତ ସାହିତ୍ୟ କୃତିର ମହାସାଗର ଭିତରେ ହଜିବା ସହ ପାଠକ ଫୁରସତରେ ପଢିବା ପାଇଁ ନିଜ ପସନ୍ଦ ଅନୁସାରେ ନିଜର ଅନଲାଇନ ଲାଇବ୍ରେରୀ କରିପାରିବେ।

**ଇକୋସିଷ୍ଟମ ଆଧାରିତ ସାହିତ୍ୟ ପ୍ଲାଟଫର୍ମ ଓଡ଼ିଆ ସାହିତ୍ୟକୁ ନେଇ ଏକ ସଦ୍ୟତମ ଅନଲାଇନ ପ୍ଲାଟଫର୍ମ, ଯାହା ବନାଗ୍ନି ପରି ପ୍ରସାରିତ ହେବାକୁ ଲାଗିଛି।**

- ଲେଖକଙ୍କ ରଚନାକୁ ସଜେଇ ପ୍ରଦର୍ଶନ କରିବାର ସୁବିଧା ଦେବା।
- ଲେଖକଙ୍କ ଲେଖାର ପ୍ରଚାର ଓ ପ୍ରସାର କରିବା
- ଲେଖକଙ୍କ ପ୍ରଚାର କରିବା ଓ ସମ୍ମାନ ଦେବା
- ଲେଖକ ଓ ପାଠକଙ୍କ ଭିତରେ ସୌହାର୍ଦ୍ଦ୍ୟ ବିକଶିତ କରିବା। ସୋସିଆଲ ପ୍ଲାଟଫର୍ମ ପରି ପରସ୍ପର ଭିତରେ ସନ୍ଦେଶ ଆଦାନପ୍ରଦାନ କରିବାର ସୁବିଧା ଦେବା।
- ଲେଖକଙ୍କୁ ନିଜର ଲେଖା ନିଜ ଇଚ୍ଛା ଅନୁସାରେ ମୁଦ୍ରୀକରଣ (ମନିଟାଇଜେସନ୍) କରିବାର ସୁବିଧା ଦେବା।
- ଲେଖକଙ୍କ ଲେଖା ଛପେଇବା ବା ଅନ୍‌ଲାଇନ ବିକ୍ରୟ କରି ଉଚିତ ରୟାଲ୍‌ଟି ବା ମୂଲ୍ୟ ଦେବା।

ଇକୋସିଷ୍ଟମର ସଂଚାଳକ ଅନଲାଇନ ଉପସ୍ଥିତି, ପାଠକୀୟ ପ୍ରତିକ୍ରିୟା ଏବଂ ଅନୁଗାମୀ ସଂଖ୍ୟାରୁ କୌଣସି ବିଭାଗରେ ଲେଖକଙ୍କ ଜନପ୍ରିୟତା ନିରୂପଣ କରିଥାନ୍ତି। ଏହା ସେହି ଲେଖକଙ୍କ ଲେଖାକୁ ଆଗକୁ ଆଣିବାରେ ସହାୟକ ହୋଇଥାନ୍ତି।

ଓଡିଶା ସାହିତ୍ୟ ପାଇଁ ଏବେ ଦୁଇଟି ପ୍ଲାଟଫର୍ମ

ଆଶାତୀତରୂପେ ସକ୍ରିୟ। ତାହା ହେଲା :

(୧) ପ୍ରତିଲିପି

(୨) ଷ୍ଟୋରି ମିରର

ଦୁଇଟିଯାକ ପ୍ଲାଟଫର୍ମ ଓଡ଼ିଶା ସାହିତ୍ୟ ଆକାଶରେ ଏକ ପ୍ରକାର ଦ୍ୱିକେନ୍ଦ୍ରିକ ଏକଚାଟିଆ କାର୍ଯ୍ୟ ବା 'ଡ୍ୟୁଓପଲି'ର ସ୍ଥିତି ସୃଷ୍ଟି କରିଛନ୍ତି। ଏମାନେ ପ୍ରତିଯୋଗିତାମୂଳକ ରୂପରେ ଲେଖକ ଓ ପାଠକଙ୍କୁ ବାନ୍ଧିବାକୁ ଚେଷ୍ଟା କରୁଥିବାରୁ ପରୋକ୍ଷରେ ଓଡ଼ିଆ ସାହିତ୍ୟର ବିକାଶ ହେଉଅଛି। ସେମାନଙ୍କ ଗତିବିଧି ଜିଲ୍ଲା ସ୍ତରରୁ ଆରମ୍ଭ ହୋଇ ସ୍କୁଲ ଓ ଗ୍ରାମାଞ୍ଚଳ ସୋପାନ ପର୍ଯ୍ୟନ୍ତ ପହଞ୍ଚି ସାରିଲାଣି। ଏହି ଇକୋସିଷ୍ଟମର ବିଶାଳତା 'ପ୍ରତିଲିପି'ର ଲେଖକ ଓ ପାଠକ ସଂଖ୍ୟାରୁ ଅନୁମାନ କରି ହେବ। ସର୍ବଭାରତୀୟ ସ୍ତରରେ 'ପ୍ରତିଲିପି'ରେ ପଞ୍ଜୀକୃତ ହୋଇଥିବା ପାଠକ ସଂଖ୍ୟା ୩ କୋଟି ପାଖାପାଖି। ଏଥିରେ ୩,୭୦,୦୦୦ ଲେଖକ ନିଜର କୃତି ପ୍ରସ୍ତୁତ କରିଛନ୍ତି। ପ୍ରତିଦିନ ଅଗଣିତ ପୃଷ୍ଠାର ଲେଖା ଏହି ଇକୋସିଷ୍ଟମର ଆକାରକୁ ସମ୍ପ୍ରସାରିତ କରିଥାଏ।

**ଆମ ସମସ୍ତଙ୍କୁ ବୁଝିନେବା ଉଚିତ ଯେ ଆମେ ଲେଖକ ଏଠି ଶହେ ହେଲେ ପାଠକ ଏଠି ହଜାର ହଜାର।**

ଏତେ ବଡ଼ ଇକୋସିଷ୍ଟମ ଗଠନ କରିବା ରାତାରାତି ସମ୍ଭବ ନୁହେଁ। ପ୍ରାରମ୍ଭରେ ଗୋଟିଏ ଉତ୍ସର୍ଗୀକୃତ ଟିମ୍‌ର ଆବଶ୍ୟକତା ରହିଛି। ଏହା ଛଡ଼ା, ଏହାର ବିକାଶ ପାଇଁ ଅର୍ଥର ପ୍ରଚୁର ଆବଶ୍ୟକତା ରହିଛି।

ଉଭୟ 'ପ୍ରତିଲିପି' ଓ 'ଷ୍ଟୋରି ମିରର' ଦେଶର ଅଗ୍ରଣୀ ଷ୍ଟାର୍ଟ ଅପ୍ କମ୍ପାନୀମାନଙ୍କ ଭିତରେ ପରିଗଣିତ। କେବଳ ପ୍ରତିଲିପିରେ ନିବେଶିତ ହୋଇଥିବା ଅର୍ଥ ୮୦ ମିଲିୟନ ଡଲାର ବା ୬୪୦ କୋଟି ଟଙ୍କାର ସମକକ୍ଷ। ପ୍ରତିଲିପିର ୨୨ ଟି ନିବେଶକମାନଙ୍କ ମଧ୍ୟରେ ଦକ୍ଷିଣ କୋରିଆର 'କ୍ରାଫ୍ଟନ' ନାମକ ବାହୁବଳୀ ଗେମିଙ୍ଗ୍ କମ୍ପାନୀ ସାମିଲ। ଭାରତରେ ଅଗଣିତ ଲେଖକ ବିଭିନ୍ନ ଭାଷାରେ ମୌଳିକ ଲେଖା ଲେଖୁଛନ୍ତି। ଏହି ଲେଖାଗୁଡ଼ିକ ଯୋଗୁ କ୍ରାଫ୍ଟନ ପରି ବିଭିନ୍ନ କମ୍ପାନୀଙ୍କ ପାଇଁ ଭାରତ ଏକ ଉର୍ବର ଭୂମି। ଏହି କାହାଣୀ ବା ବୌଦ୍ଧିକ ସମ୍ପତ୍ତିଗୁଡ଼ିକୁ ଅନ୍ୟ ସ୍ୱରୂପ ଦେଇ ଆନ୍ତର୍ଜାତିକ ସ୍ତରରେ ବିପଣନ କରିହେବ। ଏଥିପାଇଁ ଆବଶ୍ୟକ ଆର୍ଥିକ କ୍ଷମତା ଓ ଟେକ୍ନିକାଲ ଦକ୍ଷତା ବଡ଼ କମ୍ପାନୀମାନଙ୍କ ପାଖରେ ଅଛି। ଭାରତୀୟ ସାହିତ୍ୟର ଏହି ନୂତନ ଅଭ୍ୟୁଦୟ କାଳରେ ଓଡ଼ିଆ ଭାଷା ବି ତତ୍ପର।

ସମସ୍ତଙ୍କୁ ଗୋଟିଏ କଥା ବୁଝିବାକୁ ପଡ଼ିବ 'ପ୍ରତିଲିପି' ବା 'ଷ୍ଟୋରିମିରର' ପରି କୌଣସି ବି ସଂସ୍ଥା ଗୋଟିଏ ଗୋଟିଏ ବାଣିଜ୍ୟିକ ସଂସ୍ଥା। ଏହା ଅଲଗା କଥା ଯେ ସାହିତ୍ୟ ପରି ମହତ୍ କାର୍ଯ୍ୟରେ ସେମାନଙ୍କ ଭୂମିକା ରହିଛି। ସେମାନେ ସର୍ବଦା ସେମାନଙ୍କ ସାଇଟ୍‌ର ସମ୍ପ୍ରସାରଣ କରିବାକୁ ଚାହାନ୍ତି, ଅତ୍ୟଧିକ ଲେଖକ ଓ ଲେଖା ସେଠିକୁ ଆଣି। ତାହାଦ୍ୱାରା ଅଧିକ ପାଠକ ଆକର୍ଷିତ କରିବାର ମୂଳ ବ୍ୟବସାୟିକ ଲକ୍ଷ୍ୟ ସାଧିତ ହେବ। ଏହା ଏକ "ତୁମର ଜିତ - ମୋର ଜିତ" (ଉଇନ୍-ଉଇନ୍) ସ୍ଥିତି। ସେମାନଙ୍କ ଉଦ୍ଦେଶ୍ୟ ତ ପୂରଣ ହେବ, ମାତ୍ର ଏହା ଦ୍ୱାରା ଅଧିକ ପାଠକ ସାଇଟକୁ ଲେଖା ପଢ଼ିବାକୁ ଆସିବେ। ଏହା ଆମ ପାଇଁ ଖୁସିର ବିଷୟ ନୁହେଁ କି ? ମୁଁ ତ ଲେଖାଲେଖିର ଅନ୍‌ଲାଇନ ଅନୁପ୍ରବେଶର ଭବିଷ୍ୟତକୁ ନେଇ ବହୁତ ଆଶାବାନ।

ଆମ ସମସ୍ତଙ୍କୁ ବୁଝିନେବା ଉଚିତ ଆମେ ଲେଖକ ଏଠି ଶହେ ହେଲେ ପାଠକ ଏଠି ହଜାର ହଜାର। ଅଧିକାଂଶ ପାଠକ ନୀରବରେ ଲେଖାପଢ଼ି ଚାଲିଯାଇଥାନ୍ତି। ସେଇମାନଙ୍କ ହୃଦୟରେ ଛାପ ଛାଡ଼ିବାରେ ଆମ ଲେଖକପଣିଆର ସାର୍ଥକତା।

ଶେଷରେ ଏହି ଇକୋସିଷ୍ଟମରେ ପଦାର୍ପଣ କରୁଥିବା ସମସ୍ତ ଲେଖକ ଭାଇଭଉଣୀଙ୍କୁ ଅନୁରୋଧ, ସେମାନେ ସେମାନଙ୍କ ଲେଖା ପୋର୍ଟଫୋଲିଓକୁ ସୁନ୍ଦର ଲେଖାରେ ସଜାଇ ରଖନ୍ତୁ। ଅନ୍ୟ ଦୋକାନରେ ଗ୍ରାହକ ଭିଡ଼ ଦେଖି ମନ ଛୋଟ କରିବା ଅପେକ୍ଷା ନିଜ ଦୋକାନକୁ ସୁନ୍ଦର ଲେଖାରେ ସଜାନ୍ତୁ ଓ ନିଜ ବ୍ୟବହାରରେ ବି ଲେଖକ ମନର ପରିଚୟ ଦିଅନ୍ତୁ। ଏପରି ହେଲେ ଭିଡ଼ ଥିଲେ ବି ଗ୍ରାହକ ଅନ୍ୟ ଦୋକାନ ନ ଯାଇ ସେଇଠି ଠିଆ ହେବ।

ଆଗକୁ ସୃଜନର ଗୋଟେ ବଡ଼ ଋତୁ ଆମ ସମସ୍ତଙ୍କୁ ଅପେକ୍ଷା କରିଛି !

□□

ଲେଖକଙ୍କ ଇ-ମେଲ ଠିକଣା:
ajayamahala@gmail.com

ବ୍ୟଙ୍ଗ

# ଘରକୁ ସୁନ୍ଦର ଘରଣୀ



ବିଭୁ ପ୍ରସାଦ ନାୟକ (ଡ. ଧର୍ମଛଡା)

ଆମର ଖଟିରେ ସେଦିନ ମହାନ୍ତି ବାବୁ ଅତ୍ୟନ୍ତ ବିରସ ଭାବରେ ବସିଥାନ୍ତି। ଏମନ୍ତ ବିରସ ଭାବର କାରଣ ପଚାରିବାରୁ ସେ କହିଲେ, "ଭାଇ ମୁଁ ଜଣେ ଉଚ୍ଚପଦସ୍ଥ ଅଫିସର ହୋଇ ମଧ୍ୟ ମୋ ସ୍ତ୍ରୀ ଅଧୀନରେ ଜଣେ ଚତୁର୍ଥ ଶ୍ରେଣୀର କର୍ମଚାରୀ ଭାବରେ ଜୀବନ ଅତିବାହିତ କରୁଛି। ଅଫିସରେ ମୁଁ ସମସ୍ତଙ୍କୁ ହିସାବ ମାଗେ ଓ ଯଦି କାହାର ଅଫିସ ଆସିବାରେ ଡେରି ହୁଏ ମୁଁ କୈଫିୟତ ମାଗେ, ହେଲେ ମୁଁ ରୋଜଗାର କରି ଆଣିଥିବା ଟଙ୍କାରୁ ଖର୍ଚ୍ଚ କଲେ ମୋ ସ୍ତ୍ରୀ'କୁ ହିସାବ ଦେଉଛି ଏବଂ ଅଫିସରୁ ଫେରିବାରେ ଡେରି ହେଲେ ତାକୁ ବି କୈଫିୟତ ଦେବାକୁ ପଡୁଛି। ପଡ଼ିଶା ଘର ସହିତ କଳିକରି ସେ ମୋ ଇଜ୍ଜତ ମହତ ବାରଣ୍ଡା ଦିକଡ଼ା କରିସାରିଲାଣି।" ଏହା ଶୁଣି ଖତୁଆ ଠୋ ଠୋ ହୋଇ ହସିଲା। କହିଲା, "ହୋ ମହାନ୍ତି ବାବୁ, ତମେ ପୁରାଣ ପଢ଼ିଚ ନା ନାହିଁ? ଆମ ପୁରାଣରେ ମୂଳରୁ ନାରୀଙ୍କୁ ଅଗ୍ରାଧିକାର ଦିଆଯାଇଛି। ପୁରାଣ ମତରେ 'ଅର୍ଥ' ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ନାରୀଙ୍କ ହାତରେ ଅଛି, ମାନେ 'ମହାଲକ୍ଷ୍ମୀ'ଙ୍କ ହାତରେ।



ସେହିପରି 'ଶିକ୍ଷା' ବିଭାଗଟି 'ସରସ୍ୱତୀ'ଙ୍କ ହାତରେ ରହିଛି। 'ଗୃହ' ବିଭାଗ 'ପାର୍ବତୀ'ଙ୍କ ହାତରେ। 'ପ୍ରତିରକ୍ଷା' ବିଭାଗ 'ଦୁର୍ଗା'ଙ୍କ ହାତରେ ଏବଂ ଶକ୍ତି ବିଭାଗ 'କାଳୀ'ଙ୍କ ହାତରେ ନ୍ୟସ୍ତ କରାଯାଇଛି। ବ୍ରହ୍ମା ବିଷ୍ଣୁ ଓ ଶିବଙ୍କଠାରୁ ତମେ କ'ଣ ଏତେ ବଡ଼ ହୋଇଗଲ ଯେ ତୁମେ ସ୍ତ୍ରୀକୁ ହିସାବ ଓ କୈଫିୟତ ଦେଉଛ ବୋଲି ମନ କଷ୍ଟ କରୁଛ। ଶୁଣ ମହାନ୍ତି ବାବୁ,ଏବେ ଦିନେ ମୁଁ ମୋ ସ୍ତ୍ରୀ'ର ଆଜ୍ଞାରେ ମୋ ମାଲିକଙ୍କୁ କହିଲି, 'ସାର୍ ମୋ ସ୍ତ୍ରୀ ପଚାରୁଛନ୍ତି ମୋ ଦରମା କେବେ ବଢ଼ିବ?' ମୋ ମାଲିକ କହିଲେ, 'ଠିକ ଅଛି ମୁଁ ମୋ ସ୍ତ୍ରୀ'କୁ ପଚାରିକି କହିବି।' ଏଠି ମୁଁ ସ୍ଥିର ନିଶ୍ଚିତ ଯେ ସେବେ ଓ ଏବେ ସ୍ତ୍ରୀ'ମାନେ ସବୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ।" ଖତୁଆର ଭାଷଣରେ ମହାନ୍ତି ବାବୁ ନିର୍ବାକ ହୋଇ ଚାହିଁଥିବା ବେଳେ ଉପସ୍ଥିତ ଅନ୍ୟ ସମସ୍ତେ ଠୋ ଠୋ ହୋଇ ହସୁଥାନ୍ତି।

ଖତୁଆ କହିଲା, "ଆଚ୍ଛା ଭାଇ କହିଲ, ଇଂରାଜୀରେ ସ୍ତ୍ରୀମାନଙ୍କୁ କେବଳ ୱାଇଫ ବୋଲି ସମ୍ବୋଧନ କରୁଥିବାବେଳେ ଆମ ଓଡ଼ିଆ ଭାଷାରେ ସ୍ତ୍ରୀମାନଙ୍କୁ ବିଭିନ୍ନ ନାଁରେ କାହିଁକି ସମ୍ବୋଧନ କରନ୍ତି?" ମୁଁ କହିଲି, "ଆମ ଓଡ଼ିଶାର ଭାଷା 'ଓଡ଼ିଆ' ସର୍ବ ପ୍ରାଚୀନ। ସେଇଥିପାଇଁ ତ ଭାରତ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି।" ଖତୁଆ କହିଲା "ମୟୂର ଚନ୍ଦ୍ରିକା ନ ଲଗେଇ ସିଧା ସିଧା କୁହ ଓଡ଼ିଆରେ ସ୍ତ୍ରୀ'କୁ ଏତେ ନାମରେ ସମ୍ବୋଧନ କରିବା ପଛରେ କାରଣ କ'ଣ?" କହି ଫିକ୍ କିନା ହସିଦେଲା। ମୁଁ କହିଲି, "ତୋର ହାବଭାବରୁ ଜଣାଯାଉଛି ତୋତେ ଏ ବିଷୟରେ ଭଲଭାବରେ ଜଣା ଅଛି, ସେ କଥା ବାନ୍ତି କରିବୁ ବୋଲି ସୁଯୋଗ ଖୋଜୁଛୁ। ଯଦି ତୁ ଜାଣିଛୁ କହିଦେ, ଏତେ ଛୋପରା ଭଳି କାହିଁକି ହେଉଛୁ?" ଖତୁଆ କହିଲା, "ଦେଖ୍ ଇଂରାଜୀରେ ସ୍ତ୍ରୀ'କୁ ୱାଇଫ କହୁଥିବା ବେଳେ ଓଡ଼ିଆରେ ସ୍ତ୍ରୀ, ଭାରିଜା, ଘରଣୀ, ପତ୍ନୀ, ମାଇକିନିଆଁ ଇତ୍ୟାଦି ଇତ୍ୟାଦି ସମ୍ବୋଧନ କରିବା ପଛରେ ଅନେକ ଗୁଢ଼ ତତ୍ତ୍ୱ ରହିଛି। ପ୍ରଥମେ 'ସ୍ତ୍ରୀ' କୁ ବିଚାର କଲେ ଜଣାଯାଏ ଓଡ଼ିଶାରେ ବିବାହ ଦୁଇ

ପ୍ରକାରର, ଯଥା ବୈଦିକ ବିବାହ ଓ ଗାନ୍ଧର୍ବ ବିବାହ। ହିନ୍ଦୁ ପରମ୍ପରା ଅନୁଯାୟୀ ଦୁଇ ପରିବାରର ସହମତି କ୍ରମେ ଯେଉଁ କନ୍ୟାକୁ ବୈଦିକ ରୀତିନୀତି ଅନୁଯାୟୀ, ଯାହାକି ଶାସ୍ତ୍ରୀୟ ପଦ୍ଧତିପୂର୍ବକ, ପୁରୁଷ ଗ୍ରହଣ କରିଥାଏ। ଶାସ୍ତ୍ରୀୟରୁ 'ସ୍ତ୍ରୀ'ର ଉତ୍ପତ୍ତି, ତେଣୁ ସେ କନ୍ୟାକୁ 'ସ୍ତ୍ରୀ' ବୋଲି ସମ୍ବୋଧନ କରାଯାଏ। ଠିକ୍ ସେହିପରି ପରିବାରର ଅସହମତି କ୍ରମେ ମନ୍ଦିରରେ ଫୁଲମାଳ ଅଦଳବଦଳ କରି ଗାନ୍ଧର୍ବମତେ ପ୍ରେମ ବିବାହ କରି ବରଟି ଯେଉଁ କନ୍ୟାକୁ ଘରକୁ ଆଣେ, ତାକୁ ପରିବାର ବର୍ଗ ଗ୍ରହଣ ନ କରି 'ବାହାରି ଯା - ବାହାରି ଯା' ବୋଲି କହିଥାନ୍ତି। ଲୋକମତରେ ସେଇ 'ବାହାରି ଯା' ଅପଭ୍ରଂଶ ହୋଇ 'ଭାରିଯା'ରେ ପରିଣତ ହୋଇଛି। ତେଣୁ ତାକୁ ଭାରିଜା ବୋଲି ସମ୍ବୋଧନ କରନ୍ତି। ଯେଉଁ ପୁରୁଷ ବିବାହ ପରେ ନିଜକୁ ରଜା ଏବଂ ତା'ର ସ୍ତ୍ରୀକୁ ରାଣୀ ଭଳି ବିବେଚନା କରେ, ସେଇ କନ୍ୟାଟିକୁ ଲୋକେ ଘରର ରାଣୀ ତଥା 'ଘରଣୀ' ବୋଲି ସମ୍ବୋଧନ କରିଥାନ୍ତି। ଶାସ୍ତ୍ରରେ ଅଛି ଯେଉଁ କନ୍ୟା ତା'ର ବର ବା ସ୍ୱାମୀଙ୍କୁ ପତନରୁ ଉଦ୍ଧାର କରେ ସେହି କନ୍ୟାକୁ ପତ୍ନୀ ବୋଲି ସମ୍ବୋଧନ କରାଯାଏ। ଶେଷରେ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା 'ମାଇକିନିଆ'। କିଛି ପଣ୍ଡିତ କୁହନ୍ତି 'ମାଇକିନିଆଁ' ସମ୍ବୋଧନ ଏକ ଉତ୍ତରବିହୀନ ପ୍ରଶ୍ନ, ଯଥା 'ମାଇ କି ନିଆଁ?' ଅର୍ଥାତ ମାଇ=ନାରୀ, ନିଆଁ=ଅଗ୍ନି। ତ୍ରେତୟା ଯୁଗକୁ ଅବଲୋକନ କଲେ ଜଣାଯାଏ, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ସ୍ତ୍ରୀ ମାଆ ସୀତା ଦେବୀ ଜଣେ ନାରୀ ଥିଲେ ନା ନିଆଁ ମୁଣ୍ଡା ଥିଲେ ଯାହଙ୍କୁ ଛୁଇଁବା ପରେ ସୁବର୍ଣ୍ଣ ଲଙ୍କା ସହ ମହାବଳୀ ରାବଣ ଏବଂ ତାଙ୍କ ଅନୁଗାମୀ ସମର୍ଥକ ଜଳିପୋଡ଼ି ଛାରଖାର ହୋଇଗଲେ। ଠିକ୍ ସେହିପରି ଦ୍ୱାପର ଯୁଗରେ ପାଞ୍ଚାଳୀ ଦ୍ରୌପଦୀଙ୍କୁ ଦୁଃଶାସନ ଛୁଇଁ ଦେଲେ ବୋଲି ଦୁଃଶାସନ ସହିତ ଦୁର୍ଯ୍ୟୋଧନ, ପିତାମହ ଭୀଷ୍ମ, ଅଙ୍ଗରାଜ କର୍ଣ୍ଣ, ଗୁରୁ ଦ୍ରୋଣ, କୃପାଚାର୍ଯ୍ୟଙ୍କ ଭଳି ବୀର ଯୋଦ୍ଧାଙ୍କ ସମେତ କୌରବବଂଶ ଜଳି ପୋଡ଼ି ଛାରଖାର ହୋଇଗଲେ। ତେଣୁ ଭାରତର ପୁରାଣ ଶାସ୍ତ୍ର ନାରୀଙ୍କୁ ନିଆଁ ସହିତ ତୁଳନା କରିଛନ୍ତି। ଅନ୍ୟ ଅର୍ଥରେ କୁହାଯାଏ ଯେଉଁ ସ୍ତ୍ରୀ ମାଇକି ପରି ରଡ଼ି କରି ଘରେ ନିଆଁ ଲଗାଉଥାନ୍ତି ତାକୁ ମାଇକିନିଆଁ କୁହନ୍ତି।"

ଖତୁଆର ମାଇକିନିଆଁ ବିଶ୍ଳେଷଣ ଆଧାରରେ ମୁଁ କହିଲି, "ମାଇକି ଆଉ ୱାଇଫ୍ ଦୁହେଁ ଏକା ପ୍ରକାର, ମାନେ ପୂରା ସମାନ। ମାଇକ୍ ଓ ୱାଇଫ୍ ଉଭୟେ ଆବାଜ କରି କରି କାନ ଫଟେଇଦେବେ।" ଖତୁଆ କହିଲା "ବିଲକୁଲ ନୁହେଁ। ମାଇକ ଆଉ ୱାଇଫ ଏକା ନୁହନ୍ତି ବରଂ ଦୁହିଁଙ୍କ ଭିତରେ ଅସମାନତା ରହିଛି।" ମୁଁ କହିଲି, "କିପରି?" ସେ ତା' ପେଡି ଖୋଲି ଆରମ୍ଭ କଲା, କହିଲା "ମାଇକ ଘରକୁ ଆଣିଲେ ଗ୍ୟାରେଣ୍ଟି ୱାରେଣ୍ଟି ଅଛି ନା ନାହିଁ? କମ୍ପାନୀମାନଙ୍କ ଘୋଷଣା ମୁତାବକ କିଣିଥିବା ମାଇକ ଖରାପ ପଡ଼ିଲେ ବର୍ଷକ ଭିତରେ ମାଇକକୁ ବଦଳେଇ ପାରିବେ। ହେଲେ ୱାଇଫ ଯାହା ଥରେ ଆଣିଚ ସେଥିରେ ଗ୍ୟାରେଣ୍ଟି କି ୱାରେଣ୍ଟି ସୁବିଧା ଉପଲବ୍ଧ ନାହିଁ। ତାକୁ କେବେ ବଦଳେଇ ପାରିବେ ନାହିଁ ବରଂ ଖରାପ ହେଉ କି ଭଲ ତାକୁ ଜୀବନ ସାରା ଚଳେଇବାକୁ ପଡ଼ିବ। ମାଇକର ଶବ୍ଦ ନିୟନ୍ତ୍ରଣ ଆମ ହାତରେ ଥାଏ। ଆମେ ବଜେଇଥାଉ ଆଉ ଆମେ ବନ୍ଦ କରିଥାଉ, ହେଲେ ୱାଇଫ୍‌ର ଶବ୍ଦ ନିୟନ୍ତ୍ରଣ କାହାରି ହାତରେ ନ ଥାଏ। ସିଏ ନିଜ ଇଚ୍ଛାରେ ବାଜେ ଏବଂ ନିଜ ଇଚ୍ଛାରେ ବନ୍ଦ ହୁଏ। ଆପଣ ମାଇକ ସାମ୍ନାରେ ଯେତେ ଜୋରରେ କଥା ହୋଇପାରିବ। ହେଲେ ଆପଣ ଯେତେ ବଡ଼ ଅଫିସର, ମନ୍ତ୍ରୀ, ନେତା ତଥା ପଇସାବାଲା ହୋଇଥାନ୍ତୁ ନା କାହିଁକି ୱାଇଫ ସାମ୍ନାରେ ଜୋରରେ ପଦେ କଥା କହିବାର ସାହସ କି ଶକ୍ତି ନ ଥାଏ। ମାଇକକୁ ଆପଣ ନିଜ ଉଚ୍ଚତା ଅନୁସାରେ ଉଚ୍ଚା ନିଚ୍ଚା କରିପାରିବ, ହେଲେ ୱାଇଫରେ ସେ ସୁବିଧା ନ ଥାଏ। ୱାଇଫ ଯଦି ଆପଣଙ୍କ ଠାରୁ ଅଧିକ ଉଚ୍ଚା ହୋଇଥିବେ ଆପଣ ମୁଣ୍ଡ ଟେକିକି କଥା ହେବେ, ପ୍ରାୟତଃ ୱାଇଫ ହଜ୍‌ବ୍ୟାଣ୍ଡଙ୍କ ଠାରୁ ନିଚା ଥାନ୍ତି ତେଣୁ ୱାଇଫ ପାଖରେ ମୁଣ୍ଡ ନୁଆଇଁ କଥା ହୁଅନ୍ତି। ଆବଶ୍ୟକ ସ୍ଥଳେ ଆପଣ ଏକକାଳୀନ ଚାରି ପାଞ୍ଚଟି ମାଇକ ବ୍ୟବହାର କରିଥାନ୍ତି, ହେଲେ ୱାଇଫରେ ସେ ସୁବିଧାର ଉପଲବ୍ଧ ନ ଥାଏ। ବେଳେ ବେଳେ ଆପଣଙ୍କର ନିଜ ମାଇକ ଖରାପ ଥିଲେ ଭଡ଼ାରେ ଅଥବା ପଡ଼ିଶା ଘର

**ମାଇକ୍‌ର ଶବ୍ଦ ନିୟନ୍ତ୍ରଣ ଆମ ହାତରେ ଥାଏ। ଆମେ ବଜେଇଥାଉ ଆଉ ଆମେ ବନ୍ଦ କରିଥାଉ, ହେଲେ ୱାଇଫ୍‌ର ଶବ୍ଦ ନିୟନ୍ତ୍ରଣ କାହାରି ହାତରେ ନ ଥାଏ।**

ମାଇକ ମାଗିଆଣି ବ୍ୟବହାର କରିଥାନ୍ତି, ହେଲେ ଆପଣଙ୍କ ୱାଇଫଙ୍କ ଦେହ ଖରାପଥିଲେ, ଭଡ଼ା ତ ଦୂରର କଥା ଆପଣ ପଡୋଶୀଙ୍କ ୱାଇଫ ଆଣି ବ୍ୟବହାର କରିପାରିବେ କି ? ମାଇକ ବିଗଡିଗଲେ ସାଉଣ୍ଡଲେସ୍ ହୋଇ ଥାଏ, ହେଲେ ୱାଇଫ ଥରେ ବିଗିଡ଼ିଗଲେ ଏତେ ସାଉଣ୍ଡ ନିର୍ଗତ ହୋଇଥାଏ ଯେ ପଡୋଶୀ ବି ଶାନ୍ତିରେ ରହିପାରନ୍ତି ନାହିଁ। ଖତୁଆ ମୋତେ କହିଲା ଏଥର କୁହ, ମାଇକ ଓ ୱାଇଫଙ୍କ ଭିତରେ ସମାନତା ଅଛି କି ?” ମୁଁ କହିଲି “ସତରେ ଖତୁଆ ତୋର ମାଇକ ଓ ୱାଇଫଙ୍କ ଭିତରେ ତୁଳନା ଅତ୍ୟନ୍ତ ନିଆରା।”

ମାଇକ ଓ ୱାଇଫ ଭିତରେ ଥିବା ବିଭେଦ ବୁଝାଇବା ପରେ ଖଟିରେ ଉପସ୍ଥିତ ସମସ୍ତ ଖଟିଆ (ଖଟିର ସଦସ୍ୟଙ୍କୁ ଖଟିଆ କୁହାଯାଏ) ତାଳି ମାରି ପରିବେଶକୁ ଗରମ କରିଦେଲେ। ଖତୁଆ ବି ଉତ୍ସାହିତ ହୋଇ କହିଲା, “ମୋର ଅନୁଭୂତି କୁହେ ସ୍ତ୍ରୀ ଆଉ ପୋଲିସ ଭିତରେ ସାମଞ୍ଜସ୍ୟ ରହିଛି।” ମୁଁ କହିଲି, “କେମିତି ?” ଖତୁଆ କହିଲା, “ପୁଲିସ ଓ ସ୍ତ୍ରୀ ଉଭୟେ ସଂଦେହୀ। ମୁଁ ଯେତେବେଳେ ଖଟିରୁ ବିଳମ୍ବିତ ରାତ୍ରିରେ ଫେରେ, ପୁଲିସ ପ୍ରଥମେ ପାଟି ଶୁଙ୍ଘି କୁହନ୍ତି ଏତେ ଡେରିଯାଏ କୋଉଠି ଥିଲ ? ଯଦି ଉତ୍ତର ସନ୍ତୋଷଜନକ ନ ହେଲା, ତେବେ ଦଣ୍ଡିତ ହେବା ନିଶ୍ଚିତ। ଠିକ୍ ସେହିପରି ବିଳମ୍ବିତ ରାତ୍ରିରେ ଘରକୁ ଫେରିଲେ, ସ୍ତ୍ରୀ ପ୍ରଥମେ ମୋ ପାଟି ଶୁଙ୍ଘି ପୁଲିସ ଠାଣିରେ ପଚାରେ,ଏତେ ରାତି ଯାଏ କୋଉଠି ଥିଲ ? ଯଦି ଉତ୍ତର ସନ୍ତୋଷଜନକ ନ ହେଲା ଘରେ ବି ସ୍ତ୍ରୀ ଦଣ୍ଡ ଦେଇଥାନ୍ତି। ପୁଲିସର ସବୁବେଳେ ନଜର ଆମ ପକେଟ ଉପରେ, ସ୍ତ୍ରୀ'ର ମଧ୍ୟ ନଜର ଆମ ପକେଟ ଉପରେ। ପୁଲିସ ଢିଲା ହୋଇଗଲେ ସମାଜରେ ଅରାଜକତା ବଢେ। ସ୍ତ୍ରୀ ଢିଲା ହୋଇଗଲେ ପିଲାମାନେ ଅମଣିଷ ହୋଇଯାଆନ୍ତି। ପୁଲିସ ଅଣ୍ଟା ସଳଖିଲେ ସମାଜ ସୁଧୁରିଯାଏ ଠିକ୍ ସେହିପରି ସ୍ତ୍ରୀ ଅଣ୍ଟା ସଳଖିଦେଲେ ପରିବାର ସୁଧୁରିଯାଏ।” ଖତୁଆର ପ୍ରବଚନରେ ମୁଁ ଭାବବିହ୍ୱଳ ହୋଇ କହିଲି, “ଯାହାବି ହେଉ – ଘରକୁ ସୁନ୍ଦର ଘରଣୀ ଥାଉ।”

**ପୁଲିସର ସବୁବେଳେ ନଜର ଆମ ପକେଟ ଉପରେ, ସ୍ତ୍ରୀ'ର ମଧ୍ୟ ନଜର ଆମ ପକେଟ ଉପରେ।**

□□

ଲେଖକଙ୍କ ଇ-ମେଲ ଠିକଣା:
bibhuprasad.nayak27@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**





ଆପଣଙ୍କ **ଆଣ୍ଡରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି।

ପତ୍ରିକାର ସମସ୍ତ ନୂତନ ଲେଖା ତୁରନ୍ତ ପଢ଼ିବା ପାଇଁ ଏହାକୁ ଡାଉନଲୋଡ୍ କରି ବ୍ୟବହାର କରନ୍ତୁ।

Search **Sahitya Charcha** on **Play Store**.

ଶିଶୁ ଗଳ୍ପ



# ଡାମରା କାଉ

କୁଞ୍ଜ ବିହାରୀ ସାହୁ

ବଇଶାଖ ମାସ। ଦିନବେଳା ଟାଣ ଖରା ହେଉଛି। ସତେ ଯେମିତି ତାତିରେ ମୁହଁ ପୋଡିଯାଉଛି। ଗଛଲତା ପଶୁପକ୍ଷୀ ବି ଖରାତେଜରେ ଝାଉଁଳି ଯାଉଛନ୍ତି।

ଯେତେବେଳେ କୁଞ୍ଜିକୁଞ୍ଜିକା ପର୍ବତରେ ଥଣ୍ଡା ଲାଗୁଥିଲା ଡାମରା କାଉଟି ମନଖୁସିରେ ରହୁଥିଲା। ଗଛର ଫଳ ଖାଇ ବଞ୍ଚୁଥିଲା। ସାଙ୍ଗସାଥୀମାନଙ୍କ ସହ ମିଳାମିଶା କରୁଥିଲା। ସ୍ୱାଧୀନ ଥିଲା। ଭାବୁଥିଲା ଏ ବିଶ୍ୱବ୍ରହ୍ମାଣ୍ଡ ତା'ର ଗୋଟାପଣେ।

ପର୍ବତ ଲଣ୍ଡା ହେଇଗଲା ପରେ ବସିବା ପାଇଁ ଥାନ ମିଳିଲାନି ଡାମରାକାଉକୁ। ଜଙ୍ଗଲିଆ ଗଛଡାଳରେ ବସିଲା।



ଦିନେ ବଇଶାଖ ମାସ ଖରାବେଳେ ଟୋପାଏ ପାଣି ପିଇବ ବୋଲି ଏ ଡାଳରୁ ସେ ଡାଳକୁ ବୁଲୁଥିଲା। ତଳେ କୋଉଠି ଝର ପାଣି ଦେଖିଲେ ପିଇବ ବୋଲି ଭାବିଲା। ସେଦିନ ସକାଳୁ କାହା ମୁହଁ ଚାହିଁଥିଲା କେଜାଣି ଦିଇଟା ଛତରା ବାଣୁଆ ଟୋକା ତାଆରି ଆଡକୁ ମାଡ଼ିଆସିଲେ। ବାଟୁଳିଖଡାରେ ନିଶାଣ ଲଗେଇଲାବେଳକୁ ଚତୁର ଡାମରା କାଉଟା ଭୟରେ ଉଡ଼ି ପଳେଇଗଲା। ଭାବିଲା, – ଆମ ଦେଶ ପରା ସ୍ୱାଧୀନ ହେଇସାରିଛି। ଆଉ ତ ଫିରିଙ୍ଗୀ ଦଳ ନାହାନ୍ତି। ହେଲେ ଏ ଦୁଷ୍ଟ ଟୋକାମାନେ ମୋ ଆଡ଼େ ନିଘା ରଖୁଛନ୍ତି କାହିଁକି? ସେମାନେ କ'ଣ ଏତେ ସ୍ୱାଧୀନ ହେଇଗଲେ ଯେ ମୋ ଭଳି ନିରୀହ ପକ୍ଷୀମାନଙ୍କୁ ମାରିଦେବେ? ବଣ ଜଙ୍ଗଲରେ ରହିହେବନି ଆଉ।'

ଛାତିକୁ ପଥର କଲା ସେ। ପତ୍ରଗହଳିଆ ଡାଳରେ ବସି ଚାହିଁଦେଲା ଚାରିଆଡ଼କୁ। ଆଉ କିଏ ଏଇଠିକି ଆସିବେନି ତ! ଘଡ଼ିଏ ବସିରହିଲା ତୁନି ହେଇ। ଶୋଷରେ ତଣ୍ଟି ଶୁଖିଯାଉଛି ତା'ର। କାହାକୁ ବା ଡାକିବ। କାହିଁ କୁଆଡ଼େ କିଏ ଦିଶୁନି। ଭାବିନେଲା ବୁଢା ହେଇଗଲାଣି ତ। କିଏ ଆଉ ପଚାରିବେ ତା'କୁ। ବୁଢ଼ା ହେଇଗଲେ ସଭିଏଁ ହତାଦର କରିଦିଅନ୍ତି। ଗୋଡ଼ରେ ଆଡେଇ ଛି-ଛାକର କରନ୍ତି। ନିଜକୁ ଦୁର୍ବଳ ନ ଭାବି ମନରେ ସାହସ ବାନ୍ଧିଲା। ଭାବିଲା – ଏ ଜଙ୍ଗଲ ଭିତରେ ବୁଲୁଥିବି। କାଳେ କୋଉଠି ପାହାଡି ଝରଣାଟିଏ ଆଖି ଆଗରେ ପଡ଼ିବ। ପାହାଡରୁ ଝରୁଥିବା ଝରପାଣି ଦେଖିବାକୁ ବହୁତ ସୁନ୍ଦର। ତା' ଝର ଝର ଗୀତ ଶୁଣିଲେ ତ ଅଧା ପେଟ ପୂରିଯାଏ। ହେଲେ ଏ ଜଙ୍ଗଲ ଭିତରେ ହୁତୁ ହୁତୁ ନିଆଁ ଜଳୁଛି। କୋଉ ଦୁଷ୍ଟ ଲୋକମାନେ ଘରେ ନ ରହି ଜଙ୍ଗଲରେ ନିଆଁ ଲଗେଇ ଦେଇଛନ୍ତି। ଆମ ଭଳିଆ ନିରୀହ ପକ୍ଷୀମାନଙ୍କୁ ପୋଡିଦେବେ ବୋଲି ଭାବିଛନ୍ତି।

ମୁଁ ଏବେ କ'ଣ କରିବି ଯେ? ଡର ଲାଗୁଛି। କାଳେ କେତେବେଳେ ମୋ ସୁନ୍ଦର କଳା ମଚମଚ ପରରେ ନିଆଁ ଲାଗିଯିବ? ଜଙ୍ଗଲ ଜଳିଯିବ ଆଉ ଶୁଖିଲା ଗଛ ଡାଳଟା ଭାଙ୍ଗି ନିଆଁରେ ପଡିଯିବ। ମୁଁ ବଞ୍ଚିବି ଯେ ପାଣି ପିଇବି। ଏ ଜଙ୍ଗଲଟା ଯୋଉ ପରାଧୀନକୁ ସେହି ପରାଧୀନ।

ଦୀର୍ଘନିଃଶ୍ୱାସ ମାରିଲା ବିଚରା ଡାମରା କାଉ। ଯାହା ହେଉ ନିଆଁର ଧାସ ଦୂରକୁ ପଳେଇଯାଉଛି।

ତଳକୁ ନିରେଖି ଦେଖିଲା ଡାମରା କାଉ। ପାହାଡରୁ ଗଡି ଗଡି ଆସୁଛି ଝରଣାର ଧାରଟିଏ। ଧୂଳିଆ/ଗୋଡିଆମାଟିକୁ ଛୁଇଁ ଛୁଇଁ ଦେଉଛି। ସତରେ ଝରଣାଟି ସ୍ୱାଧୀନ ହେଇଯାଇଛି। ନୋହିଲେ ଏମିତି ମନଖୁସିରେ ଝରୁ ନ ଥାନ୍ତା! ବଡ଼ ଭାଗ୍ୟ

କରିଛି ସେ। ସେ ତ ନିଜେ ଝରିଝରି ଯାଉଛି। ଡାକିଦେଉଛି ତା' ପାଖକୁ ଅନେକ ବଣୁଆ ଜୀବଜନ୍ତୁଙ୍କୁ। ତା' ଦେହର ଥଣ୍ଡା ପାଣି ପିଇଦେଲେ ତା' ଝରିବା ସାର୍ଥକ ହେଇଯିବ! ଝରଣା କୂଳରେ ତିନୋଟି ବ୍ରାହ୍ମଣୀ ବେଙ୍ଗ ଛାତିକୁ ଫୁଲେଇ ବୁଲୁଛନ୍ତି। ଫଁକ୍ ଫଁକ୍ ଡେଉଁଛନ୍ତି। ତାଙ୍କୁ ଦେଖି ଟିକେ ଆଶ୍ୱସ୍ତି ଅନୁଭବ କଲା ଡାମରା କାଉ। ଯାହାହେଉ ଏ ବଣ ମୁଲକରେ ବେଙ୍ଗମାନେ ଅଛନ୍ତି। ତଳକୁ ଓହ୍ଲାଇଲା। ବେଙ୍ଗମାନଙ୍କ ସହ ଗପିଲା କିଛି କ୍ଷଣ। ଧଇଁସଇଁ ହେବାର ଦେଖି ବେଙ୍ଗମାନେ ପଚାରିଲେ - 'ଆଚ୍ଛା ଡାମରା କାଉ, ତୁମେ ତ ଉପରେ ଉଡିବାବାଲା। କୋଉ ଗଛଡାଳରେ କି ପର୍ବତରେ ବସି ଘୁମେଇବା କଥା। ଏବେ ତଳକୁ ଓହ୍ଲାଇ ଆମ ପାଖକୁ କାହିଁକି ଆସିଛ! ଶୋଷ ଲାଗୁଛି ନା ଭୋକ ଲାଗୁଛି? ନା ଆମକୁ ଅଣ୍ଟରେ ମାରିବାକୁ ଇଚ୍ଛା ହେଉଛି?



ନା...ନା...ସେମିତି ଅଲକ୍ଷଣା କଥା ତୁଣ୍ଡରେ ଧରନା? ମୋତେ ବହୁତ ଶୋଷ ଲାଗୁଛି ତ ପାଣି ଟିକେ ପିଇଦେଇ ଉଡ଼ି ପଳେଇବି। ଏ ଜଙ୍ଗଲରେ ଆଉ ସେମିତିକା ବଡ଼ ବଡ଼ ଗଛ ନାହିଁ। ଆମ ଆଖି ଆଗରେ ଯେଉଁ ଗଛଗୁଡିକ ଦେଖାଯାଉଛି, ରାତି ପାହିଲେ ଲୋକମାନେ କାଟିକୁଟି ଘରକୁ ନେଇଯିବେ। ଏ ମଣିଷଗୁଡ଼ାକ ଜାଣିଶୁଣି ବଣରେ ନିଆଁ ଲଗେଇ ଦେଉଛନ୍ତି। ଲୁଚି ଯାଉଛନ୍ତି। ଜଙ୍ଗଲବାଲା ତ ଆହୁରି ଚାଲାକ୍। ମୁଁ ଦେଖିଲି ବଣରେ ନିଆଁ ଲାଗିଛି। ପକ୍ଷୀମାନେ ପାଟିତୁଣ୍ଡ କରି ଇଆଡେ ସିଆଡେ ପଳେଇ ଯାଉଛନ୍ତି। ମୁଁ ନିରାପଦରେ ଏ ଡାଳରେ ବସିଥିଲି। ତଥାପି ଭୟ ଲାଗୁଛି। ଯଦି ଏ ଗଛଟା ପୋଡିଯିବ ତା' ହେଲେ ମୋ ପ୍ରାଣ ବି ପଳେଇବ। ଏତେ ବଡ଼ ଦୁନିଆରେ ମୋର କେହି ନାହାନ୍ତି। ତୁମଙ୍କୁ ଦେଖି ମୋ ସଂସାର କଥା ମନେ ପଡିଗଲା। ମୁଁ ବି ପରିବାର ସହ ଉଡିବୁଲୁଥିଲି। ହେଲେ କିଏ କୁଆଡେ ଗଲେ ଯେ ଆଉ ଫେରିଲେନି। ଏକୁଟିଆ ହେଇଗଲି। ଡାମରା କାଉ ନରମ କଣ୍ଠରେ କହିଲା।

ହଉ ଠିକ୍ ଅଛି, ଏ ସରୁ ଝରରୁ ପାଣି ପିଇଦିଅ। ବେଙ୍ଗମାନେ ଆଶ୍ୱାସନା ଦେଲେ।

ଅଣ୍ଟ ବୁଡ଼େଇ ପାଣି ପିଇଦେଲା ଡାମରାକାଉ। ଓଃ..କି ଥଣ୍ଡା ପାଣି! ଯାହାହେଉ ପ୍ରାଣଟା ରହିଗଲା। କୃତଜ୍ଞତା ଜଣାଇଲା ବେଙ୍ଗମାନଙ୍କୁ।

ବେଙ୍ଗମାନେ କହିଲେ - 'ଡାମରା କାଉ, ଆମେ ତ ହେଲୁ ଉଭୟଚର ପ୍ରାଣୀ। କେତେବେଳେ ପାଣି ଭିତରେ ତ ପୁଣି କେତେବେଳେ ଡିପ ଜାଗାରେ। ହେଲେ ଥରେ ଥରେ ବଡ ଡର ଲାଗୁଛି। ସାପଗୁଡ଼ାକ ଖାଇବାକୁ ନ ପାଇ ଆମ ଉପରେ ଆକ୍ରମଣ କରୁଛନ୍ତି। ଏ ଜାଗାଟା ନିରାପଦ ବୋଲି ଟିକେ ଆଶ୍ରୟ ନେଲାବେଳକୁ ଧୀରେ ଧୀରେ ପାଣି ପିଇବା ବାହାନାରେ ଆମକୁ ଗିଳି ଦେଉଛନ୍ତି। ଖରାଦିନରେ ବି ସରୁ ଝରଟା ଶୁଖିଯାଉଛି। କୁଆଡ଼େ ଯିବାକୁ ଚାହିଁଲେ ଯାଇପାରୁନୁ। ପାଣି ଟୋପେ ପାଇଁ ଡହଳ ବିକଳ ହେଉଛୁ। ଏ ଝରପାଣି ବି ଅପରିଷ୍କାର ହେଇଯାଉଛି। ପିଇବାକୁ ଇଚ୍ଛା ଥିଲେ ବି ପିଇହେଉନି। ଖରାଦିନେ ବଡ଼ କଷ୍ଟ ହେଉଛି।

ବେଙ୍ଗମାନଙ୍କର କଥା ଶୁଣି ଡାମରା କାଉ କିଛି ସମୟ ନୀରବି ଗଲା। ଭାବିଲା - 'ସତରେ କ'ଣ ଏ ପାହାଡ଼ି ଝର ଖରାଦିନେ ଶୁଖିଯାଉଛି! ଏଠି ଚଳିବା ମୁସ୍କିଲ। ଟୋପେ ପାଣି ପାଇଁ କେତେ ଦହଗଞ୍ଜ ହେବାକୁ ପଡୁଛି!'

ପାଣି ଟୋପେ ପିଇଲି ବୋଲି ଜୀବନଟା ରହିଗଲା। ହଁ, ତୁମେମାନେ ଭଲରେ ଥାଅ।

ବେଙ୍ଗମାନଙ୍କୁ ସହାନୁଭୂତି ଦେଖେଇଲା ଡାମରା କାଉ। କହିଦେଲା - ତୁମେ ମୋର ମିତ ହେଇଗଲ। ମୁଁ ଯାଉଛି। କାଲି ଆସିଲେ ଗପସପ କରିବା।

ଡାମରା କାଉଟି ଉଡ଼ିଗଲା ଆଉ ଗୋଟେ ଗଛଡାଳକୁ।

□□

ଲେଖକଙ୍କ ଇ-ମେଲ ଠିକଣା:
kunjasahu63@gmail.com




**ପୁସ୍ତକ ସମୀକ୍ଷା**

# ଶ୍ରୀଜଗନ୍ନାଥ ସ୍ୱାମୀ

**ଲେଖକ : ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର**

**ପ୍ରକାଶକ: ପ୍ରଭୂ ପବ୍ଲିକେସନ୍ସ, କାନାଡା**

**ପୃଷ୍ଠା: ୪୨୩, ମୂଲ୍ୟ: ଟ. ୪୫୦**

ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଭାବ, ଭକ୍ତି ଓ ତତ୍ତ୍ୱ ଆଧାରିତ ବିବିଧ ଗ୍ରନ୍ଥ ଆମ ଭାଷାରେ ବ୍ୟାପକ ଭାବରେ ଉପଲବ୍ଧ। ଆମେ ଜାଣିବାରେ ଗତ ଷଷ୍ଠ ଦଶକରେ ସର୍ବ ପ୍ରଥମେ ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶଙ୍କ ଦ୍ୱାରା ଏ ସଂପର୍କରେ ଏକ ପ୍ରାମାଣିକ ପୁସ୍ତକ ରଚିତ ହୋଇଥିଲା। ଏହାପରେ ପ୍ରଫେସର କାହ୍ନୁଚରଣ ମିଶ୍ରଙ୍କର ଏହି ପର୍ଯ୍ୟାୟର ଏକ ପୁସ୍ତକ ମଧ୍ୟ ପ୍ରକାଶିତ ହୋଇ ଜନାଦୃତ ହୋଇଥିଲା। ଏହି ପୁସ୍ତକ ଦ୍ୱୟରେ ମୂଳତଃ ମହାପ୍ରଭୂଙ୍କ ଲୀଳା ଓ ମହିମାକୁ ଜନଶ୍ରୁତି ଓ କିମ୍ବଦନ୍ତୀମାନଙ୍କର ଆଧାରରେ ଉପସ୍ଥାପନ କରିବାକୁ ପ୍ରୟାସ କରାଯାଇଥିଲା। ତେବେ ବିଭିନ୍ନ ଶିଳାଲେଖ ଓ ଶାସ୍ତ୍ରାଦି ଅଧ୍ୟୟନ ପୂର୍ବକ ମହାପ୍ରଭୁଙ୍କର ତାତ୍ତ୍ୱିକ ସ୍ୱରୂପକୁ ଐତିହାସିକତା ପ୍ରମାଣ କରିବାର ଏକ ଗବେଷଣାଲବ୍ଧ ପ୍ରୟାସ ୧୯୭୯ ମସିହାରେ ଦେଖିବାକୁ ମିଳିଥିଲା ପ୍ରଫେସର ଗୋପୀନାଥ ମହାପାତ୍ରଙ୍କ ଦ୍ୱାରା ରଚିତ ପୁସ୍ତକରେ।

ପୁରୁଷୋତ୍ତମ ଜଗନ୍ନାଥଙ୍କ ବହୁବିଧ ପ୍ରସଙ୍ଗ ଉପରେ ଆଧାରିତ ଏହି ବିଭିନ୍ନ ଗ୍ରନ୍ଥ ସମୂହର ପ୍ରେକ୍ଷାପଟରେ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କର ସଦ୍ୟ ପ୍ରକାଶିତ 'ଶ୍ରୀଜଗନ୍ନାଥ ସ୍ୱାମୀ' ପୁସ୍ତକକୁ ବିଚାର କରିବାକୁ ଗଲେ, ଆମେ ପାଇବା ଯେ ଏହା ଏକ ନିଆରା ଲେଖକୀୟ ଦୃଷ୍ଟିଭଙ୍ଗୀ ନେଇ ନିଜର ରୂପ ପରିଗ୍ରହଣ କରିଛି। ଅନୁଭୂତି ବା କିମ୍ବଦନ୍ତୀ ଅପେକ୍ଷା ଏଥିରେ ସନ୍ନିବେଶିତ ଅଧ୍ୟାୟଗୁଡ଼ିକରେ ତତ୍ତ୍ୱ ଓ ତଥ୍ୟ ସମ୍ବଳିତ ଗଭୀର ଅନୁଶୀଳନ ପ୍ରତି ସର୍ବୋଚ୍ଚ ଦୃଷ୍ଟି ଦିଆଯାଇଥିବା ଅନୁଭବ ହୁଏ। ଅଧ୍ୟାୟ ଗୁଡିକର ଶିରୋନାମାରୁ ହିଁ ଏହି ଅନନ୍ୟତାର ସ୍ପଷ୍ଟ ଆଭାସ ମିଳେ, ଯଥା, 'ପୁରୁଷୋତ୍ତମ ଉପାସନାର ବିବର୍ତ୍ତନ ଧାରା', 'ବେଦୋତ୍ତର ସଂସ୍କୃତ ସାହିତ୍ୟରେ ପୁରୁଷୋତ୍ତମ ଜଗନ୍ନାଥ', 'ଶ୍ରୀଜଗନ୍ନାଥ ଚେତନାରେ ସମନ୍ୱୟୀ ଉପାସନା', 'ସର୍ବ ଅବତାରର ମୂଳ ଦାରୁବ୍ରହ୍ମ ଜଗନ୍ନାଥ' ଓ 'ଶ୍ରୀଜଗନ୍ନାଥ ଓ ଆଦି ଶଙ୍କରାଚାର୍ଯ୍ୟ'।

ବିବିଧ ଦୃଷ୍ଟିକୋଣରୁ ଜଗନ୍ନାଥ ତତ୍ତ୍ୱର ଏହିଭଳି ନିଆରା ଉପସ୍ଥାପନା ପୁସ୍ତକଟି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। ବିଶେଷତଃ ଭାରତୀୟ ଦର୍ଶନରେ ଶ୍ରୀ ଜଗନ୍ନାଥଙ୍କ ସ୍ଥାନ ବିଷୟରେ ଆଲୋଚନା କରିବାକୁ ଯାଇ ଲେଖକ ଆମ ଦେଶର ଛଅଟି ଆସ୍ତିକ ଦର୍ଶନ ଓ ତିନୋଟି ନାସ୍ତିକ ଦର୍ଶନର ଆଧାରରେ ମହାପ୍ରଭୁଙ୍କ ମହନୀୟତା ପ୍ରତିପାଦନ କରିଛନ୍ତି।

ପୁସ୍ତକଟିର ପଠନ କ୍ରମରେ ଲେଖକଙ୍କର ଭାବ ଗମ୍ଭୀର ବର୍ଣ୍ଣନା-ଶୈଳୀ ମଧ୍ୟ ପାଠକକୁ ଅଭିଭୂତ କରିଥାଏ। ମନେହୁଏ ଯେମିତି ଏଥିରେ ସନ୍ନିବେଶିତ ପ୍ରତ୍ୟେକଟି ବାକ୍ୟର ଅନ୍ତରାଳରେ ରହିଛି ଏକ ତତ୍ତ୍ୱ-ସମୃଦ୍ଧ ଅନୁଶୀଳନ। ଅବଶ୍ୟ ଗୋଟିଏ ବା ଦୁଇଟି ଅଧ୍ୟାୟରେ ସାମାନ୍ୟ ବ୍ୟତିକ୍ରମ ସ୍ୱରୂପ ଲେଖକଙ୍କର ଭାବାନୁବେଗ ଆଧାରିତ ପରିପ୍ରକାଶ ମଧ୍ୟ ଆମକୁ ପରିଲକ୍ଷିତ ହୁଏ, ଯେମିତିକି ପୁସ୍ତକଟିର ଅନ୍ତିମ ପ୍ରବନ୍ଧ, 'ଓଡ଼ିଆ ଜାତିର ପ୍ରାଣର ପ୍ରାଣ ଶ୍ରୀଜଗନ୍ନାଥ।'

ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ଓ ଚିତ୍ରଗୁରୁ ଶ୍ରୀ ବଳଦେବ ମହାରଥାଙ୍କ ଦ୍ୱାରା ଅଙ୍କିତ ପ୍ରଚ୍ଛଦପଟ, ଏବଂ ତତ୍‌ସହ ପ୍ରତ୍ୟେକଟି ଅଧ୍ୟାୟର ବିଷୟବସ୍ତୁକୁ ଆଧାର କରି ରୂପ ନେଇଥିବା ଚିତ୍ରମାନଙ୍କର ଏକ ସ୍ୱତନ୍ତ୍ର ପ୍ରସ୍ତୁତି ପୁସ୍ତକଟିର ଗାରିମା ବୃଦ୍ଧିରେ ସହାୟକ ହୋଇଛି।

ସର୍ବୋପରି, ଆଲୋଚ୍ୟ ଗ୍ରନ୍ଥଟି ଶ୍ରୀଜଗନ୍ନାଥ-ସାହିତ୍ୟ ସମ୍ଭାର ପ୍ରତି ଲେଖକଙ୍କର ଏକ ମୂଲ୍ୟବାନ ଅବଦାନ ଏବଂ ଏହା ଜଗନ୍ନାଥ ପ୍ରେମୀ ପାଠକମାନଙ୍କ ମଧ୍ୟରେ ବିଶେଷ ଆଦୃତ ହେବାର ଆଶା କରାଯାଏ।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ଓଡିଶାର ବିଶିଷ୍ଟ ଉର୍ଦ୍ଦୁ କବି କରାମତ ଅଲି କରାମତଙ୍କ ପରଲୋକ



ଓଡ଼ିଶାର ବିଶିଷ୍ଟ ଉର୍ଦ୍ଦୁ କବି ଡ. କରାମତ ଅଲି କରାମତ ଅଗଷ୍ଟ ପାଞ୍ଚ ତାରିଖ ସନ୍ଧ୍ୟାରେ କଟକଠାରେ ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା, ଏବଂ ସେ ନମାଜ ପାଠ କରୁଥିବା ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଡ଼. କରାମତ ଉର୍ଦ୍ଦୁ ଭାଷାର ଜଣେ ଅଗ୍ରଣୀ କବି ହେବା ସହ ଆନ୍ତର୍ଜାତିକ ସ୍ତରର ସମାଲୋଚକ ଭାବରେ ମଧ୍ୟ ସୁଖ୍ୟାତି ଅର୍ଜନ କରିଥିଲେ। ସେ ଜଣେ ସରଳ, ନିରଳସ ଓ ଈଶ୍ୱର ବିଶ୍ୱାସୀ ସାହିତ୍ୟ ସାଧକ ଥିଲେ। ଡ଼. ସୀତାକାନ୍ତ ମହାପାତ୍ରଙ୍କ 'ଶବ୍ଦର ଆକାଶ' କବିତା ପୁସ୍ତକକୁ ଓଡ଼ିଆରୁ ଉର୍ଦ୍ଦୁ ଭାଷାରେ ଅନୁବାଦ କରି ସେ ୨୦୦୪ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

ସେ ରେଭେନ୍ସା ମହାବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପକ ପଦରେ ଥାଇ ଅବସର ଗ୍ରହଣ କରିଥିଲେ। ସେ ନିଜ ପିତାଙ୍କ ସହିତ ମିଶି ରଚନା କରିଥିବା ଗଣିତ ପାଠ୍ୟପୁସ୍ତକମାନ ମଧ୍ୟ ଏକଦା ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ବ୍ୟାପକ ଭାବରେ ପ୍ରଚଳିତ ଥିଲା। ତାଙ୍କର ପ୍ରଥମ ଉର୍ଦ୍ଦୁ କବିତା ସଂକଳନ 'ଶୁଆଓଁ କା ସଲୀବ' ପ୍ରକାଶ ପାଇବା ପରେ ଉର୍ଦ୍ଦୁ ସାହିତ୍ୟ ଜଗତରେ ଆଲୋଡନ ସୃଷ୍ଟି ହୋଇଥିଲା। ସେ ଉର୍ଦ୍ଦୁ ଓ ଓଡ଼ିଆ ସାହିତ୍ୟ ମଧ୍ୟରେ ଏକ ସ୍ୱର୍ଣ୍ଣିମ ସେତୁ ଭାବରେ ମଧ୍ୟ ପରିଗଣିତ ହେଉଥିଲେ।

## ମହିଳା ପତ୍ରିକା 'ସୁଚରିତା' ସଂପର୍କରେ ନିଜର ଅନୁଭୂତି ରଖିଲେ ହରିହର ପଣ୍ଡା



'ଆମେ ଓଡ଼ିଆ – ଆମ ଓଡିଶା' ଅନୁଷ୍ଠାନ ପକ୍ଷରୁ ଅଗଷ୍ଟ ୨୧ ତାରିଖ ଦିନ ଆଭାସୀ ମାଧ୍ୟମରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଓଡ଼ିଶାର ସର୍ବପ୍ରଥମ ମହିଳା ପତ୍ରିକା 'ସୁଚରିତା'ର ଇତିବୃତ୍ତ ସଂପର୍କରେ ନିଜର ଖୋଲା ବକ୍ତବ୍ୟ ରଖିଥିଲେ ମୂଳରୁ ଏହାର ପରିଚାଳନା ସହିତ ଜଡ଼ିତ ଥିବା ବର୍ଷୀୟାନ ଲେଖକ, ଆଇନଜ୍ଞ ଓ ପ୍ରଶାସନିକ ଅଧିକାରୀ ଶ୍ରୀ ହରିହର ପଣ୍ଡା। ଏହା ବ୍ୟତୀତ ସେ ନିଜ ଜୀବନାନୁଭୂତିର ଅନ୍ୟାନ୍ୟ କେତେକ ଦିଗ ମଧ୍ୟ କାର୍ଯ୍ୟକ୍ରମଟିର ଉପସ୍ଥାପକ ଶ୍ରୀ ପ୍ରଶାନ୍ତ ଭୂୟାଁଙ୍କ ସହ ପ୍ରଶ୍ନୋତ୍ତର କ୍ରମରେ ଆଲୋଚନା କରିଥିଲେ।

ବିଗତ ସତୁରୀ ଦଶକରେ କେଉଁ ପରିସ୍ଥିତିରେ ତାଙ୍କର ସହଧର୍ମିଣୀ ସ୍ୱର୍ଗତ ଶକୁନ୍ତଳା ପଣ୍ଡା 'ସୁଚରିତା' ପତ୍ରିକା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଲେ ସେ ତାହାର ସ୍ମୃତିଚାରଣ କରିଥିଲେ। ମୂଳ ସମସ୍ୟା ଥିଲା ଲେଖିକାମାନଙ୍କୁ ଠାବ କରି ସେମାନଙ୍କଠାରୁ ଉପଯୁକ୍ତ ମାନର ଲେଖା ସଂଗ୍ରହ କରିବା। ଲେଖିକା ଅଭାବ ଜନିତ ସମସ୍ୟାର ମୁକାବିଲା ପାଇଁ ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ମହାବିଦ୍ୟାଳୟର କେତେଜଣ ଛାତ୍ରୀଙ୍କୁ ଚୟନ କରି ସେମାନଙ୍କୁ ସାହିତ୍ୟ ସର୍ଜନା ସଂପର୍କରେ ତାଲିମ ଦିଆଯାଇଥିଲା। ଦୀର୍ଘ ୨୯ ବର୍ଷର ପ୍ରକାଶନ ପରେ କେଉଁ ପରିସ୍ଥିତିରେ ପତ୍ରିକାଟି ବନ୍ଦ ହେଲା, ତାହା ମଧ୍ୟ ଶ୍ରୀ ପଣ୍ଡା ବର୍ଣ୍ଣନା କରିଥିଲେ।

କାର୍ଯ୍ୟକ୍ରମଟି ପରିଚାଳନା କରିଥିଲେ ଶ୍ରୀ ଧିରେନ୍ଦ୍ର କର, ଶ୍ରୀ ପ୍ରଶାନ୍ତ ଭୂୟାଁ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀ ଜୀତେନ୍ଦ୍ର ମହାନ୍ତି।

## ଶେଷ ପୃଷ୍ଠା



# ଧଅପ ଚିକଣ *

"ଧଅ ବୋଇଲେ କାମୁଡ଼ି ପକାଉଛି"

ଇଏ ହେଲା ଆମର ଅଧିକାଂଶ ଅଧମାଧମ ସ୍ୱଘୋଷିତ ସାହିତ୍ୟିକ ତଥା ତାଙ୍କ ବିରଚିତ ପୁସ୍ତକର ଲକ୍ଷଣ। ବିଭିନ୍ନ ପୁସ୍ତକ, ଚଳଚ୍ଚିତ୍ର, ଧାରାବାହିକ ଓ ଅନ୍ୟାନ୍ୟ ପ୍ରସଙ୍ଗରୁ ଶବ୍ଦ, ଭାବନା, ଆଧାର ସଂଗ୍ରହ କରି ଅହୋରାତ୍ର ଭାଇ-ବନ୍ଧୁ-କୁଟୁମ୍ବଙ୍କ ଶିରୋପୀଡ଼ାର କାରଣ ହୋଇ ପୁସ୍ତକଟିଏ ଲେଖି; ସେଇ ପୁସ୍ତକକୁ ସାହିତ୍ୟର ବାଗ ଧରିନଥିବା ଅଗୁଆଁର ସମ୍ପାଦକଙ୍କ ହାତରେ ଟେକି ଦିଅନ୍ତି। ତାପରେ ଅଳଙ୍କରଣ ହୁଏ ସେହି ପୁସ୍ତକର ଅତିଗବ ଚିତ୍ରକାରଙ୍କ ଦ୍ୱାରା। କାରଣ ଏହି ପ୍ରଚ୍ଛଦପଟ ହିଁ କି ନିର୍ଣ୍ଣାୟକ ପୁସ୍ତକର ଗୁଣବତ୍ତାର ! ଏଇ ସଂଶୟରେ ରହିଥାନ୍ତି କେତେଜଣ ଲେଖକ ଓ ପ୍ରକାଶକ।"

ପୁସ୍ତକର ପ୍ରଚ୍ଛଦ ପୃଷ୍ଠା ପ୍ରସଙ୍ଗରେ କହିବି ଯେ,

"ମୁଁ ଭାବେ ଯେ ପ୍ରତ୍ୟେକ ପୁସ୍ତକର ପ୍ରଚ୍ଛଦ ଲେଖକର ରୁଚି ଆଉ ସୃଜନକୁ ଦୁଇପଦରେ କହୁଥିବ; କୁନିଛୁଆଟିଏ ଗୁଗୁପାଞ୍ଚି ଖେଳିଲା ବେଳେ ଆନନ୍ଦରେ କହିଲା ଭଳି ପାଠକକୁ କିଛି କହୁଥିବ। ପ୍ରତ୍ୟେକ ଲେଖକ ହିଁ ନିର୍ଣ୍ଣାୟକ-କର୍ତ୍ତା ଆପଣା ସୃଷ୍ଟିର। ତେଣୁ, ବହିର ମର୍ମକୁ ନେଇ ପ୍ରଚ୍ଛଦ କରାଯାଉ। ମୁଖବନ୍ଧ ପ୍ରାୟେକ ସିଏ ଯେମିତି କିଛି କହୁଥିବ।

ଏଇ ବିଦେଶରେ ପୁସ୍ତକର ଅଙ୍ଗବିନ୍ୟାସ ଦେଖେ। ଅପୂର୍ବ କଳେବର; ପ୍ରଚ୍ଛଦ ହିଁ ଅନେକ କିଛି କହିଯା'ନ୍ତି। ଏଣୁ ମୁଁ କହିବି ଯେ ଘାସଫୁଲଟିଏ ପରି ହେଉ; କିନ୍ତୁ ପ୍ରଚ୍ଛଦଟି ଅନନ୍ୟ ହେଉ। ଏହି ପ୍ରଚ୍ଛଦ ହିଁ ଶବ୍ଦବୋଧକୁ ସର୍ଜନାର ରୂପ ଦେଉ। ଏହି ଭାବବୋଧର ଲେଖକଙ୍କୁ ସକଳ କ୍ଷେମ ପ୍ରାପ୍ତ ହେଉ।"

ଆରମ୍ଭ ହୋଇଥିବା କଥାକୁ ଆପଣଙ୍କୁ ନେଇ ଆସେ। ପ୍ରସଙ୍ଗରେ ଥିବା ପୁସ୍ତକଟି ପ୍ରକାଶ ହୁଏ। କିଛି ଛପା ହୋଇ ସିଧାସଳଖ ପୁସ୍ତକାଳୟରେ ସଜା ହୁଏ। ହେଲେ ଆଜି କାଲି ପି.ଓ.ଡ଼ିର ଯୁଗ; ଏଣୁ ଅଧିକାଂଶ ବହି ସ୍ଥିର ଅସ୍ଥିରର ଗର୍ଭଗୃହରେ ରହନ୍ତି। ସେହି ପୁସ୍ତକର ଲୋକାର୍ପଣ ନିମନ୍ତେ ମଣ୍ଡପ ସଜା ହୁଏ, ଆଗଧାଡ଼ିରେ ଠେଲାପେଲା କରୁଥିବା କୁତର୍କ ସାହିତ୍ୟିକଙ୍କୁ ସେହି ମଞ୍ଚକୁ ଆମନ୍ତ୍ରଣ କରାଯାଏ। ମଞ୍ଚାସୀନ ବୈଡ଼ାଳବ୍ରତିକ ଅତିଥି ଅଧା ସଂସ୍କୃତରୁ, ଫାଳେ ଇଁରାଜୀରୁ, ବକୁଟେ ଆପଣା ଲେଖାରୁ ବଖାଣି ବସନ୍ତି ପ୍ରସଙ୍ଗରେ ଥିବା ପୁସ୍ତକର ସମ୍ମାନାର୍ଥେ।

ତା'ପରେ ଆରମ୍ଭ ହୁଏ 'ବାଃ ବାଃ'ର କଳରବ। ଶତାଧିକ ଆସନ ବିଶିଷ୍ଟ ପ୍ରେକ୍ଷାଳୟରେ ପଣେ ଦର୍ଶକ ଅବା ଶ୍ରୋତା ଆଣ୍ଠୁଏଡ଼କୁ ନେଇ ବସି ଯାଆନ୍ତି। ଆପଣାର ଓ ସେହି କକ୍ଷରେ ବସିଥିବା ନିମନ୍ତ୍ରିତ ଅତିଥିଙ୍କ ସହ ଚିତ୍ରୋତ୍ତଳନ ହୁଏ, ଆଉ ତା'ପରେ ମାଗଣାରେ ପ୍ରାପ୍ତି ହୋଇଥିବା ଅପାର ଭଣ୍ଡାର, ଯଥା, ପାଇଥିବା ଫେସ୍‌ବୁକ୍, ହ୍ୱାଟ୍‌ସ୍‌ଆପ୍, ଇନ୍‌ଷ୍ଟାଗ୍ରାମ୍, ପ୍ରଭୃତିର ଶୋଭାମଣ୍ଡନ ହୁଏ ସେଇ ଛବିର। ଶହେ ଆସିଥିଲେ, ଦଶ ଜଣ ସେହି ଶତମାନସିକର ଫଳ ପୁସ୍ତକଟିକୁ ଆଗ୍ରହର ସହ ଦେଖନ୍ତି। ମୁଖବନ୍ଧରୁ ପୃଷ୍ଠଦେଶ ଯାଏଁ ଅଣ୍ଡାଳି ଆଉଁସି ଦେଖନ୍ତି। ଜଣେ ଅଧେ ନିମନ୍ତ୍ରିତ ଅତିଥି କିଣନ୍ତି ମାନସିକ ତାଡ଼ନାରେ ବାଧ ହୋଇ ସେହି ଧଅପ ଚିକଣ ରଚନାକୁ। କେବେଁ ଆପଣାର ରଚନାକୁ ଏଇ ରସିକ ସାହିତ୍ୟିକ କ୍ରୟ କରିବାର ଅତ୍ୟାଶା ନେଇ।

ଆଜିକାଲି ଅଧିକାଂଶ ଲେଖକ; ନାମୀଦାମୀ ଛାପାଖାନା, ପ୍ରଚ୍ଛଦପଟ ଅଳଙ୍କରଣ ଓ ମଞ୍ଚସଜ୍ଜାର ଭିଡ଼ ନିମନ୍ତେ ହିଁ ପୁସ୍ତକ ରଚନାରେ ବ୍ରତୀ ରହୁଛନ୍ତି। କଦାଚିତେ, ପୁସ୍ତକରେ ଭାବବୋଧ, ଶବ୍ଦ ଚାତୁର୍ଯ୍ୟ ଓ ଏକ ସମୃଦ୍ଧ ସମାଜ ନିମନ୍ତେ ବାର୍ତ୍ତା ପଢ଼ିବାକୁ ମିଳୁଛି। ପୁସ୍ତକ; ପ୍ରକାଶନ ସଂସ୍ଥା, ପୁସ୍ତକ ପ୍ରଦର୍ଶନୀ, ପୁସ୍ତକ ମେଳା, ପୁସ୍ତକ ମଞ୍ଚ, ପ୍ରଭୃତିର କଳରବରେ ପ୍ରକୃତ ପୁସ୍ତକଟିଏ ଦୁଷ୍ପ୍ରାପ୍ୟ। ଆସନ୍ତୁ, ପାଠକଙ୍କ ପାଇଁ ବହିଟିଏ ଲେଖିବା।

ଅଳମତିବିସ୍ତରେଣ

-ପ୍ରଭୂ

*** ଧଅପଚିକଣ** - ଯେ ଭିତରେ ଅସାର କିନ୍ତୁ ବାହାରେ ଚକଚକିଆ ଦେଖାଯାଏ। (ଯାଜପୁରର ସ୍ଥାନୀୟ ଭାଷା।)

RECOGNISED BY:

MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | EcoTour ODISHA

# Destination Unlimited

*tour and travels*

## Hot Deal for all Hotels of Odisha & Tour Packages of Odisha, Jharkhand & Kerala available at best rate...

## We Create Happy Travelers...




## Services Offered

- Air Ticketing (Pre Purchased Rate/Group Fare/Coupon Fare) • Hotel Booking
- Corporate Booking • Car Rental • MICE • Visa Assistance • Sightseeing
- Destination Wedding • Honeymoon Holidays • International Tour Package
- Cruise • Aroma Tourism • Educational Tour • Event Management

Allow us to be your travel guide/partner in seeking beguiling holidays to leave your footprints all over the country.


Head Office : T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776
Bhubaneswar Office : Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143
Kerala Office : Venice Nogan-30, Lajanath Ward, Alappugha, Kerala-01 | Mob.: 9037179598

Jugaad Corner

A bit of Jugaad & lots of Love





Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner







We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers deals with art and craft finished products and orders even accepted on çustomizations.



www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers








Printed & Published by Nihar Ranjan Satpathy on behalf of Nihar Ranjan Satpathy and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy